# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ନଭେମ୍ବର ୧୬/୨୦୨୨ (୧୬ ପୃଷ୍ଠା) | Bhubaneswar, Wednesday, November 16/2022 Page 16 ₹ 7.00 | ★★★★★★

୪୮ଶ ଭାଗ ୩୫୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 350 ମୂଲ୍ୟ₹୭/-




**ଅମିତ ହେଲେ ଉପ ଅଧିନାୟକ**

ଅଷ୍ଟ୍ରେଲିଆ ଗସ୍ତ ପାଇଁ ଭାରତୀୟ ପୁରୁଷ ହକି ଦଳର ଉପ ଅଧିନାୟକ ହୋଇଛନ୍ତି ଓଡ଼ିଶାର ଅମିତ ରୋହିଦାସ।

୧୬

୧୨

**ସାରାଙ୍କୁ ଡେଟ୍ କରୁଛନ୍ତି ଶୁଭମନ୍**

ବଲିଉଡ୍ ଅଭିନେତ୍ରୀ ସାରାଅଲ୍ଲି ଖାନ୍‌ଙ୍କୁ କ୍ରିକେଟର ଶୁଭମନ୍ ଗିଲ୍ ଡେଟ୍ କରୁଥିବା ନେଇ ଚର୍ଚ୍ଚା ଜୋର୍ ଧରିଛି।



# ଜଙ୍ଗଲ ନିଆଁ: ବାଜିଲାଣି ସତର୍କ ଘଣ୍ଟି

## ୨୦୨୧ ନଭେମ୍ବରରୁ ୨୦୨୨ ଜୁନ୍ ମଧ୍ୟରେ ଓଡ଼ିଶାରେ ୨୨,୦୧୪ ବନାଗ୍ନି

ନଭେମ୍ବରରୁ ଜୁନ୍ ପର୍ଯ୍ୟନ୍ତ ରାଜ୍ୟ ତଥା ଦେଶର ଅନେକ ଜଙ୍ଗଲରେ ନିଆଁ ଲାଗି ବ୍ୟାପକ ଜୈବ ବିବିଧତା ନଷ୍ଟ ହୋଇଥାଏ। ୨୦୨୦ ନଭେମ୍ବରରୁ ୨୦୨୧ ଜୁନ୍ ମଧ୍ୟରେ ଓଡ଼ିଶାରେ ୫୧,୯୬୮ ଜଙ୍ଗଲ ନିଆଁ ଘଟଣା ଦେଖିବାକୁ ମିଳିଥିଲା, ଯାହାକି ପୂର୍ବବର୍ଷ ତୁଳନାରେ ୫ ଗୁଣ ଅଧିକ ଥିଲା। ଗତ ସିଜନ ଅର୍ଥାତ୍ ୨୦୨୧ ନଭେମ୍ବରରୁ ୨୦୨୨ ଜୁନ୍ ମଧ୍ୟରେ ରାଜ୍ୟରେ ୨୨,୦୧୪ ବନାଗ୍ନି ଘଟଣା ଦେଖାଯାଇଛି। ଏହାର କ୍ଷତିଭରଣା କରିବା ସମ୍ଭବ ହୋଇପାରୁ ନ ଥିବାବେଳେ ପୁଣି ଆସିଯାଇଛି ନୂଆ ସିଜନ ଏବଂ ଗତ ଶନିବାର ଭୁବନେଶ୍ୱର ନିକଟ ଖୋର୍ଦ୍ଧା ଜିଲାର ବରୁଣେଇ ପାହାଡ଼ରେ ନିଆଁ ଲାଗିଯାଇଥିଲା। ତେବେ ଚଳିତ ସିଜନରେ ବନାଗ୍ନି ଘଟଣାକୁ ରୋକିବା ପାଇଁ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଜରୁରୀ ହୋଇପଡ଼ିଛି। ବନ ବିଭାଗ କର୍ମଚାରୀ, ସ୍ୱେଚ୍ଛାସେବୀଙ୍କୁ ତାଲିମ ଦେଇ ସଜାଗ ରଖାଯିବା ସହ ଜଙ୍ଗଲ ଅଞ୍ଚଳର ଅଧିବାସୀ, ସାମାଜିକ ସଂଗଠନ ଏବଂ ପରିବେଶବିତ୍‌ମାନଙ୍କୁ ନେଇ ସମ୍ମିଳିତ ପ୍ରୟାସ କରାଯିବା ଆବଶ୍ୟକ ହୋଇଛି। ସତର୍କତା ହିଁ ଜଙ୍ଗଲ ବଞ୍ଚାଇବ ବୋଲି ପରିବେଶବିତ୍‌ମାନେ ମତ ଦେଇଛନ୍ତି।



**ଅସମାପିକା ସାହୁ, ନୀଳାଦ୍ରି ବିହାରୀ ଦଣ୍ଡପାଟ, ପ୍ରଭାତ ପାଣିଗ୍ରାହୀ, ଲୋକନାଥ ମିଶ୍ର**

**ଭୁବନେଶ୍ୱର (ବ୍ୟୁରୋ)/ବାରିପଦା ଅଫିସ୍/ଖୋର୍ଦ୍ଧା ଅଫିସ୍/ନୟାଗଡ଼ ଅଫିସ୍, ୧୫।୧୧**

ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଷ୍ଟେଟ୍ ଅଫ୍ ଫରେଷ୍ଟ ରିପୋର୍ଟ-୨୦୨୧ ଅନୁଯାୟୀ ଦେଶର ପ୍ରାୟ ୨୨% ଜଙ୍ଗଲ ହେଉଛି 'ଅତିଉଚ୍ଚ' ଏବଂ 'ଚରମ' ଅଗ୍ନିପ୍ରବଣ ବର୍ଗର। ପୂର୍ବରୁ ସେଣ୍ଟ୍ରାଲ ଓଡ଼ିଶା ଅତିଉଚ୍ଚ ଅଗ୍ନିପ୍ରବଣ ବର୍ଗରେ ଯାଉଥିବାବେଳେ ୨୦୨୧ ରିପୋର୍ଟରେ ଏହା ଚରମ ଅଗ୍ନିପ୍ରବଣ ବର୍ଗକୁ ଆସିଯାଇଛି। ଦିନକୁ ଦିନ ଓଡ଼ିଶାରେ ଗ୍ରୀଷ୍ମପ୍ରବାହ ଓ ତାପମାତ୍ରା ବୃଦ୍ଧିପାଇବା ଯୋଗୁ ପ୍ରତିବର୍ଷ ଫେବୃଆରୀ ଶେଷ ସପ୍ତାହରୁ ଜୁନ୍ ଯାଏ ବିଭିନ୍ନ ସ୍ଥାନରେ ଜଙ୍ଗଲ ଜଳିଉଠୁଛି। ଏହାର ଭୟାବହତାକୁ ଦୃଷ୍ଟିରେ ରଖି ସତର୍କତାମୂଳକ ପଦକ୍ଷେପ ବନାଗ୍ନି ସିଜନ ଆରମ୍ଭ (ନଭେମ୍ବର) ହେବା ପୂର୍ବରୁ ନିଆ ନ ଗଲେ ନିଆଁ ଆଁରେ ଧ୍ୱଂସ ପାଇଯିବ ରାଜ୍ୟର ଜଙ୍ଗଲ ସମ୍ପଦ। ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ☞ପୃଷ୍ଠା-୪

# ମରୁଡ଼ି ପ୍ରଭାବିତ ଚାଷୀଙ୍କୁ ସବ୍‌ସିଡି

## ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

**ଭୁବନେଶ୍ୱର, ୧୫।୧୧ (ବ୍ୟୁରୋ)**

ରାଜ୍ୟର ମରୁଡ଼ି ପ୍ରଭାବିତ ଅଞ୍ଚଳର ପୀଡ଼ିତ ଚାଷୀଙ୍କୁ ୨୦୦ କୋଟି ଟଙ୍କାର ଇନ୍‌ପୁଟ୍ ସହାୟତା(ସବ୍‌ସିଡି) ରାଶି ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଏ ନେଇ ଘୋଷଣା କରିଛନ୍ତି। ଏହି ସମସ୍ତ ଅର୍ଥ ରାଜ୍ୟ ସରକାର ନିଜ ରାଜକୋଷରୁ ପ୍ରଦାନ କରିବେ।

ମିଳିଥିବା ରିପୋର୍ଟ ଅନୁଯାୟୀ, ବର୍ଷା ଅଭାବରୁ ରାଜ୍ୟର ୧୨ ଜିଲାର ୬୪ ବ୍ଲକ୍ ଏବଂ ୧୫ ପୌରାଞ୍ଚଳରେ ଥିବା ପ୍ରାୟ ୨, ୬୩,୫୬୦ ହେକ୍ଟର ଚାଷଜମିରେ ୩୩ ପ୍ରତିଶତ କିମ୍ବା ଏହାଠାରୁ ଅଧିକ ଫସଲହାନି ହୋଇଛି। ଅଥଚ ଏ ପର୍ଯ୍ୟନ୍ତ ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳର ବହୁସଂଖ୍ୟକ ଚାଷୀ ଫସଲ ବୀମା ରାଶି ପାଇପାରି ନାହାନ୍ତି। ଏ ସମ୍ପର୍କରେ ରାଜ୍ୟ ସରକାର କ୍ରମାଗତ ଭାବେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଅଧୀନ ବୈଷୟିକ ଉପଦେଷ୍ଟା କମିଟିକୁ ଜଣାଇବା ସହ ଅନୁରୋଧ କରିଥିଲେ ☞ପୃଷ୍ଠା-୪

# ଫସଲ ବୀମା ଅର୍ଥ ଦେବାକୁ କେନ୍ଦ୍ରମନ୍ତ୍ରୀଙ୍କ ନିର୍ଦ୍ଦେଶ

## ତୋମାର ସ୍ପଷ୍ଟ କଲେ କେନ୍ଦ୍ର ଦେଇ ନ ଥିଲା: ବିଜେଡି

**ଭୁବନେଶ୍ୱର, ୧୫।୧୧ (ବ୍ୟୁରୋ)**

ପଦ୍ମପୁର ଉପନିର୍ବାଚନ ପୂର୍ବରୁ ଚାଷୀ ପ୍ରସଙ୍ଗକୁ ନେଇ ଏହି ଅଞ୍ଚଳରେ ରାଜନୀତି ଜୋରଦାର ହୋଇଛି। ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ଚାଷୀଙ୍କୁ ବୀମା ରାଶି ମିଳୁ ନ ଥିବା ନେଇ କୃଷକମାନେ ଦୀର୍ଘଦିନ ଧରି ଦାବି କରିଆସୁଥିଲେ। ସୋମବାର ପଦ୍ମପୁର ଉପନିର୍ବାଚନ ଲାଗି ଭାଜପା ପ୍ରାର୍ଥୀ ହୋଇଥିବା ପ୍ରଦୀପ ପୁରୋହିତ ସମ୍ପୂର୍ଣ୍ଣ ପ୍ରସ୍ତୁତି ସହ ନାମାଙ୍କନ ଦାଖଲ ଲାଗି ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିବା ପରେ ସେଠାରୁ ଫେରି ଆସିଥିଲେ। ଚାଷୀଙ୍କୁ ବୀମା ରାଶି ନ ମିଳିବା କଥାରେ ଚାଷୀଙ୍କ ସହ ଆଲୋଚନା କରିବା ପରେ ସେ ନାମାଙ୍କନ ଦାଖଲ କରି ନ ଥିଲେ। ଏହି ପ୍ରସଙ୍ଗରେ ମଙ୍ଗଳବାର କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ପ୍ରତିକ୍ରିୟା ଦେବାପରେ ରାଜ୍ୟ ରାଜନୀତି ଆହୁରି ସରଗରମ ହୋଇଛି। ☞ପୃଷ୍ଠା-୪

# ମହୁମାଛିଙ୍କ ଆୟୁଷ କମୁଛି

**୩୪ ପରିବର୍ତ୍ତେ ୧୮ ଦିନ**

**ୱାଶିଂଟନ୍, ୧୫।୧୧**

ଆମ ପାଇଁ ଫୁଲରୁ ମହୁ ସଂଗ୍ରହ କରି ଫେଣାରେ ସଂରକ୍ଷିତ ରଖୁଥିବା ମହୁମାଛିର ଆୟୁଷ ଅଧା କମିଯାଇଛି। ପୂର୍ବରୁ ମହୁମାଛି ୩୪ ଦିନ ବଞ୍ଚୁଥିବାବେଳେ ଏବେ ୧୮ ଦିନ ଜୀବିତ ରହୁଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି।



ଗଛରେ ଫୁଲ ଫୁଟିବା ଓ ଫଳ ଫଳିବା ପ୍ରକ୍ରିୟା ପଲିନେଶନ୍ ଦ୍ୱାରା ସମ୍ଭବ ହୋଇଥାଏ। ଏହି ପଲିନେଶନ୍ (ଅଣ୍ଡିରା ଫୁଲର ପରାଗରେଣୁକୁ ମାଈ ଫୁଲକୁ ସ୍ଥାନାନ୍ତର କରିବା) ଭଳି ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା ପାଇଁ ମହୁମାଛି ଏକ ମାତ୍ର ମାଧ୍ୟମ। ମହୁମାଛିଙ୍କ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ସଚେତନ ହେଲେ ସୁରକ୍ଷିତ










**ପ୍ରତ୍ୟେକ ଭାରତୀୟ ହିନ୍ଦୁ: ଭାଗବତ**

ଭାରତରେ ବସବାସ କରୁଥିବା ପ୍ରତ୍ୟେକ ବ୍ୟକ୍ତି ହିନ୍ଦୁ। ସବୁ ଭାରତୀୟଙ୍କ ଡିଏନ୍ଏ ସମାନ। ହିନ୍ଦୁତ୍ୱ ବିଚାରାଧାରା ବିବିଧତାକୁ ସ୍ୱୀକୃତି ଦେବା ସହ ଲୋକଙ୍କ ଏକତା ଉପରେ ବିଶ୍ୱାସ କରେ ବୋଲି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍ଏସ୍ଏସ୍) ମୁଖ୍ୟ ମୋହନ ଭାଗବତ କହିଛନ୍ତି। ଛତିଶଗଡ଼ର ଅମ୍ବିକାପୁରରେ ମଙ୍ଗଳବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ ସ୍ୱୟଂସେବକମାନଙ୍କୁ ସମ୍ବୋଧିତ କରି ସମସ୍ତଙ୍କ ଧର୍ମୀୟ ଆସ୍ଥା ଓ ରୀତିନୀତିକୁ ସଭିଏଁ ସମ୍ମାନ ଦେବା ଉଚିତ ବୋଲି ସେ ପରାମର୍ଶ ଦେଇଛନ୍ତି।

# ୟୁକ୍ରେନ୍ ଆକ୍ରମଣକୁ ନିନ୍ଦା

## ଜି୨୦ରେ ମିଳିତ ଚିଠା ଘୋଷଣାନାମା

ନୁସା ଡୁଆ, ୧୫।୧୧

ଇଣ୍ଡୋନେସିଆର ବାଲିସ୍ଥିତ ନୁସା ଡୁଆରେ ଚାଲିଥିବା ଜି୨୦ ସମ୍ମିଳନୀରେ ରୁଷିଆର ୟୁକ୍ରେନ୍ ଆକ୍ରମଣକୁ ମଙ୍ଗଳବାର ଅଧିକାଂଶ ବିଶ୍ୱନେତା ନିନ୍ଦା କରିଛନ୍ତି। ଏହି ସମ୍ମିଳନୀରେ କ୍ଷୁଧା ଓ ଆଣବିକ ଅସ୍ତ୍ର ପ୍ରୟୋଗଜନିତ ବିପଦ ନେଇ ମଧ୍ୟ ଚିନ୍ତା ବ୍ୟକ୍ତ କରାଯାଇଛି। ବିଶ୍ୱ ଅର୍ଥନୀତି କୋଭିଡ୍-୧୯ ମହାମାରୀଜନିତ ସଙ୍କଟରୁ ମୁକୁଳି ଅଣ୍ଟା ସଳଖି ଛିଡ଼ା ହେବାକୁ ଉଦ୍ୟମ କରୁଥିବାବେଳେ ଗତ ଫେବୃୟାରୀ ୨୪ରେ ପଡ଼ୋଶୀ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ କରିଥିଲା। ଏହି ଯୁଦ୍ଧ ଯୋଗୁ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହୋଇ ବୈଶ୍ୱିକ ଅର୍ଥନୀତିକୁ ଦୁର୍ବଳ କରିଦେଇଥିଲା। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ଙ୍କ ତଥାକଥିତ ସ୍ପେଶାଲ ମିଲିଟାରି ଅପରେଶନ ବିରୋଧରେ ଦୁଇଦିନିଆ ଜି୨୦ରେ ଦୃଢ଼ ନିନ୍ଦା କରାଯାଇଛି। ସମ୍ମିଳନୀରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ଚାଇନା ରାଷ୍ଟ୍ରପତି ଶି ଜିନ୍ପିଙ୍ଗ୍ ଯୋଗଦେଇଛନ୍ତି। ପୁଟିନ୍ ଜାଣିଶୁଣି ବାଇଡେନ୍ଙ୍କ ସହ ସାମ୍ନାସାମ୍ନି ହେବା ଏଡ଼ାଇବା ଲାଗି ଏଥିରେ ସାମିଲ ହୋଇ ନ ଥିବା କୁହାଯାଉଛି। ତେବେ ଜି୨୦ରେ ଯୋଗଦେଇଥିବା ତାଙ୍କ ବହିର୍ବ୍ୟାପାର ମନ୍ତ୍ରୀ ସର୍ଗେଇ ଲାଭ୍ରୋଭ୍ କହିଛନ୍ତି, ଏହି ସମ୍ମିଳନୀର ରାଜନୀତିକରଣ ଦୁର୍ଭାଗ୍ୟଜନକ। ୟୁକ୍ରେନ୍‌ରେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ଯୋଗୁ ହାଇବ୍ରିଡ୍ ଯୁଦ୍ଧ ଚାଲିଛି। ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ)ର ବିସ୍ତାର ରୁଷିଆ ପ୍ରତି ବିପଦ ସୃଷ୍ଟି କରିଥିବା ସେ କହିଛନ୍ତି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ରାଷ୍ଟ୍ରର କୂଟନୀତିଜ୍ଞମାନଙ୍କ ଦ୍ୱାରା ପ୍ରସ୍ତୁତ ୧୬ ପୃଷ୍ଠା ସମ୍ବଳିତ ଚିଠା ଘୋଷଣାନାମାକୁ ଗୃହୀତ କରିବା ନେଇ ନିଷ୍ପତ୍ତି ହୋଇଥିଲା। ତେବେ ବିଶ୍ୱନେତାଙ୍କ ମଧ୍ୟରେ ମତଭେଦ ଯୋଗୁ ଏହା ଗୃହୀତ ହୋଇପାରି ନାହିଁ। ଏହି ରାଷ୍ଟ୍ର ସମୂହର ଅଧିକାଂଶ ସଦସ୍ୟ ୟୁକ୍ରେନ୍ ଆକ୍ରମଣକୁ ନିନ୍ଦା କରିବା ସହ ଏହାଦ୍ୱାରା ବିଶ୍ୱବାସୀ ଭୋଗୁଥିବା ଦୁର୍ଦ୍ଦଶା ସମ୍ପର୍କରେ ଆଲୋଚନା କରିଛନ୍ତି। ସାମ୍ପ୍ରତିକ ସ୍ଥିତିର ଅନୁଶୀଳନ ଏବଂ ରୁଷିଆ ଉପରେ କଟକଣା ଜାରିକୁ ନେଇ ଭିନ୍ନ ଭିନ୍ନ ମତ ପ୍ରକାଶ ପାଇଛି। ଜି୨୦ର ଆୟୋଜକ ରାଷ୍ଟ୍ର ଇଣ୍ଡୋନେସିଆ ମୁଦ୍ରାସ୍ଫୀତି, କ୍ଷୁଧା, ଶକ୍ତିର ଉଚ୍ଚ ମୂଲ୍ୟ ଏବଂ ୟୁକ୍ରେନ୍ ଆକ୍ରମଣ ପ୍ରସଙ୍ଗରେ ଏକାଠି ହୋଇ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱାରୋପ କରିଛି। ଇଣ୍ଡୋନେସିଆ ରାଷ୍ଟ୍ରପତି ଜୋକୋ ୱିଡୋଡୋ କହିଛନ୍ତି, ଆମ ପାଖରେ ଅନ୍ୟ କିଛି ବିକଳ୍ପ ନାହିଁ। ବିଶ୍ୱକୁ ରକ୍ଷା କରିବାକୁ ହେଲେ ସମନ୍ୱୟ ଆବଶ୍ୟକ। ବିଶ୍ୱକୁ ଆଉ ଏକ ଶୀତଳ ଯୁଦ୍ଧରେ ପଡ଼ିବାକୁ ଦେବା ନାହିଁ। ଇତିମଧ୍ୟରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍ସ୍କି ଭିଡିଓ ଲିଙ୍କ୍ ଜରିଆରେ ଜି୨୦କୁ ସମ୍ବୋଧିତ କରି କହିଛନ୍ତି, ରୁଷିଆର ଆକ୍ରମଣକୁ ବନ୍ଦ କରିବା ସମୟ ଆସିଛି। ଏଥିସହ ୧୦ ସୂତ୍ରୀ ଶାନ୍ତି ଯୋଜନା କାର୍ଯ୍ୟକାରୀ କରିବା ଉଚିତ। ୟୁକ୍ରେନ୍ ଭୂଖଣ୍ଡରୁ ରୁଷିଆ ସୈନ୍ୟଙ୍କୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାହାର କରାଯାଉ। ଏଥି ସକାଶେ ମସ୍କୋ ଉପରେ ଅନ୍ତର୍ଜାତୀୟ ସମୁଦାୟ ଚାପ ସୃଷ୍ଟି କରନ୍ତୁ ବୋଲି ଜେଲେନ୍ସ୍କି ଅନୁରୋଧ କରିଥିଲେ। ଜେଲେନ୍ସ୍କିଙ୍କ ସମ୍ବୋଧନକୁ ଲାଭ୍ରୋଭ୍ ଶୁଣିବା ପରେ କହିଥିଲେ, ୟୁକ୍ରେନ୍ ରାଷ୍ଟ୍ରପତି ପାଶ୍ଚାତ୍ୟର ପରାମର୍ଶକୁ ମାନୁନାହାନ୍ତି। ତାଙ୍କ ଯୋଗୁ ଯୁଦ୍ଧର ଅବସାନ ଘଟୁନାହିଁ। ଅନ୍ୟପକ୍ଷେ ରୁଷିଆକୁ ନିନ୍ଦା କରାଯିବା ପ୍ରସ୍ତାବକୁ କେତେକ ରାଷ୍ଟ୍ର ସମର୍ଥନ କରିଥିବାବେଳେ ଆଉ କେତେକ ଦେଶ ଏହି ବିବାଦରେ ଛନ୍ଦି ହେବାକୁ ଚାହିଁନାହାନ୍ତି। ପ୍ରଧାନମନ୍ତ୍ରୀ ମୋଦି ଏହି ଅବସରରେ ବାଇଡେନ୍, ଜିନ୍ପିଙ୍ଗ୍, ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁ, ବ୍ରିଟେନ ପ୍ରଧାନମନ୍ତ୍ରୀ ଋଷି ସୁନକଙ୍କ ସମେତ ଅନ୍ୟ ରାଷ୍ଟ୍ରମୁଖ୍ୟମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଏଥିସହ ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧବିରତି ପାଇଁ ବାଟ ବାହାର କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ୨୦୨୩ରେ ଭାରତ ଜି୨୦ର ଅଧ୍ୟକ୍ଷତା କରିବ। ଭଗବାନ ବୁଦ୍ଧ ଓ ଗାନ୍ଧିଜୀଙ୍କ ଭୂମିରେ ଜି୨୦ର ଆୟୋଜନ ବିଶ୍ୱକୁ ଶାନ୍ତିର ଏକ ମଜଭୁତ ସନ୍ଦେଶ ଦେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ପ୍ରକାଶ ଯେ, ରୁଷିଆର ୟୁକ୍ରେନ୍ ଆକ୍ରମଣ ପରେ ଏହା ହେଉଛି ଜି୨୦ ନେତାଙ୍କ ପ୍ରଥମ ସମ୍ମିଳନୀ। ବିଶ୍ୱର ମୋଟ ଘରୋଇ ଉତ୍ପାଦର ୮୦%ରୁ ଊର୍ଦ୍ଧ୍ୱ ଜି୨୦ରୁ ଆସିଥାଏ। ସେହିପରି ଅନ୍ତର୍ଜାତୀୟ ବାଣିଜ୍ୟ କ୍ଷେତ୍ରରେ ଏହି ରାଷ୍ଟ୍ରଗୋଷ୍ଠୀର ୭୫ ପ୍ରତିଶତ ଅବଦାନ ରହିଛି। ବିଶ୍ୱ ଜନସଂଖ୍ୟାର ୬୦% ହେଉଛି ଜି୨୦ ରାଷ୍ଟ୍ର ସମୂହର।



ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ଙ୍କ ସହ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଲୋଚନା କରୁଛନ୍ତି।

## ବାଲିରେ ବାଲିଯାତ୍ରାକୁ ସ୍ମରଣ କଲେ ମୋଦି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଇଣ୍ଡୋନେସିଆର ବାଲିରେ କଟକର ବିଶ୍ୱପ୍ରସିଦ୍ଧ ବାଲିଯାତ୍ରାକୁ ସ୍ମରଣ କରିଛନ୍ତି। ଜି୨୦ ସମ୍ମିଳନୀ ପରିପ୍ରେକ୍ଷୀରେ ମୋଦି ସେଠାରେ ରହୁଥିବା ଭାରତୀୟ ବଂଶୋଦ୍ଭବଙ୍କୁ ସମ୍ବୋଧିତ କରି କହିଛନ୍ତି, କଟକର ମହାନଦୀ କୂଳରେ ପ୍ରତିବର୍ଷ ଆୟୋଜିତ ହେଉଥିବା ବାଣିଜ୍ୟ ମେଳା ଏକ ପ୍ରଶଂସନୀୟ ଉଦ୍ୟମ। ବାଲି ଯାତ୍ରା ଓଡ଼ିଶାର ସମୃଦ୍ଧ ସାମୁଦ୍ରିକ ଇତିହାସ ଏବଂ ଦକ୍ଷିଣପୂର୍ବ ଏସିଆ ଓ ଶ୍ରୀଲଙ୍କା ସହ ବାଣିଜ୍ୟିକ ସମ୍ପର୍କକୁ ମନେପକାଇଦିଏ। ମୁଁ ଆପଣମାନଙ୍କ ସହ ବାଲିରେ କଥା ହେଉଛି ଏବଂ ଆମେ ଇଣ୍ଡୋନେସୀୟ ପରମ୍ପରାର ଗୀତ ଗାଉଛୁ। ଏଠାରୁ ୧,୫୦୦ କି.ମି. ଦୂରରେ ଅବସ୍ଥିତ କଟକରେ ବାଲିଯାତ୍ରା ମହୋତ୍ସବ ଚାଲିଛି। ଭାରତ-ଇଣ୍ଡୋନେସିଆ ମଧ୍ୟରେ ରହିଥିବା ଅନେକ ହଜାର ବର୍ଷର ବାଣିଜ୍ୟିକ ସମ୍ପର୍କକୁ ବାଲିଯାତ୍ରାରେ ସ୍ମରଣ କରାଯାଏ। ଇଣ୍ଡୋନେସିଆର ଲୋକେ ଚଳିତ ବର୍ଷର ବାଲିଯାତ୍ରା ଫଟୋ ଇଣ୍ଟରନେଟରେ ଦେଖି ଗର୍ବିତ ଓ ଖୁସି ହେବେ ବୋଲି ପ୍ରଧାନମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି। ମୋଦି ଆହୁରି କହିଛନ୍ତି, କୋଭିଡ୍-୧୯ ମହାମାରୀ ଭଳି କେତେକ ଅସୁବିଧା ଯୋଗୁ ମଝିରେ ବାଲିଯାତ୍ରା ହୋଇପାରି ନ ଥିଲା। ଅନେକ ବର୍ଷ ପରେ ଓଡ଼ିଶାର କୋଣ ଅନୁକୋଣରୁ ଲୋକେ ଆସି ଏଥିରେ ସାମିଲ ହୋଇଛନ୍ତି। ଏବର୍ଷ ଏହି ମହୋତ୍ସବକୁ ଆଡ଼ମ୍ବର ସହକାରେ ପାଳନ କରାଯାଉଛି। ଏହି ଅବସରରେ ସେ ଇଣ୍ଡୋନେସିଆକୁ ସମୃଦ୍ଧ କରିଥିବା ଭାରତୀୟ ସମୁଦାୟକୁ ପ୍ରଶଂସା କରିଛନ୍ତି।

## ସଂକ୍ଷେପରେ

### ଅଚଳ ହୋଇଯିବ ଇନ୍‌ସାଇଟ୍ ଲ୍ୟାଣ୍ଡର

**ୱାଶିଂଟନ୍, ୧୫।୧୧:** ମଙ୍ଗଳ ଗ୍ରହ ଉପରେ ଗବେଷଣା କରିବା ଲାଗି ଆମେରିକା ମହାକାଶ ଗବେଷଣା ସଂସ୍ଥା ନାସା ପଠାଉଥିବା ଇନ୍‌ସାଇଟ୍ ଲ୍ୟାଣ୍ଡର କାମ କରିବା ବନ୍ଦ କରିଦେବ। ଏହାର ସୋଲାର ପ୍ୟାନେଲରେ ମହାକାଶ ଧୂଳି ଜମା ହୋଇଯିବା କାରଣରୁ ଏହାର ବ୍ୟାଟେରି ଚାର୍ଜ କାପାସିଟି କ୍ରମାଗତ କମିବାରେ ଲାଗିଛି। ଡଷ୍ଟ ୱାଇପର ଦ୍ୱାରା ଇନ୍‌ସାଇଟ୍ ଲ୍ୟାଣ୍ଡର ସୋଲାର ପ୍ୟାନେଲରୁ ଧୂଳି ହଟାଯାଇପାରିବ ବୋଲି ଅନେକ ବୈଜ୍ଞାନିକ ମତ ଦେଇଥିଲେ ହେଁ ଏଥିରେ ବହୁ ଅର୍ଥ ଖର୍ଚ୍ଚ କରିବା ସାଙ୍ଗକୁ ଏହି ପ୍ରକ୍ରିୟା ଜଟିଳ ହୋଇଥିବା ନାସା ପକ୍ଷରୁ କୁହାଯାଇଛି।

### ସାଉଥ୍ ସୁପରଷ୍ଟାର କ୍ରିଷ୍ଣାଙ୍କ ପରଲୋକ



**ହାଇଦ୍ରାବାଦ୍, ୧୫।୧୧:** ଦକ୍ଷିଣ ଭାରତୀୟ ଫିଲ୍ମ ଇଣ୍ଡଷ୍ଟ୍ରିର ସୁପରଷ୍ଟାର କ୍ରିଷ୍ଣାଙ୍କର ପରଲୋକ ବୁଧବାର ହୋଇଯାଇଛି। ଅସୁସ୍ଥତା କାରଣରୁ କିଛିଦିନ ହେବ ହାଇଦ୍ରାବାଦସ୍ଥିତ କଣ୍ଟିନେଣ୍ଟାଲ ହସ୍ପିଟାଲରେ କ୍ରିଷ୍ଣା ଚିକିତ୍ସିତ ହେଉଥିଲେ। ତାଙ୍କୁ ୭୯ ବର୍ଷ ବୟସ ହୋଇଥିଲା। ଅଭିନୟ ସାଙ୍ଗକୁ ଫିଲ୍ମ ନିର୍ଦ୍ଦେଶନାରେ କ୍ରିଷ୍ଣା ଖୁବ୍ ଦକ୍ଷ ଥିଲେ। ଅନେକ ସୁପରହିଟ୍ ଫିଲ୍ମ ସେ ସିନେପ୍ରେମୀଙ୍କୁ ଭେଟି ଦେଇଛନ୍ତି। ତାଙ୍କ ବିୟୋଗରେ ସାଉଥ୍ ଫିଲ୍ମ ଇଣ୍ଡଷ୍ଟ୍ରିରେ ଶୋକର ଛାୟା ଖେଳିଯାଇଛି। ସୁପରଷ୍ଟାର ରଜନୀକାନ୍ତଙ୍କ ସମେତ ଦକ୍ଷିଣ ଭାରତୀୟ ଫିଲ୍ମ ଇଣ୍ଡଷ୍ଟ୍ରିର ବହୁ କଳାକାର କ୍ରିଷ୍ଣାଙ୍କ ବିୟୋଗରେ ଶୋକ ବ୍ୟକ୍ତ କରିଛନ୍ତି। ଲୋକପ୍ରିୟ ସାଉଥ୍ ଇଣ୍ଡିଆନ୍ ଫିଲ୍ମ ନାୟକ ପ୍ରିନ୍ସ ମହେଶଙ୍କ ବାପା ହେଉଛନ୍ତି କ୍ରିଷ୍ଣା।

### ଅବୁ ଆଜମିଙ୍କ ସହଯୋଗୀଙ୍କ ଘର ସମେତ ୩୦ ସ୍ଥାନରେ ଆଇଟି ଚଢ଼ାଉ

**ମୁମ୍ବାଇ, ୧୫।୧୧:** ବେନାମୀ ସମ୍ପତ୍ତି ଏବଂ କଳାଧନ ମାମଲାରେ ଆୟକର ବିଭାଗ ମଙ୍ଗଳବାର ସମାଜବାଦୀ ପାର୍ଟି ନେତା ଅବୁ ଆଜମିଙ୍କ ସହଯୋଗୀଙ୍କ ଘରେ ଚଢ଼ାଉ କରିଛି। ଅବୁଙ୍କ ସହଯୋଗୀ ସ୍ୱର୍ଗତ ଗଣେଶ ଗୁପ୍ତାଙ୍କ ସ୍ତ୍ରୀ ଆଭା ଗୁପ୍ତାଙ୍କ ଘର ସମେତ ମୁମ୍ବାଇ, ବାରାଣସୀ, କାନପୁର, ଦିଲ୍ଲୀ, କୋଲକାତା ଏବଂ ଲକ୍ଷ୍ନୌ ସହରରେ ପାଖାପାଖି ୩୦ ସ୍ଥାନରେ ଏହି ଚଢ଼ାଉ ହୋଇଛି। ମାମଲା ସଂକ୍ରାନ୍ତରେ ବହୁ ରାଜନେତାଙ୍କୁ ଯାଞ୍ଚ ପରିସରଭୁକ୍ତ କରାଯିବ ବୋଲି ଆୟକର ବିଭାଗ ପକ୍ଷରୁ କୁହାଯାଇଛି।

### ଆଜିଠୁ ଯୁଦ୍ଧ ଅଭ୍ୟାସ

**ନୂଆଦିଲ୍ଲୀ, ୧୫।୧୧:** ବୁଧବାରଠାରୁ ଆମେରିକା ଓ ଭାରତ ପକ୍ଷରୁ ମିଳିତ ସମରାଭ୍ୟାସ 'ଯୁଦ୍ଧ ଅଭ୍ୟାସ' ଆରମ୍ଭ ହେବ। ଆମେରିକୀୟ ସେନାର ୧୧ତମ ଏୟାରବର୍ନ ଡିଭିଜନ୍‌ର ୨ୟ ବ୍ରିଗେଡ୍ ଏବଂ ଆସାମ ରେଜିମେଣ୍ଟ ମଧ୍ୟରେ ଏହି ଯୁଦ୍ଧାଭ୍ୟାସ କରାଯିବ। ମାନବୀୟ ସହାୟତା ଓ ବିପର୍ଯ୍ୟୟ ରିଲିଫ୍ (ଏଚ୍ଏଆର୍‌ଡି) ଅପରେଶନ ଉପରେ ଏହି ମିଳିତ ସମରାଭ୍ୟାସ କରାଯାଉଥିବା କୁହାଯାଉଛି।

## ଜ୍ୟାକ୍‌ଲିନ୍‌ଙ୍କୁ ଜାମିନ

ନୂଆଦିଲ୍ଲୀ, ୧୫।୧୧



ସୁକେଶ ଚନ୍ଦ୍ରଶେଖରଙ୍କ ୨୦୦ କୋଟି ଠକେଇ ମାମଲା

୨୦୧୭ରୁ ଦିଲ୍ଲୀର ତିହାର ଜେଲରେ ଥିବା ମହାଠକ ସୁକେଶ ଚନ୍ଦ୍ରଶେଖରଙ୍କ ୨୦୦ କୋଟି ଟଙ୍କାର ଠକେଇ ସମ୍ପର୍କିତ ମନି ଲଣ୍ଡରିଂ ମାମଲାରେ ବଲିଉଡ୍ ଅଭିନେତ୍ରୀ ଜ୍ୟାକ୍‌ଲିନ ଫର୍ନାଣ୍ଡିଜ୍‌ଙ୍କୁ ଆଶ୍ୱସ୍ତି ମିଳିଛି। ଦିଲ୍ଲୀର ଏକ କୋର୍ଟ ମଙ୍ଗଳବାର ଜ୍ୟାକ୍‌ଲିନ୍‌ଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଏହି ମାମଲାରେ ତଦନ୍ତ ଶେଷ ହୋଇଛି। ଚାର୍ଜଶିଟ୍ ମଧ୍ୟ ଦାଖଲ ହେଲାଣି। ତେଣୁ ସେ ହାଜତରେ ରହିବା ଅନାବଶ୍ୟକ ଦର୍ଶାଇ ଜ୍ୟାକ୍‌ଲିନ ଜାମିନ ଆବେଦନ କରିଥିଲେ। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଦାଖଲ ସପ୍ଲିମେଣ୍ଟାରି ଚାର୍ଜଶିଟ୍‌କୁ ଅଗଷ୍ଟ ୩୧ରେ କୋର୍ଟ ଗ୍ରହଣ କରିବା ସହ ଜ୍ୟାକ୍‌ଲିନ୍‌ଙ୍କୁ ହାଜର ହେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଶୁଣାଣି ବେଳେ ଇଡି ପକ୍ଷରୁ ଯୁକ୍ତି ବଢ଼ାଯାଇଥିଲା ଯେ ଅଭିନେତ୍ରୀ ଏହି ଆର୍ଥିକ ଅପରାଧର ତଦନ୍ତରେ ସହଯୋଗ କରୁନାହାନ୍ତି। ତାଙ୍କୁ ଜାମିନ ଦେଲେ ସେ ଦେଶ ଛାଡ଼ି ଚାଲିଯାଇପାରନ୍ତି। ଏଥିଲାଗି ତାଙ୍କ ବିରୋଧରେ ଲୁକ୍ ଆଉଟ୍ ସର୍କ୍ୟୁଲାର ମଧ୍ୟ ଜାରି କରାଯାଇଥିଲା। ଶ୍ରୀଲଙ୍କା ସୁନ୍ଦରୀ ଜ୍ୟାକ୍‌ଲିନ ସୁକେଶଙ୍କଠାରୁ ଲକ୍ସ୍ୟୁରି କାର୍, ଅଳଙ୍କାର ସମେତ ଅନେକ ଦାମୀ ଉପହାର ଗ୍ରହଣ କରିଥିବା ଅଭିଯୋଗ ରହିଛି। ଏପରିକି ସୁକେଶ ତାଙ୍କ ପାଇଁ କେତେକ ଘରୋଇ ଜେଟ୍ ଟ୍ରିପ୍ ଓ ହୋଟେଲରେ ରହଣି ବ୍ୟବସ୍ଥା କରିଥିବା କୁହାଯାଉଛି।



ତୁର୍କୀର ଇସ୍ତାନବୁଲସ୍ଥିତ ଇସ୍ତିକ୍‌ଲାଲ୍‌ରେ ରବିବାର ବିସ୍ଫୋରଣରେ ୬ ଜଣ ପ୍ରାଣ ହରାଇଥିଲେ। ମୃତକ ମୁକାଦ୍ଦେସ୍ ଏଲିଫ୍ ଟୋପ୍‌କାରା ଏବଂ ଆଡେମ୍ ଟୋପ୍‌କାରାଙ୍କୁ ମଙ୍ଗଳବାର ଶ୍ରଦ୍ଧାଞ୍ଜଳି ଦେବାବେଳେ ଦୁଃଖରେ ଭାଙ୍ଗିପଡ଼ୁଛନ୍ତି ଆତ୍ମୀୟସ୍ୱଜନ।

## ଆଜି ଚନ୍ଦ୍ରକୁ ଆର୍ଟେମିସ୍-୧ ପଠାଇବ ନାସା

**ୱାଶିଂଟନ୍, ୧୫।୧୧:** ଆମେରିକା ମହାକାଶ ଗବେଷଣା ସଂସ୍ଥା ନାସା ବୁଧବାର ଚନ୍ଦ୍ରକୁ ଆର୍ଟେମିସ୍ -୧ ସ୍ପେସ୍ ଫ୍ଲାଇଟ୍ ପଠାଇବ। ଆଡଭାନ୍ସ ଟେକ୍ନୋଲୋଜିରେ ତିଆରି ହୋଇଥିବା ଆର୍ଟେମିସ୍-୧ ମହାକାଶରେ ଥିବା ଅନ୍ତରୀକ୍ଷ ଯାନ ପାଇଁ ଲାଇଫ୍ ସପୋର୍ଟ ଭଳି କାର୍ଯ୍ୟ କରିବ। ଚନ୍ଦ୍ରଠାରୁ ୬୦, ୦୦୦୦ କିଲୋମିଟର ଦୂରରେ ଅବସ୍ଥାପିତ ହେବାକୁ ଥିବା ଆର୍ଟେମିସ୍-୧ ଡିସେମ୍ବରରେ ପୃଥିବୀରେ ସ୍ପ୍ଲାସଡାଉନ୍ କରିବ। ଆମେରିକା କେପ୍ କାନାଭେରାଲସ୍ଥିତ କେନେଡି ସ୍ପେସ୍ ସେଣ୍ଟରରୁ ସକାଳ ୧୧ଟା ୩୪ ମିନିଟରେ ସ୍ପେସ୍ ଲଞ୍ଚ ସିଷ୍ଟମ ଜରିଆରେ ଆର୍ଟେମିସ୍‌କୁ ଚନ୍ଦ୍ରକୁ ଛଡ଼ାଯିବ।



## ଯୁଦ୍ଧବନ୍ଦୀଙ୍କୁ ଅତ୍ୟାଚାର କରୁଛନ୍ତି ରୁଷିଆ, ୟୁକ୍ରେନ୍ : ଜାତିସଂଘ

ଜେନେଭା, ୧୫।୧୧

ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣକୁ ୯ମାସରୁ ଅଧିକ ଦିନ ବିତିଯାଇଛି। ଦେଶର ନାଗରିକ ବହୁ ଅସୁବିଧାରେ ସମ୍ମୁଖୀନ ହେଉଥିବାବେଳେ ଯୁଦ୍ଧକାଳୀନ ବନ୍ଦୀମାନଙ୍କ ଉପରେ ଉଭୟ ଦେଶର ସୈନ୍ୟ ଅକଥନୀୟ ଅତ୍ୟାଚାର କରୁଥିବା ଜାତିସଂଘ ମାନବାଧିକାର ଅଫିସର (ଓଏଚ୍‌ସିଏଚ୍ଆର୍) କହିଛନ୍ତି। ବନ୍ଦୀମାନଙ୍କୁ ଇଲେକ୍ଟ୍ରିକ୍ ସକ୍ ଦେବା ସହ ସେମାନଙ୍କୁ ଉଲଗ୍ନ ହେବାଲାଗି ବାଧ କରାଯାଉଛି। ଏ ନେଇ ୟୁକ୍ରେନ୍‌ରେ ଥିବା ଜାତିସଂଘର ପର୍ଯ୍ୟବେକ୍ଷଣ ଦଳ ୧୦୦ ବନ୍ଦୀଙ୍କ ପ୍ରତିକ୍ରିୟା ନେଇଛନ୍ତି। ୟୁକ୍ରେନୀୟ ବନ୍ଦୀଙ୍କୁ ରୁଷିଆ ପକ୍ଷରୁ ମୁକ୍ତ କରାଯାଇଥିଲେ ହେଁ ସେମାନଙ୍କ ପାଇଁ ପଥ ଉନ୍ମୁକ୍ତ କରାଯାଇନାହିଁ। ଅନ୍ୟପକ୍ଷେ ୟୁକ୍ରେନୀୟ ବନ୍ଦୀମାନଙ୍କ ପ୍ରତି ରୁଷିଆ ସୈନ୍ୟ କୌଣସି ଅତ୍ୟାଚାର କରୁ ନ ଥିବା ସିଧା ମନା କରିଦେଇଛି।

## ଷ୍ଟିଭ୍ ଜବ୍ସଙ୍କ ସାଣ୍ଡାଲ ୧.୭୭ କୋଟି

ୱାଶିଂଟନ୍, ୧୫।୧୧

ହଳେ ଜୋତାର ଦାମ୍ ସର୍ବାଧିକ କେତେ ହୋଇପାରେ? ୧,୦୦୦, ୫,୦୦୦ କି ୧୦,୦୦୦ ଟଙ୍କା। କିନ୍ତୁ ଗୋଟିଏ ପେୟାର୍ ଜୋତା ୧.୭୭ କୋଟି ଟଙ୍କାରେ ବିକ୍ରି ହୋଇଥିବା ଶୁଣିଲେ ଯେକେହି ବିସ୍ମିତ ହେବେ। ତାହା ପୁଣି ପୁରୁଣା ସାଣ୍ଡାଲ। ବିଶ୍ୱାସ ହେଉ ନ ଥିଲେ ବି ଏହା ସତ। ଆଣ୍ଡ୍ରଏଡ୍ ଫୋନ୍ କମ୍ପାନୀ ଆପଲର ସହପ୍ରତିଷ୍ଠାତା ଷ୍ଟିଭ୍ ଜବ୍ସଙ୍କ ସାଣ୍ଡାଲ୍ ୧.୭୭ କୋଟି (୨୧୮,୭୫୦ ଡଲାର) ଟଙ୍କାରେ ନିଲାମ ହୋଇଛି। ଆମେରିକାର କାଲିଫର୍ନିଆସ୍ଥିତ ଜୁଲିଏନ୍ସ ଅକ୍ସନ୍ସ ହାଉସ୍‌ରେ ନିଲାମ ପାଇଁ ଜୋବ୍ସଙ୍କ ବିରକେନ୍ ଷ୍ଟୋକ୍ ସାଣ୍ଡାଲ ରଖାଯାଇଥିଲା। ଏହାର ନିଲାମୀ



ମୂଲ୍ୟ ୬୦,୦୦୦ ଡଲାରରୁ ୮୦,୦୦୦ ଡଲାର ଧାର୍ଯ୍ୟ କରାଯାଇଥିଲା। ଏଥିରେ ସାମିଲ ଥିବା ଜଣେ ବ୍ୟକ୍ତି ଷ୍ଟିଭ୍‌ଙ୍କ ବ୍ୟବହୃତ ଚପଲକୁ ୨୧୮,୭୫୦ ଡଲାରରେ ନିଲାମୀ ଡାକି ଏହାର ହକ୍‌ଦାର ହୋଇଛନ୍ତି। ୧୯୭୦ରୁ ୧୯୮ ଦଶକରେ ଷ୍ଟିଭ୍ ଏହି ଚପଲ ପିନ୍ଧୁଥିଲେ। ଆପଲ କମ୍ପାନୀର ଅନେକ କାର୍ଯ୍ୟକ୍ରମରେ



ଷ୍ଟିଭ୍ ଏହାକୁ ପିନ୍ଧିଥିବା ଅକ୍ସନ ହାଉସ୍ ପକ୍ଷରୁ କୁହାଯାଇଛି। ଷ୍ଟିଭ୍‌ଙ୍କ ହାଉସ୍ ମ୍ୟାନେଜର ବିରକେନ୍‌ଷ୍ଟୋକ ପୂର୍ବରୁ ଏହି ଚପଲକୁ ନିଲାମୀ ଜରିଆରେ ଅଧିକାର କରିଥିଲେ। ଏକାଧିକ ପ୍ରଦର୍ଶନୀରେ ଷ୍ଟିଭ୍‌ଙ୍କ ଏହି ଚପଲକୁ ସାମିଲ କରାଯାଇଛି। ମାଟିଆ ରଙ୍ଗର ବିରକେନ୍ ଷ୍ଟୋକ୍ ସାଣ୍ଡାଲ ଷ୍ଟିଭ୍‌ଙ୍କର ଅତି ପ୍ରିୟ ଥିବା ତାଙ୍କ ପୂର୍ବତନ ସ୍ତ୍ରୀ ଲିସା ବ୍ରାନନ ଜବ୍ସ କହିଛନ୍ତି।

## ପ୍ରିନ୍ସେସ୍ ଏନି, ପ୍ରିନ୍ସ ଏଡ୍‌ୱାର୍ଡଙ୍କୁ ଡେପୁଟି ଭୂମିକା

ଲଣ୍ଡନ, ୧୫।୧୧

ବ୍ରିଟେନ କିଙ୍ଗ୍ ଚାର୍ଲ୍ସ ୩ୟ ତାଙ୍କ ଭଉଣୀ ପ୍ରିନ୍ସେସ୍ ଏନି (ରୟାଲ ପ୍ରିନ୍ସେସ୍) ଏବଂ ଭାଇ ପ୍ରିନ୍ସ ଏଡ୍‌ୱାର୍ଡ (ୱେସେକ୍ସ)ଙ୍କୁ ଡେପୁଟି ଭୂମିକା ଦେଇଛନ୍ତି। ଉଭୟେ ତାଙ୍କ ପକ୍ଷରୁ ରାଜକୀୟ ଦାୟିତ୍ୱ ନିର୍ବାହ କରିପାରିବେ। ଏନେଇ ବ୍ରିଟେନ ପାର୍ଲାମେଣ୍ଟରେ ଥିବା ତାଲିକାରେ ଦୁହିଁଙ୍କ ନାମ ଯୋଡ଼ିବା ପାଇଁ ଚାର୍ଲ୍ସ ବ୍ୟକ୍ତିଗତ ଭାବେ ଅନୁରୋଧ କରିଛନ୍ତି। ସୋମବାର ଚାର୍ଲ୍ସ ନିଜ ୭୪ତମ ଜନ୍ମଦିନ ପାଳନ କରିବା ଅବସରରେ ଏକ ବିବୃତି ଜାରି କରିଛନ୍ତି। ଏଥିରେ ସେ ତାଙ୍କ ଭଉଣୀ ଓ ଭାଇଙ୍କୁ 'କାଉନ୍‌ସେଲର୍ସ ଅଫ୍ ଷ୍ଟେଟ୍'





ସାମିଲ କରିବା ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ବ୍ରିଟେନ୍‌ର ରିଜେନ୍ସି ଆକ୍ଟ ଅନୁସାରେ ବର୍ତ୍ତମାନ ଯାଏ ସମ୍ରାଟଙ୍କ ସ୍ତ୍ରୀ ଏବଂ ସିଂହାସନର ପରବର୍ତ୍ତୀ ୪ ଜଣ ୨୧ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଉତ୍ତରାଧିକାରୀଙ୍କୁ କାଉନ୍‌ସେଲର୍ସ ମାନ୍ୟତା ଦିଆଯାଉଥିଲା। ସେମାନେ ହେଲେ କିଙ୍ଗ୍ ଚାର୍ଲ୍ସଙ୍କ ସ୍ତ୍ରୀ କାମିଲା (କୁଇନ୍ କନ୍‌ସର୍ଟ), ପ୍ରିନ୍ସ ୱିଲିୟମ୍ (ପ୍ରିନ୍ସ ଅଫ୍ ୱେଲ୍ସ)। ରାଜାଙ୍କ ସାନପୁଅ ପ୍ରିନ୍ସ ହ୍ୟାରି (ଡ୍ୟୁକ୍ ଅଫ୍ ସସେକ୍ସ) ରାଜ କାର୍ଯ୍ୟରୁ ଅବ୍ୟାହତି ନେଇଥିବାବେଳେ ସାନଭାଇ ପ୍ରିନ୍ସ ଆଣ୍ଡ୍ର୍ୟୁ (ଡ୍ୟୁକ୍ ଅଫ୍ ୟର୍କ) ଏକ ସେକ୍ସ ସ୍କାଣ୍ଡାଲ ମାମଲାରେ ଛନ୍ଦିହେବା ପରେ ନିଜ ରୟାଲ ଡ୍ୟୁଟି ପରିତ୍ୟାଗ କରିଛନ୍ତି। ଚାର୍ଲ୍ସ ଦୁହିଁଙ୍କ ନାମକୁ ବାଦ୍ ଦେବା ପରିବର୍ତ୍ତେ କାଉନ୍‌ସେଲର୍ସ ଅଫ୍ ଷ୍ଟେଟ୍ ତାଲିକାକୁ ପ୍ରଶସ୍ତ କରିଛନ୍ତି। ରାଜାଙ୍କ ଏହି ନିଷ୍ପତ୍ତି ପରେ ଉକ୍ତ ଆଇନରେ ପରିବର୍ତ୍ତନ ଆଣିବାକୁ ପଡ଼ିବ। ଏଥି ସକାଶେ ସରକାର ହାଉସ୍ ଅଫ୍ କମନ୍ସରେ ଏକ ବିଧେୟକ ଆଣିବେ। ରାଜା ବିଦେଶ ଯାତ୍ରା କରିଥିଲେ କିମ୍ବା ଅସୁସ୍ଥ ହୋଇପଡ଼ିଲେ ତାଙ୍କ ପକ୍ଷରୁ କାଉନ୍‌ସେଲରମାନେ ରାଜକୀୟ ଉତ୍ତରଦାୟିତ୍ୱ ନିର୍ବାହ କରିଥାଆନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୪,୦୮,୦୧,୪୫୧ | ୬୬,୧୬,୯୩୧ | ୬୨,୦୪,୮୮,୦୦୬ |
| ଭାରତ | ୪,୪୬,୬୭,୨୫୧ | ୫,୩୦,୫୩୩ | ୪,୪୧,୨୭,୨୨୪ |
| ଓଡ଼ିଶା | ୧୩,୩୬,୩୫୦ | ୯୨୦୪(+୫୩) | ୧୩,୨୭,୦୧୦ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# କାଗଜ ଡଙ୍ଗାରେ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

**■ ୩୫ ମିନିଟ୍‌ରେ ପ୍ରସ୍ତୁତ ହେଲା ୨୨,୪୭୩ ଡଙ୍ଗା**

**■ ସାମିଲ ହୋଇଥିଲେ ୨୧୨୧ ଛାତ୍ରୀଛାତ୍ର**

**କଟକ ଅଫିସ, ୧୫।୧୧**

୩୫ ମିନିଟ୍‌ରେ ୨୨,୪୭୩ କାଗଜ ଡଙ୍ଗା ପ୍ରସ୍ତୁତ କରି ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ ସ୍ଥାନ ପାଇଛି କଟକ ବାଲିଯାତ୍ରା। ଐତିହାସିକ କଟକ ବାଲିଯାତ୍ରା ଅବସରରେ ମଙ୍ଗଳବାର ସ୍ଥାନୀୟ ବାରବାଟୀ ଷ୍ଟାଡିୟମରେ କାଗଜ ଡଙ୍ଗା ପ୍ରସ୍ତୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସହରର ୨୨ଟି ସ୍କୁଲର ୨୧୨୧ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ୧୫ ମିନିଟ୍‌ରେ ୧୦,୦୦୦ କାଗଜ ଡଙ୍ଗା ପ୍ରସ୍ତୁତି ପାଇଁ ଲକ୍ଷ୍ୟ ରଖାଯାଇଥିଲା। ହେଲେ ଧାର୍ଯ୍ୟ ଲକ୍ଷ୍ୟଠାରୁ ଢେର ଅଧିକ ଡଙ୍ଗା ପ୍ରସ୍ତୁତ କରାଯାଇଥିଲା, ଯାହାକି କଟକର ଗରିମାକୁ ବିଶ୍ୱ ଦରବାରରେ ପୁଣି ଥରେ ଉଜ୍ଜୀବିତ କରିଛି। ଏହି ଅବସରରେ ବାରବାଟି ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସର କର୍ତ୍ତୃପକ୍ଷ ସିଏମ୍‌ସି ମେୟର ସୁବାସ ସିଂଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସିଏମ୍‌ସି କମିଶନର ନିଖିଲ ପଓ୍ୱନ କଲ୍ୟାଣ, ଡେପୁଟି କମିଶନର ସଞ୍ଜୀବିତା ରାଏ, ଅଜୟ ମହାନ୍ତି, ଡେପୁଟି ମେୟର ଦମୟନ୍ତୀ ମାଝି, ଡିସିପି ପିନାକ ମିଶ୍ର ଉପସ୍ଥିତ ଥିଲେ।

ଡଙ୍ଗା ତିଆରି ପାଇଁ ପୂର୍ବରୁ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ମଙ୍ଗଳବାର ସକାଳେ ବିଭିନ୍ନ ସ୍କୁଲର ଅଷ୍ଟମରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବସ୍‌ରେ ଷ୍ଟାଡିୟମକୁ ଅଣାଯାଇଥିଲା। ସେମାନେ ଡଙ୍ଗା ପ୍ରସ୍ତୁତିରେ ଲାଗି ପଡିଥିଲେ। ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସର ୬୦ ଜଣିଆ ଟିମ୍ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ୪ ଜଣ ବିଶେଷଜ୍ଞ ଡଙ୍ଗା ପ୍ରସ୍ତୁତିର ମୂଲ୍ୟାୟନ କରିଥିଲେ। ଏହାପରେ ସିଏମ୍‌ସି ଉକ୍ତ ରେକର୍ଡର ଅଧିକାରୀ ହୋଇଥିଲା।

ଏ ସମ୍ପର୍କରେ ମେୟର ସିଂ କହିଥିଲେ, କାଗଜ ଡଙ୍ଗା ପ୍ରସ୍ତୁତି କ୍ଷେତ୍ରରେ ସିଏମ୍‌ସି ଏକ ନୂତନ ରେକର୍ଡ ସୃଷ୍ଟି କରିଛି। ଏହା କେବଳ କଟକ ନୁହେଁ, ସମଗ୍ର ରାଜ୍ୟ ପାଇଁ ଗର୍ବ ଓ ଗୌରବର ବିଷୟ। ନିଗମ ପକ୍ଷରୁ ଦୀର୍ଘ ଦିନ ଧରି ଏଥିପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଏହି ଯୋଜନା ସଫଳ ହୋଇଛି। ଆମର ଅତୀତର ନୌବାଣିଜ୍ୟ ପରମ୍ପରାକୁ ବିଶ୍ୱସ୍ତରରେ ପହଞ୍ଚାଇବା ପାଇଁ ଏହା ଏକ ନମୁନା ବୋଲି ସେ କହିଥିଲେ। ସେହିପରି କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଛନ୍ତି, ଏହା ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବ। କଳିଙ୍ଗର ନୌବାଣିଜ୍ୟ ପରମ୍ପରା ଓ ସଂସ୍କୃତି ବହୁ ପ୍ରାଚୀନ। ତେଣୁ ଏହାକୁ ଆଧାର କରି ଛାତ୍ରୀଛାତ୍ରମାନଙ୍କୁ ନେଇ କାଗଜ ଡଙ୍ଗା ପ୍ରସ୍ତୁତ କାର୍ଯ୍ୟକ୍ରମ କରାଯାଇଥିଲା, ଯାହା ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ ସ୍ଥାନ ପାଇଛି। ପୂର୍ବରୁ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ ୧୩୨୦ ଜଣ ଡଙ୍ଗା ତିଆରିର ରେକର୍ଡକୁ ଭାଙ୍ଗି ସିଏମ୍‌ସି ଏହି ନୂତନ ରେକର୍ଡ ସ୍ଥାପନ କରିଛି।



କଟକ ବାରବାଟୀ ଷ୍ଟାଡିୟମରେ ଛାତ୍ରୀଛାତ୍ରମାନେ କାଗଜ ଡଙ୍ଗା ତିଆରି କରୁଛନ୍ତି।

# ଗୋଟିଏ ଦିନ ବଢ଼ିଲା କଟକ ବାଲିଯାତ୍ରା

**କଟକ ଅଫିସ,୧୫।୧୧**

ଐତିହାସିକ କଟକ ବାଲିଯାତ୍ରା ଆଉ ଗୋଟିଏ ଦିନ ବଢ଼ିଛି। ଏଥିପାଇଁ ରାଜ୍ୟ ସରକାର ସବୁଜ ସଙ୍କେତ ପ୍ରଦାନ କରିଛନ୍ତି। ଫଳରେ ୧୬ ତାରିଖରେ ଶେଷ ହେବାକୁ ଥିବା ଏହି ବାଲିଯାତ୍ରା ୧୭ ତାରିଖରେ ଉଦ୍‌ଯାପିତ ହେବ। ତେଣୁ ଏଥର ୧୦ ଦିନ ବାଲିଯାତ୍ରା ଅନୁଷ୍ଠିତ ହେବ ବୋଲି ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଛନ୍ତି। ଲୋକଙ୍କ ଉତ୍କଣ୍ଠା ଓ ବ୍ୟବସାୟୀମାନଙ୍କ ଦାବିକୁ ଦୃଷ୍ଟିରେ ରଖି କଟକ ମହାନଗର ନିଗମ ପକ୍ଷରୁ ବାଲିଯାତ୍ରାକୁ ଅଧିକ ୨ ଦିନ ବଢ଼ାଇବା ନିମନ୍ତେ ରାଜ୍ୟ ସରକାରଙ୍କୁ ନିବେଦନ କରାଯାଇଥିଲା। ରାଜ୍ୟ ସରକାର ସବୁ ଦିଗକୁ ବିଚାରକରି ବାଲିଯାତ୍ରାକୁ ଗୋଟାଏ ଦିନ ବଢ଼ାଇବା ନିମନ୍ତେ ଅନୁମତି ପ୍ରଦାନ କରିଛନ୍ତି। ଏହାଦ୍ୱାରା ବ୍ୟବସାୟୀମାନେ ବିଶେଷ ଭାବେ ଉପକୃତ ହୋଇପାରିବେ, ମାତ୍ର ସେମାନଙ୍କଠାରୁ ଆଉ କୌଣସି ଦେୟ ଆଦାୟ ହେବ ନାହିଁ ବୋଲି ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ପ୍ରତିବର୍ଷ ବାଲିଯାତ୍ରା ୮ ଦିନ ଅନୁଷ୍ଠିତ ହେଉଥିବାବେଳେ ଚଳିତବର୍ଷ ଏହାକୁ ୯ ଦିନ କରାଯାଇଥିଲା। ଗତ ବର୍ଷଗୁଡିକରେ ଉଦ୍‌ଘାଟନୀ ଦିବସରେ ଗୋଟିଏ ଦିନ ବଢ଼ିବା ନେଇ ଘୋଷଣା କରାଯାଇଆସୁଥିଲା। ହେଲେ ଏଥର ୮ ଦିନ ବାଲିଯାତ୍ରା ଚାଲିବା ପରେ ଗୋଟାଏ ଦିନ ବଢ଼ିବା ନେଇ ଘୋଷଣା କରାଗଲା। ନଭେମ୍ବର ୮ରୁ ଆରମ୍ଭ ହୋଇଥିବା ବାଲିଯାତ୍ରା ଦେଖିବାକୁ ପ୍ରତିଦିନ ଲକ୍ଷାଧିକ ଲୋକଙ୍କ ସମାଗମ ହେଉଛି। ଚିରାଚରିତ ବାଲିଯାତ୍ରାଠାରୁ ଏଥରର ଆୟୋଜନ ସମ୍ପୂର୍ଣ୍ଣ ନିଆରା ରହିଛି। ଲେଜର ଲାଇଟ୍ ଶୋ, କଟକ ଇନ୍ କଟକ, ମହାନଦୀ ଜଳରାଶିରେ ପାୱାର ବୋଟ ଦ୍ୱାରା ଭ୍ରମଣ, ଅକ୍ଷୟ ମହାନ୍ତି ମଞ୍ଚରେ ବଲିଉଡ୍ କଳାକାରଙ୍କ ସଙ୍ଗୀତ ପରିବେଷଣ ଭଳି ଅନେକ ଆକର୍ଷଣ ଚଳିତ ବାଲିଯାତ୍ରାକୁ ନୂତନତାରେ ଭରିଦେଇଛି।

# ‘କିଛି ବିଦେଶୀ ଶକ୍ତି ରାଜ୍ୟ ସମ୍ପଦ ଲୁଟ୍ କରିବାକୁ ଚାହୁଁଛନ୍ତି’

## ସଞ୍ଜୟଙ୍କ ବିସ୍ଫୋରକ ବୟାନ

**ଭୁବନେଶ୍ୱର,୧୫।୧୧(ବ୍ୟୁରୋ)**

ଧାମନଗର ଉପନିର୍ବାଚନରେ ପରାଜୟ ପରେ ବିଜେଡିରେ ଅସନ୍ତୋଷ କୁହୁଳିବାରେ ଲାଗିଛି। ବର୍ଷ ବର୍ଷ ଧରି ବିଭିନ୍ନ ପଦବୀରେ ଥିବା ପୁରୁଖା ନେତାମାନଙ୍କୁ ଦଳ ଅଣଦେଖା କରୁଥିବା ଅଭିଯୋଗ ହେଉଛି। ଦଳୀୟ ନେତାମାନେ ଖୋଲାଖୋଲି ବିରୋଧ କରୁ ନ ଥିଲେ ମଧ୍ୟ ବିଭିନ୍ନ ସଭା ସମିତିରେ ଦଳର ପ୍ରଭାବଶାଳୀ ଗୋଷ୍ଠୀଙ୍କୁ ପରୋକ୍ଷରେ ଇସାରା କଲେଣି। ପୂର୍ବତନ ମନ୍ତ୍ରୀ ତଥା ବିଜେଡିର ବରିଷ୍ଠ ନେତା ସଞ୍ଜୟ ଦାସବର୍ମାଙ୍କ ବୟାନ ଦଳୀୟ ରାଜନୀତିକୁ ଉଷ୍ମ କରିଛି। ପୁରୀ ଜିଲା ବ୍ରହ୍ମଗିରି ସଦର ବ୍ଲକର ମାଳସାହିରେ ବିଜେଡି ପଦଯାତ୍ରା ଆୟୋଜନ କରି ସଞ୍ଜୟ କହିଛନ୍ତି ‘‘କିଛି ବିଦେଶୀ ଶକ୍ତି ଚାହୁଁଛନ୍ତି ଓଡ଼ିଶାର ଖଣିଜ ସମ୍ପଦ, ପ୍ରାଚୁର୍ଯ୍ୟ, ରତ୍ନଭଣ୍ଡାର ସବୁକୁ ଲୁଣ୍ଠନ କରି ପଳେଇବେ। ମୁଁ କହିବାକୁ ଚାହେଁ ଏ ଜାତି ଭିତରେ କିଛି ଶିଖି ମନେଇ ଥିଲେ। ଯେଉଁମାନେ ସେହି ନିର୍ଜନ ରାତିରେ ବ୍ରିଟିଶଙ୍କୁ ଦେଖାଉଥିଲେ ତମେ ଏଇ ବାଟେ ଗଲେ ଓଡ଼ିଶାକୁ ଦଖଲ କରିବ। ଓଡ଼ିଶାରେ ଏବେ ଏଭଳି ଶକ୍ତିମାନେ ସକ୍ରିୟ ଅଛନ୍ତି। ସେମାନଙ୍କୁ ପରାହତ କରିବାକୁ ପଡ଼ିବ। ପ୍ରଥମେ ବିଧାୟକ ହେଲା ପରେ ମୋତେ ଉପମୁଖ୍ୟ ସଚେତକ ଦାୟିତ୍ୱ ଦିଆଯାଇଥିଲା। ଏହା ପରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ଦକ୍ଷତା ବିକାଶ ମନ୍ତ୍ରୀ କରାଗଲା। ଗତ ନିର୍ବାଚନରେ ହାରିଗଲା ପରେ ଯୋଜନା ବୋର୍ଡର ଉପାଧ୍ୟକ୍ଷ କରାଯାଇଥିଲା। ଆଜି ସ୍ଥିତି ବଦଳି ଯାଇଛି। କିଛି ଲୋକ ଭାବୁଛନ୍ତି ଆମେ ଯାହା କରିବୁ, ଯାହା ନିଷ୍ପତ୍ତି ନେବୁ, ସମସ୍ତେ ତାକୁ ଗ୍ରହଣ କରିନେବେ। ସମୟ ଆସିଛି ଆମକୁ ସତର୍କ ରହିବାକୁ ପଡ଼ିବ। ବ୍ରହ୍ମଗିରି ବିକାଶକୁ ପଛକୁ ନେବାକୁ ଯେଉଁମାନେ ଷଡ଼ଯନ୍ତ୍ର କରୁଛନ୍ତି ତା’ର ଉଚିତ ଜବାବ ଏଇ ଜାଗାରୁ ଦିଆଯିବ। କିନ୍ତୁ ମୁଁ କହି ରଖିବାକୁ ଚାହେଁ ଆମେ ଯେଉଁମାନେ ପ୍ରବାଦପୁରୁଷ ବିଜୁବାବୁଙ୍କ ସ୍ୱାଭିମାନ ସହିତ ଆନ୍ଦୋଳନରେ ବ୍ରତୀ ଥିଲୁ ମରିଯିବୁ ପଛେ ସାଲିସ କରିବୁ ନାହିଁ।’’

ଏଠାରେ ସୂଚନାଯୋଗ୍ୟ, ଦାସବର୍ମା ନବୀନ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳରେ ଖାଦ୍ୟ ଯୋଗାଣ, ଦକ୍ଷତା ବିକାଶ ମନ୍ତ୍ରୀ ଥିଲେ। ୨୦୧୯ରେ ନିର୍ବାଚନ ହାରିଯିବା ପରେ ବି ତାଙ୍କୁ ରାଜ୍ୟ ଯୋଜନା ବୋର୍ଡର ଉପାଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଥିଲା। ନିକଟରେ ରାଜ୍ୟ ସରକାର ସମସ୍ତ ନିଗମ ଓ ବୋର୍ଡକୁ ଭାଙ୍ଗି ଦେଇ ପୁନଃ ନିଯୁକ୍ତି ଦେଇଛନ୍ତି। ମାତ୍ର ଦାସବର୍ମାଙ୍କୁ କୌଣସି ପଦପଦବୀ ମିଳି ନାହିଁ। ସଞ୍ଜୟଙ୍କ ଏଭଳି ବୟାନ ଦଳର ପ୍ରଭାବଶାଳୀ ଗୋଷ୍ଠୀଙ୍କୁ ପରୋକ୍ଷରେ ଇଙ୍ଗିତ କରୁଥିବା ନେଇ ଚର୍ଚ୍ଚା ହେଉଛି।






**ଆଜିର ମନ୍ତବ୍ୟ**

" ଦେଶକୁ ସ୍ୱାଧୀନ କରିବାରେ ଆଦିବାସୀମାନଙ୍କ ବଡ଼ ଅବଦାନ ରହିଛି। ବର୍ତ୍ତମାନ ଏହି ସମୁଦାୟ ନିଜ କଳା ଜରିଆରେ ଦେଶକୁ ଅଧିକ ସମୃଦ୍ଧ କରିଛନ୍ତି।

– ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତତଲା ଭାତରେ ଘିଅ;**
**ଚିତା କୁଟିଦେବି ମନକୁ ଚାହିଁ**
**ଝଟକ ଦିଶିବ ଦିହ ।**

ଆଗକାଳରେ ଗାଁ ଗହଳିରେ ଝିଅ ବୋହୂମାନେ ଦେହରେ ଚିତା କୁଟାଉଥିଲେ । ସେତେବେଳେ ଦେହରେ ଚିତା କୁଟେଇବା ଏକପ୍ରକାର ଫେଶନ ଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ। ମନଲାଖି ଦେହରେ ଚିତା କୁଟେଇ ଶରୀରକୁ ଆକର୍ଷଣୀୟ କରିବାର ପ୍ରଲୋଭନ ଦେଖାଇବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି । ତୋଡି ମାଛ ଥାଇ ବୋଇଲା

**ମୋ ମୁହଁଟି ବଳିତା**
**ମୋର ମଜା ମାରି ନେଉଥାଏ**
**ବାଡ଼ି ଆଡେ ଯେଉଁ ନଳିତା ।**

ତୋଡି ମାଛର ମୁହଁ ସରୁ । ବାଡ଼ି ନଳିତା କିଆରୀରେ ଥିବା ଅଳ୍ପ ପାଣିରେ ତୋଡି ମାଛ ସରୁ ମୁହଁ କାଢି ଖେଳିବାର କୌତୂହଳ ଅବସ୍ଥା ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
– ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଜଙ୍ଗଲ ନିଆଁ...

ପ୍ରଥମ ପୃଷ୍ଠାରୁ...

ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ(ଏଫ୍ଏସ୍ଆଇ)ର ତଥ୍ୟାନୁସାରେ, ୨୦୨୦ ନଭେମ୍ବରରୁ ୨୦୨୧ ଜୁନ୍ ମଧ୍ୟରେ ଦେଶରେ ୩,୪୫,୯୮୯ ଜଙ୍ଗଲ ନିଆଁ ଲାଗିଥିଲା। ଏହିବର୍ଷ ଓଡ଼ିଶା ଜଙ୍ଗଲ ନିଆଁ କ୍ଷେତ୍ରରେ ସାରା ଦେଶରେ ଶୀର୍ଷରେ ରହିଥିଲା। ୨୦୨୧ ନଭେମ୍ବରରୁ ୨୦୨୨ ଜୁନ୍ ମଧ୍ୟରେ ସାରା ଦେଶରେ ୨, ୨୩, ୩୩୩ ବନାଗ୍ନି ଦେଖିବାକୁ ମିଳିଛି। ଏହିବର୍ଷ ଓଡ଼ିଶା ଦେଶରେ ୪ର୍ଥ ସ୍ଥାନରେ ରହିଛି। ଏହା ପୂର୍ବାପେକ୍ଷା ହ୍ରାସ ପାଇଥିଲେ ବି ଚିନ୍ତାଜନକ। କାରଣ ମୋଟ ଜଙ୍ଗଲ ନିଆଁର ୯୦% କେବଳ ମନୁଷ୍ୟକୃତ ବୋଲି କେନ୍ଦ୍ର ସରକାରଙ୍କ ପରିସଂଖ୍ୟାନରୁ ଜଣାପଡ଼ିଛି। ଜଙ୍ଗଲ ନିଆଁ ଯେ ଅତ୍ୟନ୍ତ ସମ୍ବେଦନଶୀଳ ପ୍ରସଙ୍ଗ ତାହା କେହି ବି ଅସ୍ୱୀକାର କରିବେ ନାହିଁ। ପରିବେଶ, ଜୀବଜଗତ, ଜଙ୍ଗଲ, ବନ୍ୟପ୍ରାଣୀ ଏବଂ ସମଗ୍ର ମାନବ ସମାଜ ପ୍ରତି ଏହା ଭୟଙ୍କର ପରିସ୍ଥିତି ସୃଷ୍ଟି କରିପାରେ। ଗତବର୍ଷ ଜଙ୍ଗଲ ନିଆଁକୁ ନେଇ ଓଡ଼ିଶା ଚର୍ଚ୍ଚାରେ ରହିଥିଲା। ରାଜ୍ୟର ଅନେକ ଜଙ୍ଗଲରେ ନିଆଁ ଲାଗିଥିଲା। ଲଗାତର ଦୁଇ ସପ୍ତାହ ଯାଏ ଶିମିଳିପାଳ ଜଙ୍ଗଲ ଭିତରେ ନିଆଁ ନ ଲିଭିବା ଜନମାନସକୁ ବ୍ୟଥିତ କରିଥିଲା। କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଏହାକୁ ଗୁରୁତ୍ୱର ସହ ନେଇ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲା। ଚଳିତବର୍ଷ ଶିମିଳିପାଳରେ ବନାଗ୍ନି ରୋକିବା ପାଇଁ ଡିସେମ୍ବର ପହିଲାରୁ ଆକ୍ସନ ପ୍ଲାନ୍ ଆରମ୍ଭ ହେବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ଏକ ଜିଲାସ୍ତରୀୟ କମିଟି ଗଠନ କରାଯିବ। ଏଥିରେ ଜିଲାପାଳ ଅଧ୍ୟକ୍ଷ ରହିବା ସହିତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ସାମିଲ କରାଯାଇ ଅଗ୍ନିକାଣ୍ଡ ରୋକିବା ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଟି.ଅଶୋକ କୁମାର କହିଛନ୍ତି। ସେହିପରି ଶିମିଳିପାଳ ସଂଲଗ୍ନ ଗ୍ରାମବାସୀଙ୍କୁ ଜଡ଼ିତ କରି ବନାଗ୍ନି ରୋକିବା ଓ ଅଭୟାରଣ୍ୟକୁ ସୁରକ୍ଷା କରିବାରେ ପ୍ରୟାସ କରାଯିବ। ଅନ୍ୟପକ୍ଷରେ ବନ କର୍ମଚାରୀଙ୍କ ସଂଖ୍ୟା କମ୍ ଥିବାରୁ ଜାନୁୟାରୀ ୧୫ରୁ ଜୁନ୍ ଶେଷ ପର୍ଯ୍ୟନ୍ତ ଅଗ୍ନି ନିର୍ବାପକ ସ୍କ୍ୱାଡ୍‌ରେ ଆଖପାଖ ଗ୍ରାମର ଯୁବପିଢ଼ିଙ୍କୁ ସାମିଲ କରାଯିବାର ଯୋଜନା ରହିଥିବା ଟି.ଅଶୋକ କୁମାର କହିଛନ୍ତି। ଅଗ୍ନିକାଣ୍ଡ ପ୍ରତି ସତର୍କ ଦୃଷ୍ଟି ଦିଆଯାଉଥିବା ବେଳେ ଅଘଟଣ ହେବା ମାତ୍ରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଉଛି। ପର୍ଯ୍ୟଟକମାନଙ୍କୁ ଶିମିଳିପାଳ ପ୍ରବେଶ ସମୟରେ କଡ଼ାକଡ଼ି ଯାଞ୍ଚ କରାଯିବା ସହ ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ବିଭାଗୀୟ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ପ୍ରକାଶ କରିଛନ୍ତି।

ନିକଟରେ ଖୋର୍ଦ୍ଧା ଜିଲାର ଜଟଣୀ ପଟୁ ବରୁଣେଇ ପାହାଡ଼କୁ ସଂଯୋଗ କରୁଥିବା ରାସ୍ତାରେ ନିଆଁ ଲାଗିଯାଇଥିଲା। ନିଆଁ ଲାଗିଥିବା ସ୍ଥାନ ପାହାଡ଼ିଆ ଥିବା ଏବଂ ଚଲା ରାସ୍ତା ନ ଥିବାରୁ ଅଗ୍ନିଶମ କର୍ମଚାରୀ ପହଞ୍ଚିବାରେ ବିଳମ୍ବ ଘଟିଥିଲା। ଫଳରେ ନିଆଁକୁ ଆୟତ୍ତ କରିବାରେ ବିଳମ୍ବ ହୋଇଥିଲା। ଏନେଇ ଖୋର୍ଦ୍ଧା ରେଞ୍ଜର ଜୟପ୍ରକାଶ ପଣ୍ଡା କୁହନ୍ତି, ପ୍ରାୟ ୪୮୦ ହେକ୍ଟର ବିଶିଷ୍ଟ ବରୁଣେଇ ଜଙ୍ଗଲରେ ଶତାଧିକ ଔଷଧୀୟ ଗୁଳ୍ମ ସହ ଅନେକ ମୂଲ୍ୟବାନ ଗଛ ରହିଛି। ଏହାର ସୁରକ୍ଷା ପ୍ରତି ଗୁରୁତ୍ୱ ଦିଆଯାଉଛି। ଜଙ୍ଗଲରେ ନିଆଁକୁ ଆୟତ୍ତ କରିବା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଏହି ଟିମ୍ ବରୁଣେଇ ଚାରିପଟ ବୁଲି ତଦାରଖ କରୁଛନ୍ତି। ପାଦଚଲା ରାସ୍ତାରେ ଜଙ୍ଗଲରେ ଫାୟାର ଲାଇନ କଟାଯାଇଛି। ଏହାଦ୍ୱାରା ନିଆଁକୁ ସହଜରେ ଆୟତ୍ତ କରାଯାଇପାରିବ। ଯେଉଁ ସ୍ଥାନରେ ନିଆଁ ଲାଗିବାର ଆଶଙ୍କା ଅଧିକ ରହିଛି, ସେଠି ଅଧିକ ଗୁରୁତ୍ୱ ଦିଆଯାଉଛି। ସେହି ସ୍ଥାନଗୁଡ଼ିକରେ ପଡ଼ିଥିବା ଶୁଖିଲା ପତ୍ର ଏକାଠି କରି ଜାଳି ଦିଆଯାଉଛି। ଜଙ୍ଗଲରେ ଜଗୁଆଳି ରହିଛନ୍ତି। ସେମାନେ ବିଭିନ୍ନ ସ୍ଥାନକୁ ବୁଲି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ବିଶେଷକରି ସକାଳ, ଅପରାହ୍ଣ ଏବଂ ସନ୍ଧ୍ୟା ସମୟରେ ତଦାରଖ କରିବାକୁ ଜଗୁଆଳିମାନଙ୍କୁ ପରାମର୍ଶ ଦିଆଯାଇଛି। ଏଥିସହିତ ଜଙ୍ଗଲ ନିଆଁ ନ ଲଗାଇବା ପାଇଁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସେ କହିଛନ୍ତି। ଏନେଇ ଏସିଏଫ୍ ଅସିତ୍ ମିଶ୍ର କୁହନ୍ତି, ଜଙ୍ଗଲରେ ନିଆଁ ନ ଲଗାଇବା ପାଇଁ ବନାଞ୍ଚଳ ସ୍ତରରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳରେ ପିକନିକ କରିବାକୁ ଗଲେ ଦିଆସିଲି, ବିଡ଼ି, ସିଗାରେଟ୍ ଜଳାଇ ନ ପକାଇବା ପାଇଁ ସଚେତନ କରାଯାଉଛି।

ନୟାଗଡ ବନଖଣ୍ଡ ଅଧିକାରୀ(ଡିଏଫ୍ଓ) କ୍ଷମା ଷଡ଼ଙ୍ଗୀ କୁହନ୍ତି, ମଳୟ ପବନ ବହିଲେ ଗଛ ପତ୍ରଝଡ଼ା ଦେଇଥାଏ। କୌଣସି ଶୁଖିଲା ପତ୍ରରେ ନିଆଁ ଲାଗିଲେ ତାହା ବ୍ୟାପିଯାଏ ଏବଂ ଲିଭାଇବା କଷ୍ଟକର ହୋଇଥାଏ। ସାଧାରଣତଃ ଫେବୃୟାରୀ ୧୫ରୁ ଜୁନ ୧୫ ପର୍ଯ୍ୟନ୍ତ ଅଗ୍ନିକାଣ୍ଡ ଭୟ ଅଧିକ ରହୁଛି। ଏହାକୁ ରୋକିବା ପାଇଁ ନିଆଯାଉଥିବା ପଦକ୍ଷେପ ନିମନ୍ତେ ସରକାରୀ ଅନୁଦାନ ଆସିଥାଏ। କିନ୍ତୁ ତାହା ଏଯାଏ ଆସିନାହିଁ। ତେବେ ବନ ବିଭାଗ କର୍ମଚାରୀଙ୍କୁ ଜଙ୍ଗଲ ନିଆଁ ପ୍ରତି ସତର୍କ ରହିବାକୁ କୁହାଯାଇଛି। ଗତବର୍ଷ ଜଙ୍ଗଲରେ ନିଆଁ ଲିଭାଇବା କାଠିକର ପାଠ ହୋଇଥିଲା ବୋଲି ଷଡ଼ଙ୍ଗୀ କହିଛନ୍ତି।

ରାଜ୍ୟରେ ଜଙ୍ଗଲ ନିଆଁ ଲାଗିବା ଖବର ଠିକ୍ ସମୟରେ ପାଇବା ସବୁଠୁ ବଡ଼କଥା। ଏଥିପାଇଁ ବନ ବିଭାଗ ଆପ୍ରାଣ ଉଦ୍ୟମ କରିବା ଆବଶ୍ୟକ। ସେହି ଅନୁସାରେ ନିଆଁକୁ ଲିଭାଗଲା କି ନାହିଁ, ତାହାର ଖବର ମଧ୍ୟ ଉପଗ୍ରହ ମାଧ୍ୟମରେ ନିଆଯିବା ଜରୁରୀ। ପରିବେଶବିତ୍ ଶୁଭେନ୍ଦୁ ମଲ୍ଲିକଙ୍କ କହିବାନୁସାରେ, ଜଙ୍ଗଲ ନିଆଁର ସଫଳ ପରିଚାଳନା ପାଇଁ ସମସ୍ତଙ୍କୁ କାନ୍ଧରେ କାନ୍ଧ ମିଶେଇ ମିଳିତ ମୁକାବିଲା କରିବାକୁ ପଡ଼ିବ। ଖାଲି ବନ ବିଭାଗ ଉପରେ ଦୋଷ ବା ଦାୟିତ୍ୱ ଲଦିଦେଲେ ହେବନାହିଁ। ଜଙ୍ଗଲ ନିଆଁକୁ କାବୁ କରିବା ପାଇଁ ଅନେକ ଖସଡ଼ା କେନ୍ଦ୍ର ସରକାରଙ୍କ ତରଫରୁ ପ୍ରସ୍ତୁତ କରାଯାଇଛି। ସେଗୁଡିକୁ ଠିକ୍ ଭାବେ କାମରେ ଲଗେଇବା ଦରକାର। କେଉଁ ଗୋଟିଏ ବିଭାଗରେ ଦୁର୍ବଳତା ରହିଗଲେ ଜଙ୍ଗଲ ନିଆଁ ସହ ଲଢ଼େଇ ସହଜ ହେବନାହିଁ। ଏଥିନିମନ୍ତେ ଆଧୁନିକ ପ୍ରଣାଳୀ ବ୍ୟବହାର କରି କିଛି କାମ କଲେ ନିଶ୍ଚୟ ସଫଳତା ମିଳିବ।

### ଜଙ୍ଗଲ ନିଆଁର ପ୍ରମୁଖ କାରଣ

ଜଙ୍ଗଲ ନିଆଁର ୨ ସମ୍ଭାବ୍ୟ କାରଣ ହେଉଛି ପ୍ରାକୃତିକ ଏବଂ ମନୁଷ୍ୟକୃତ। ପ୍ରାକୃତିକ କାରଣଗୁଡ଼ିକ ହେଲା ବଜ୍ରପାତ, ପଥର ବା ବାଲିଗରଡ଼ା ଘଷି ହୋଇ ଅଗ୍ନିକଣା ବାହାରିବା, ଥୁଣ୍ଟା ଗଛ ତାଳ ବା ବାଉଁଶ ପରସ୍ପର ଘଷି ହୋଇ ନିଆଁ ଝୁଲ ବାହାରିବା ଓ ଆଗ୍ନେୟଗିରି ଉଦ୍‌ଗିରଣ। ତେବେ ମନୁଷ୍ୟକୃତ କାରଣ ହେଉଛି ଇଚ୍ଛାକୃତ ଏବଂ ଦୁର୍ଘଟଣା ଜନିତ। ଯେମିତିକି ପୋଡୁଚାଷ, ଘାସ ଓ ଜାଳେଣି, ବନ କର୍ମଚାରୀଙ୍କ ଉପରେ କୌଣସି ରାଗ ଶୁଝାଇବା ପାଇଁ ନିଆଁ ଲଗେଇବା, ଗାଁ ଲୋକଙ୍କ ପାଇଁ ରାସ୍ତା ଫିଟେଇବା, ଜଙ୍ଗଲ ଜମି ଜବରଦଖଲ, ବେଆଇନ ଗଛକଟାକୁ ଲୁଚେଇବା, ଆଦିବାସୀ ପରମ୍ପରା ଆଦି ସବୁ ଇଚ୍ଛାକୃତ ଅଗ୍ନିକାଣ୍ଡ। କିନ୍ତୁ ମହୁଲ ଆଦି ଅଣକାଠ ଜାତୀୟ ଜଙ୍ଗଲ ଦ୍ରବ୍ୟ ସଂଗ୍ରହ, ଫସଲ ଅବଶିଷ୍ଟକୁ ପୋଡ଼ିବା, ବନ୍ୟପ୍ରାଣୀଙ୍କୁ ଶିକାର ପାଇଁ ନିର୍ଦ୍ଦିଷ୍ଟ ଦିଗକୁ ଘଉଡ଼େଇବା, ଜଳନ୍ତା ବିଡ଼ି ବା ସିଗାରେଟ ଫୋପାଡ଼ିବା, ମୋଟର ଯାନର ନିଆଁ ସ୍ପାର୍କ, ଟ୍ରାନ୍ସଫର୍ମରରୁ ନିଆଁ ସ୍ପାର୍କ, କାଠ କୋଇଲା ସଂଗ୍ରହ, ଜଙ୍ଗଲ ମଧ୍ୟରେ ରୋଷେଇ, ରାସ୍ତା କାମ ପାଇଁ ପିଚୁ ଗରମ କରିବା ଆଦି ଯୋଗୁ ଘଟୁଛି ଦୁର୍ଘଟଣାଜନିତ ଅଗ୍ନିକାଣ୍ଡ।

### କେଉଁ ସବୁ କ୍ଷତି

୧୯୯୫ରେ ଇଣ୍ଡୋନେସିଆର ପୂର୍ବ କାଲିମାନ୍ତରେ ଭୟାବହ ଅଗ୍ନିକାଣ୍ଡରେ ୩ ନିୟୁତ ହେକ୍ଟର ନଷ୍ଟ ହେବା ସହିତ ପଡୋଶୀ ଦେଶଗୁଡ଼ିକରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇଥିଲା। ଜଙ୍ଗଲ ନିଆଁର ପ୍ରଭାବରେ ଏକ ଦଶନ୍ଧି ପରେ ମଧ୍ୟ ନାନା ରୋଗ ସୃଷ୍ଟି ହେବା ସହ କୀଟପତଙ୍ଗ ଆକ୍ରମଣ ବୃଦ୍ଧି ଏବଂ ଜଳସ୍ତରର ହ୍ରାସ ହୋଇଥାଏ। ତେବେ ଅତ୍ୟଧିକ ଜଙ୍ଗଲ ନିଆଁରୁ ଯେଉଁସବୁ ମୁଖ୍ୟ କ୍ଷତି ଘଟିଥାଏ ସେଗୁଡ଼ିକ ହେଲା, ମୂଲ୍ୟବାନ କାଠ ଉତ୍ସଗୁଡ଼ିକର କ୍ଷତି, ଇକୋ-ସିଷ୍ଟମ ଉପରେ ଜଙ୍ଗଲ ନିଆଁର ପ୍ରଭାବ, ବନ୍ୟଜନ୍ତୁଙ୍କ ସଂଖ୍ୟା ଏବଂ ବାସସ୍ଥାନ ହ୍ରାସ, ଜଙ୍ଗଲ ଆବରଣ ହ୍ରାସ, ବିଶ୍ୱତାପନ, ମୃତ୍ତିକା କ୍ଷୟ, ସାମାଜିକ-ଅର୍ଥନୈତିକ ପ୍ରଭାବ ଏବଂ ପର୍ଯ୍ୟଟନ କ୍ଷେତ୍ର ଅନାକର୍ଷଣ ହେବା।

# ୧୮ ଶିଳ୍ପ ପ୍ରକଳ୍ପ ଅନୁମୋଦିତ

## ନିର୍ଦ୍ଧାରିତ ସମୟରେ ପୋର୍ଟାଲରେ ତଥ୍ୟ ଅପ୍‌ଲୋଡ୍ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୧୫।୧୧(ବ୍ୟୁରୋ)**

ରାଜ୍ୟରେ ଶିଳ୍ପାୟନର ବିକାଶ ପାଇଁ ପ୍ରକଳ୍ପ ନିର୍ଦ୍ଧାରଣ ନିମନ୍ତେ ବିଭିନ୍ନ ବିଭାଗରୁ ବରିଷ୍ଠ ବୈଷୟିକ ଅଧିକାରୀ ଏବଂ କଳିଙ୍ଗନଗର, ପାରାଦୀପ, ଝାରସୁଗୁଡ଼ା ଓ ରାୟଗଡ଼ା ଶିଳ୍ପାଞ୍ଚଳରୁ ଶିଳ୍ପାନୁଷ୍ଠାନ ପ୍ରତିନିଧିମାନଙ୍କୁ ନେଇ ଗୋଟିଏ ବୈଷୟିକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୭୦୮.୬୭ କୋଟି ଟଙ୍କା ଆକଳନରେ ୧୮ଟି ପ୍ରକଳ୍ପ ସୁପାରିସ କରିଛି। ସୁପାରିସ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ସଡ଼କ ଯୋଗାଯୋଗ, ବାହ୍ୟ ଜଳ ଯୋଗାଣ ଏବଂ ଭଣ୍ଡାରଘର ନିର୍ମାଣ ଆଦି ପ୍ରକଳ୍ପ ରହିଛି। ସେଥିରେ ଇଡ୍‌କୋର ୩୦୨.୯୫ କୋଟି ଟଙ୍କା ଆକଳନରେ ୧୨ଟି ପ୍ରକଳ୍ପ, ପୂର୍ତ୍ତ ବିଭାଗର ୩୮୬.୬୪ କୋଟି ଟଙ୍କା ଆକଳନରେ ୪ଟି ପ୍ରକଳ୍ପ ଏବଂ ଓଡ଼ିଶା ରାଜ୍ୟ ଓୟାର ହାଉସିଂ ନିଗମର ୧୯.୦୮ କୋଟି ଟଙ୍କା ଆକଳନରେ ୨ଟି ପ୍ରକଳ୍ପ ରହିଛି। ଏହି ପ୍ରକଳ୍ପଗୁଡ଼ିକ ମୁଖ୍ୟତଃ କଳାହାଣ୍ଡି, ଯାଜପୁର, ମୟୂରଭଞ୍ଜ, ସୁବର୍ଣ୍ଣପୁର, ନବରଙ୍ଗପୁର, ଢେଙ୍କାନାଳ,ପୁରୀ ଜିଲା ସହିତ ରାଜ୍ୟ ଓୟାର ହାଉସିଂ ନିଗମର ବିଭିନ୍ନ ସ୍ଥାନରେ ନିର୍ମାଣ କରାଯିବ। ମଙ୍ଗଳବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ଷମତାସମ୍ପନ୍ନ କମିଟି ବୈଠକରେ ଏହାକୁ ଅନୁମୋଦନ କରାଯାଇଛି।

ଏହି ପ୍ରକଳ୍ପଗୁଡ଼ିକ ଶିଳ୍ପାୟନ ଭିତ୍ତିଭୂମି ବିକାଶ ନିମନ୍ତେ ଏକାନ୍ତ ଆବଶ୍ୟକ ହୋଇଥିବାରୁ ପୁଞ୍ଜି ନିବେଶ ନିମନ୍ତେ ରାଜ୍ୟ ପାଇଁ ସ୍ୱତନ୍ତ୍ର ସହାୟତା ସ୍କିମ୍‌ର ଅନ୍ତର୍ଭୁକ୍ତ ହୋଇପାରିବ। ଏଥିନିମନ୍ତେ ଅନୁମୋଦିତ ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରଧାନମନ୍ତ୍ରୀ ଗତି-ଶକ୍ତି ପୋର୍ଟାଲରେ ଅପଲୋଡ୍ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟ ଲୋକସେବା ଭବନରୁ ଡିଜିଟାଲ୍ ମୋଡ୍‌ରେ ଅନୁଷ୍ଠିତ ଏହି ବୈଠକରେ ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା, ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମାଙ୍କ ସମେତ ସମ୍ପୃକ୍ତ ବିଭାଗର ପ୍ରମୁଖ ଶାସନ ସଚିବ, ଶାସନ ସଚିବ ଓ ବରିଷ୍ଠ ଅଧିକାରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।




କଟକ ବାଲିଯାତ୍ରା ପଡିଆ ଅକ୍ଷୟ ମହାନ୍ତି ମଞ୍ଚରେ ମଙ୍ଗଳବାର ଆୟୋଜିତ ପଥ ଉତ୍ସବରେ ଯୁବତୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**ହାଇ ସିକ୍ୟୁରିଟି ରେଜିଷ୍ଟ୍ରେଶନ ପ୍ଲେଟ୍**

# ଆଉ ବଢ଼ି ନ ପାରେ ଅବଧି

## ନିର୍ଦ୍ଧାରିତ ସମୟ ପୂର୍ବରୁ ନ ଲଗାଇଲେ ଜରିମାନା

**ଭୁବନେଶ୍ୱର,୧୫।୧୧(ବ୍ୟୁରୋ)**

୨୦୧୯ ଏପ୍ରିଲ ପହିଲା ପୂର୍ବରୁ ପଞ୍ଜୀକୃତ ହୋଇଥିବା ଯେଉଁ ସବୁ ଗାଡ଼ିର ଶେଷ ନମ୍ବର ୧,୨,୩,୪ ହୋଇଥିବ ସେହି ଯାନବାହନଗୁଡ଼ିକର ହାଇ ସିକ୍ୟୁରିଟି ରେଜିଷ୍ଟ୍ରେଶନ୍ ପ୍ଲେଟ୍ (ଏଚ୍ଏସ୍ଆର୍‌ପି) ଲଗେଇବାର ସମୟସୀମା ନଭେମ୍ବର ୩୦ରେ ଶେଷ ହେବ। ନିର୍ଦ୍ଧାରିତ ସମୟସୀମା ଅନୁଯାୟୀ ଯାନବାହନ ମାଲିକ ସେମାନଙ୍କ ଗାଡ଼ିରେ ଏଚ୍ଏସ୍ଆର୍‌ପି ସଂଲଗ୍ନ କରିବା ପାଇଁ ପଦକ୍ଷେପ ନେବାକୁ ରାଜ୍ୟ ପରିବହନ ପ୍ରାଧିକରଣ(ଏସ୍‌ଟିଏ) ପକ୍ଷରୁ ସଚେତନ କରାଯାଇଛି। ଏହି ସମୟ ସୀମା ପରେ ଜରିମାନା ଆଦାୟ କରାଯିବ। ପରିବହନ ଯୁଗ୍ମ କମିଶନର ଦୀପ୍ତିରଞ୍ଜନ ପାତ୍ର କହିଛନ୍ତି, ନଭେମ୍ବର ୧୪ ସୁଦ୍ଧା ରାଜ୍ୟରେ ମୋଟ ୩୧,୨୫,୨୩୬ ଗାଡ଼ି ମାଲିକ ସ୍ଲଟ୍ ବୁକ୍ କରିଛନ୍ତି। ସେଥିରୁ ୧୫,୩୦,୫୭୬ ଯାନରେ ଏଚ୍ଏସ୍ଆର୍‌ପି ଲଗାଯାଇଛି। ଗାଡ଼ି ମାଲିକଙ୍କ ସୁବିଧା ପାଇଁ ବିଭାଗ ସମୟସୀମାକୁ ୩ ଥର ବୃଦ୍ଧି କରାଯାଇଛି। ଯେଉଁ ଗାଡ଼ି ମାଲିକମାନଙ୍କର ଇଣ୍ଟରନେଟର ବ୍ୟବହାର କିମ୍ବା ଟେକ୍ନୋଲୋଜି ବିଷୟରେ କୌଣସି ଜ୍ଞାନ ନାହିଁ, ସେମାନଙ୍କ ସୁବିଧା ଅନୁଯାୟୀ ନିକଟସ୍ଥ ମୋ ସେବା କେନ୍ଦ୍ର କିମ୍ବା ଏଚ୍ଏସ୍ଆର୍‌ପି ସୁବିଧା କେନ୍ଦ୍ରରେ ଆରଟିଓ ମାଧ୍ୟମରେ ଆବେଦନ କରିପାରିବେ।

ଓଇଏମ୍(ଯାନ ନିର୍ମାତା) ସେମାନଙ୍କର ପ୍ରାଧିକୃତ ବିକ୍ରେତାଙ୍କ ମାଧ୍ୟମରେ ୮୮ ଟି ସ୍ଥାନରେ ଏବଂ ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ କ୍ୟାମ୍ପ ଫିଟ୍‌ମେଣ୍ଟ ସେଣ୍ଟର/ଅସ୍ଥାୟୀ ଫିଟ୍‌ମେଣ୍ଟ ସେଣ୍ଟର ଖୋଲିଛନ୍ତି। ଏହାଛଡ଼ା କେତେକ ଆରଟିଓ କାର୍ଯ୍ୟାଳୟରେ ଏହି ଫିଟ୍‌ମେଣ୍ଟ ସୁବିଧା ମଧ୍ୟ ପ୍ରଦାନ କରାଯାଉଛି। ଆରଟିଓ କାର୍ଯ୍ୟାଳୟରେ କେବଳ ବାହାନ୍ ପୋର୍ଟାଲ ମାଧ୍ୟମରେ ଆବେଦନ କରାଯାଇ ପାରିବ। ଏଚ୍ଏସ୍ଆରପି ନମ୍ବର ପ୍ଲେଟ ବଦଳାଇବା ସମୟରେ କିମ୍ବା ଅନ୍ୟ କୌଣସି କାରଣବଶତଃ ଏଥିରେ କିଛି କ୍ଷତି ହେଲେ ଯାନବାହନ ମାଲିକ ଏହାର ରିପ୍ଲେସମେଣ୍ଟ ପାଇଁ ବୁକିଂ କରିପାରିବେ।

# ସରକାରୀ ବାସଭବନରୁ ମିଳିଲା ଆଉ ୨ ଲକ୍ଷ

**ଭିଜିଲାନ୍ସ ଜାଲରେ ସହକାରୀ ନିର୍ବାହୀ ଯନ୍ତ୍ରୀ**

**ଭୁବନେଶ୍ୱର (ବ୍ୟୁରୋ)/ଉଦଳା(ଡି.ଏନ୍.ଏ.) ୧୫।୧୧**

ଭିଜିଲାନ୍ସ ଜାଲରେ ପଡ଼ିଥିବା ଆରଡବ୍ଲୁଏସ୍ଏସ୍ ମୟୂରଭଞ୍ଜ ଜିଲା ଉଦଳା ସବ୍ ଡିଭିଜନ୍‌ର ସହକାରୀ ନିର୍ବାହୀ ଯନ୍ତ୍ରୀ ରବିନାରାୟଣ ପଣ୍ଡାଙ୍କ ଘରେ ମଙ୍ଗଳବାର ପୁଣି ଚଢ଼ାଉ ହୋଇଛି। ଭିଜିଲାନ୍ସର ୮ ଜଣିଆ ଟିମ୍ ଉଦଳାସ୍ଥିତ ସରକାରୀ ବାସଭବନରେ ଚଢ଼ାଉ କରି ଆଉ ନଗଦ ୨ ଲକ୍ଷ ଟଙ୍କା ଠାବ କରିଛି। ଫଳରେ ଠାବ ହୋଇଥିବା ନଗଦ ଟଙ୍କା ୨୮.୯ ଲକ୍ଷରେ ପହଞ୍ଚିଛି। ଭିଜିଲାନ୍ସ ଟିମ ଭୁବନେଶ୍ୱରରୁ ରବିନାରାୟଣଙ୍କୁ ଉଦଳା ନେଇ ୫ ଘଣ୍ଟା ଧରି ଯାଞ୍ଚ କରିବା ପରେ କାର୍ଯ୍ୟାଳୟ ଓ ବାସଭବନରୁ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଛି। ତେବେ ରବିନାରାୟଣଙ୍କ ଆୟ ବହିର୍ଭୂତ ସମ୍ପତ୍ତି ଏବଂ ଏହା ତାଙ୍କ ପ୍ରକୃତ ଆୟଠୁ କେତେ ଜାଣିବାକୁ ଭିଜିଲାନ୍ସ ଟିମ୍ ହିସାବ କରୁଛି। ଆୟ ବହିର୍ଭୂତ ସମ୍ପତ୍ତି ହିସାବ ପରେ ଭିଜିଲାନ୍ସ ପକ୍ଷରୁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ପରେ ଭିଜିଲାନ୍ସ ପକ୍ଷରୁ ରବିନାରାୟଣଙ୍କ ଘର ସମେତ ମୟୂରଭଞ୍ଜ, କେନ୍ଦ୍ରାପଡ଼ା, ଖୋର୍ଦ୍ଧାର ୮ ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଆଇଗିଣିଆରେ ୩ ମହଲା କୋଠା, 'ବ୍ଲୁହିଲ୍' ଆପାର୍ଟମେଣ୍ଟର ଫ୍ଲାଟ, ବିଭିନ୍ନ ସ୍ଥାନରେ ୧୨ଟି ପ୍ଲଟ ମଧ୍ୟ ଠାବ ହୋଇଥିଲା।

## ମରୁଡ଼ି ପ୍ରଭାବିତ...

ମଧ୍ୟ କିଛି ସୁଫଳ ମିଳିନାହିଁ। ପରିସ୍ଥିତିର ଗମ୍ଭୀରତା ଏବଂ ମରୁଡ଼ି ପୀଡ଼ିତ କୃଷକଙ୍କ ଦାବି ଏବଂ ଜିଲାପାଳମାନେ ଦେଇଥିବା ଫସଲହାନି ରିପୋର୍ଟକୁ ବିଚାରକୁ ନେଇ ମୁଖ୍ୟମନ୍ତ୍ରୀ ପୀଡ଼ିତ ଏବଂ ବଞ୍ଚିତ ଚାଷୀଙ୍କୁ ରାଜ୍ୟର ନିଜସ୍ୱ ପାଣ୍ଠିରୁ ସହାୟତା ରାଶି ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି।

ପୀଡ଼ିତ ଚାଷୀଙ୍କୁ ତତ୍କାଳ ସହାୟତା ରାଶି ପ୍ରଦାନ ଲାଗି ଏହିସବୁ ପ୍ରଭାବିତ ଜିଲାର ଜିଲାପାଳଙ୍କୁ ଆବଶ୍ୟକ ସହାୟତା ରାଶି ସମ୍ପର୍କରେ ଏସ୍ଆରସିଙ୍କ ନିକଟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୀଡ଼ିତ ଚାଷୀଙ୍କ କଷ୍ଟ ଦୂର କରିବାକୁ ଏବେ ୨୦୦ କୋଟି ଟଙ୍କାର ଆବଶ୍ୟକତା ରହିଛି ବୋଲି ଆକଳନ କରାଯାଉଛି। ବରଗଡ଼ ଜିଲା ପଦ୍ମପୁରରେ ଚାଷୀମାନେ ଇନ୍‌ପୁଟ୍ ସବ୍‌ସିଡି, ବୀମା କ୍ଷତିପୂରଣ ଓ ଶୀଘ୍ର ଧାନ କିଣା ଦାବିରେ ନଭେମ୍ବର ୧ତାରିଖରୁ ଧାରଣାରେ ବସି ରହିଛନ୍ତି। ସେମାନଙ୍କର ଆନ୍ଦୋଳନ ଦିନକୁ ଦିନ ତୀବ୍ର ହେବାରେ ଲାଗିଛି। ଚାଷୀଙ୍କ ଆନ୍ଦୋଳନକୁ ପ୍ରଶମିତ କରିବା ନିମନ୍ତେ ବିଜେଡି, ଭାଜପା ଓ କଂଗ୍ରେସ ସମର୍ଥନ ଜଣାଇଥିଲେ ମଧ୍ୟ ଚାଷୀମାନେ ସେଥିରେ ପ୍ରଭାବିତ ନ ହୋଇ ଓଲଟା ଉପନିର୍ବାଚନକୁ ବର୍ଜନ କରିବା ନିମନ୍ତେ ଅନୁରୋଧ କରିଛନ୍ତି। ପଦ୍ମପୁର ଉପନିର୍ବାଚନକୁ ଦୃଷ୍ଟିରେ ରଖି ସରକାର ଏହି ଘୋଷଣା କରିଛନ୍ତି ବୋଲି ବିରୋଧୀ ଅଭିଯୋଗ କରୁଛନ୍ତି।

## ଫସଲ ବୀମା ଅର୍ଥ...

ତୋମାର ଟୁଇଟ୍ କରି କହିଛନ୍ତି ଯେ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶାର ବରଗଡ଼ ଜିଲାର ଝାଡବନ୍ଧ, ପଦ୍ମପୁର ଏବଂ ପାଇକମାଳ ବ୍ଲକର ଚାଷୀ ଫସଲ ବୀମା ରାଶି ନ ପାଇବା ବିଷୟରେ ଆଲୋଚନା କରିଛନ୍ତି। ଏନେଇ ଗଠିତ ହୋଇଥିବା ସମିତି ସହ ଏ ବାବଦରେ ନିର୍ଣ୍ଣୟ ନିଆଯାଇସାରିଛି। ଉଭୟ ବୀମା କମ୍ପାନୀ ଏବଂ ରାଜ୍ୟ ସରକାରଙ୍କୁ ତୁରନ୍ତ କ୍ଲେମ୍ ଜାରି କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କେନ୍ଦ୍ର ସରକାର ଚାଷୀଙ୍କ କ୍ଲେମ୍ ଅତିଶୀଘ୍ର ପ୍ରଦାନ କରିବା ଦିଗରେ ଚିନ୍ତିତ ଥିବା ସେ ଉଲ୍ଲେଖ କରିଛନ୍ତି।

ବିଜେଡି ରାଜ୍ୟ ସଭା ଏମ୍‌ପି ସସ୍ମିତ ପାତ୍ର କେନ୍ଦ୍ରମନ୍ତ୍ରୀଙ୍କ ଟୁଇଟ୍ ଉପରେ ପ୍ରତିକ୍ରିୟା ରଖି କହିଛନ୍ତି ଯେ, ବରଗଡ଼ ଜିଲା ବିଶେଷ କରି ପଦ୍ମପୁର ନିର୍ବାଚନମଣ୍ଡଳୀର ଚାଷୀଙ୍କୁ ବକେୟା ପ୍ରଧାନମନ୍ତ୍ରୀ ଫସଲ ବୀମା ରାଶି ତୁରନ୍ତ ପ୍ରଦାନ ନେଇ କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଯେଉଁ ଟୁଇଟ୍ କରିଛନ୍ତି, ସେଥିରୁ ଗୋଟିଏ କଥା ସ୍ପଷ୍ଟ ହୋଇଛି, ଏଯାଏ ଏହା କେନ୍ଦ୍ର ସରକାର ହିଁ ଦେଇ ନ ଥିଲେ। ତେଣୁ ଏବେ ଚାଷୀଙ୍କୁ ବୀମା ରାଶି ପ୍ରଦାନ କରିବାକୁ କେନ୍ଦ୍ର କୃଷି ମନ୍ତ୍ରୀ ବୀମା କମ୍ପାନିଗୁଡ଼ିକୁ ନିର୍ଦ୍ଦେଶ ଦେଉଛନ୍ତି। ଚଳିତ ବର୍ଷ ଅଗଷ୍ଟ ୨୯ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାର ଚାଷୀଙ୍କୁ ପ୍ରଧାନମନ୍ତ୍ରୀ ଫସଲ ବୀମା ରାଶି ପ୍ରଦାନ କରିବାକୁ କେନ୍ଦ୍ର କୃଷିମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ନଭେମ୍ବର ୭ରେ ବୈଷୟିକ ପରାମର୍ଶଦାତା କମିଟି ଏ ନେଇ ନିର୍ଦ୍ଦେଶନାମା ଜାରି କରିଥିଲେ। ଏହାର ଦୁଇଦିନ ପରେ ଓଡ଼ିଶାର ସମବାୟ ମନ୍ତ୍ରୀ ନଭେମ୍ବର ୯ରେ କେନ୍ଦ୍ର କୃଷିମନ୍ତ୍ରୀଙ୍କୁ ସାକ୍ଷାତ କରି ତୁରନ୍ତ ରାଜ୍ୟର ବଞ୍ଚିତ ଚାଷୀଙ୍କୁ ପ୍ରଧାନମନ୍ତ୍ରୀ ଫସଲ ବୀମା ରାଶି ପ୍ରଦାନ କରିବାକୁ ଅନୁରୋଧ କରିଥିଲେ। ଏହା ପ୍ରଦାନ କରିବା ବୀମାକମ୍ପାନିଗୁଡ଼ିକର କାମ। ଏଥିରେ ରାଜ୍ୟ ସରକାରଙ୍କର କେଣସି ଭୂମିକା ନାହିଁ। ଯଦି କେନ୍ଦ୍ର ସରକାର ପୂର୍ବରୁ ଏହି ନିଷ୍ପତ୍ତି ନେଇଥାନ୍ତେ, ତେବେ ବରଗଡ଼ ଜିଲା ଏବଂ ପଦ୍ମପୁର ନିର୍ବାଚନ ମଣ୍ଡଳୀର ହଜାର ହଜାର ଚାଷୀଙ୍କୁ ଏତେ ଦିନ ଧରି ଦୁର୍ଦ୍ଦଶାରେ କାଳ କାଟିବାକୁ ପଡ଼ି ନ ଥାନ୍ତା ବୋଲି ସେ କହିଛନ୍ତି।

## ମହୁମାଛିଙ୍କ ଆୟୁଷ...

ସହଯୋଗ ବିନା ଗଛରେ ଫୁଲ କିମ୍ବା ଫଳ ଫଳିବା ପ୍ରାୟ ଅସମ୍ଭବ ବୋଲି 'ସାଇନ୍ସ ଆଲର୍ଟ ମାଗାଜିନ୍'ରେ ରିପୋର୍ଟ ପ୍ରକାଶ ପାଇଛି। ପ୍ରକାଶିତ ରିପୋର୍ଟରେ ବୈଜ୍ଞାନିକମାନେ ଉଲ୍ଲେଖ କରିଛନ୍ତି, ଖାଦ୍ୟ ଉତ୍ପାଦନର ମୁଖ୍ୟ ମାଧ୍ୟମ ପାଲଟିଥିବା ମହୁମାଛିଙ୍କ ଆୟୁଷ କ୍ରମାଗତ କମିବାରେ ଲାଗିଛି। ବୈଜ୍ଞାନିକଙ୍କ ମତରେ ସେମାନଙ୍କ ଆୟୁ ୫୦% ହ୍ରାସ ପାଇଛି। ଅର୍ଥାତ୍ ପୂର୍ବରୁ ଗୋଟିଏ ମହୁମାଛି ହାରାହାରି ୩୪ ଦିନ ବଞ୍ଚୁଥିବାବେଳେ ଏବେ ମାତ୍ର ୧୮ ଦିନ ଜୀବିତ ରହୁଛି।

ମହୁମାଛିଙ୍କ ୧୦ ପ୍ରଜାତି ଭିତରୁ ଗୋଟିଏ ପ୍ରଜାତି ସମ୍ପୂର୍ଣ୍ଣ ଭାବେ ପରିବେଶରୁ ଉଭାନ ହୋଇଯିବା ପରେ ୟୁରୋପୀୟ ଦେଶଗୁଡ଼ିକ ମହୁମାଛିଙ୍କୁ 'ରେଡ୍ ଲିଷ୍ଟ' (ବିପଜ୍ଜନକ ତାଲିକା)ରେ ଅନ୍ତର୍ଭୁକ୍ତ କରିଛନ୍ତି। ମହୁମାଛିଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ଲାଗି ଜଳବାୟୁ ପରିବର୍ତ୍ତନକୁ ମୁଖ୍ୟତଃ ଦାୟୀ କରାଯାଉଛି। ଆମେରିକାରେ ୨୦୧୮ ଅକ୍ଟୋବରରୁ ୨୦୧୯ ଏପ୍ରିଲ ମଧ୍ୟରେ ୪୦% ମହୁମାଛିଙ୍କ ମୃତ୍ୟୁ ଘଟିଥିଲା। କାନାଡା, ଅଷ୍ଟ୍ରେଲିଆ, ବେଲଜିୟମ୍, ପର୍ତ୍ତୁଗାଲ, ସ୍ପେନ୍, ସୁଇଜରଲାଣ୍ଡ, ଜର୍ମାନୀ, ଫିନ୍‌ଲାଣ୍ଡ ଓ ପୋଲାଣ୍ଡରେ ମହୁମାଛି ବଂଶ ନିପାତ ହେବାରେ ଲାଗିଛି। ୨୦୧୨-୨୦୧୩ର ପ୍ରବଳ ଶୀତରେ ବ୍ରିଟେନ୍‌ରେ ୨୯% ମହୁମାଛିଙ୍କ ମୃତ୍ୟୁ ଘଟିଛି।

## ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ**
ଆଜି ଶୁକ୍ର ନକ୍ଷତ୍ରସ୍ଥ ଚନ୍ଦ୍ର ସାମାଜିକ ସ୍ତରରେ ସମ୍ମାନ, ଆର୍ଥିକ ଅଭିବୃଦ୍ଧି, ପାରିବାରିକ ସୁଖ, ସୌହାର୍ଦ୍ଦ୍ୟ ପ୍ରଦାନ କରିବ। କର୍ମକ୍ଷେତ୍ରରେ କୌଶଳପୂର୍ଣ୍ଣ ବ୍ୟବହାରରେ ଅନ୍ୟକୁ ଆପଣାର କରିବେ। ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ।

**ବୃଷ**
ପାପଯୁକ୍ତ ନୀଚସ୍ଥ ରବିଜନିତ ସମସ୍ୟା ଜାଲରେ ଛନ୍ଦି ହୋଇପାରନ୍ତି। ଅଟକିଥିବା କାମର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ । ଶିଳ୍ପ,ବାଣିଜ୍ୟ,ପରିବହନ ଓ ବ୍ୟବସାୟ ଭଲରେ ଚାଲିବ । ପରିବହନ କ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ଝଗଡାର ଆଶଙ୍କା ରହିଛି।

**ମିଥୁନ**
ଧନାଧିପତିଙ୍କ ଶୁଭଦୃଷ୍ଟି କାରଣରୁ ଅର୍ଥନୈତିକ ଅଭିବୃଦ୍ଧି ସଙ୍ଗକୁ ବିଭିନ୍ନ ଯୋଜନା ଆରମ୍ଭ କରି ଖୁସି ହୋଇପାରନ୍ତି। ଆତ୍ମୀୟଙ୍କ ସହ ସମ୍ପର୍କ ହାନି ଫଳରେ ଦୁଶ୍ଚିନ୍ତା ବଢିଯାଇପାରେ। ରାଜନୀତି କ୍ଷେତ୍ରରେ ନେତୃତ୍ୱ ନେଇ ଖୁସି ରହିବେ। ବ୍ୟବସାୟୀମାନେ ପରିଶ୍ରମ ଅନୁସାରେ ଫଳ ଲାଭ ନ କରି ନିରାନନ୍ଦ ରହିପାରନ୍ତି।

**କର୍କଟ**
ଏକାଦଶରେ ମଙ୍ଗଳ ଥିବାରୁ ଜମିଜମା, ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଶୁଭଫଳ ମିଳିବ। ଦାୟିତ୍ୱ ନେଇଥିବା କାମଟିକୁ ସୁରୁଖୁରୁରେ କରିବା କାରଣରୁ ଟେନସନ୍ କମିଯିବ । ପରିବାରରେ ପୂର୍ବ ସମସ୍ୟା ସମାଧାନ ହେବାରେ ପଡୋଶୀ ମୁଖ୍ୟ ଭୂମିକା ଗ୍ରହଣ କରିବେ । ବନ୍ଧୁଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବାହେତୁ ସାମୟିକ ଖୁସି ହେବେ।

**ସିଂହ**
ରବିଙ୍କ ସମ୍ମୁଖରେ ବୁଧ ଯୋଗୁ ନିକଟସ୍ଥ ବ୍ୟକ୍ତି ସାହାଯ୍ୟ ସହଯୋଗ କରିପାରନ୍ତି। ଆର୍ଥିକ ଦିଗରୁ ଉପକୃତ ହୋଇ ସ୍ଥଗିତ କାମ ତ୍ୱରାନ୍ୱିତ କରିବେ। ପରିବାରରେ ପାରସ୍ପରିକ ସହଯୋଗ ଜୀବନକୁ ରସାଣିତ ଓ ମଧୁମୟ କରିବ। ସାମାଜିକ ସ୍ତରରେ ସାହିତ୍ୟ, କଳା, ସାମ୍ବାଦିକତା ତଥା ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**କନ୍ୟା**
ଚନ୍ଦ୍ରଙ୍କ ସହ ପ୍ରତ୍ୟେକ କେନ୍ଦ୍ରରେ ଗ୍ରହଥିବାରୁ ଦୁର୍ଲଭ ଯୋଗ ଆପଣଙ୍କ ସାମଗ୍ରିକ ଆଶା ପୂରଣରେ ସାହାଯ୍ୟ କରିବ। ଆତ୍ମୀୟଙ୍କ ସହଯୋଗ, ସମ୍ମାନ ପାଇ ଖୁସି ରହିବେ। ପାରିବାରିକ ସ୍ତରରେ ଅର୍ଥ କିମ୍ବା ଅଳଙ୍କାର ଦେବା ନେବାକୁ ନେଇ ଝଗଡା ସୃଷ୍ଟି ହୋଇପାରେ। ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ସୁଫଳ ପାଇବେ।

**ତୁଳା**
ମଙ୍ଗଳ ଓ ବୃହସ୍ପତି ଷଡାଷ୍ଟକ ସ୍ଥିତିରେ ରହିଥିବାରୁ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ସୃଷ୍ଟି ହେବ। ଆଜି ରାସ୍ତାରେ ଯିବା ସମୟରେ ନୂତନ ବନ୍ଧୁ ସମ୍ପର୍କ ସ୍ଥାପିତ ହୋଇପାରେ । ଜଣେ ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ। ଧର୍ମକାର୍ଯ୍ୟ କିମ୍ବା ସାଂସ୍କୃତିକ କାର୍ଯ୍ୟ ସକାଶେ ଉତ୍ସାହିତ ରହିବେ।

**ବିଛା**
ରାଶିକୁ ରାଶ୍ୟାଧିପ ମଙ୍ଗଳ ଦେଖୁଥିବାରୁ ସ୍ୱାସ୍ଥ୍ୟ ଭଲ ରହିବ। ରୋଗପୀଡା ଲାଘବ ହେବା କାରଣରୁ ଆନନ୍ଦ ଅନୁଭବ କରିବେ। ଯଥା ସମୟରେ ସବୁ କାମଗୁଡିକ ସମ୍ପନ୍ନ ହେବାରୁ ମନ ଏକ ପ୍ରକାର ଖୁସୀ ହୋଇଯିବ । ସାଧାରଣ କଥାକୁ କେନ୍ଦ୍ର କରି ଅପରାହ୍ନରେ ଟେନସନ୍ ବଢିପାରେ।

**ଧନୁ**
କେନ୍ଦ୍ରସ୍ଥ ଗୁରୁ ହେତୁ ପୂର୍ବ ପରିକଳ୍ପିତ ଯୋଜନାଟିକୁ କାର୍ଯ୍ୟକାରୀ କରିବାକୁ ମନ ବଳାଇ ପାରନ୍ତି। କିଛି ସମୟ ପୂର୍ବରୁ ଅପେକ୍ଷା କରିବାକୁ କହିଥିବା ବନ୍ଧୁଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ନ ପାଇ ବ୍ୟସ୍ତ ହେବେ। ବିବାଦୀୟ ଘଟଣାରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ବନ୍ଧୁଙ୍କ ସହ ନୂଆ ସ୍ଥାନ ଭ୍ରମଣ ସୁଯୋଗ ଜୁଟିବ।

**ମକର**
ଆଜି ସପ୍ତମ କେନ୍ଦ୍ରସ୍ଥ ଚନ୍ଦ୍ରଙ୍କ ଯୋଗୁ ଆଜି ଦିନରେ ସବୁଠି ଆଦର, ସମ୍ମାନ ପାଇବେ। ଆବଶ୍ୟକତା ପୂରଣ ସକାଶେ ଧାର କରଜ କରି କାମ ତୁଲାଇବେ। ସମ୍ପର୍କୀୟମାନେ ପ୍ରତ୍ୟେକ ସ୍ତରରେ ସାହାଯ୍ୟ କରିବେ। ତଥାପି ଅଶ୍ଳେଷାର କର୍ମକ୍ଷେତ୍ରରେ ଅଟକି ରହିଥିବା କାମଗୁଡିକ ସକାଶେ ବ୍ୟସ୍ତତା ବୃଦ୍ଧି ପାଇପାରେ।

**କୁମ୍ଭ**
କର୍ମସ୍ଥାନଟି କର୍ମାଧିପତିଙ୍କ ଦୃଷ୍ଟି ହେତୁ ସ୍ଥଗିତ କାର୍ଯ୍ୟକୁ ପୂର୍ଣ୍ଣାଙ୍ଗ କରିପାରିବେ। ନୂତନ ଜିନିଷ କ୍ରୟ କରିବା ସକାଶେ ମନ ବଳାଇ ପାରନ୍ତି। ପରିବାର ମଧ୍ୟରେ ଛୋଟ କଥାକୁ ଧରି ବସନ୍ତୁ ନାହିଁ। ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ , ଅନ୍ୟଥା ହରାଇବାକୁ ପଡିପାରେ।

**ମୀନ**
ଚତୁର୍ଥାଧିପ ଭାଗ୍ୟସ୍ଥ ହେତୁ ପରିବାରର ଅଶାନ୍ତ ପରିବେଶକୁ ସ୍ୱାଭାବିକ କରିବାରେ ବନ୍ଧୁମାନଙ୍କର ଭୂମିକା ଅବିସ୍ମରଣୀୟ ରହିବ । ବାଟରେ ବନ୍ଧୁଙ୍କୁ ଭେଟି ଆଗାମୀ କାଲିର ଯୋଜନା ପ୍ରସ୍ତୁତ କରି ପାରନ୍ତି। ବ୍ୟବସାୟରେ ଲାଭ ମିଳିବ ଏବଂ କୌଣସି ଅନ୍ୟ ଏକ ଉଦ୍ଦେଶ୍ୟରେ ସେହି ଟଙ୍କାକୁ ବିନିଯୋଗ କରିପାରନ୍ତି । ପରିବାର ଭିତରେ ବୁଝାମଣା ସମ୍ପର୍କରେ ଉନ୍ନତି ଘଟିବ।

ଆଜି ନଭେମ୍ବର ୧୬ ତାରିଖ, ବିଛା ସଂକ୍ରାନ୍ତି, ମାର୍ଗଶିର କୃଷ୍ଣପକ୍ଷର ପ୍ରଥମାଷ୍ଟମୀ ବୁଧବାର, ଶ୍ରୀଲିଙ୍ଗରାଜଦେବଙ୍କ ଯାତ୍ରା, ଜାତୀୟ ପ୍ରେସ୍ ଦିବସ, ରାଶିନକ୍ଷତ୍ର-ଅଶ୍ଳେଷା/କର୍କଟ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୫୯ମି. ଗତେ ଘ.୦୮.୧୨ମି. ମଧ୍ୟେ, ଘ.୧୦.୨୪ମି. ଗତେ ଘ.୧୧.୨୪ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧.୩୧ମି. ଗତେ ଘ.୧୨.୫୪ମି. ମଧ୍ୟେ ରାହୁକାଳ।

## କ୍ଲାଇମେଟ୍ ଚେଞ୍ଜ: ଦି ପାୱାର ଅଫ୍ ୟୁଥ୍

# ଘରୁ ଆରମ୍ଭ ହେଉ ପରିବେଶ ସୁରକ୍ଷା

ଜଳବାୟୁପରିବର୍ତ୍ତନ ସାରା ବିଶ୍ୱ ପାଇଁ ଆହ୍ୱାନ ସୃଷ୍ଟି କରିଥିବାବେଳେ ଯୁବପିଢ଼ି କିପରି ଏ ଦିଗରେ ସଚେତନ ହେବେ ସେଥିପାଇଁ 'ଧରିତ୍ରୀ' ଆୟୋଜନ କରୁଛି 'ଯୁବ ସମ୍ମିଳନୀ' ବା 'ୟୁଥ୍ କନ୍‌କ୍ଲେଭ୍-୨୦୨୨'। ନଭେମ୍ବର ୨୪ ତାରିଖ 'ଧରିତ୍ରୀ'ର ଜନ୍ମବାର୍ଷିକୀ ପାଳନ ଅବସରରେ ଆୟୋଜନ ହେବାକୁ ଥିବା ଏହି ଯୁବ ସମ୍ମିଳନୀରେ ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରାନ୍ତରରୁ ଯୁବ ପରିବେଶବିତ୍‌ମାନେ ଯୋଗଦେବେ। ଏଥିସହିତ ରାଜ୍ୟର ବହୁ ଶିକ୍ଷାନୁଷ୍ଠାନରୁ ଯୁବବକ୍ତା ଅଂଶଗ୍ରହଣ କରି ସେମାନଙ୍କ ସୁଚିନ୍ତିତ ମତାମତ ଦେବେ। ଯୁବ ପରିବେଶବିତ୍‌ଙ୍କ ସମ୍ପର୍କରେ...

### ନୀଳିମା ମିଶ୍ର



ଇଞ୍ଜିନିୟରିଂ ପାଠ ପଢ଼ି କ୍ୟାରିୟର ଆରମ୍ଭ କଲେ। କିନ୍ତୁ ପରିବେଶ ପ୍ରତି ରହିଥିଲା ବିଶେଷ ଦୁର୍ବଳତା। ତେଣୁ ଇଞ୍ଜିନିୟରିଂ ବୃତ୍ତି ଛାଡ଼ି ସେ ପରିବେଶ କ୍ଷେତ୍ରରେ ଉଚ୍ଚଶିକ୍ଷା କଲେ। ଏବେ ଯୁବ ପରିବେଶବିତ୍ ଭାବେ ସେ କେବଳ ଓଡ଼ିଶା ନୁହେଁ, ସାରା ବିଶ୍ୱରେ ପରିଚିତ। ସେ ହେଉଛନ୍ତି ବାଲିଅନ୍ତାର ଝିଅ ନୀଳିମା ମିଶ୍ର। ଜାମଶେଦପୁରରେ ଜନ୍ମଗ୍ରହଣ କରିଥିବା ନୀଳିମାଙ୍କ ଛୋଟ ବେଳରୁ ପରିବେଶ ପ୍ରତି ରହିଥିଲା ଦୁର୍ବଳତା। ଭୁବନେଶ୍ୱରରେ ଏକ ଘରୋଇ ଶିକ୍ଷାନୁଷ୍ଠାନରୁ ଇଞ୍ଜିନିୟରିଂ ଶେଷ କରିବା ପରେ ସେ ଦୀର୍ଘ ୪ବର୍ଷ ଏ ଦିଗରେ କାର୍ଯ୍ୟ କରିଥିଲେ। କିନ୍ତୁ ଉଚ୍ଚଶିକ୍ଷା କରିବାର ଇଚ୍ଛା ଏବଂ ପ୍ରାକୃତିକ ସମ୍ପଦ ଉପରେ ଦୁର୍ବଳତା ରହିଥିବାରୁ ଇଞ୍ଜିନିୟରିଂ ଛାଡ଼ିଦେଲେ। ଭୋପାଳସ୍ଥିତ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଫରେଷ୍ଟ ମ୍ୟାନେଜ୍‌ମେଣ୍ଟରୁ ଫରେଷ୍ଟ ମ୍ୟାନେଜମେଣ୍ଟରେ ଏମ୍‌ବିଏ କଲେ। ଚଳିତବର୍ଷ ସେ ବ୍ରିଟେନ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରୁ ଏନ୍‌ଭାଇରନ୍‌ମେଣ୍ଟାଲ ପଲିସିରେ ଏମ୍‌ଫିଲ ଶେଷ କରିଛନ୍ତି। ୨୦୧୯ରେ ହୋଇଥିବା କ୍ଲାଇମେଟ୍ ଫୋର୍ସ ଆର୍କଟିକ୍ ଏକ୍ସପେଡିଶନରେ ଅଂଶଗ୍ରହଣ କରି ଓଡ଼ିଶା ତଥା ଦେଶକୁ ଗୌରବାନ୍ୱିତ କରିଥିଲେ। ସାରା ବିଶ୍ୱରେ ଏହି ଆର୍କଟିକ୍‌ରେ ୮୦ଜଣ ଅଂଶଗ୍ରହଣ କରିଥିବାବେଳେ ସେ ଏକମାତ୍ର ଅଂଶଗ୍ରହଣକାରୀ ଭାବେ ଓଡ଼ିଶାରୁ ମନୋନୀତ ହୋଇଥିଲେ। ଏଥିପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ମିଳିଥିଲା ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ପ୍ରଶଂସା କରିଥିଲେ। ନୀଳିମା ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ରରେ ଗୁରୁତ୍ୱ ଦେଇଥାନ୍ତି। ନିଜ ବ୍ୟକ୍ତିଗତ ସାମର୍ଥ୍ୟରେ ସେ ସବୁବେଳେ ପରିବେଶ ସଚେତନତା ପ୍ରସାର ପାଇଁ କାର୍ଯ୍ୟ କରନ୍ତି। ଏପରିକି ସେ ବିଭିନ୍ନ କର୍ପୋରେଟ୍ ହାଉସ୍‌ରେ ମଧ୍ୟ ପରିବେଶ ସଚେତନତା ଦିଗରେ ଅଭିଭାଷଣ ଦେଇଛନ୍ତି। ସେ ନିଜ ଘରେ ଆବର୍ଜନାକୁ ପୃଥକ୍ କରି ରଖନ୍ତି, ବର୍ଜ୍ୟବସ୍ତୁକୁ ପୁନଃ ବ୍ୟବହାର କରନ୍ତି ଏବଂ ଘରେ କମ୍ପୋଷ୍ଟ ମଧ୍ୟ ପ୍ରସ୍ତୁତ କରନ୍ତି। ବର୍ଜ୍ୟବସ୍ତୁ ପୃଥକୀକରଣ, କମ୍ପୋଷ୍ଟ ତିଆରି କରିବା, ଲୋକମାନେ କିପରି ଏକକ ବ୍ୟବହାରଯୁକ୍ତ ପ୍ଲାଷ୍ଟିକ କମ୍ ବ୍ୟବହାର କରିବେ ସେ ଦିଗରେ କାର୍ଯ୍ୟ ଜାରି ରଖିଛନ୍ତି। 'ସିବା ଗ୍ରୀନ ସଲ୍ୟୁଶନ' ନାମରେ ଏକ ସଂସ୍ଥା ମାଧ୍ୟମରେ ସେ ବିଭିନ୍ନ କର୍ପୋରେଟ୍ ହାଉସ୍ ସମେତ ସ୍କୁଲ, କଲେଜ ଏବଂ ସ୍ଥାନୀୟ ଲୋକଙ୍କୁ ସଚେତନ କରାଉଛନ୍ତି। ନୀଳିମାଙ୍କ କହିବା ହେଲା ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ଏକ ବଡ଼ ଆହ୍ୱାନ। ସବୁ କ୍ଷେତ୍ରରେ ଆମେ ପରିବର୍ତ୍ତନ କରିପାରିବା ନାହିଁ। ତେବେ ଗୋଟେ ଜିନିଷରୁ ଆମେ ଘରୁ ଆରମ୍ଭ କରିପାରିବା। ତାହା ହେଉଛି ବର୍ଜ୍ୟବସ୍ତୁ। ଆମ ଘରେ ଯଦି ଓଦା ଏବଂ ଶୁଖିଲା ବର୍ଜ୍ୟବସ୍ତୁକୁ ଅଲଗା ଅଲଗା ରଖିବା ଏବଂ ଓଦା ବର୍ଜ୍ୟବସ୍ତୁକୁ ଖତ କରିପାରିବା, ତେବେ ଗ୍ରୀନ ହାଉସ୍ ଏମିଶନକୁ ହ୍ରାସ କରିପାରିବା। ଆମର ବର୍ଜ୍ୟବସ୍ତୁ ଯେପରି ମାଟିକୁ ନ ଯାଇ ତାକୁ କିପରି ପୁନଃବ୍ୟବହାର କରାଯାଇପାରିବ, ସେ ଦିଗରେ ଚିନ୍ତା କରିବା ଦରକାର। ଲୋକମାନେ ନିଜ ବର୍ଜ୍ୟବସ୍ତୁକୁ ପରିଚାଳନା କରିବା ପାଇଁ ଚାହୁଁ ନାହାନ୍ତି। କିନ୍ତୁ ସେହି ବର୍ଜ୍ୟବସ୍ତୁକୁ ଯଦି ସେମାନେ ପୁନଃବ୍ୟବହାର କରିପାରିବେ, ତାହା ସେମାନଙ୍କ ପାଇଁ ଏକ ସମ୍ବଳ ହୋଇପାରିବ। ଆମର ବିଭିନ୍ନ ସଚେତନତା କାର୍ଯ୍ୟକ୍ରମରେ ଲୋକେ ଏହାକୁ ଆଗ୍ରହ ପ୍ରକାଶ କରି ଖତ କିପରି ତିଆରି ହେବ ଜାଣିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି। ଆମେ ତାଙ୍କୁ ଶିଖାଉଛୁ। ଖୁବ୍‌ଶୀଘ୍ର ଆପାର୍ଟମେଣ୍ଟଗୁଡ଼ିକରୁ ଆମେ ଶୁଖିଲା ବର୍ଜ୍ୟବସ୍ତୁ ସଂଗ୍ରହ କରିବାର ଯୋଜନା ରଖିଛୁ ବୋଲି ନୀଳିମା କହିଛନ୍ତି।

# ସୁପ୍ରିମକୋର୍ଟ ନିର୍ଦ୍ଦେଶକୁ ଓକିଲ ସଂଘର ବେଖାତିର



ସଂଘ କାର୍ଯ୍ୟାଳୟ ସମ୍ମୁଖରେ ଆଇନଜୀବୀମାନେ।

## 'ମାଟି ପାଇଁ ସମୂହ ବଳିଦାନ ଦେବାକୁ ପ୍ରସ୍ତୁତ'

ସମ୍ବଲପୁର,୧୫।୧୧(ବ୍ୟୁରୋ)

ଲଢ଼େଇ ଜାରି ରହିବ। ହାରିବାର ଭୟ ମଧ୍ୟ ଆଉ ନାହିଁ। ମାଟି ମା' ପାଇଁ ସମୂହ ବଳିଦାନ ଦେବାକୁ ପ୍ରସ୍ତୁତ ଅଛୁ। ଏକସଙ୍ଗରେ ଜିଲାର ୧୬୦୦ ଆଇନଜୀବୀ ସେମାନଙ୍କ ଲାଇସେନ୍ସ ସରେଣ୍ଡର କରିବାକୁ ପଛଘୁଞ୍ଚା ଦେବେ ନାହିଁ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ନ ମାନି ପଶ୍ଚିମ ଓଡ଼ିଶା ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ଦେଇ ଆନ୍ଦୋଳନ ଚାଲୁ ରହିବ ବୋଲି ମଙ୍ଗଳବାର ଜିଲା ଓକିଲ ସଂଘ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ମତପ୍ରକାଶ ପାଇଥିଲା। ସଭାପତି ସୁରେଶ୍ୱର ମିଶ୍ରଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ଓକିଲ ସଂଘର ସଦସ୍ୟମାନେ ଉପସ୍ଥିତ ରହି ନିଜ ମତ ପ୍ରକାଶ କରିଥିଲେ। ଶେଷରେ ପ୍ରତି ବୁଧବାର ଆନ୍ଦୋଳନ ଚାଲୁରହିବ ବୋଲି ସର୍ବସମ୍ମତି କ୍ରମେ ମତ ପ୍ରକାଶ ପାଇଥିଲା। ଆନ୍ଦୋଳନ କରି କୋର୍ଟ କାର୍ଯ୍ୟ ବନ୍ଦ କଲେ ଲାଇସେନ୍ସ ରଦ୍ଦ କରିବାକୁ ସୁପ୍ରିମକୋର୍ଟ ତାଗିଦା କରିଛନ୍ତି। ଏହାକୁ ବେଖାତିର କରି ଜିଲା ଓକିଲ ସଂଘ ବନ୍ଦ ପାଳନ ଜାରି ରଖିବାକୁ ସ୍ଥିର କରିଛି।

ସଭାପତି ମିଶ୍ର ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ, ଜଣେ କନଷ୍ଟେବଲଙ୍କ ଗଣ୍ଡଗୋଳକୁ ନେଇ ହାଇକୋର୍ଟ ୮୬ଦିନ ପର୍ଯ୍ୟନ୍ତ ଅଚଳ ରହିଥିଲା। ସେ ସମୟରେ ସୁପ୍ରିମକୋର୍ଟ କାହିଁକି ନୀରବ ରହିଥିଲେ। ଏବେ ପଶ୍ଚିମ ଓଡ଼ିଶା ହାଇକୋର୍ଟ ସ୍ଥାୟୀ ବେଞ୍ଚ ନେଇ ଆନ୍ଦୋଳନ ସମୟରେ ମୁହଁ ଖୋଲୁଛନ୍ତି। ଆନ୍ଦୋଳନ ଭଣ୍ଡୁର କରିବାକୁ ଚକ୍ରାନ୍ତ କରାଯାଉଛି। ଏଥିରେ କେହି ସଫଳ ହେବେନାହିଁ। ଏବେ ଏହା ଜନ ଆନ୍ଦୋଳନରେ ପରିଣତ ହୋଇସାରିଛି। ବାସ୍ତବରେ କେତେଜଣ ନିର୍ଦ୍ଦିଷ୍ଟ ବ୍ୟକ୍ତି ନିଜର ବ୍ୟକ୍ତିଗତ ସ୍ୱାର୍ଥପାଇଁ ଏଭଳି କରୁଛନ୍ତି। ସରକାର ବିଳମ୍ବ ନ କରି ଶୀଘ୍ର ପଦକ୍ଷେପ ଗ୍ରହଣ କରନ୍ତୁ। ନ ହେଲେ ଆନ୍ଦୋଳନ ଥମିବାର ପ୍ରଶ୍ନ ଉଠୁନାହିଁ ବୋଲି ସେ କହିଥିଲେ। ବୈଠକ ପରେ ଓକିଲ ସଂଘ କର୍ମକର୍ତ୍ତା ବାଣ ଫୁଟାଇ ଉତ୍ସାହିତ ହୋଇଥିଲେ। ସୂଚନାଯୋଗ୍ୟ, ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ସହମତିରେ ସମ୍ବଲପୁର ଜିଲା ଓକିଲ ସଂଘ ଆନ୍ଦୋଳନକୁ ଓହ୍ଲାଇଛି। ନଭେମ୍ବର ପହିଲାରୁ ପ୍ରତି ବୁଧବାର ରାଜ୍ୟ ସରକାରଙ୍କ ସମସ୍ତ କାର୍ଯ୍ୟାଳୟ, କୋର୍ଟ, ରାଜସ୍ୱ ଅଫିସ ଆଗରେ ପିକେଟିଂ କରୁଛନ୍ତି।

## ବନ୍ଧା ବସ୍ତାରୁ ଗୁରୁତର ମହିଳା ଉଦ୍ଧାର

ଗୁଡାରୀ,୧୫।୧୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଡାରୀ ବ୍ଲକ୍ ସାନହୁମା ପଞ୍ଚାୟତର କିନିଡ଼ି ଗ୍ରାମ ନିକଟ କପାବାଡ଼ରୁ ବନ୍ଧା ହୋଇଥିବା ବସ୍ତାରୁ ଜଣେ ମହିଳାଙ୍କୁ ଗୁରୁତର ଅବସ୍ଥାରେ ମଙ୍ଗଳବାର ଉଦ୍ଧାର କରାଯାଇଛି। ସେ ହେଲେ କିନିଡ଼ି ଗ୍ରାମର ମାୟାଦେବୀ ପାଣିଗ୍ରାହୀ(୫୧)। କୌଣସି ବ୍ୟକ୍ତିଙ୍କ ଠାରୁ ଖବର ପାଇ ୧୦୮ ଆମ୍ବୁଲାନ୍ସ ପହଞ୍ଚି ମହିଳାଙ୍କୁ କପାବାଡ଼ରୁ ଉଦ୍ଧାର କରି ଗୁଡାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରୁ ଗୁଣପୁର ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏ ବିଷୟରେ ମାୟାଦେବୀଙ୍କ ମା' ଗଙ୍ଗଦେବୀ ପାଣିଗ୍ରାହୀ ଗୁଡାରୀ ଥାନାରେ ଏତଲା ଦେଇଛନ୍ତି।

## କମ୍ପାନୀ କର୍ମଚାରୀଙ୍କଠୁ ୫ ଲକ୍ଷ ଲୁଟ୍

ରାଉରକେଲା ଅଫିସ,୧୫।୧୧

ରାଉରକେଲା ସହରରେ ଦିନକୁ ଦିନ ଲୁଟତରାଜ ବଢ଼ିବାରେ ଲାଗିଛି। ଗତ ସୋମବାର ଆରଏମ୍‌ସି ନିକଟସ୍ଥ ରିଂରୋଡ୍‌ରେ ଜଣେ ବ୍ୟବସାୟୀଙ୍କଠାରୁ ୧୪ଲକ୍ଷ ଟଙ୍କା ଲୁଟ୍ ହେବାର ୨୪ ଘଣ୍ଟା ନ ବିତୁଣୁ ମଙ୍ଗଳବାର ଦିନ ସାଢ଼େ ୧୨ଟାରେ ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ରାଉରକେଲା ରିଂରୋଡ ସାତତାଲା ସମ୍ମୁଖରେ ପୁଣି ଲୁଟ୍ ହୋଇଛି। ଶିବାନୀ ମେଟାଲ ଇଣ୍ଡଷ୍ଟ୍ରିର ହିସାବରକ୍ଷକ କର୍ମଚାରୀମାନଙ୍କ ଦରମା ଟଙ୍କା ବ୍ୟାଙ୍କରୁ ଉଠାଇ ଯାଉଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କଠାରୁ ଉକ୍ତ ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ପ୍ଲାଣ୍ଟସାଇଟ୍ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୪୫୫।୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ପୋଲିସ ସୂଚନା ଅନୁସାରେ, ବନ୍ଧମୁଣ୍ଡା ଗୁଣ୍ଡିଚାପାଲି ବସ୍ତିର ପ୍ରଦୀପ ଛେଲ(୩୩) ଆଇଡିସି କଲୁଙ୍ଗା ଅଞ୍ଚଳରେ ଥିବା ଶିବାନୀ ମେଟାଲ ଇଣ୍ଡଷ୍ଟ୍ରିରେ ହିସାବରକ୍ଷକ ଭାବେ କାମ କରନ୍ତି। ସେ ଚଳିତ ମାସରେ ଇଣ୍ଡଷ୍ଟ୍ରିର କର୍ମଚାରୀମାନଙ୍କ ଦରମା ପ୍ରଦାନ ପାଇଁ ରାଉରକେଲା ବିଶ୍ରା ରୋଡ ଅଞ୍ଚଳରେ ଥିବା ଏଚ୍‌ଡିଏଫ୍‌ସି ବ୍ୟାଙ୍କରୁ ୫ଲକ୍ଷ ଟଙ୍କା ଉଠାଇଥିଲେ। ପ୍ରଦୀପ ତାଙ୍କ ବାଇକ୍‌ରେ ଉକ୍ତ ଟଙ୍କାକୁ ନେଇ କୁଲୁଙ୍ଗା ସ୍ଥିତ ଆଇଡିସି ଫାକ୍ଟ୍ରି ଯିବାବେଳେ ଦୁଇଜଣ ଦୁର୍ବୃତ୍ତ ଏକ କଳାପଲସରରେ ଆସି ରାଉରକେଲା ରିଂରୋଡ୍ ସାତ ତାଲା ସମ୍ମୁଖରେ ତାଙ୍କ ଟଙ୍କା ବ୍ୟାଗକୁ ଛଡାଇ ନେଇ ଫେରାର ହୋଇଯାଇଥିଲେ। ଏହାପରେ ପ୍ରଦୀପ ଶିବାନୀ ମେଟାଲ ଇଣ୍ଡଷ୍ଟ୍ରିର ମାଲିକ ସଞ୍ଜୟ ଜସୱାଲଙ୍କ ସହ ପ୍ଲାଣ୍ଟସାଇଟ୍ ଥାନାରେ ଲିଖିତ ଅଭିଯୋଗ କରିଥିଲେ।


**ODISHA JOINT ENTRANCE EXAMINATION-2022 (OJEE - 2022)**

**NOTICE REGARDING REGISTRATION FOR B. PHARM AND M. PHARM COURSES**

No.OJEE/558 Date:14.11.2022

**No.h-15:** It is for the information of all the candidates who have qualified in OJEE-2022/NEET-2022/JEEMAIN-2022 examinations and are interested to take admission into B.PHARM/M.PHARM courses offered by various accredited institutes in Odisha for the session 2022-23, that the process of registration is scheduled to start from 15th November 2022, 5.00 PM. Candidates are advised to visit OJEE websites (www.ojee.nic.in / www.odishajee.com) and carefully read the "Counselling Brochure - 2022". The detailed schedule of choice filling and subsequent round-wise counselling process shall be notified later.

OIPR-14020/11/0026/2223 Sd./- CHAIRMAN, OJEE, Odisha

**P.G. CENTRAL OFFICE FAKIR MOHAN UNIVERSITY**

VYASA VIHAR, NUAPADHI, BALASORE,ODISHA-756089

**ADMISSION NOTICE 2022-2023**

No: FMU/PGC-I -01/2022/2187 Date: 15.11.2022

Fakir Mohan University, Balasore is inviting **CPET-2022** appeared students interested for admission in following Post Graduate Programmes for the session 2022-23 against the vacant seats in the subject mentioned below, following the guidelines of Department of Higher Education, Govt. of Odisha vide its letter No. 45064/HE, dated 29.10.2022.

- Environmental Sci.
- Applied Microbiology
- Anthropology
- PMIR
- Education
- Population Studies
- Urdu
- Sanskrit
- Applied Psychology
- MSW
- Commerce
- LLM
- Journalism & Mass Communication
- Library & Information Science
- Geography
- Biotechnology
- Sociology
- Economic
- English
- History

The CPET- 2022 appeared students are required to report to the Head of the concerned P.G. Departments with following documents for admission on **18th, 19th & 21st November 2022**, between at **10.00 A.M. to 4.00 P.M.** on the basis of first come first service till all vacancy seats are filled up.

1. Print out of the Common Application Form (CAF) .
2. All originals & Xerox copy of Certificates from H.S.C. to qualifying Examination.
3. All originals & Xerox copy of Marksheets from H.S.C. to qualifying Examination
4. College Leaving Certificate in Original.
5. Original Certificate relating to Reserve Category.
6. Eight copies of recent passport size Photograph.
7. Aadhar Card & Blood Group Report (Xerox copy)
8. Migration Certificate in Original.
9. Course Fee as uploaded on the F.M. University website: **www.fmuniversity.nic. in** in the form of Bank Draft/ Bank Challan/through Online to be deposited on the same day of report on **18th, 19th & 21st November 2022.**

Further, students interested to take admission in **5 year Integrated BA-LLB/BBA-LLB**, apply within **30.11.2022.**

By the Order of Vice Chancellor
Chairman, P.G. Council
Fakir Mohan University, Balasore-756089, Odisha

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ନିଯୁକ୍ତି**
ଓଡ଼ିଶାର ଏକ ସୁନାମଧନ୍ୟ My Shop Company ସବୁ ଜିଲ୍ଲାରୁ ପୁଅ, ଝିଅ ଆବଶ୍ୟକ କରୁଛି । (ଯୋଗ୍ୟତା ୮ମରୁ +୩ ପର୍ଯ୍ୟନ୍ତ) । ଅଭିଜ୍ଞତା ଥିବା ମାର୍କେଟିଙ୍ଗ ଟ୍ରେନର ଆବଶ୍ୟକ । ଦରମା: 7000 to 25000.
Address: ସାମନ୍ତରାପୁର, ମାରୁତି ନଗର, ଭୁବନେଶ୍ୱର
Ph:9040339519, 9348879126

**WANTED**
Lady Office Assistant for Office Work, At-Phulnakhara, Cuttack, Free Fooding + Free Room + 10,000/-.
8249851363

**REQUIRED**
We require Computer knowing person for our Surgical and Medicine wholeselling outlets **having knowledge of Tally and Accounting**. Preference will be given to experienced person in the relevant field.
We require Salesman/Office Boy for our firm. (Freshers can also apply)
Salary Negotiable for Right Candidate
Contact/Whatsapp 7338439548
OM SURGICAL AND CHEMICALS
Bapuji Nagar and Ashok Nagar

**REQUIRED**
Need experienced Civil Engineer having experience of Client/Govt. billing for a reputed construction company based in Sambalpur,
Contact:S M Ventures
Mo.- 97703-03683
E-mail:smventures.cg@gmail.com

**GREEN TRENDS UNISEX SALOON**
PATRAPADA
STAFF REQUIREMENT
Hair and beauty (Male/Female)
Makeup & beauty (Female)
9078426667,7325932612

**ELECTRICIAN WANTED**
Electricians and plumbers for interior company, Bangalore, minimum one year experience, Excellent salary, motorcycle and benefits, Call Rakesh
7760923260

**WANTED**
**CA Firm Audit experienced Staffs** including **CA inter** partly or fully qualified, qualified **CA/ICWA** for **Mumbai Office** of Odisha based leading CA firm at attractive terms. Apply to : **bhagi1982@yahoo.co.in** with full resume immediately.

**JOB VACANCY**
Applications are invited from interested eligible candidates between 21 yrs to 65 yrs for Techno Managerial posts **(Pharmacist, Staff Nurse, Radiographer, Technicians for Laboratory, ECG, Audiometry and Dental, Asst. Librarian, Store Keeper cum Record Clerk/Computer Operator, DEO, Medical Record Keeper, PSA Plant Operator, Fire Safety Assistant etc.)** under DMF to be deployed at **GMCH, Keonjhar** and other health institutions of Keonjhar Dist. on outsourcing basis. The candidates may upload their applications with Bio-Data, pass port size photo, all academic certificates and mark sheets, Experience certificate if any, Aadhar card in a single PDF format in our website www.lkservices.in and follow the link career or submit a hard copy in the address given below by 21.11.2022. Preference will be given to existing experienced candidates with satisfactory performance.
**L & K Services**
Plot No-17, Rajarani Colony,Tankapani Road, Bhubaneswar-751014
Mail id - hr.lkservices@gmail.com, Mob-7978753498

**नालको NALCO**
National Aluminium Company Limited
(A Government of India Enterprise)
Nalco Bhawan, Nayapalli, Bhubaneswar - 751 013, Odisha
CIN : L27203OR1981GOI000920
A NAVRATNA COMPANY

**NEEDS EXECUTIVES IN VARIOUS DISCIPLINES**

**National Aluminium Company Limited (NALCO)**, a Leading Navratna PSU is the largest integrated Alumina-Aluminium complex of Asia having state of art technology with its Corporate Office at Bhubaneswar, Odisha.

NALCO is looking for committed, promising and result oriented professionals in the following grades of various disciplines for its production units / offices in different locations.

| Discipline | Name of the Post / Grade | No. of Posts |
|---|---|---|
| H&A | Dy. Manager (HRD) /E02 | 10 |
| Environment | Asst.General Manager(Environment)/E05 | 1 |
| Mechanical-Maintenance | Asst.General Manager (Mechanical) / E05 | 1 |
| Despatch | Asst.General Manager (Despatch) /E05 | 1 |
| Electronics & Instrumentation | Asst.General Manager (E&I) / E05 | 1 |
| Refractory | Dy. Manager(Refractory)/ E02 | 3 |
| Finance | Dy. Manager( Finance) /E02 | 4 |
| Safety | Dy. Manager(Safety) /E02 | 3 |
| | Asst. General Manager( Safety ) /E05 | 1 |
| Systems | Dy.Manager (Systems)/ E02 | 1 |
| Geology | Dy. Manager (Geology) /E02 | 1 |
| | Asst.General Manager (Geology)/ E05 | 1 |
| Survey | Dy. Manager (Survey)/E02 | 1 |
| Materials | Dy. Manager (Materials)/ E02 | 6 |
| Horticulture | Dy. Manager(Horticulture)/ E02 | 4 |

**Important Dates :**

| | |
|---|---|
| Opening of online Submission of application | 11/11/2022 |
| Last date of Submission of online application | 10/12/2022 |

The interested candidates may visit the **Career Section** of company's website **www.nalcoindia.com** for further details and apply online.
**Advt. No.10220914, Dt. 03/11/2022**

**NATIONAL PROJECTS CONSTRUCTION CORPORATION LIMITED**
(A Govt. of India Enterprise)
NPCC SOUTH EASTERN ZONE, BHUBANESWAR
Plot No.: HIG/166, Sailashree Vihar, Bhubaneswar-751021
Ph.: 0674-3510414, Email-ID: npccbbsr@gmail.com
**WALK-IN-INTERVIEW**
Advt. No: SEZ/Contract Basis/1014 Dated :15.11.2022
NPCC Ltd. a schedule "B" Premier Central Public Sector Enterprise, Miniratna, Category-1 Company invites applications for the post of Site Engineer (Civil) & (Electrical) on Contract basis.
For details, please visit our Website : **www.npcc.gov.in**
Zonal Manager

**WANTED**
ଧରିତ୍ରୀ DHARITRI Oriya daily
is looking for
**CIRCULATION MANAGERS**
**Roles and Responsibilities:-**
- Lead market related needs of the company - Distributor and Agents.
- Competitive tracking and analysis to identify and pursue sales targets.
- Achieve sales targets to drive circulation.

**Requirements:-**
- 3 years frontline sales experience in print media.

Apply immediately to :
recruitment@dharitri.com
Attractive salary commensurate with experience

**STEEL AUTHORITY OF INDIA LIMITED**
Rourkela Steel Plant
Rourkela - 769 011, Odisha, India
Advt. No.: 03/2022 Date: 14/11/2022

Rourkela Steel Plant (RSP), a unit of Steel Authority of India Limited (SAIL) - a Maharatna Public Sector Enterprise and the leading steel-making company in India, invites applications from eligible candidates for the following posts:

| Post | Vacancy | Maximum Age as on 14/12/2022 |
|---|---|---|
| Manager (Boiler Operation) (E-3) | 09 | 37 years |
| Manager (Projects) (E-3) | 04 | 35 years |
| Manager (Automation) (E-3) | 04 | 35 years |

For full details of the advertisement regarding qualification, experience, reservation & relaxation, application & processing fee etc. please visit Company's website www.sail.co.in at the link "Careers" or www.sailcareers.com.

- Closing Date of receiving of applications through Registered Post / Speed Post / Courier is 14/12/2022.

DGM (PL) Rectt. & Gen.

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
There's a little bit of SAIL in everybody's life

# ସଚେତନ ହେଲେ ସୁରକ୍ଷିତ

୨୦୧୬ ନଭେମ୍ବରରେ ବିମୁଦ୍ରୀକରଣ ପରେ ଭାରତରେ ସରକାରଙ୍କ ତରଫରୁ ଡିଜିଟାଲ ଆର୍ଥିକ କାରବାର ପାଇଁ ପ୍ରବଳ ଚାପ ପକାଯାଉଛି। କୁହାଯାଉଛି ଯେ, ସବୁ ନେଣଦେଣ ଯଦି ଡିଜିଟାଲ ହୋଇଯିବ ତେବେ କଳାଧନ ଅର୍ଜନର ଉପାୟ ଶେଷ ନ ହେଲେ ମଧ୍ୟ ସୀମିତ ରହିବ। ଆଜିର ସ୍ଥିତିକୁ ଦେଖିଲେ ଏହିଭଳି ଧାରଣା ଅତ୍ୟନ୍ତ ଭ୍ରମାତ୍ମକ ବୋଲି କୁହାଯାଇପାରେ। ପ୍ରାରମ୍ଭିକ ସ୍ତରରେ ଏବଂ ସୀମିତ ଭାବେ ଡିଜିଟାଲ ଅର୍ଥନୀତି ଅତ୍ୟନ୍ତ ସୁବିଧା ଏବଂ ସ୍ୱଚ୍ଛଳ ବୋଲି ମନେହେଉଛି। କିନ୍ତୁ ଆମେରିକା ଭଳି ଦେଶକୁ ଦେଖିଲେ ଏହି ଧାରଣା ଭ୍ରାନ୍ତ ବୋଲି ମଧ୍ୟ କୁହାଯାଇପାରେ।

ନିକଟରେ, ଅର୍ଥାତ୍ ଚଳିତ ନଭେମ୍ବର ୧୦ ତାରିଖରେ, ଆମେରିକାର ଏଫ୍‌ଟିଏକ୍ସ କ୍ରିପ୍ଟୋ କମ୍ପାନୀ ତତ୍‌କ୍ଷଣାତ୍ ଭୁଶୁଡ଼ି ପଡ଼ିଯିବା ସମସ୍ତଙ୍କ ଦୃଷ୍ଟିକୁ ଆସିଛି। ଡିଜିଟାଲ ଅର୍ଥନୀତିର ସ୍ୱାଭାବିକ ବିବର୍ତ୍ତନରେ କ୍ରିପ୍ଟୋ ଅର୍ଥନୀତି ଅନିବାର୍ଯ୍ୟ। ଏହି ଅର୍ଥନୈତିକ ବ୍ୟବସ୍ଥାକୁ କେଉଁଭଳି ଏବେ ମୋଡ଼ି ବିରାଟକାୟ ସ୍କାମ୍ ଘଟାଯାଇପାରେ ତାହା ଏଫ୍‌ଟିଏକ୍ସର ବଡ଼ ପତନରୁ ସ୍ପଷ୍ଟ ବୁଝାପଡୁଛି। କ୍ରିପ୍ଟୋ କମ୍ପାନୀର ମାଲିକ ୩୦ ବର୍ଷୀୟ ସାମ୍ ବ୍ୟାଙ୍କମ୍ୟାନ୍ ଫ୍ରେଏଡ୍ ତାଙ୍କର ଏକ ସହଯୋଗୀ କମ୍ପାନୀ ଆଲ୍‌ମେଡା ରିସର୍ଚ୍ଚକୁ କ୍ଷତିରୁ ଉଦ୍ଧାର କରିବା ପାଇଁ ୧୦ ବିଲିୟନ ଡଲାର ଏଫ୍‌ଟିଏକ୍ସରୁ କାଢ଼ିନେଲେ। ଏହି ଅର୍ଥ ବ୍ୟାଙ୍କମ୍ୟାନ୍ ଫ୍ରେଏଡ୍‌ଙ୍କର ନ ଥିଲା। ସଫ୍ଟବ୍ୟାଙ୍କ ଏବଂ ସିଙ୍ଗାପୁରର ଟିମାସେକ୍ ଭଳି ପୃଥିବୀର ବଡ଼ କମ୍ପାନୀଗୁଡ଼ିକ ଏଫ୍‌ଟିଏକ୍ସରେ ଲଗାଇଥିବା ଅର୍ଥକୁ ବାଟମାରଣା କରିଦିଆଯାଇଥିଲା। ଏହି ବିଷୟ ଯେତେବେଳେ ପଦାକୁ ଆସିଲା ଜମାକାରୀମାନେ ଭୟଭୀତ ହୋଇ ନିଜ ଅର୍ଥ ଉଠାଣ ଆରମ୍ଭ କଲେ। ଜମାକାରୀମାନଙ୍କୁ ବାଉଳା କରିବା ପାଇଁ ଏଫ୍‌ଟିଏକ୍ସ ତରଫରୁ ଅନେକ ଟୁଇଟ୍ ମାଧ୍ୟମରେ ଆଶ୍ୱାସନା ଦେବାର ଉଦ୍ୟମ ହେଲା, ଯେଉଁଥିରେ କୁହାଗଲା ଯେ ପରିସ୍ଥିତିକୁ ଭୟ କରିବାର କାରଣ ନାହିଁ; ଯେହେତୁ ଏଫ୍‌ଟିଏକ୍ସର ଅନ୍ୟ କ୍ରିପ୍ଟୋ ସଂସ୍ଥା ବିଟ୍‌କଏନ ଏବଂ ଇଥିରିୟମ୍ ପାଖରେ ଅର୍ଥ ଲଗାଣ ହୋଇଛି। ଏଫ୍‌ଟିଏକ୍ସ ମାଲିକଙ୍କର ଦୁଷ୍ଟ ଚିନ୍ତା ଧରାପଡ଼ିଲା ଯେତେବେଳେ ଅନ୍ୟ ଏକ ବଡ଼ କମ୍ପାନୀ ବାଇନାନ୍ସ ଘୋଷଣା କଲା ଯେ ଏଫ୍‌ଟିଏକ୍ସକୁ କିଣିବାର ଉଦ୍ୟମରୁ ବାଇନାନ୍ସର ବୋର୍ଡ ନିଜକୁ ଦୂରେଇ ନେଇଛି। କାରଣ ଭାବେ ଦର୍ଶାଗଲା ଯେ ଏଫ୍‌ଟିଏକ୍ସର ଆଭ୍ୟନ୍ତରୀଣ ହିସାବ ଖାତାରେ ବୃହତ୍ କାରସାଦି ହୋଇଛି। ଏହି ଖବର ନଭେମ୍ବର ୬ ତାରିଖରେ ପ୍ରକାଶ ପାଇବା ମାତ୍ରକେ କ୍ରିପ୍ଟୋ ବଜାରରେ ନିଆଁ ଲାଗିଗଲା। ନଭେମ୍ବର ୧୧ ତାରିଖରେ ବାଧହୋଇ ଏଫ୍‌ଟିଏକ୍ସ ମାଲିକ ଦେବାଳିଆ ଆଇନର ଶରଣ ପଶିଲେ। ଏହି କାହାଣୀରେ ଆହୁରି ଅନେକ ଛୋଟବଡ଼ ତଥ୍ୟ ରହିଛି, ଯାହାକୁ ଏଠାରେ ଉଲ୍ଲେଖ କରିବାର ପ୍ରୟୋଜନ ନାହିଁ।

> **ଆସନ୍ତା କେତୋଟି ବର୍ଷ ମଧ୍ୟରେ ଯେତେବେଳେ ଏହି ଡିଜିଟାଲ ଅର୍ଥନୀତି ବୁଡ଼ିବ ସେତେବେଳେ ଆଜିର ବାବୁଆଣୀ ବାବୁମାନଙ୍କର ଦର୍ଶନ ମିଳିବ ନାହିଁ। ସବୁ ଶାର୍କଟ୍ୟାଙ୍କ୍‌କୁ ତିମିମାଛ ଖାଇଯିବ। ସେଥିପାଇଁ ଅନ୍ୟ କାହା ଉପରେ ଭରସା ରଖିବା ପରିବର୍ତ୍ତେ ଜନସାଧାରଣ ନିଜ ଅର୍ଥ ସମ୍ପର୍କରେ ନିଜେ ସଚେତନ ରହିପାରିଲେ ସୁରକ୍ଷିତ ରହିବେ।**

ଭାରତ ପରିପ୍ରେକ୍ଷୀରେ ଏଫ୍‌ଟିଏକ୍ସ ଭଳି ସ୍କାମ୍ ଘଟିଲେ ସମଗ୍ର ଦେଶର ଅର୍ଥନୀତି ଭାଙ୍ଗିପଡ଼ିବ। ଓଡ଼ିଶାର ଜନସାଧାରଣ ଚିଟ୍‌ଫଣ୍ଡ ସ୍କାମ୍‌କୁ ଦେଖିଛନ୍ତି। ରାତାରାତି ଧନୀ ହେବା ସ୍ୱପ୍ନର ଲାଭ ଉଠାଇ ଅନେକ ରାଜନୈତିକ ବ୍ୟକ୍ତି, କେତେକ ଗଣମାଧ୍ୟମ ମାଲିକଙ୍କ ସମେତ ସିନେ ତାରକା ମଧ୍ୟ ବିଭିନ୍ନ ଚିଟ୍‌ଫଣ୍ଡ ସଂସ୍ଥାକୁ ସମର୍ଥନ ଜଣାଇ ଲୋକଙ୍କ ବିଶ୍ୱାସ ବୃଦ୍ଧି କରାଇଥିଲେ। ମନେପଡ଼େ ଏକ ବଡ଼ ଚିଟ୍‌ଫଣ୍ଡ କମ୍ପାନୀ ଭୁବନେଶ୍ୱରରେ କାତ୍ରିନା କୈଫ୍‌ଙ୍କ ଭଳି ଦାମୀ ତାରକାଙ୍କୁ ଆଣି ନଚାଇ ଦେଇଥିଲେ। କିନ୍ତୁ ଶେଷରେ ପରିଣାମ କିପରି ଭୟାବହ ହେଲା ତାହା ସମସ୍ତେ ଦେଖିଲେ। ଏବେ ସେହିଭଳି ନାଗରିକଙ୍କୁ ସୁବିଧା ଯୋଗାଇଦେବା ଆଳରେ ଡିଜିଟାଲ ଅର୍ଥନୀତିକୁ ସବୁଆଡ଼େ ଗେଞ୍ଜାଯାଉଛି। ସରକାରଙ୍କ ସର୍ବୋଚ୍ଚ ଅଧିକାରୀଙ୍କଠାରୁ ଆରମ୍ଭ କରି ରିଜର୍ଭ ବ୍ୟାଙ୍କର ଉପରିସ୍ଥ କର୍ମକର୍ତ୍ତାଙ୍କ ସମେତ ବୟୋଜ୍ୟେଷ୍ଠ ସିନେ ତାରକାଙ୍କୁ ନେଇ ଡିଜିଟାଲ ଅର୍ଥନୀତିର ପ୍ରଚାର କରାଯାଉଛି। ମନେରଖିବାକୁ ହେବ ଯେ, ଏହିସବୁ ବ୍ୟକ୍ତି ପଦବୀରେ କ୍ଷଣସ୍ଥାୟୀ। ବିପୁଳ ଅର୍ଥ ପାଇବା ପରେ ସେମାନେ ଏଭଳି ପ୍ରଚାର କାର୍ଯ୍ୟ କରୁଛନ୍ତି। ଆସନ୍ତା କେତୋଟି ବର୍ଷ ମଧ୍ୟରେ ଯେତେବେଳେ ଏହି ଡିଜିଟାଲ ଅର୍ଥନୀତି ବୁଡ଼ିବ ସେତେବେଳେ ଆଜିର ବାବୁଆଣୀ ବାବୁମାନଙ୍କର ଦର୍ଶନ ମିଳିବ ନାହିଁ। ସବୁ ଶାର୍କଟ୍ୟାଙ୍କ୍‌କୁ ତିମିମାଛ ଖାଇଯିବ। ସେଥିପାଇଁ ଅନ୍ୟ କାହା ଉପରେ ଭରସା ରଖିବା ପରିବର୍ତ୍ତେ ଜନସାଧାରଣ ନିଜ ଅର୍ଥ ସମ୍ପର୍କରେ ନିଜେ ସଚେତନ ରହିପାରିଲେ ସୁରକ୍ଷିତ ରହିବେ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 4 | | | 3 | 8 | |
| 7 | | 3 | | 5 | 6 | | | |
| | 6 | 4 | | 9 | | | | |
| | | | | 1 | | | | |
| | | | | 3 | | | 1 | 2 |
| 2 | | 1 | 9 | | | | 5 | |
| | | | | | | | | 8 |
| | | 5 | | | 2 | | | 4 |
| | 3 | 6 | | | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 4 | 1 | 2 | 9 | 3 | 6 | 8 | 7 |
| 8 | 9 | 2 | 4 | 6 | 7 | 1 | 3 | 5 |
| 3 | 7 | 6 | 8 | 5 | 1 | 4 | 9 | 2 |
| 9 | 1 | 8 | 7 | 4 | 2 | 3 | 5 | 6 |
| 4 | 5 | 3 | 9 | 1 | 6 | 7 | 2 | 8 |
| 6 | 2 | 7 | 5 | 3 | 8 | 9 | 4 | 1 |
| 7 | 3 | 5 | 6 | 2 | 9 | 8 | 1 | 4 |
| 1 | 8 | 4 | 3 | 7 | 5 | 2 | 6 | 9 |
| 2 | 6 | 9 | 1 | 8 | 4 | 5 | 7 | 3 |

ଗତକାଲିର ଉତ୍ତର

# ରାଜ୍ୟରେ ଜଳସେଚନ ଓ ଶିଳ୍ପ ଉନ୍ନୟନ



ଇଂ. ହାଡ଼ିବନ୍ଧୁ ଖଣ୍ଡୁଆଳ

ବିଧାନସଭାରେ ୨୮।୦୩।୨୦୨୨ରେ ରାଜ୍ୟ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ପ୍ରକାଶ କଲେ ଯେ, ରାଜ୍ୟର ଋଣଭାର ୧,୦୪,୩୧୨ କୋଟି ଟଙ୍କା ହେଲାଣି। ଯାହାଦ୍ୱାରା ରାଜ୍ୟରେ ମୁଣ୍ଡପିଛା ଋଣଭାର ୨୨,୮୨୭ ଟଙ୍କା। ରାଜ୍ୟର ସଂଖ୍ୟାଧିକ ଜନତାଙ୍କ ଉନ୍ନତି ସାଧନ କରୁଥିବା ଆୟକାରୀ ଯୋଜନା ପାଇଁ ଋଣ କରିବା ବାଞ୍ଛନୀୟ। କିନ୍ତୁ ଋଣବୋଝ ବଢ଼ାଇ, ଅଣ ଆୟକାରୀ ଯୋଜନାରେ ଅର୍ଥ ଖଟାଇ ମୁଷ୍ଟିମେୟ ଜନତାଙ୍କୁ ଆକୃଷ୍ଟ କରିବା ଚିନ୍ତାର କାରଣ। ଏ ବିଷୟରେ ଗୋଟିଏ ଗପ ମନେପଡ଼େ। ଗୋଟିଏ ଗ୍ରାମରେ ମା'ଟିଏ ନିଜର ଭେଣ୍ଡିଆ ପୁଅ ସହ ରହୁଥାନ୍ତି। ପୁଅଟି ମାନସିକ ଅନଗ୍ରସର ଓ କେବଳ ଘାସ କାଟି, ବିକ୍ରି କରି ଘର ଚଳାଏ। ତାଙ୍କ ଘରେ ଥିବା ଏକ ମାଈ ଗଧ(ଗଧୁଣୀ)ଟିକୁ ଘାସ ବୋହିବାରେ ଲଗାଏ। ଗଧୁଣୀଟି ଗର୍ଭଧାରଣ କରିବା ଦେଖି ମା' ପୁଅକୁ ଉପଦେଶ ଦେଇ କହିଲେ –ଗର୍ଭିଣୀ ଗଧୁଣୀ ପିଠିରେ ବେଶି ଘାସ ଲଦିବୁ ନାହିଁ। ଥରେ ପୁଅର ନଜରରେ ପଡ଼ିଲା କଅଁଳିଆ ଘାସପୂର୍ଣ୍ଣ କେତୋଟି ହିଡ଼ ଉପରେ। ପୁଅ ମନେ ମନେ ଭାବିଲା, ଆଜି କଅଁଳ ଘାସ ବେଶି କାଟିନେବି, ମା' ଦେଖି ଖୁସି ହେବେ ଓ ଗଧୁଣୀକୁ ଆଜି ପେଟେ କଅଁଳ ଘାସ ଖୁଆଇବାକୁ ମା'ଙ୍କୁ କହିବି। ପୁଅ ଅଧିକ ଘାସ କାଟିଲା। ମା'ଙ୍କ କଥା ମନେପଡ଼ିବାରୁ ଘାସବିଡ଼ା ଗଧୁଣୀ ପିଠିରେ ନ ଲଦି, ନିଜେ ମୁଣ୍ଡାଇ ଗଧୁଣୀ ଉପରେ ବସି ଘର ଅଭିମୁଖେ ଚାଲିଲା। ମା' ଦୂରରୁ ଦେଖିଲେ, ପୁଅ ଘାସ ମୁଣ୍ଡାଇ ଗଧୁଣୀ ଉପରେ ବସି ଆସୁଛି। ଏହା ଦେଖି ମା' ମୁଣ୍ଡରେ ହାତ ଦେଇ ଥପ୍ କରି ବସିପଡ଼ିଲେ। ପାଖରେ ପୁଅ ପହଞ୍ଚୁ ପହଞ୍ଚୁ କହି ଉଠିଲା– ମା' ମୁଁ ଗଧୁଣୀ ପିଠିରେ ଘାସ ନ ଲଦି ନିଜେ ମୁଣ୍ଡାଇ ଆଣିଛି। ଆଜି ଅଧିକ କଅଁଳ ଘାସ ଗଧୁଣୀକୁ ଖାଇବାକୁ ଦେବୁ। ବିଚରା ଗଧୁଣୀଟି ବୋଝ ଉପରେ ନଳିତା ବିଡ଼ା ପରି ବୋଝ ବୁହାଇ, କେରାଏ କଅଁଳ ଘାସ ଖାଇ ସନ୍ତୁଷ୍ଟ ହେବ। ଏ ଗଳ୍ପ ଅବତାରଣା କରିବାର ଉଦ୍ଦେଶ୍ୟ ହେଲା–ଗଧୁଣୀ ଉପରେ ଅଧିକ ବୋଝ ପରି, ରାଜ୍ୟର ଜନତାଙ୍କ ଉପରେ ଋଣବୋଝ ବଢ଼ାଇ, ଗଧୁଣୀକୁ କଅଁଳ ଘାସରେ ସନ୍ତୁଷ୍ଟ କଲାପରି ରାଜ୍ୟର କିଛି ଗୋଷ୍ଠୀଙ୍କୁ ସନ୍ତୁଷ୍ଟ କରିବାକୁ ଅଣ ଆୟକାରୀ ଯୋଜନା ପାଇଁ ଋଣବୋଝ ବଢ଼ା ନ ଯାଉ। ଯେଉଁ ଆୟକାରୀ ଯୋଜନା ଦ୍ୱାରା ରାଜ୍ୟର ସଂଖ୍ୟାଧିକ ଜନତାଙ୍କ ପକେଟକୁ ଅର୍ଥ ଯିବ, ସେପରି ଯୋଜନା ପ୍ରତି ଗୁରୁତ୍ୱ ଦେଇ ଋଣ କରାଯାଉ। ଏପରି ଯୋଜନା ଚିନ୍ତା କଲେ ପ୍ରଥମେ ମନକୁ ଆସେ, ରାଜ୍ୟରେ କୃଷିର ଉନ୍ନତି। ରାଜ୍ୟର ପ୍ରାୟ ୮୦ ଭାଗ ଜନତା କୃଷି ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜଡ଼ିତ। କୃଷିର ଉନ୍ନତି ପାଇଁ ପ୍ରଥମ ଆବଶ୍ୟକତା ଜଳ ଆମ ରାଜ୍ୟରେ ପ୍ରଚୁର ଅଛି।



ନିକଟ ଅତୀତରେ ଦେଶର ବିଭିନ୍ନ ରାଜ୍ୟର ଚାଷୀଙ୍କ ଆୟ ମାସିକ ତୁଳନାତ୍ମକ ଆୟ ଉପରେ ଜାତୀୟ ସର୍ବେକ୍ଷଣ ସଂସ୍ଥା (ଏନ୍‌ଏସ୍‌ଏସ୍) ଏକ ରିପୋର୍ଟ ପ୍ରକାଶ କରିଥିଲା। ଆମ ରାଜ୍ୟ ଚାଷୀଙ୍କ ମାସିକ ଆୟ ଅନ୍ୟ ରାଜ୍ୟ ତୁଳନାରେ ଓ ଏପରିକି ଦେଶର ଚାଷୀଙ୍କ ହାରାହାରି ଆୟ ତୁଳନାରେ ନୈରାଶ୍ୟଜନକ। ଏ ରିପୋର୍ଟ ଅନୁସାରେ, ଓଡ଼ିଶା ଚାଷୀଙ୍କ ମାସିକ ଆୟ ୪,୯୩୯ ଟଙ୍କା ଥିଲା ବେଳେ ପଞ୍ଜାବରେ ୧୮୦୫୯, ହରିୟାଣାରେ ୧୪୪୩୯ ଟଙ୍କା ଓ ଦେଶରେ ଚାଷୀଙ୍କ ଆୟ ୬,୪୨୪ ଟଙ୍କା। ୨୦୦୧ରୁ ୨୦୦୮ ମସିହା ମଧ୍ୟରେ ରାଜ୍ୟର ସବୁ ପ୍ରକାରର ଚାଷ ଜମି କମିଥିଲା ୧୦%। ୨୦୧୫-୧୬ ବର୍ଷରେ ରାଜ୍ୟରେ ୫.୨୪ ଲକ୍ଷ ହେକ୍ଟର ଚାଷ ଜମି ପଡ଼ିଆ ପଡ଼ିଥିବା ବେଳେ ୨୦୧୯-୨୦ ବର୍ଷ ବେଳକୁ ତାହା ୭.୭୭ ଲକ୍ଷ ହେକ୍ଟରକୁ ବୃଦ୍ଧି ପାଇଲା।

ରାଜ୍ୟରେ ଜମିରୁ ଉତ୍ପାଦିତ ହାର ଅନ୍ୟ ରାଜ୍ୟ ତୁଳନାରେ ନୈରାଶ୍ୟଜନକ। ଜଳସେଚନ ଜମିର ଉତ୍ପାଦନ ବଢ଼ାଏ। ରାଜ୍ୟରେ ଜଳସେଚିତ ଜମିର ହାର ଅନ୍ୟ ରାଜ୍ୟ ତୁଳନାରେ ଯଥେଷ୍ଟ କମ୍। ୨୦୧୭ରେ ଏକ ଖବର ପ୍ରକାଶ ପାଇଥିଲା ଯେ, ଦେଶରେ ହାରାହାରି ୪୦% ଜମିରେ ଜଳସେଚନ ହୋଇପାରୁଥିବାବେଳେ ଆମ ରାଜ୍ୟରେ ଥିଲା ମାତ୍ର ୧୮%। ରାଜ୍ୟରେ ଯେତେ ପ୍ରକାର ଆୟକାରୀ ଯୋଜନା ଚିନ୍ତା କରାଗଲେ ମଧ୍ୟ କୌଣସି ଯୋଜନା ଜଳସେଚନ ଯୋଜନା ପରି ବହୁମୁଖୀ ଅଭିବୃଦ୍ଧି କରିପାରିବ ନାହିଁ। ଏହା ଜଣାଥିଲେ ମଧ୍ୟ ଜଳସେଚନକୁ ଅଣଦେଖା କରି ଅନ୍ୟ ଯୋଜନା ସବୁକୁ ଗୁରୁତ୍ୱ ଦିଆଯାଉଛି। ଚାଷଜମିକୁ ଜଳସେଚନ କରି ନ ପାରି ରାଜ୍ୟ ସରକାର କେନ୍ଦ୍ରକୁ ୮୪୨ କୋଟି ଟଙ୍କା ଫେରାଇ ଦେଇଛନ୍ତି ବୋଲି ୩୧।୩।୨୨ରେ ସିଏଜି ରିପୋର୍ଟରେ ପ୍ରକାଶ ପାଇଛି, ଯାହା ରାଜ୍ୟର ଚାଷୀଙ୍କ ପାଇଁ 'କଟା ଘାଆରେ ଚୂନ' ଦେଲା ପରି ହୋଇଛି। ରାଜ୍ୟ ପାଇଁ କେନାଲ ଜଳସେଚନ ଅଭିବୃଦ୍ଧି ଅପରିହାର୍ଯ୍ୟ ସ୍ଥଳେ ଗତ ୧୧।୪।୨୨ରେ ବିରୋଧୀ ଦଳ ପକ୍ଷରୁ ଏକ ଗୁରୁତର ଅଭିଯୋଗରେ କୁହାଯାଇଛି ଯେ, ଗତ ୨୨ ବର୍ଷ ମଧ୍ୟରେ ଗୋଟିଏ ବି ନୂଆ କେନାଲ ଖୋଳାଯାଇନାହିଁ। ଏହା ଯେକୌଣସି ସଚେତନ ନାଗରିକ ଓ ଚାଷୀଙ୍କ ମନକୁ ଆନ୍ଦୋଳିତ କରିବ।

ଏବେ ରାଜ୍ୟର ଶିଳ୍ପ ଅଭିବୃଦ୍ଧି ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଆରୋପ କରି 'ଓଡ଼ିଶା ଇନ୍‌ଭେଷ୍ଟର୍ସ ମିଟ୍' ଓ 'ମେକ୍ ଇନ୍ ଓଡିଶା କନ୍‌କ୍ଲେଭ୍'ର ଆୟୋଜନ କରୁଛନ୍ତି। ଏହା ରାଜ୍ୟର ଆର୍ଥିକ ଅଭିବୃଦ୍ଧି ପାଇଁ ସ୍ୱାଗତଯୋଗ୍ୟ ପଦକ୍ଷେପ। ଶିଳ୍ପ ଅଭିବୃଦ୍ଧିକୁ ଯେପରି ଗୁରୁତ୍ୱ ଦିଆଯାଇ ଓଡିଶା ଇନ୍‌ଭେଷ୍ଟର୍ସ ମିଟ୍ କରାଯାଉଛି, ରାଜ୍ୟ କୃଷିର ଉନ୍ନତିକୁ ସେହିପରି ଗୁରୁତ୍ୱ ଦିଆଯାଇ ଓଡିଶା ଫାର୍ମର୍ସ ମିଟ୍ ଆୟୋଜନ କରାଯାଇ କୃଷିର ସର୍ବାଙ୍ଗୀନ ଉନ୍ନତି ପାଇଁ ଯୋଜନା ପ୍ରସ୍ତୁତ କରାଯିବା ଦରକାର। କୃଷି ଉନ୍ନତିର ମୂଳଦୁଆ ହେଲା ଚାଷଜମିକୁ ଜଳ। ସେଥିପାଇଁ ରାଜ୍ୟର ନଦୀଗୁଡ଼ିକରେ ଜଳଭଣ୍ଡାର ସୃଷ୍ଟି କରି କେନାଲ ଦ୍ୱାରା ଜଳସେଚନ କରାଯିବା ଦରକାର। ପୂର୍ବରୁ ଶିଳ୍ପ ଦ୍ୱାରା ରାଜ୍ୟର ଲାଭ କ୍ଷତି ବିଷୟରେ ସଂକ୍ଷେପରେ କୁହାଗଲା। ଏବେ ଶିଳ୍ପ ସହ ଜଳସେଚନର ଲାଭ କ୍ଷତିର ତୁଳନାତ୍ମକ ଦିଗ ଉପରେ ଆଲୋକପାତ କରିବା। ଶିଳ୍ପପତିମାନେ ତାଙ୍କ ପୁଞ୍ଜି ଖଟାଇବେ ଓ ଉତ୍ପାଦନର ଲାଭ ସେମାନଙ୍କ ପକେଟକୁ ବା ତାଙ୍କ ରାଜ୍ୟକୁ ଚାଲିଯିବ। ରାଜ୍ୟରେ ସେଚ ପ୍ରକଳ୍ପ ପ୍ରତିଷ୍ଠା କଲେ ସେଥିପାଇଁ କେନ୍ଦ୍ର ସରକାର ଆର୍ଥିକ ଅନୁଦାନ ଦେବେ ଓ ରାଜ୍ୟକୁ କିଛି ଋଣ କରିବାକୁ ପଡ଼ିପାରେ। ସେଚ ପ୍ରକଳ୍ପ ଦ୍ୱାରା ଯେଉଁ ଆର୍ଥିକ ଲାଭ ହେବ ତାହା ରାଜ୍ୟବାସୀଙ୍କ ପକେଟକୁ ଯିବ ଓ ରାଜ୍ୟ ଋଣ ପରିଶୋଧ ଅଚିରେ କରିପାରିବ। ଶିଳ୍ପ ପ୍ରତିଷ୍ଠା ଫଳରେ କିଛି ହଜାର ଲୋକଙ୍କ କର୍ମସଂସ୍ଥାନ ଓ ଆର୍ଥିକ ଉନ୍ନତି ହେବା ସ୍ଥଳେ ଜଳସେଚନ ପାଇଁ ଡ୍ୟାମ୍ ନିର୍ମାଣ, କେନାଲ ଖନନ, ପତିତ ଜମିର ପୁନରୁଦ୍ଧାର, ଜମିରୁ ଏକାଧିକ ଫସଲ ଉତ୍ପାଦନ ଦ୍ୱାରା ଲକ୍ଷ ସଂଖ୍ୟାରେ ନୁହେଁ କୋଟି ସଂଖ୍ୟାରେ ଜନତାଙ୍କ ହାତକୁ କାମ ଓ ଅଣ୍ଟାକୁ ଟଙ୍କା ଯିବ। ଶିଳ୍ପ ଦ୍ୱାରା ରାଜ୍ୟରେ ଜଳସଙ୍କଟ ଦେଖାଦେବ କିନ୍ତୁ ସେଚ ପ୍ରକଳ୍ପ ଦ୍ୱାରା ଜଳ ସଂରକ୍ଷଣ ହେବ। ଶିଳ୍ପ ଦ୍ୱାରା ରାଜ୍ୟର ଜଳ, ସ୍ଥଳ ଓ ବାୟୁ ପ୍ରଦୂଷଣ ଏବଂ ଜଙ୍ଗଲ କ୍ଷୟ ହେବା ସ୍ଥଳେ ସେଚ ପ୍ରକଳ୍ପ ଦ୍ୱାରା ରାଜ୍ୟରେ ସବୁଜିମା ସୃଷ୍ଟି ହେବ। ପ୍ରଦୂଷଣ ନିୟନ୍ତ୍ରଣ ହେବ। ସେଚ ପ୍ରକଳ୍ପରେ ଜଳଭଣ୍ଡାର ସୃଷ୍ଟି ଫଳରେ ବୃଷ୍ଟିଜଳ ସଂରକ୍ଷଣ, ଶିଳ୍ପକୁ ଜଳଯୋଗାଣ, ବନ୍ୟା ନିୟନ୍ତ୍ରଣ, ପାନୀୟଜଳ ଯୋଗାଣ, ଭୂତଳ ଜଳସ୍ତର ଉନ୍ନୟନ, ଜଳବିଦ୍ୟୁତ୍ ଉତ୍ପାଦନ, ନାଭିଗେଶନ, କେନାଲ ବନ୍ଧରେ ସୌରଶକ୍ତି ଓ ପବନଶକ୍ତି ଉତ୍ପାଦନ, କେନାଲ ବନ୍ଧରେ ବୃକ୍ଷ ରୋପଣ, ପର୍ଯ୍ୟଟନସ୍ଥଳୀ ଓ ଜଳକ୍ରୀଡ଼ା ବିକାଶ ଯୋଜନାର ଭିତ୍ତି ପଡ଼ିବ।

**–କୋଟିତୀର୍ଥ (କେଦାରଗୌରୀ), ଭୁବନେଶ୍ୱର, ମୋ:୭୦୦୮୮୪୬୨୭୨**

# ପର୍ବପର୍ବାଣିର ଉପଯୋଗୀ ଗଛପତ୍ର



ସାରଦା ପ୍ରସାଦ କର

ଦୂବଠାରୁ ଦେବଦାରୁ, ନିମ୍ବ, ଆମ୍ବ, ରମ୍ଭା(କଦଳୀ), ନଡ଼ିଆ, ଅଳସୀ, ତୁଳସୀ, ଶାଳ, ପଣସ, କାଇଁସର(କାଇଁଚ), କୁଶ, ବାଉଁଶ, ବେତ ଆଦି ଗୁଳ୍ମଠାରୁ ଗଛ ଓ ଏସବୁର ପତ୍ର ଆମ ଓଡ଼ିଆ ପର୍ବ-ପର୍ବାଣି ପରମ୍ପରାର ପ୍ରାଚୀନ ଅଂଶବିଶେଷ। ଦୂବ, ବରକୋଳି ପତ୍ର ଆମେ ସଂଗ୍ରହ କରି ଓଷା ନୀତି ସମ୍ପନ୍ନ କରୁ। ବେଣ୍ଟି ଲଗା ଶୁକ୍ଳ ଧାନ କ୍ଷେତରୁ, କଣ୍ଟେଇକୋଳି ଡାଳ କାହା ବାଡ଼ିରୁ, ଆଉ କିଛି ଧଳାଫୁଲ ହେଲେ ଲକ୍ଷ୍ମୀ ପୂଜାର ଅଧା ସାମଗ୍ରୀ ହୋଇଗଲା। ପ୍ରସାଦ ଭିତରେ ଶ୍ରୀଫଳ, କଦଳୀ ଆଉ ଗୁଡ଼ ମୁଖ୍ୟ। ହଳଦୀ ପତ୍ରରେ ଏଣ୍ଡୁରି ପିଠାର ଅଥାର ମଗୁଶିରର ଶୁକ୍ଳ ଅଷ୍ଟମୀକୁ ବାସ୍ନାୟିତ କରିଛି, ଘରର ଜ୍ୟେଷ୍ଠଙ୍କୁ ଇଷ୍ଟ ସହ ଯୋଡ଼ିଛି।

ଷଠୀ ପୂଜା ଓଡ଼ିଆ ଧର୍ମୀୟ ଚେତନାର ଅଂଶ ବିଶେଷ। ଭାଦ୍ରବ ମାସରେ ଏହି ଷଷ୍ଠୀ ଦିବସ ଏକ ପ୍ରାଚୀନ ବିଧି। ମା'ଙ୍କ ଉଦ୍ଦେଶ୍ୟରେ ସମର୍ପିତ ବାଉଁଶ ପତ୍ର, ସାରୁ ଗଛ, ବଜ୍ରମୂଳି, ଗର୍ଭଣା ଡାଳ ଆଉ ଧାନଗଛକୁ ଦେହ ଛୁଆଇଁ ଏକ ନୀରୋଗ ଜୀବନର କାମନା କରାଯାଏ। ସେହିଭଳି ଗର୍ଭଣା ଡାଳର ଉପଯୋଗ ଗର୍ଭଣା ସଂକ୍ରାନ୍ତିରେ କରାଯାଏ। ଧାନ ବିଲରେ ଗର୍ଭଣା ଡାଳ ପୋତି କ୍ଷୀର, ଗୁଡ଼ ଓ ଅରୁଆ ଚାଉଳ ସମର୍ପଣ କରି ବିଶ୍ୱାସ କରାଯାଏ ଯେ ଏହି ଦିନରୁ ଧାନ ଗର୍ଭରେ ବିଜ ମଜଭୁତ ହବା ଆରମ୍ଭ ହେବ। ସେହିଭଳି ସଜନା ଶାଗ ଶରୀରର ଶକ୍ତି ପ୍ରଦାୟକ । ପୂଜା ପର୍ବାଣିରେ କଳସଟିଏ ଶୁଭ ଗଣେଶ ବସାଯାଏ। ତହିଁରେ ଜଳ, ଅକ୍ଷତ ଗୁଆ ଓ ଉପରେ ଆମ୍ବଡାଳ ଦେବାର ବିଧି ରହିଛି। ପୂଜା ମଣ୍ଡପ କିମ୍ବା ଗୃହ ସମୀପ ଫାଟକ ଦୁଇପାର୍ଶ୍ୱରେ ଦୁଇଟି କଦଳୀ ଗଛ ପୋତି ଦେଲେ ତାହା ଈଶ୍ୱରଙ୍କ ଅଧିଷ୍ଠାନ ହୋଇଯାଏ ବୋଲି ବିଶ୍ୱାସ। ଉଭୟ କଦଳୀ ଓ ଆମ୍ବ ଦେବଗୁରୁ ବୃହସ୍ପତିଙ୍କ ସାଂକେତିକ ଉପସ୍ଥାନ ବୋଲି ଧରି ନିଆଯାଏ।

ବେଲ ଆଉ ତୁଳସୀ ଗଛର ସବୁ ଅଂଶ ଦେବଦୁର୍ଲଭ। ତୁଳସୀ ପ୍ରତିଟି ହିନ୍ଦୁର ଘର ସମ୍ମୁଖରେ ଆଶୀର୍ବାଦ ପ୍ରାପ୍ତି ଉଦ୍ଦେଶ୍ୟରେ ପ୍ରତିରୋପିତ ଆଉ ନିତ୍ୟ ପୂଜିତ। ତୁଳସୀ ସେବନ ବିଧି ବା ନିୟାମକ ତୁଳସୀ ପୁରାଣରେ ଉଲ୍ଲେଖିତ। ତ୍ରିଶାଖା ବେଲପତ୍ର ଶିବ ମସ୍ତକରେ ଲାଗିହୁଏ। ଏହି ତ୍ରିଶାଖା ପତ୍ର ତିନିଲୋକ ସ୍ୱର୍ଗ-ମର୍ତ୍ତ୍ୟ-ପାତାଳର ପ୍ରତୀକ, ତ୍ରିଶକ୍ତି ମହାକାଳୀ-ମହାଲକ୍ଷ୍ମୀ-ମହାସରସ୍ୱତୀଙ୍କ ପ୍ରତୀକ। ପିପ୍ପଳ ବା ଅଶ୍ୱତ୍ଥ ଗଛକୁ ମଧ୍ୟ ମାତା ଲକ୍ଷ୍ମୀ ଲୟରେ ଜଳ ଦେଇ ଦୀପାଳି ଜଳାନ୍ତି।

ଓଡ଼ିଶାର ପୁରପଲ୍ଲୀରେ ବର-ଓସ୍ତ ଗଛ ଏକାଠି ଲାଗି ସେହିଠାରେ ମଣିଷ ଭଳି ସେମାନଙ୍କ ବିବାହ ଉତ୍ସବ ସମ୍ପନ୍ନ ହୁଏ। ମଣିଷଠାରୁ କେଇଗୁଣା ଅଧିକ ବୟସ ବଞ୍ଚି ରହୁଥିବା, ଶୀତଳ ଛାୟା ସହ ଅଶ୍ୱତ୍ଥ ଗଛରୁ ପ୍ରଚୁର ମାତ୍ରାରେ ଅମ୍ଳଜାନ ମିଳୁଥିବାରୁ ପୂର୍ବଜଗଣ ବର-ଓସ୍ତ ଲଗେଇ ପରିବେଶକୁ ପ୍ରକୃତି ସନ୍ତୁଳନ ରଖୁଥିଲେ। ସେହିପରି ତୁଳସୀ ଚାରା ଅଙ୍ଗାରକ ଶୋଷଣ ଓ ପ୍ରଚୁର ମାତ୍ରାରେ ଅମ୍ଳଜାନ ନିଃସରଣ ଦାୟୀ ହୋଇଥିବାରୁ ଘର ଆଗ ବୃନ୍ଦାବତୀ ଚଉରାରେ ତୁଳସୀ ଗଛ ରଖି ଘରର ପରିବେଶକୁ ସନ୍ତୁଳିତ ରଖୁଥିଲେ। ଆମ ପୂର୍ବଜମାନେ ପର୍ବପର୍ବାଣିରେ ଗଛପତ୍ରର ଉପଯୋଗ କରି ସେମାନଙ୍କ ବୈଜ୍ଞାନିକ ଦୃଷ୍ଟିକୋଣ ସୁନିଶ୍ଚିତ କରିଥିଲେ। ତାଳପତ୍ର କିମ୍ବା ବେତ ବାଉଁଶିଆ ପସରାରେ ଭୋଗ ସାମଗ୍ରୀ, କାଇଁଚ ବୁଣା ଡାଲାରେ ଫୁଲ, ସ୍ୱତନ୍ତ୍ର ପୂଜାଲାଗି କୁଶ ଆସନ କିମ୍ବା ପୁରୋହିତଙ୍କ ସଂକଳ୍ପ କାଳରେ କୁଶ ବଟୁ ଆମ ଦେବ ସେବା ପଦ୍ଧତିର ଅଂଶବିଶେଷ।



ଅଧିକାଂଶ ଅଧିବାସୀଙ୍କ ନୈବେଦ୍ୟ ଶାଳପତ୍ରରେ ସମର୍ପଣ ହୁଏ। ଅମୃତଭଣ୍ଡା, ମକା, କନ୍ଦ, ମାଣ୍ଡିଆ, ଅଦା, ହଳଦୀ ଆଦି ଉପରେ ନିର୍ଭର କରି ଜୀବନ ଧାରଣ ମାନ ବଢ଼ାଇବା ପ୍ରୟାସ କରେ। ହଳଦୀ କ୍ଷେତକୁ ଶକ୍ତିର ପ୍ରତୀକ ମାଆ ମନେକରେ। ଶାଳ ଗଛର ଅନ୍ୟ ନାମ ଆଞ୍ଚଳିକ ଭାଷାରେ ସରଗୀ ହେତୁ ଓଡ଼ିଶା, ଅବିଭକ୍ତ ବିହାର ଓ ମଧ୍ୟ ଭାରତୀୟ ଜଙ୍ଗଲୀ ଆଦିବାସୀମାନେ ଫସଲ ଉତ୍ପାଦନ ଋତୁ (ପୌଷ ମାଘ ମାସ) ବେଳକୁ ସର୍ଗିଫୁଲ ମହୋତ୍ସବ ପାଳନ କରନ୍ତି। ଗୋଟିଏ କ୍ଷେତର ଉତ୍ପାଦନ କ୍ଷମତା ହ୍ରାସ ହେଲାପରେ ଅନ୍ୟ ଏକ ଜାଗାରେ ଫସଲ କରାଯାଏ। ଶାଳଗଛର ରାସାୟନିକ ସମ୍ପୃକ୍ତି ଯୋଗୁ ପୂର୍ବ ବନ୍ଧ୍ୟା କ୍ଷେତଟି ଦୁଇ ବର୍ଷ ଭିତରେ ତା'ର ପୂର୍ବ କ୍ଷମତା ଫେରିପାଏ ବୋଲି ପରମ୍ପରା ରହିଛି।

କୋରାପୁଟ ଲମତାପୁଟ ଅଞ୍ଚଳର ଗଡ଼ବା ଆଦିବାସୀମାନେ ଧରଣୀ ମା'କୁ ବାସମତି ଓ ସେଠାକାର ଜଙ୍ଗଲକୁ ବନଦେବତା ଭାବରେ ପୂଜା କରନ୍ତି। କୀଟନାଶକ ଭାବରେ କରଡ଼ା ପତ୍ରକୁ ଗୁଣ୍ଡ କରି ଫସଲରେ ପ୍ରୟୋଗ କରିଥାନ୍ତି। ସର୍ପାଘାତରେ ପୁରୁଣୀ ଚାରା ବାଟି ଆଉ ପୋକଶୁଙ୍ଗା ପତ୍ରକୁ କୁଣ୍ଡିଆ, ଫୋଟକା ଓ ରକ୍ତସ୍ରାବ ଜାଗାରେ ଲଗେଇଥାନ୍ତି। ସୀତାଫଳ ପତ୍ର ଚୂନା କରି ଉକୁଣି ମରା ଶାମ୍ପୁ ଭାବରେ ପ୍ରୟୋଗ କରନ୍ତି। ଲାଜକୁଳି ଲତାଠାରୁ ଅପମାରଙ୍ଗ (ଜର ପାଇଁ) ଆଦିବାସୀ ଜୀବନଶୈଳୀରେ ମହତ୍ତ୍ୱପୂର୍ଣ୍ଣ ଔଷଧୀୟ ଅବଦାନ ଭାବରେ ପରିଗଣିତ। ଏଭଳି ଜୀବନ ରକ୍ଷାକାରୀ ଗଛସବୁ ସେମାନଙ୍କ ଧର୍ମୀୟ ଧାରଣା ଓ ପର୍ବପର୍ବାଣି ସହ ସମ୍ପର୍କିତ।

ଆମ ଚାରି ପାଖରେ ପ୍ରକୃତିର ନିଃସର୍ତ୍ତ ତଥା ମୁକ୍ତ ଅବଦାନ ଭାବରେ ପାଇଛୁ, ତାହାର ସୁରକ୍ଷା ଆବଶ୍ୟକ। ବେଦରେ ବର୍ଣ୍ଣିତ- ଦଶହ୍ରଦୋ ସମା ପୁତ୍ରୋ, ଦଶ ପୁତ୍ରୋ ସମୋ ଦ୍ରୁମଃ। ଦଶଟି ପୁଷ୍କରିଣୀ ସମ ଗୋଟିଏ ପୁତ୍ର ଆଉ ଦଶଟି ପୁତ୍ର ସମ ଗୋଟିଏ ବୃକ୍ଷ। ବିଷ୍ଣୁ ସହସ୍ରନାମରେ ଉଦୁମ୍ବର ବା ଡିମିରି, ଅଶ୍ୱତ୍ଥ, ଅଶୋକ ଓ ବଟ ଆଦିଙ୍କୁ ସାକ୍ଷାତ ବିଷ୍ଣୁ ଭାବେ ବର୍ଣ୍ଣନା କରାଯାଇଛି। ଉଦୁମ୍ବରକୁ କଳିଯୁଗରେ ବଟ ବୃକ୍ଷ ସମ ପବିତ୍ର ମନେକରାଯିବାର ଏକ ବଳିଷ୍ଠ କାରଣ ରହିଛି। ଉଭୟ ବୌଦ୍ଧ ଓ ହିନ୍ଦୁ ଧର୍ମାବଲମ୍ବୀ ଉଦୁମ୍ବରକୁ ପବିତ୍ର ବୃକ୍ଷ ବିବେଚନା କରନ୍ତି।

**ଜମେଶ୍ୱର ପାଟଣା, ପୁରୁଣା ଭୁବନେଶ୍ୱର ମୋ: ୮୨୪୯୮୨୭୧୪୮**

## ଏଇ ଭାରତରେ

ଏମିତି ସ୍କୁଲ ଯେଉଁଠି ଘର ନାହିଁ କି ଶ୍ରେଣୀ ବ୍ୟବସ୍ଥା ନାହିଁ କିମ୍ବା ପରୀକ୍ଷା କରାଯାଏ ନାହିଁ। ଏହା ଶୁଣି ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ। ମହାରାଷ୍ଟ୍ରର ଏକ ଦମ୍ପତିଙ୍କ ଦ୍ୱାରା ଏମିତିକା ଏକ ସ୍କୁଲ ଚାଲିଛି। ସଚିନ ଦେଶାଇ ଓ ତାଙ୍କ ସ୍ତ୍ରୀଙ୍କ ଦ୍ୱାରା ପ୍ରତିଷ୍ଠିତ ଉକ୍ତ ସ୍କୁଲ ନାମ 'ସ୍ୟାମନ୍ତକ' ବା ଜୀବନର ବିଶ୍ୱବିଦ୍ୟାଳୟ। ସ୍କୁଲର ପାଠ୍ୟକ୍ରମରେ ରହିଛି ନିଆରା ବ୍ୟବସ୍ଥା। ପାରମ୍ପରିକ ଶିକ୍ଷା ସହ ବାସ୍ତବ ବିଶ୍ୱର ସମସ୍ୟାକୁ ମୁକାବିଲା କରି ଏକ ଉତ୍କୃଷ୍ଟ ଜୀବନ ଜିଇବାର କଳା ସମ୍ପର୍କରେ ପିଲାମାନଙ୍କୁ ଶିକ୍ଷା ଦିଆଯାଉଛି। ମହାରାଷ୍ଟ୍ର ଧାମପୁର ଜଙ୍ଗଲରେ ଏହି ସ୍କୁଲ ଅଛି। ଦମ୍ପତି ଏହାକୁ ୨୦୦୭ରେ ପ୍ରତିଷ୍ଠା କରିଥିଲେ ଓ ତାଙ୍କ ଝିଅ ଥିଲେ ଏହାର ପ୍ରଥମ ଛାତ୍ରୀ। ପରେ ଅନେକ ଶହ ପିଲା ଏହି ସ୍କୁଲରେ ଯୋଡ଼ି ହୋଇଛନ୍ତି। ସେମାନଙ୍କୁ କୃଷି, ପରିବେଶ ଏବଂ ସଂସ୍କୃତି ସହ ରୋଷେଇ, ପରିବେଶ ସହନୀୟ ସ୍ଥିତିରେ କୁଶଳୀ ହେବା ଉପରେ ଗୁରୁତ୍ୱ ଦେଉଛନ୍ତି ଉକ୍ତ ଦମ୍ପତି। ସ୍କୁଲରୁ ଏଭଳି ଶିକ୍ଷା ଲାଭକରି ଅନେକ ପିଲା ଫୁଡ୍ ଲାବ୍‌ରେ କାର୍ଯ୍ୟ କରୁଛନ୍ତି। ଉକ୍ତ ସ୍କୁଲର ଏକ ଏଣ୍ଟରପ୍ରେନ୍ୟୁୟର ସଂସ୍ଥା ରହିଛି; ଯାହାର ନାମ 'ସ୍ୱୟଂ'। ଏଠାରେ ପିଲାମାନେ ଫଳ,ସପୁରିରୁ ଆଚାର ପ୍ରସ୍ତୁତ କରୁଛନ୍ତି। ଏସବୁ ସମ୍ପୂର୍ଣ୍ଣ ପ୍ରାକୃତିକ ଉପାୟରେ କରାଯାଉଛି। ଏହା ବ୍ୟତୀତ ହଳଦୀଗୁଣ୍ଡ, ସାବୁନ ମଧ୍ୟ ତିଆରି କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୬ ନଭେମ୍ବର ୧୯୯୭

- ଇରାକ୍ ସରକାର ଦେଶରେ ଆଗ୍ନେୟାସ୍ତ୍ର ବ୍ୟବହାର ଉପରେ କଡ଼ାକଡ଼ି କଟକଣା ଜାରି କରିଛନ୍ତି।
- ଉତ୍ତର-ପୂର୍ବ ବମ୍ବେର ଚେମ୍ବୁର ଅଞ୍ଚଳରେ ଘଟିଥିବା ଏକ ଗୁଳିକାଣ୍ଡରେ ମାଫିଆ ଡନ୍ ଛୋଟା ରାଜନର ମୁଖ୍ୟ ସହଯୋଗୀ ମହେନ୍ଦ୍ର ପାଟିଲ ମୃତ।
- ବମ୍ବେ-ପୁଣେ ରାଜପଥ ନିକଟସ୍ଥ ହାଲ୍ ଗ୍ରାମରେ ବିଷାକ୍ତ ମଦ ପିଇ ୧୮ ଜଣଙ୍କ ମୃତ୍ୟୁ।
- ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଅତ୍ୟାଧୁନିକ ଯୁଦ୍ଧ ତରୀ ଆଇଏନ୍‌ଏସ୍ ଦିଲ୍ଲୀ ନୌବାହିନୀରେ ସାମିଲ।

## ପାଠକ ଶ୍ରେଷ୍ଠ ବିଚାରକ

### ଭେଜାଲ ଜିନିଷ ବିକ୍ରି ବଢୁଛି

ମହାଶୟ,

ସାରା ଓଡ଼ିଶାର ବିଭିନ୍ନ ଜିଲାରେ ଖାଦ୍ୟଦ୍ରବ୍ୟରେ ଅପମିଶ୍ରଣ ବଢୁଛି। ଅସାଧୁ ବ୍ୟବସାୟୀମାନେ ଲୋକମାନଙ୍କୁ ଅବାଧରେ ବିଷମିଶା ଦ୍ରବ୍ୟ ବିକ୍ରି କରୁଛନ୍ତି। ଏହି ବ୍ୟବସାୟୀମାନେ ଲୋକମାନଙ୍କ ଜୀବନ ସହ ଖେଳ ଖେଳୁଛନ୍ତି। ଫଳରେ ପରିବାପତ୍ରରେ ବିଷ ଏବଂ ବିଭିନ୍ନ ଖାଉଟି ଦ୍ରବ୍ୟରେ ବିଷମିଶା ଖାଦ୍ୟକୁ ଲୋକମାନେ ପ୍ରତିଦିନ ଖାଉଛନ୍ତି। ଏଥିରେ ସେମାନେ ଅକାଳ ମରଣର ସମ୍ମୁଖୀନ ହେବା ଅସମ୍ଭବ କ'ଣ। ରାତି ପାହିଲେ ପୋଲିସ ଓଡ଼ିଶାର ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଛି। ବହୁ ନକଲି ଜିନିଷ ଜବତ କରିବା ସହ ଦୋଷୀମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରୁଛି। ହେଲେ ଭେଜାଲ ଜିନିଷ ବିକ୍ରି କମିବା ବଦଳରେ ବଢ଼ିଚାଲିଛି। ରାଜ୍ୟ ସରକାରଙ୍କ ପାଇଁ ଉକ୍ତ ଘଟଣା ନିଶ୍ଚିତ ଭାବେ ଉଦ୍‌ବେଗଜନକ । ପୋଲିସ ପ୍ରଶାସନ ପାଇଁ ବି ଏହା ଚିନ୍ତାର କାରଣ।

**–ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଉଚ୍ଛୁଳିଲା ଗୀତ ବରଷା ବାଆର ପୁଲକେ
ଥରି ଥରି
ବଜ୍ର ବିଜୁଳି ଦୂର ଗଗନର ମୁଲକେ
ଗଲା ମରି।

–(ମନେ ନାହିଁ)

**–କାଳିନ୍ଦୀ ଚରଣ ପାଣିଗ୍ରାହୀ**

**ନିର୍ବାଚନୀ ଖର୍ଚ୍ଚ ତଦାରଖ ଉପରେ ଧ୍ୟାନଦେବାକୁ ସିଇଓଙ୍କ ନିର୍ଦ୍ଦେଶ**

ଭୁବନେଶ୍ୱର, (ବ୍ୟୁରୋ): ପଦ୍ମପୁର ଉପନିର୍ବାଚନର ଯାବତୀୟ ନିର୍ବାଚନୀ ଖର୍ଚ୍ଚର ତଦାରଖ କରିବା ଲାଗି ମଙ୍ଗଳବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ନୋଡାଲ ଅଧିକାରୀମାନଙ୍କୁ ନେଇ ଅନୁଷ୍ଠିତ ଏହି ବୈଠକରେ ଆଇନଶୃଙ୍ଖଳା ଦାୟିତ୍ୱରେ ଥିବା ରାଜ୍ୟ ନୋଡାଲ ଅଧିକାରୀ ପ୍ରବୀଣ କୁମାର, ନିର୍ବାଚନୀ ବ୍ୟୟ ଦାୟିତ୍ୱରେ ଥିବା ରାଜ୍ୟ ନୋଡାଲ ଅଧିକାରୀ ଏସ୍. ଦେବଦତ୍ତ ସିଂହ, ନିର୍ବାଚନୀ ଖର୍ଚ୍ଚ ତଦାରଖ ନିମନ୍ତେ ଆୟକର ବିଭାଗ ଦାୟିତ୍ୱରେ ଥିବା ରାଜ୍ୟ ନୋଡାଲ ଅଧିକାରୀ ଲଳିତା କୁମାରୀ ଓ ନିର୍ବାଚନୀ ଖର୍ଚ୍ଚ ତଦାରଖ ପାଇଁ ଅବକାରୀ ବିଭାଗର ରାଜ୍ୟ ନୋଡାଲ ଅଧିକାରୀଙ୍କ ତରଫରୁ ଭାରପ୍ରାପ୍ତ ଅବକାରୀ କମିଶନର ରାମଚନ୍ଦ୍ର ପାଲଟା ଯୋଗଦେଇଛନ୍ତି।

# ଗୋଡ଼ ତଳେ ପଡ଼ି ମାଗିବି କି

## ଜିଏସ୍‌ଟି ପାଉଣା: ମୋଦିଙ୍କୁ ମମତାଙ୍କ କଟାକ୍ଷ

**କୋଲକାତା, ୧୫।୧୧**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ରର ଭାଜପା ସରକାର ପଶ୍ଚିମବଙ୍ଗକୁ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ବାବଦ ବକେୟା ଅର୍ଥ ଦେଉନାହାନ୍ତି। କେବଳ ଏତିକି ନୁହେଁ, ରାଜ୍ୟକୁ ଅନେକ କେନ୍ଦ୍ରୀୟ ଯୋଜନାର ପାଣ୍ଠି ମିଳୁନାହିଁ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଭିଯୋଗ ଆଣିଛନ୍ତି। ବକେୟା ଅର୍ଥ ପାଇବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଗୋଡ଼ ତଳେ ପଡ଼ିବି କି ବୋଲି ସେ ପ୍ରଶ୍ନ କରିଛନ୍ତି।

ଝାଡ଼ଗ୍ରାମରେ ଆଦିବାସୀମାନଙ୍କ ଉଦ୍ଦେଶ୍ୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ମମତା କହିଥିଲେ, କେନ୍ଦ୍ର ୧୦୦ ଦିନର କର୍ମନିଯୁକ୍ତି ସୁନିଶ୍ଚିତ



କରୁଥିବା ଯୋଜନାର ପାଣ୍ଠି ଦେବାକୁ ବାଧ୍ୟ। ବର୍ଷକ ପୂର୍ବେ ସେ ପ୍ରଧାନମନ୍ତ୍ରୀଙ୍କୁ ଭେଟି ଏହି ବିଷୟରେ ଅବଗତ କରାଇଥିଲେ। ତଥାପି ଅର୍ଥ ମିଳିନାହିଁ। ତେଣୁ ସେ ମୋଦିଙ୍କ ଗୋଡ଼ ତଳେ ପଡ଼ି ମାଗିବେ କି ବୋଲି କଟାକ୍ଷ କରିଛନ୍ତି। ଭାଜପାକୁ ଟାର୍ଗେଟ କରି ମମତା ଆହୁରି କହିଛନ୍ତି, ଆମେ ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ବସବାସ କରୁଛେ ନା ଭାରତ ଏକ 'ୱାନ୍-ପାର୍ଟି କଣ୍ଟ୍ରି' (ଗୋଟିଏ ଦଳ ଦ୍ୱାରା ପରିଚାଳିତ ଦେଶ)ରେ ପରିଣତ ହୋଇଗଲାଣି। ଆମକୁ ଆମର ପ୍ରାପ୍ୟ ଦିଆଯାଉ। ଏହା ହେଉଛି ଆମ ଟଙ୍କା। ଯଦି ଦେଇପାରୁ ନାହାନ୍ତି ତେବେ ଜିଏସ୍‌ଟି ଉଚ୍ଛେଦ କରନ୍ତୁ ବୋଲି ମମତା ଦାବି କରିଛନ୍ତି।

## ମରୁଡ଼ି ସହାୟତା ଘୋଷଣା ପ୍ରଚାର ସର୍ବସ୍ୱ: ଜୟନାରାୟଣ

**ଭୁବନେଶ୍ୱର, ୧୫।୧୧ (ବ୍ୟୁରୋ)**

ପଦ୍ମପୁର ଉପନିର୍ବାଚନ ସମୟରେ ମଙ୍ଗଳବାର ତରବରିଆ ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁ ସବ୍‌ସିଡି ଘୋଷଣା କରିଛନ୍ତି, ଏହା ପ୍ରଚାର ସର୍ବସ୍ୱ। ସରକାରଙ୍କ ଦିନରେ ଲଣ୍ଠନ ଦେଖାଇବା ସଦୃଶ ବୋଲି ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର କହିଛନ୍ତି। ଜୟନାରାୟଣ ଟୁଇଟ୍ କରି କହିଛନ୍ତି, ସୋମବାର ବରଗଡ଼ ଜିଲା ପଦ୍ମପୁରଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆନ୍ଦୋଳନରତ ଚାଷୀଙ୍କୁ ଭେଟି ସେମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନାକରି ଦିଲ୍ଲୀ ଫେରିଯାଇଥିଲେ। ସେ ମଙ୍ଗଳବାର କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମରଙ୍କୁ ଭେଟି ପଦ୍ମପୁର ସହିତ ଓଡ଼ିଶାର ଚାଷୀଙ୍କ ଫସଲ ବୀମା ଓ ଚାଷୀମାନଙ୍କ ସମସ୍ୟା ବିଷୟରେ ଅବଗତ କରାଇଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ କୃଷିମନ୍ତ୍ରୀ ଓଡ଼ିଶାର ଚାଷୀଙ୍କ ପ୍ରତି ପ୍ରତିବଦ୍ଧତା କଥା ଦର୍ଶାଇଛନ୍ତି, ଯାହାକି ମୁଖ୍ୟମନ୍ତ୍ରୀଙ୍କୁ ବିଚଳିତ କରିଥିଲା। ତରବରିଆ ଭାବେ ସରକାର ଇନ୍‌ପୁଟ୍ ସବ୍‌ସିଡି ଘୋଷଣା କରିଛନ୍ତି, ଯାହା ପ୍ରଚାର ସର୍ବସ୍ୱ। ସରକାର ଆଉ ଏକ ମିଛ ପ୍ରହେଳିକାର ପୁନରାବୃତ୍ତି କରିବା ଭଳି ମନେହେଉଛି ବୋଲି ସେ କହିଛନ୍ତି।



ଭାରତ ଯୋଡ଼ୋ ଯାତ୍ରା ଅବସରରେ ମଙ୍ଗଳବାର ମହାରାଷ୍ଟ୍ରର ହିଙ୍ଗୋଲି ଜିଲାରେ ସମର୍ଥକଙ୍କ ସହ କଂଗ୍ରେସ ନେତା ରାହୁଲ ଗାନ୍ଧୀ।

## 'କଂଗ୍ରେସ କ୍ଷମତାକୁ ଆସିଲେ କେନ୍ଦୁଝରରେ ଇସ୍ପାତ କାରଖାନା'

**କେନ୍ଦୁଝର, ୧୫।୧୧ (ଡି.ଏନ୍.ଏ/ସ୍ୱ.ପ୍ର)**

କ୍ରମାଗତ ଭାବେ ଶାସନରେ ଥିବା ସରକାର କେନ୍ଦୁଝର ଜିଲାକୁ ଅବହେଳା କରି ଆସୁଛନ୍ତି। ସ୍ଥାନୀୟ ବେକାର ଯୁବତୀ, ଯୁବକଙ୍କ ନିକଟରେ ନିଯୁକ୍ତି ନାହିଁ। ଓଡ଼ିଶାର ବିକାଶ ପାଇଁ କଂଗ୍ରେସ ହିଁ ଏକମାତ୍ର ବିକଳ୍ପ। କଂଗ୍ରେସ କ୍ଷମତାକୁ ଆସିଲେ କେନ୍ଦୁଝରଠାରେ ଏକ ବୃହତ ଇସ୍ପାତ କାରଖାନା ପ୍ରତିଷ୍ଠା ହେବ। ଭାରତ ଯୋଡ଼ୋ ଯାତ୍ରା କେନ୍ଦୁଝରରେ ପହଞ୍ଚିବା ପରେ ମଙ୍ଗଳବାର ସ୍ଥାନୀୟ ତୈଳିକ ସମାଜ ମଣ୍ଡପରେ ଆୟୋଜିତ ଗଣମାଧ୍ୟମ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟି(ପିସିସି)ର ସଭାପତି ଶରତ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି।

କେନ୍ଦୁଝରରେ ଯାତ୍ରା ପହଞ୍ଚିବା ପରେ ଜିଲା କଂଗ୍ରେସ ସଭାପତି ବିପ୍ଳବ ମିଶ୍ରଙ୍କ ନେତୃତ୍ୱରେ ୨ ହଜାରରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀଙ୍କୁ ନେଇ ଭାରତ ଯୋଡ଼ୋ ପଦଯାତ୍ରା ସହର ପରିକ୍ରମା କରିଥିଲା। ଦେଶରେ ଦେଖା ଦେଇଥିବା ଦୁର୍ନୀତି, ଭ୍ରଷ୍ଟାଚାର, ବେକାରୀ, ଦରଦାମ ବୃଦ୍ଧି, ଭୁଶୁଡ଼ି ପଡ଼ିଥିବା ଅର୍ଥନୀତି ଓ ସର୍ବୋପରି ଗଣତନ୍ତ୍ର ଓ ସାମ୍ବିଧାନିକ ଅନୁଷ୍ଠାନମାନଙ୍କୁ ରକ୍ଷା କରିବା ଉଦ୍ଦେଶ୍ୟରେ ଯାତ୍ରା ବୋଲି କଂଗ୍ରେସ ନେତାମାନେ କହିଥିଲେ। ପଦଯାତ୍ରାରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପୂର୍ବତନ ବିଧାୟକ ଭୁଜବଳ ମାଝୀ, ପିସିସିର ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ଗଣେଶ୍ୱର ବେହେରା, ନବଜ୍ୟୋତି ପଟ୍ଟନାୟକ, ମହିଳା କଂଗ୍ରେସର ରାଜ୍ୟ ସଭାନେତ୍ରୀ ବନ୍ଦିତା ପରିଡ଼ା, ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପିସିସି ସମ୍ପାଦକ ସଂଗ୍ରାମ ଦାସ, ଭାରତ ଯୋଡ଼ୋ କାର୍ଯ୍ୟକ୍ରମ ଜିଲା ସଂଯୋଜକ ଉତ୍ତମ ସାହୁ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ସଙ୍ଗୀତା ସିଂ, ଯୁବ କଂଗ୍ରେସ ସଭାପତି ସୁନେଶ ଧିର, ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜଙ୍କ ସମେତ ପ୍ରଦେଶ କଂଗ୍ରେସର ବହୁ ନେତା ଓ ନେତ୍ରୀ ଯୋଗ ଦେଇଥିଲେ।

# '୨୦୨୪ରେ କ୍ଷମତାକୁ ଫେରିବ କଂଗ୍ରେସ'



ଦଳୀୟ ନେତା, କର୍ମୀଙ୍କ ସହ ପିସିସି ସଭାପତି ଭାରତ ଯୋଡ଼ ଯାତ୍ରା କରୁଛନ୍ତି।

## ପାଲଲହଡ଼ାରେ ଭାରତ ଯୋଡ଼ ଯାତ୍ରା

**ପାଲଲହଡ଼ା, ୧୫।୧୧ (ଡି.ଏନ୍.ଏ.)**

୨୦୨୪ ସାଧାରଣ ନିର୍ବଚନରେ ବିଜୟୀ ହୋଇ କଂଗ୍ରେସ କ୍ଷମତାକୁ ଫେରିବ। ମଙ୍ଗଳବାର ଅନୁଗୋଳ ଜିଲା ପାଲଲହଡ଼ାରେ ଭାରତ ଯୋଡ଼ ଯାତ୍ରାରେ ସାମିଲ ହୋଇ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଶରତ ପଟ୍ଟନାୟକ ଏହି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ପ୍ରଦେଶ କଂଗ୍ରେସ କମିଟି ସଭାପତି ପଟ୍ଟନାୟକ କେନ୍ଦୁଝରରୁ ଭାରତ ଯୋଡ଼ ଯାତ୍ରା ଶେଷକରି ଅପରାହ୍ନରେ ପାଲଲହଡ଼ାରେ ପହଞ୍ଚିଥିଲେ। ଏହାପୂର୍ବରୁ କଲେଜ ଛକଠାରେ ଅପେକ୍ଷା କରିଥିବା ଜିଲା କଂଗ୍ରେସ ସଭାପତି ବିପ୍ଳବ ଜେନା, ବରିଷ୍ଠ ନେତା ସୁବ୍ରତ ଗଡ଼ନାୟକ, କ୍ଷେତ୍ରବାସୀ ରାଜହଂସ, ସୁମନ ନାଏକ ଓ ଭାରତୀୟ ମହିଳା କଂଗ୍ରେସର ସମ୍ପାଦିକା ସସ୍ମିତା ବେହେରା ଏବଂ ବହୁ ନେତା ପିସିସି ସଭାପତିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ପରେ ସମସ୍ତେ ପଦଯାତ୍ରାରେ ଭାରତ ଯୋଡ଼ ଯାତ୍ରାରେ ସାମିଲ ହୋଇଥିଲେ। ଏହି ଅବସରରେ ପିସିସି ସଭାପତି ପଟ୍ଟନାୟକ ପାଲଲହଡ଼ା ଟାଉନରେ ଥିବା ମହାତ୍ମା ଗାନ୍ଧୀ ଓ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ବିରାଟ ପଟୁଆରରେ ସହର ପରିକ୍ରମା କରିଥିଲେ। ବଜାରଠାରେ ମା' କୁଣ୍ଡେଇବିରାଙ୍କୁ ଦର୍ଶନ କରି ଶିବ ମନ୍ଦିର ଛକଠାରେ ଦଳୀୟ କର୍ମୀ ଓ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି ସମୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିବା ସହ ୨୦୨୪ ନିର୍ବାଚନ ଜିଣି କଂଗ୍ରେସ ସରକାର ଗଢ଼ିବ ବୋଲି ପିସିସି ସଭାପତି ପଟ୍ଟନାୟକ ପ୍ରକାଶ କରିଥିଲେ।

# ଚାଷୀଙ୍କ ସମସ୍ୟା ସମାଧାନ ହେବା ଯାଏ ଆନ୍ଦୋଳନ: ଭାଜପା

## ଭାଜପାର ଏହା ନାଟକବାଜି: ବିଜେଡି

**ଭୁବନେଶ୍ୱର, ୧୫।୧୧ (ବ୍ୟୁରୋ)**

ମୁଣ୍ଡ ଉପରେ ପଦ୍ମପୁର ଉପନିର୍ବାଚନ ଥିବାବେଳେ ଏଠାରେ ବାଜିମାତ୍ କରିବାକୁ ବିଜେଡି ଏବଂ ଭାଜପା ଚାଷୀ ପ୍ରସଙ୍ଗକୁ ଢାଲ କରିଛନ୍ତି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଚାଷୀ ପାଇ ନ ଥିବା ବୀମା ରାଶିକୁ ନେଇ ଉଭୟ ଦଳ ପରସ୍ପର ବିରୋଧରେ ଦୋଷ ଦେବାରେ ଲାଗିଛନ୍ତି। ଭାଜପା ଏନେଇ ବିଜେଡିକୁ ଦୋଷ ଦେଉଥିବା ବେଳେ ବିଜେଡି ଏହାକୁ ନାଟକବାଜି ବୋଲି କହିଛି। ପଦ୍ମପୁରରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ କରି କହିଛନ୍ତି, ଭାଜପା ରାଜ୍ୟରେ ଚାଷୀଙ୍କ ହକ୍ ପାଇଁ ସବୁବେଳେ ରାଜନୈତିକ ଲଢ଼େଇ କରିଆସିଛି। ରାଜ୍ୟ ସରକାର ଚାଷୀଙ୍କ ସମସ୍ୟା ବିଷୟରେ ଆଦୌ କର୍ଣ୍ଣପାତ କରନ୍ତିନାହିଁ। ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା, ଇନ୍‌ପୁଟ୍ ସବ୍‌ସିଡିରୁ ଚାଷୀ ବଞ୍ଚିତ ହେବା, ଫସଲବୀମାରେ ଚାଷୀ କ୍ଷତିପୂରଣ ନ ପାଇବା, ଅଭାବୀ ବିକ୍ରିରୁ ନେଇ ଜଳସେଚନର ଅଭାବ ଏସବୁ ପାଇଁ ରାଜ୍ୟ ସରକାର ଦାୟୀ। ରାଜ୍ୟ ସରକାରଙ୍କ ଏହି ଚାଷୀମାରଣ ନୀତି ବିରୋଧରେ ଭାଜପା ବ୍ୟାପକ ଜନ ଆନ୍ଦୋଳନ କରିବ ବୋଲି ଭାଜପା ରାଜ୍ୟ ସଭାପତି ସମୀର କହିଛନ୍ତି। ସେ ଆହୁରି କହିଛନ୍ତି, ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାର କ୍ରିୟାନ୍ୱୟନ ରାଜ୍ୟ ସରକାରଙ୍କ ହାତରେ ନ୍ୟସ୍ତ ରହିଛି। ରାଜ୍ୟ ସରକାର ବୀମା କମ୍ପାନୀ ନିଯୁକ୍ତି କରନ୍ତି। କାହିଁକି ୬ଟି ସରକାରୀ ବୀମା କମ୍ପାନୀ ଥାଇ ମଧ୍ୟ ରାଜ୍ୟ ସରକାର ଏଚ୍‌ଡିଏଫ୍‌ସିକୁ ନିଯୁକ୍ତି କରିଥିଲେ। ସେହିପରି ୨୦୧୭ରେ ଗଙ୍ଗାଧର ମେହେର ଲିଫ୍ଟ ଇରିଗେଶନ ପ୍ରକଳ୍ପ ବିଷୟରେ ଘୋଷଣା କରାଯାଇଥିଲା। କିନ୍ତୁ ଏହି ପ୍ରକଳ୍ପକୁ ୫ ବର୍ଷ ବିତିସାରିଥିଲେ ମଧ୍ୟ ଏଯାଏଁ ପ୍ରକଳ୍ପ କାମ ସରିଲା ନାହିଁ। ସେହିପରି ୨୦୧୬ରେ ମୁଖ୍ୟମନ୍ତ୍ରୀ ସୋହେଲାଠାରେ ଆୟୋଜିତ ଏକ ଜନସଭାରେ ଚାଷୀଙ୍କୁ ଧାନ କୁଇଣ୍ଟାଲ ପିଛା ୧୦୦ ଟଙ୍କା ବୋନସ ଦେବାର ପ୍ରତିଶ୍ରୁତି ଦେଇଥିଲେ। ପରବର୍ତ୍ତୀ ସମୟରେ ତାହା କାର୍ଯ୍ୟକାରୀ ନ କରି ଚାଷୀଙ୍କୁ ପ୍ରତାରଣା କରିଛନ୍ତି। ଯେ ପର୍ଯ୍ୟନ୍ତ ରାଜ୍ୟ ସରକାର ଚାଷୀମାନଙ୍କ ସମସ୍ୟାର ସମାଧାନ କରିନାହାନ୍ତି ଭାଜପା ଚୁପ୍ ବସିବ ନାହିଁ ବୋଲି ସମୀର କହିଛନ୍ତି।

ଓଡ଼ିଶା ଚାଷୀଙ୍କ ସହ ଜଡ଼ିତ ବିଭିନ୍ନ ପ୍ରସଙ୍ଗରେ ରାଜ୍ୟବାସୀ ଭାଜପାର ନାଟକବାଜି, ମିଥ୍ୟା ପ୍ରଚାର ଏବଂ ନକଲି କାରବାରକୁ ଦେଖୁଥିବା ବିଜେଡି ମୁଖପାତ୍ର ଶ୍ରୀମୟୀ ମିଶ୍ର କହିଛନ୍ତି। ଭାଜପା ଖବରଦାତା ସମ୍ମିଳନୀରେ ଆଣିଥିବା ଅଭିଯୋଗ ଉପରେ ପ୍ରତିକ୍ରିୟା ରଖି ଶ୍ରୀମୟୀ କହିଛନ୍ତି, ସୋମବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପଦ୍ମପୁରରେ ତାଙ୍କ ଅଭିଭାଷଣରେ ଅଭିଯୋଗ କରିଥିଲେ ଯେ ଓଡ଼ିଶା ସରକାର କାହିଁକି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା କାର୍ଯ୍ୟକାରୀରେ ଏଚ୍‌ଡିଏଫ୍‌ସିକୁ ମନୋନୀତ କରିଛନ୍ତି। ବୋଧହୁଏ ସେ ଜାଣିନାହାନ୍ତି ଯେ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ହିମାଚଳ ପ୍ରଦେଶ, କର୍ନାଟକ, ଆସାମ, ତ୍ରିପୁରା ଏବଂ ମହାରାଷ୍ଟ୍ର ଭଳି ଭାଜପା ଶାସିତ ରାଜ୍ୟ ମଧ୍ୟ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ପାଇଁ ଏକ କାର୍ଯ୍ୟକାରୀ କମ୍ପାନୀ ଭାବେ ଏଚ୍‌ଡିଏଫ୍‌ସିକୁ ବାଛିଛନ୍ତି । ଏହି ଭାଜପା ଶାସିତ ରାଜ୍ୟଗୁଡିକ ମଧ୍ୟ ଅନ୍ୟାୟ କରିଥିବା ସେ କହିବାକୁ ଚାହୁଁଛନ୍ତି କି ବୋଲି ଶ୍ରୀମୟୀ ପ୍ରଶ୍ନ କରିଛନ୍ତି । ଓଡ଼ିଶାର ଲୋକମାନେ ସତ କ'ଣ ଜାଣିବାକୁ ଚାହାନ୍ତି । ପିଏମ୍ଏଫ୍‌ବିୱାଇ ପାଇଁ ବୀମା ଏଜେନ୍ସିଗୁଡିକ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଜାତୀୟ ଟେଣ୍ଡର ଜରିଆରେ ମନୋନୀତ ହୋଇଛନ୍ତି। କେନ୍ଦ୍ର ସରକାରଙ୍କ ଦ୍ୱାରା ତାଲିକାଭୁକ୍ତ ହୋଇଛନ୍ତି । ଚାଷୀ ପ୍ରସଙ୍ଗରେ ଭାଜପା ଦ୍ୱାରା ପ୍ରଦର୍ଶିତ ହେଉଥିବା ନାଟକବାଜି ଏବଂ ମିଥ୍ୟାକୁ ଓଡ଼ିଶାର ଲୋକମାନେ ପସନ୍ଦ କରନ୍ତି ନାହିଁ ଏବଂ ଏଥିପାଇଁ ସେମାନଙ୍କୁ ଉପଯୁକ୍ତ ଜବାବ ଦେବେ ବୋଲି ଶ୍ରୀମୟୀ କହିଛନ୍ତି ।


**ଏନ୍‌ଟିପିସି NTPC ଏନ୍‌ଟିପିସି ଲିମିଟେଡ୍**
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)

**ଏନ୍‌ଟିପିସି ଦର୍ଲିପାଲି, ଜିଲା- ସୁନ୍ଦରଗଡ଼-୭୭୦୦୭୨, ଓଡ଼ିଶାରୁ**
**ଶୁଷ୍କ ଫ୍ଲାଏ ଆଶ୍ ଜାରି କରିବା ନିମନ୍ତେ**
**ଆଗ୍ରହର ଅଭିବ୍ୟକ୍ତି (ଇଓଆଇ)ଆହ୍ୱାନ**

ସୁନ୍ଦରଗଡ଼/ଝାରସୁଗୁଡ଼ାଠାରୁ ପାଖାପାଖି ୩୨ କିମି ଦୂରରେ ଅବସ୍ଥିତ ଏନ୍‌ଟିପିସି ଲିମିଟେଡ୍‌ର ଦର୍ଲିପାଲି ସୁପର୍ ଥର୍ମାଲ୍ ପାୱାର ଷ୍ଟେଶନ୍ ଏହି ପ୍ରକାଶନ ତାରିଖରୁ ୧ ବର୍ଷ ଅବଧି ପାଇଁ ଏନ୍‌ଟିପିସି ଦର୍ଲିପାଲିର ଶୁଷ୍କ ଫ୍ଲାଏ ଆଶ୍ ଖଣିରୁ ନିଃଶୁଳ୍କ ଭିତ୍ତିରେ ୧୦ ଏଲ୍‌ଏମ୍‌ଟି ଶୁଷ୍କ ଫ୍ଲାଏ ଆଶ୍ ଜାରି କରିବା ପାଇଁ ଆଗ୍ରହୀ ଏଜେନ୍ସିଗୁଡିକଠାରୁ ଆଗ୍ରହର ଅଭିବ୍ୟକ୍ତି (ଇଓଆଇ) ଆହ୍ୱାନ କରୁଛନ୍ତି । ପରିବହନ ଖର୍ଚ୍ଚ ବିଡରଙ୍କ ଦ୍ୱାରା ବହନ କରାଯିବ ।
ଆଗ୍ରହୀ ପକ୍ଷମାନଙ୍କୁ ସେମାନଙ୍କ ଆବଶ୍ୟକତାକୁ **emgdarlipali@ntpc.co.in**ରେ ପଠାଇବା ପାଇଁ ଅନୁରୋଧ କରାଯାଉଛି । ବିବରଣୀ ନିମ୍ନଲିଖିତ ଠିକଣାରୁ ମଧ୍ୟ ହାସଲ କରାଯାଇପାରିବ:
**ଠିକଣା:** ଏଜିଏମ୍ (ଇଏମ୍‌ଜି-ଏୟୁ), ଦର୍ଲିପାଲି ସୁପର୍ ଥର୍ମାଲ୍ ପାୱାର୍ ଷ୍ଟେଶନ, ଏନ୍‌ଟିପିସି ଲିଃ, ପୋଷ୍ଟ- ଦର୍ଲିପାଲି, ଜିଲ୍ଲା- ସୁନ୍ଦରଗଡ଼, ଓଡ଼ିଶା - ୭୭୦୦୭୨ । ମୋ.: ୮୮୨୮୧୮୭୪୬୫, ୯୪୨୪୧୪୧୬୭୪

**ଆଗେଇ ନେଉଛୁ ଶକ୍ତି କ୍ଷେତ୍ରକୁ**



**OFFICE OF THE SUPERINTENDING ENGINEER RWS&S DIVISION, JAGATSINGHPUR**
Tel. No. 06724-223485, mail: rwssjspur@gmail.com

**e-Procurement Notice**
**Bid Identification No. 23 of 2022-23**

No. O-1262: The Superintending Engineer, RWS&S Division, Jagatsinghpur on behalf of Governor of Odisha invites P1 composite bids in Single Cover System in online mode for the work detailed given below from the registered and valid contractors of State HT Licence Holder.

1. Name of work : Installation of External Electrification Works
2. No. of work : 08 Nos.
3. Estimated Cost : Rs.583690/- & Rs.796408/-
4. Cost of Tender Paper : Rs.4000/- each
5. Class of Contractor : HT Licence
6. Availability of Tender in website : 19.11.2022 to 29.11.2022
7. Submission of Bid in Online : 19.11.2022 to 29.11.2022
8. Date of seeking clarification : 19.11.2022 to 26.11.2022
9. Date of Opening of Bids : 30.11.2022 (11.00 A.M.)
10. Name and address of O.I.T. : Superintending Engineer, RWS&S Division, Jagatsinghpur
11. All other details can be seen from the website : **www.tendersorissa.gov.in**
12. Bid cost should be submitted in online mode.
13. Subsequent Corrigendum/Addendum if required shall only be appeared in above website.

**Sd./- Superintending Engineer**
**RWS&S Divn., Jagatsinghpur**
**OIPR-25024/11/0010/2223**



**ODISHA SUB-ORDINATE STAFF SELECTION COMMISSION**
**ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ**
ବ୍ଲକ ନଂ.3 ଏବଂ 5, ୟୁନିଟ-1, ଭୁବନେଶ୍ୱର-751009
ଦୂରଭାଷ-0674-2597149,2597152 (ଅଫିସ୍)
ଫାକ୍ସ-0674-2597155, ୱେବସାଇଟ୍:www.osssc.gov.in

**BIDDING**

**No.IIE-60/2022-1787/OSSSC** **Dated 11.11.2022**

**FOR SELECTION OF SERVICE PROVIDERS FOR SERVICES RELATED TO RECRUITMENT EXAMINATIONS OF DISTRICT CADRE GROUP-B & C POSTS OF GOVT. OF ODISHA**

**No.T-191:** With reference to the bidding notification published vide No.1581/OSSSC dated 30.09.2022, the modified bid document regarding selection of Service Providers is hereby published. Interested parties are requested to login Commission's website: www.osssc.gov.in and download the modified bid document from 11.11.2022 to 25.11.2022 and submit their bid by 30.11.2022 through Registered/Speed Post or private courier. Bids received after 30.11.2022 shall not be taken for consideration.

**OIPR-09007/11/0040/2223** **Sd./- Joint Secretary**



**OFFICE OF THE DEPUTY SUPERINTENDENT, GOVERNMENT AYURVEDIC HOSPITAL**
Old Town, Odisha, Bhubaneswar, PIN - 751014
deputysuperintendent.gah.bbsr@gmail.com, Tel.: 0674-2432347
No. 993/DSGAH, Bhubaneswar Dt. 14th November 2022

**TENDER FOR SUPPLY OF RAW MATERIALS AND CONTINGENT ARTICLES TO GOVERNMENT AYURVEDIC PHARMACY, GOVERNMENT AYURVEDIC HOSPITAL, BHUBANESWAR, ODISHA**

No. E-632: Sealed tenders are invited from reputed manufacturers/ authorized dealers including wholesale co-operative organizations and Government/Semi Govt. agencies for supply of raw materials and contingent articles to Government Ayurvedic Pharmacy, Government Ayurvedic Hospital, Bhubaneswar, Odisha for preparation of Ayurvedic Medicines for the Financial year 2022-23.

| | | |
|---|---|---|
| 1. | Cost of Tender Book per set | Rs.1,050.00 (One thousand and fifty rupees only including GST) |
| 2. | Availability of Tender Book | At office of Deputy Superintendent, GAH, BBSR only in shape of D.D. in favour of the Deputy Superintendent, Government Ayurvedic Hospital, Old Town, Bhubaneswar |
| 3. | Mode of payment of cost of Tender Book | In shape of Demand Draft in favour of **Deputy Superintendent, Govt. Ayurvedic Hospital, Bhubaneswar, Odisha**, payable at Bhubaneswar |
| 4. | Date of commencement of sale of Tender Book | Dt.17.11.2022 at 11.00 A.M. to 07.12.2022 at 5.00 P.M. |
| 5. | Last date & time for submission of tender | Dt.07.12.2022 at 5.00 P.M. |
| 6. | Mode of submission of tender | To be received through a sealed Tender box kept in the Office Chamber of the Deputy Superintendent, GAH, BBSR, Odisha. |
| 7. | Mode of submission of sealed samples | To be received by the Deputy Superintendent, GAH, BBSR, Odisha and in his absence A.M.O., I/c- Pharmacy, Govt. Ayurvedic Hospital, Bhubaneswar will receive the samples at the time of submission of tender paper within the scheduled date and time. |
| 8. | Date, time & place for opening of tenders | Technical bids will be opened on Dt.09.12.2022 at 12.00 P.M. at office Chamber of Deputy Superintendent, GAH, BBSR, Odisha the date, time & place of opening of the Financial Bids of the technically qualified bidders will be intimated later on. |

The tender inviting authority reserves the right to reject any or all the tenders without assigning any reason thereof. For details, please log on to **www.ayushodisha.nic.in**.

**Sd./- Deputy Superintendent**
**OIPR-10053/11/0004/2223** **Govt. Ayurvedic Hospital, Bhubaneswar**



**ODISHA COOPERATIVE TASAR & SILK FEDERATION LTD. (SERIFED)**
Sahid Nagar, Janpath, Bhubaneswar-751007, Tel : 0674-2545586 / 2545852 (O),
E-mail: serifedodisha@gmail.com, Website: www.serifedodisha.in
**No. V-08(17)/SERIFED/22-23/2174** **Date: 15.11.2022**

**TENDER CALL NOTICE**

Sealed Tender are invited from the reputed computer Hardware Firm for the annual maintenance of the 15 numbers of desktop along with 11 numbers of Printers along with refilling of cartridge.

The interested parties are requested to submit their tender with details of AMC with scope of work along with rate within 15 days to the under signed i.e. lasted by 30.11.2022 up to 4.00 PM. The Authority reserve the rights to accept or reject any tender without assigning reason thereof.

Sd/-
**MANAGING DIRECTOR**



**ODISHA COOPERATIVE TASAR & SILK FEDERATION LTD. (SERIFED)**
Sahid Nagar, Janpath, Bhubaneswar-751007, Tel : 0674-2545586 / 2545852 (O),
E-mail: serifedodisha@gmail.com, Website: www.serifedodisha.in
**BID IDENTIFICATION NO:- VI-44(05)/SERIFED/2022-23/2188 DT.15.11.2022**

**TENDER CALL NOTICE**

The MANAGING DIRECTOR (SERIFED), Odisha, Bhubaneswar invites sealed tenders in single cover bids from the registered contractors for 02 no of work at Bhubaneswar. The bid documents such as DTCN/BOQ etc. can be seen/downloaded from the website : **www.serifedodisha.in** during the period **dt. 19.11.2022 to 5.00 PM up to 28.11.2022**. Tender shall be received till **5.00 PM on 28.11.2022** & shall be opened at **11.30 AM on 29.11.2022**. Any addendum / corrigendum / cancellation of tender can also be seen in the said website.

Sd/-
**MANAGING DIRECTOR**



See Career Appointment on every Wednesday & Saturday



**ୟୁକୋ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩
**ଡିମାଣ୍ଡ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**

କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁକୋ ବ୍ୟାଙ୍କ, ଚମ୍ପେଶ୍ୱର ଶାଖାର** ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଚମ୍ପେଶ୍ୱର ଶାଖା / ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀମାନଙ୍କ ନାମ ଓ ଠିକଣା | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ |
|---|---|---|---|
| ଋଣଗ୍ରହୀତା: **ମେସର୍ସ ସାହୁ ବ୍ରଦର୍ସ, ସ୍ୱତ୍ୱାଧିକାରୀ:** ୰ ବସନ୍ତ **କୁମାର ସାହୁ,** ସା: ବରକୋଳି, ପୋ: ନୁଖାପଡ଼ା, ଜିଲ୍ଲା: କଟକ - ୭୫୪୦୩୨ / ୰ ବସନ୍ତ କୁମାର ସାହୁଙ୍କ ଆଇନଗତ ଉତ୍ତରାଧିକାରୀମାନେ: **୧) ଜ୍ୟୋତ୍ସ୍ନାରାଣୀ ସାହୁ,** ସ୍ୱାମୀ: ୰ ବସନ୍ତ କୁମାର ସାହୁ, **୨) ଶ୍ରୀମତୀ ଦେବସ୍ମିତା ସାହୁ,** ପିତା: ୰ ବସନ୍ତ କୁମାର ସାହୁ, **୩) ଶ୍ରୀ ଦୀପକ କୁମାର ସାହୁ,** ପିତା: ୰ ବସନ୍ତ କୁମାର ସାହୁ, **୪) ମିସ୍ ସଙ୍ଗୀତା ସାହୁ,** ପିତା: ୰ ବସନ୍ତ କୁମାର ସାହୁ, ସମସ୍ତଙ୍କ ଠିକଣା- ସା: ବରକୋଳି, ପୋ: ନୁଖାପଡ଼ା, ଜିଲ୍ଲା: କଟକ - ୭୫୪୦୩୨ | ୦୪.୧୧.୨୦୨୨ ସୁଦ୍ଧା ଟ.୧୯,୨୦,୮୦୩.୯୯ + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ବାସୋପଯୋଗୀ ଜମି ସହିତ ସେଠାରେ ଥିବା ଗୃହ ଯାହାର ଖାତା ନଂ.: ୯୮/୪୩, ପ୍ଲଟ୍ ନଂ.: ୮୪୧/୯୮୬, ପରିମିତ କ୍ଷେତ୍ର: ଏକର୦.୦୫ ଡ଼ିସିମିଲି ଏବଂ ପ୍ଲଟ୍ ନଂ.: ୮୪୧/୯୮୭, ପରିମିତ କ୍ଷେତ୍ର: ଏକର୦.୦୬ ଡ଼ିସିମିଲି, **ସମୁଦାୟ କ୍ଷେତ୍ର: ଏକର୦.୧୧ ଡ଼ିସିମିଲି,** କିସମ: ଘରବାରୀ, ମୌଜା: ବରକୋଳି, ତହସିଲ/ଥାନା: ନରସିଂହପୁର, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ସରୋଜ କୁମାର ସାହୁଙ୍କ ସମ୍ପତ୍ତି, ଦକ୍ଷିଣ: ମହେନ୍ଦ୍ର ସାହୁଙ୍କ ସମ୍ପତ୍ତି, ପୂର୍ବ: ଦୁର୍ଯ୍ୟୋଧନ ସାହୁଙ୍କ ସମ୍ପତ୍ତି, ପଶ୍ଚିମ: ରାସ୍ତା | ୦୪.୧୧.୨୦୨୨ |

ଆପଣ ଆମର **ଚମ୍ପେଶ୍ୱର ଶାଖା** ସହିତ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ପରବର୍ତ୍ତୀ ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପରେ ଦର୍ଶାଯାଇଥିବା ସାରଣୀରେ ଉଲ୍ଲେଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆକ୍ଟ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରିକରାଯାଇଥିଲା । ରେଜିଷ୍ଟ୍ରେଡ୍ ଡ଼ାକ ସହିତ ଏ.ଡି. ଯୋଗେ ପଠାଯାଇଥିବା ଉକ୍ତ ଡ଼ିମାଣ୍ଡ ନୋଟିସ୍ ଉପରଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା। ଋଣ ପରିଶୋଧରେ ଅନିୟମିତତା ଯୋଗୁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତି (NPA)ରେ ପରିଣତ ହୋଇଛି । ଆପଣ ଉପରୋକ୍ତ କଥିତ ସମ୍ପତ୍ତିକୁ କୌଣସି ପ୍ରକାରରେ ବିକ୍ରି, ଲିଜ୍ ଆଦି ମାଧ୍ୟମରେ ବ୍ୟାଙ୍କର କୌଣସି ଲିଖିତ ସହମତି ବିନା ହସ୍ତାନ୍ତରିତ କରିପାରିବେ ନାହିଁ । ଏଣୁ ଏହି ନୋଟିସ୍‌ର **୬୦ ଦିନ** ମଧ୍ୟରେ ସୁଧ ସହିତ ସମସ୍ତ ଦେୟ ଆପଣଙ୍କୁ ପଇଠ କରିବାକୁ ପଡ଼ିବ। ଅନ୍ୟଥା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କ ବନ୍ଧକ ଥିବା ସୁରକ୍ଷିତ ସମ୍ପତ୍ତି ଉପରେ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ଅନୁଯାୟୀ ଅଧିକାର ସାବ୍ୟସ୍ତ କରିବାକୁ ବାଧ୍ୟ ହେବ । ଏହି ନୋଟିସ୍ ବ୍ୟାଙ୍କ ତରଫରୁ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାର ଅଧିକାରକୁ ପ୍ରତିହତ କରିବ ନାହିଁ । **ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

ସ୍ଥାନ : ଭୁବନେଶ୍ୱର, ତାରିଖ : ୧୫.୧୧.୨୦୨୨ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

# 'ଅକ୍ଷର' ପାଇଁ ବାଟ ଫିଟିଲା

## ପୂର୍ବ ନିର୍ଦ୍ଧାରିତ ଡିସେମ୍ବର ୯ରୁ ୧୮ ପର୍ଯ୍ୟନ୍ତ ଚାଲିବ ରାଜ୍ୟ ପୁସ୍ତକ ମେଳା

**ଭୁବନେଶ୍ୱର,୧୫।୧୧(ବ୍ୟୁରୋ)**

ବହୁ ଆଲୋଚନା ପରେ ୪ର୍ଥ ରାଜ୍ୟ ପୁସ୍ତକ ମେଳା 'ଅକ୍ଷର' ହେବା ନେଇ ମଙ୍ଗଳବାର ନିଷ୍ପତ୍ତି ହୋଇଛି। ପୂର୍ବ ନିର୍ଦ୍ଧାରିତ ସମୟ ଓ ସ୍ଥାନରେ ପୁସ୍ତକ ମେଳା ହେବ। ଏନେଇ ରାଜଧାନୀ ପୁସ୍ତକ ମେଳା କମିଟି ସମ୍ପାଦକ ଉପେନ୍ଦ୍ର କୁମାର ଜେନା କହିଛନ୍ତି, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ପରିଚାଳନା ନିର୍ଦ୍ଦେଶକ ବଳବନ୍ତ ସିଂହ ଓ ସଚିବ କବୀନ୍ଦ୍ର କୁମାରଙ୍କ ସହ ଆଲୋଚନା ହୋଇଥିଲା। ସେମାନେ ପୂର୍ବ ନିର୍ଦ୍ଧାରିତ ଡିସେମ୍ବର ୯ରୁ ୧୮ପର୍ଯ୍ୟନ୍ତ ରାଜ୍ୟ ପୁସ୍ତକ ମେଳା ପ୍ରଦର୍ଶନୀ ପଡ଼ିଆଠାରେ ଆୟୋଜନ କରିବାକୁ ଅନୁମତି ଦେଇଛନ୍ତି। ଡଟ୍‌ଫେଷ୍ଟ ପାଇଁ ୨୦୦ବର୍ଗ ଫୁଟ ଛାଡ଼ି ଦିଆଯିବ, ଫଳରେ ପୁସ୍ତକ ମେଳା କିମ୍ବା ଡଟ୍‌ଫେଷ୍ଟ ପାଇଁ କୌଣସି ବାଧା ଉପୁଜିବ ନାହିଁ। ଏହି ଆଲୋଚନାରେ ଭାସ୍କର ଜେନା, ବିଦ୍ୟୁଭୂଷଣ ପଟ୍ଟନାୟକ ଓ ରମେଶ ସ୍ୱାଇଁ ମଧ୍ୟ ଉପସ୍ଥିତ ଥିଲେ। ତେବେ ସଂସ୍କୃତି ବିଭାଗର କୌଣସି ଅଧିକାରୀ ଏହି ଆଲୋଚନାରେ ଉପସ୍ଥିତ ନ ଥିଲେ।

ପୁସ୍ତକମେଳା ବାତିଲ ହେବାର ସମ୍ଭାବନା ନେଇ ଶନିବାର ଖବର ପ୍ରକାଶ ପାଇଥିଲା। ବିଶ୍ୱ ହକି କପ୍ ଆୟୋଜନ ସମୟରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ଅନ୍ତର୍ଜାତୀୟ ଉତ୍ସବ ଡଟ୍ ଫେଷ୍ଟ ପାଇଁ ପ୍ରଦର୍ଶନୀ ପଡ଼ିଆ ନିଆଯାଉଥିବାରୁ ସେଠାରେ ନିର୍ଦ୍ଧାରିତ ସମୟରେ ପୁସ୍ତକମେଳା ହୋଇପାରିବ ନାହିଁ ବୋଲି ଇଡ୍‌କୋ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଥିଲେ।




ଏହା ଜଣାପଡ଼ିବା ପରେ ରାଜ୍ୟର ପ୍ରକାଶକ, ପୁସ୍ତକ ବିକ୍ରେତା, ଲେଖକ ଓ ପାଠକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ପୁସ୍ତକମେଳା ଆୟୋଜନ ଦାୟିତ୍ୱ ନେଇଥିବା କମିଟି ପକ୍ଷରୁ ଏନେଇ ତତ୍ପରତା ପ୍ରକାଶ ପାଇଥିଲା। ଡଟ୍ ଫେଷ୍ଟ ବିଡିଏ ଆୟୋଜନ କରୁଥିବାବେଳେ ନିର୍ଦ୍ଧାରିତ ସମୟ ଅବଧି ପାଇଁ ପଡ଼ିଆ ଛାଡ଼ିବାକୁ ମେଳା ଆୟୋଜନ କମିଟି ବିଡିଏ ଉପାଧ୍ୟକ୍ଷ ବଳବନ୍ତ ସିଂହଙ୍କୁ ଅନୁରୋଧ ପତ୍ର ଦେଇଥିଲେ। ସୋମବାର ଏନେଇ ବିଡିଏ କର୍ତ୍ତୃପକ୍ଷଙ୍କ ସହ ମେଳା କମିଟିର ଦୁଇ ଥର ବୈଠକ ବସିଥିଲେ ସୁଦ୍ଧା କୌଣସି ନିଷ୍କର୍ଷ ବାହାରି ପାରି ନ ଥିଲା। ମଙ୍ଗଳବାର ପୁଣି ବୈଠକ ବସି ସମାଧାନର ସୂତ୍ର ବାହାରିଥିଲା। ସର୍ତ୍ତମୂଳକ ଭାବେ ପୁସ୍ତକମେଳା ପାଇଁ ପଡ଼ିଆ ଛାଡ଼ିବାକୁ ବିଡିଏ କର୍ତ୍ତୃପକ୍ଷ ରାଜି ହୋଇଥିଲେ। ଡିସେମ୍ବର ୧୮ରେ ପୁସ୍ତକମେଳା ଶେଷ ହେଉଥିବାବେଳେ ଡିସେମ୍ବର ୨୦ସୁଦ୍ଧା ମେଳା ଭାଙ୍ଗି ପଡ଼ିଆ ହସ୍ତାନ୍ତର କରିବାକୁ ବିଡିଏ ଦେଇଥିବା ସର୍ତ୍ତକୁ ମେଳା କର୍ତ୍ତୃପକ୍ଷ ଗ୍ରହଣ କରିଛନ୍ତି। ଏହି ନିଷ୍ପତ୍ତି ପରେ ପ୍ରକାଶକ, ଲେଖକ ଓ ପାଠକ ସମାଜରେ ଖୁସିର ଲହରୀ ଖେଳିଯାଇଛି। କଥାଶିଳ୍ପୀ ତଥା ପ୍ରକାଶନ ସଂସ୍ଥାନ ପେନ୍ ଇନ୍ ବୁକ୍ସର ନିର୍ଦ୍ଦେଶକ ଶୁଭ୍ରାଂଶୁ ପଣ୍ଡା କହିଛନ୍ତି, ସରକାରଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ଦୀର୍ଘ ଦୁଇବର୍ଷ ଧରି ପୁସ୍ତକମେଳା ବନ୍ଦ ଥିବାବେଳେ ଏଥର ମେଳା ବିପୁଳ ସମର୍ଥନ ଓ ସଫଳତା ପାଇବ ବୋଲି ସେ ଆଶା କରିଛନ୍ତି। ଏଥିସହ ବିଡିଏ କର୍ତ୍ତୃପକ୍ଷ ଓ ଆୟୋଜନ କମିଟିକୁ କୃତଜ୍ଞତା ଜଣାଇଛନ୍ତି। ଅନ୍ୟପଟେ ସରକାର ସଂସ୍କୃତି ବିଭାଗର ସ୍ଥାଣୁତା ଭାଙ୍ଗିବା ସହ ପୁସ୍ତକମେଳା ଆୟୋଜନ ପଛରେ ହୋଇଥିବା ବିଭ୍ରାଟ, ଅର୍ଥ ତୋସରପାତ ଓ ପ୍ରିୟାପ୍ରୀତି ତୋଷଣର ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ପଣ୍ଡା ଦାବି କରିଛନ୍ତି।

## ୨୭ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ୬ ଗିରଫ

**ଖୋର୍ଦ୍ଧା ଅଫିସ/ଯାଁଳା, ୧୫।୧୧ (ଡି.ଏନ୍.ଏ.)**

ଖୋର୍ଦ୍ଧା ପୋଲିସ ସୋମବାର ଅପରାହ୍ଣରେ ପାନବରଜର ଏକ ଘରୋଇ ଶିକ୍ଷାନୁଷ୍ଠାନ ନିକଟ ପଡ଼ିଆରେ ବ୍ରାଉନସୁଗାର କାରବାର ନେଇ ୫ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ କଲ୍ୟାଣପୁରର ସନ୍ତୋଷ ରାଉତରାୟ ଓରଫ ସନ୍ତୁ, ପାନବରଜ ମୁସଲିମ ସାହିର ଏସକେ ତାଲିମ, ଏସ୍.କେ. ନାସିମ ଓରଫ ବାବୁ, ଜରିପୁଟର ମାନସ ପ୍ରଧାନ ଏବଂ ଟାଙ୍ଗୀ ଥାନା ହରିପୁରଶାସନର ବଟକୃଷ୍ଣ ମହାରଣା ଓରଫ ବୁଟୁ। ଏମାନଙ୍କଠାରୁ ୧୦ଗ୍ରାମ ବ୍ରାଉନସୁଗାର ସହ ଦୁଇ ବାଇକ୍ ଜବତ ହୋଇଛି। ସେହିପରି ଇନ୍‌ଫୋଭ୍ୟାଲି ଥାନା ପୋଲିସ ଜଣେ ବ୍ରାଉନ୍‌ସୁଗାର ବେପାରୀଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ କାଇମାଟିଆ ଗ୍ରାମର ସନ୍ଦୀପ ପରିଡ଼ା ଓରଫ ସାନୁ। ତାଙ୍କଠାରୁ ୧୭.୧୦ ଗ୍ରାମ୍ ବ୍ରାଉନ୍‌ସୁଗାର, ମୋବାଇଲ, ସ୍କୁଟି ଓ ନଗଦ ୨୨୦୦ ଟଙ୍କା ଜବତ କରାଯାଇଛି।

## ସଂକ୍ଷେପରେ

### ଡିସେମ୍ବର ୪ରେ କୋଣାର୍କ ସାହିତ୍ୟ ଆସର, ଚିତ୍ରକଳା ପ୍ରଦର୍ଶନୀ

କୋଣାର୍କ,୧୫।୧୧(ଡି.ଏନ୍.ଏ.): ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ ହେବାକୁ ଥିବା କୋଣାର୍କ ଉତ୍ସବ ଅବସରରେ ଡିସେମ୍ବର ୪ରେ କୋଣାର୍କ ସାହିତ୍ୟ ଆସର ଓ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହେବ। କୋଣାର୍କ ମୁକ୍ତାକାଶ ରଙ୍ଗମଞ୍ଚ ପରିସରରେ ୨ଟି ଅଧିବେଶନରେ ସାହିତ୍ୟ ଆଲୋଚନା, ବ୍ୟଙ୍ଗ କବିତା ଆସର, ଅଣୁଗଳ୍ପ ଓ କବିତା ପାଠ, ପୁସ୍ତକ ଉନ୍ମୋଚନ କରାଯିବ। ୯ଜଣ ସାରସ୍ୱତ ପ୍ରତିଭାଙ୍କୁ ସମ୍ମାନିତ କରାଯିବ। ଏନେଇ ମଙ୍ଗଳବାର ଶ୍ୟାମାକାଳୀ ମନ୍ଦିର ପରିସରରେ ଆୟୋଜିତ ପ୍ରସ୍ତୁତି ବୈଠକରେ କୋଣାର୍କ ସାହିତ୍ୟ ସଂସଦ ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର ଓ ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି ସୂଚନା ଦେଇଛନ୍ତି। ବିଶିଷ୍ଟ କବି ଡ. ମନୋରମା ବିଶ୍ୱାଳ ମହାପାତ୍ରଙ୍କୁ 'କୋଣାର୍କ ସାହିତ୍ୟ ସମ୍ମାନ', ପ୍ରାବନ୍ଧିକ ତଥା ଗବେଷକ ଡ. ବିବୁଧ ରଞ୍ଜନଙ୍କୁ 'ଅର୍କପ୍ରଜ୍ଞା ସମ୍ମାନ' ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏହି ଅବସରରେ ବ୍ୟଙ୍ଗକବି ସର୍ବଗିଳାଙ୍କ ରଚିତ ପୁସ୍ତକ 'ଭଦ୍ର ଖେଚଡ଼'ର ପାଠକାର୍ପଣ କରାଯିବ। କାର୍ଯ୍ୟକ୍ରମରେ ଏକାଧିକ ଚିତ୍ରଶିଳ୍ପୀ ଚିତ୍ରକଳା ପ୍ରଦର୍ଶନ କରିବେ। ବୈଠକରେ ବାନରସେନା ସମ୍ପାଦକ ପ୍ରକାଶଚନ୍ଦ୍ର ଖଟୋଇ, କବୟିତ୍ରୀ ସ୍ୱର୍ଣ୍ଣଲତା ତ୍ରିପାଠୀ, କବି ଚିତ୍ତରଞ୍ଜନ ବିଶ୍ୱାଳ, କୋଣାର୍କ ଓକିଲ ସଂଘ ସଭାପତି ଶ୍ରୀଜୟ ବରାଳ, ନିରଞ୍ଜନ ସାହୁ, କୁନାଲ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ସ୍ୱାସ୍ଥ୍ୟ ସେବା ଶିବିର

ବାଲିପାଟଣା,୧୫।୧୧(ଡି.ଏନ୍.ଏ.): ବାଲିପାଟଣା ସ୍ଥିତ ପଞ୍ଚାୟତ ବାଳିକା ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଆୟୁଷ ସ୍ୱାସ୍ଥ୍ୟ ସୋବା ଶିବିର 'ଜାତୀୟ ଆୟୁଷ ମିଶନ' ଆୟୁଷ ନିର୍ଦ୍ଦୋଶାଳୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜିଲା ହୋମିଓପ୍ୟାଥିକ ଓ ଆୟୁର୍ବେଦ ଚିକିତ୍ସାଧିକାରୀଙ୍କ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଡାକ୍ତର କୃଷ୍ଣାରାଣୀ ପ୍ରହରାଜ ଉଦ୍‌ଘାଟନ କରିଥିଲେ। ଡା. ସସ୍ମିତା ବେହେରା ଯୋଗଦେଇ କହିଥିଲେ, ଏହି ବିଦ୍ୟାଳୟର ଛାତ୍ରୀ ଥିଲି। ଆଜି ପ୍ରଧାନ ଶିକ୍ଷୟିତ୍ରୀଙ୍କ ପାଖ ଚୌକିରେ ବସି ସ୍ୱାସ୍ଥ୍ୟ ସେବା ସମ୍ପର୍କିତ ସଚେତନତା ଶିକ୍ଷା ଦେବାରେ ମୁଁ ଆନନ୍ଦିତ। ଅନ୍ୟମାନଙ୍କ ମଧରେ ଡା. ରେଣୁପ୍ରଭା ମହାପାତ୍ର, ଗୌରୀଶଙ୍କର ପ୍ରସାଦ ମିଶ୍ର, ଅରୁଣ ମଲ୍ଲିକ, ରିନା ମହାପାତ୍ର, ଚିନ୍ମୟୀ ସାହୁ ଓ ମହେଶ କୁମାର ନନ୍ଦ କିଶୋର ଅବସ୍ଥାରେ ସଚେତନତା ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

# ସାଂସ୍କୃତିକ, ଐତିହ୍ୟ ସଂରକ୍ଷଣରେ ଜନଜାତିଙ୍କ ଭୂମିକା ରହିଛି

**ଭୁବନେଶ୍ୱର,୧୫।୧୧(ବ୍ୟୁରୋ)**

ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଏବଂ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଏସ୍‌ସିଏସ୍‌ଟିଆର୍‌ଟିଆଇ) ପ୍ରେକ୍ଷାଳୟରେ ମଙ୍ଗଳବାର ଭାରତ ସରକାରଙ୍କ ଜନଜାତି ବ୍ୟାପାର ମନ୍ତ୍ରାଳୟ ସହଯୋଗରେ ଏସ୍‌ସିଏସ୍‌ଟିଆର୍‌ଟିଆଇ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ଜନଜାତୀୟ ଗୌରବ ଦିବସ ଉଦ୍‌ଘାଟିତ ହୋଇଯାଇଛି। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ, ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଛନ୍ତି, ଦେଶର ସାଂସ୍କୃତିକ ଓ ଐତିହ୍ୟ ସଂରକ୍ଷଣରେ ଜନଜାତି ସଂପ୍ରଦାୟର ମୁଖ୍ୟ ଭୂମିକା ରହିଛି। ଭାରତର ସ୍ୱାଧୀନତା ପାଇଁ ବହୁ ବିଦ୍ରୋହ ଜନଜାତିଙ୍କ ଦ୍ୱାରା ସଂଘଟିତ ହୋଇଥିଲା ବୋଲି ସେ ପ୍ରକାଶ କରିଥିଲେ। ଏସ୍‌ସିଏସ୍‌ଟିଆର୍‌ଟିଆଇର ପୂର୍ବତନ ଉପଦେଷ୍ଟା ତଥା ନିର୍ଦ୍ଦେଶକ ପ୍ରଫେସର ଡ. ଅଖିଳ ବିହାରୀ ଓଟା, ଅବସରପ୍ରାପ୍ତ ଭାରତୀୟ ରେଳସେବା ଅଧିକାରୀ ଉଦୟନାଥ ମାଝୀ, ସ୍ୱତନ୍ତ୍ର



ଜନଜାତୀୟ ଗୌରବ ଦିବସ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜଣେ ପ୍ରତିଭାଙ୍କୁ ସମ୍ମାନିତ କରାଯାଉଛି।

- **ଜନଜାତୀୟ ଗୌରବ ଦିବସ**
- **୭୫ ପ୍ରତିଭା ସମ୍ମାନିତ**

ଉନ୍ନୟନ ପରିଷଦର ସଚିବ ସୁମିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସମାଜକୁ ଉଲ୍ଲେଖନୀୟ ଅବଦାନ ପାଇଁ ୭୫ ଜଣ ଜନଜାତି ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଭାଗୀୟ ନିର୍ଦ୍ଦେଶକ (ଏସ୍‌ଟି) ଶ୍ରୀକାନ୍ତ ତରାଇ ଅତିଥିଙ୍କୁ ସ୍ୱାଗତ ଏବଂ ଏସ୍‌ସିଏସ୍‌ଟିଆର୍‌ଟିଆଇର ଯୁଗ୍ମ ନିର୍ଦ୍ଦେଶକ କଳ୍ପନା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଅପରାହ୍ଣରେ ଜନଜାତି ନୃତ୍ୟ ସମାରୋହ ଅନୁଷ୍ଠିତ ହୋଇଥିଲା। ଏସ୍‌ସିଏସ୍‌ଟିଆର୍‌ଟିଆଇ ପରିସରରେ ଜନଜାତି କଳା ଓ କଳାବସ୍ତୁର ପ୍ରଦର୍ଶନୀ ଚାଲିଛି। ସେଠାରେ ସପ୍ତାହବ୍ୟାପୀ ଓଡ଼ିଶାର ଜନଜାତି ସ୍ୱାଧୀନତା ସଂଗ୍ରାମୀଙ୍କ ଉପରେ ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବ। ଆସନ୍ତା ୨୧ରେ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ ସହ ସଫେଇ କର୍ମଚାରୀଙ୍କୁ ସମ୍ମାନିତ କରାଯିବ। ଏହି ପ୍ରଦର୍ଶନୀ ୨୧ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ପୂର୍ବାହ୍ଣ ୧୧ଟାରୁ ସନ୍ଧ୍ୟା ୫ଟା ୩୦ ମିନିଟ୍ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ଖୋଲା ରହିବ।

# ଡଙ୍ଗା ତିଆରି କରିବାକୁ ଆସି ହଟହଟା

**କଟକ ଅଫିସ, ୧୫।୧୧**

ଚଳିତବର୍ଷ ବାଲିଯାତ୍ରା ଅବସରରେ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ ସ୍ଥାନ ପାଇବା ପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ବାରବାଟି ଷ୍ଟାଡିୟମରେ ଡଙ୍ଗା ପ୍ରସ୍ତୁତି କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏଥିରେ ସହରର ୨୨ଟି ସ୍କୁଲର ଛାତ୍ରୀଛାତ୍ରମାନେ ସାମିଲ ହୋଇ ଡଙ୍ଗା ପ୍ରସ୍ତୁତିରେ ଲାଗି ପଡିଥିଲେ। ହେଲେ ଏଠାରେ ଏତେ ସଂଖ୍ୟକ ଛାତ୍ରୀଛାତ୍ରଙ୍କୁ ନିୟନ୍ତ୍ରଣ କରିବାକୁ ସିଏମ୍‌ସି ପାଇଁ ଅସମ୍ଭବ ହୋଇଥିଲା। ସକାଳ ୬ରୁ ବିଭିନ୍ନ ସ୍କୁଲରୁ ପିଲାଙ୍କୁ ଷ୍ଟାଡିୟମ ଅଣାଯାଇଥିଲା। ସେଠାରେ ଟେଣ୍ଟ ବ୍ୟବସ୍ଥା କରାଯାଇ ନ ଥିଲା। ଫଳରେ ଦୀର୍ଘ ସମୟ ଧରି ପିଲାମାନେ ଖରାରେ ବସିବା କାରଣରୁ କେତେଜଣ ବେହୋସ ହୋଇପଡିଥିଲେ। ଏପରି କି ଜଣେ ଛାତ୍ର ଆଉ ଜଣଙ୍କୁ ବୋଡ଼ ଫୋପାଡିବାରୁ ତାଙ୍କ ମୁଣ୍ଡ ଫାଟି ଯାଇଥିଲା। ଏ ସମ୍ପର୍କରେ ଜଣେ ଶିକ୍ଷୟିତ୍ରୀ ପରିଚୟ ଗୋପନ ରଖି କହିଛନ୍ତି, ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲେ ସୁଦ୍ଧା ସୁବ୍ୟବସ୍ଥା କରାଯାଇ ନ ଥିଲା। ସକାଳ ୬ରୁ ପିଲା ଆସିଥିଲେ। ଟିଫିନ ଓ ଜୁସ୍ ଦେଇ ଦୁଇ ପ୍ରହର ପର୍ଯ୍ୟନ୍ତ ପିଲାଙ୍କୁ ଖରାରେ ବସାଇବା ଜମା ଠିକ୍ ନୁହେଁ।

### କିଏ ବେହୋସ ତ କାହାର ମୁଣ୍ଡ ଫାଟିଲା



ଅପରପକ୍ଷେ ଛାତ୍ର ଲବ ଗୋଇଙ୍କା କହିଛନ୍ତି, ପ୍ରଥମଥର ପାଇଁ ଏଭଳି କାର୍ଯ୍ୟକ୍ରମରେ ସାମିଲ ହୋଇଥିବାରୁ ବହୁତ ଖୁସି ଲାଗୁଚି। ମୁଁ ୧୩ଟା ଡଙ୍ଗା ତିଆରି କରିଛି। ସେହିପରି ଅନ୍ୟଜଣେ ଛାତ୍ର ରୋନକ ଶର୍ମା କହିଛନ୍ତି, ମୁଁ ୧୫ଟା ଡଙ୍ଗା ତିଆରି କରିଛି। ସକାଳୁ ଆସି ଏଠାରେ ଥିଲୁ। ଖରାରେ ବସି ଡଙ୍ଗା ତିଆରି କରିଲୁ। ହେଲେ ଏହା ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ ସ୍ଥାନ ପାଇବା ପରେ ସବୁ କ୍ଳାନ୍ତି ଦୂର ହୋଇଗଲା।



ନିଖିଳ ଭାରତ ସମବାୟ ସପ୍ତାହ ଅବସରରେ ମଙ୍ଗଳବାର ଉତ୍କଳ ମଣ୍ଡପରେ ଆୟୋଜିତ ସମବାୟ ମେଳାରେ ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ ଷ୍ଟଲ୍ ବୁଲି ଦେଖୁଛନ୍ତି।

## ନେକ୍ସସ ଏସପ୍ଲାନେଡ ମଲ୍‌ରେ ଶିଶୁ ଦିବସ

**ଭୁବନେଶ୍ୱର,୧୫।୧୧**

ନେକ୍ସସ ଏସପ୍ଲାନେଡ ମଲ ପକ୍ଷରୁ ଶିଶୁ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ପ୍ରତିଭା ଆଶ୍ରମର ୩୦ରୁ ଅଧିକ ପିଲାଙ୍କ ସହ ମଲ କର୍ତ୍ତୃପକ୍ଷ ଶିଶୁ ଦିବସ ପାଳିଥିଲେ। ସେହିଭଳି ମଲରେ ଆୟୋଜିତ ଶିଶୁ ଦିବସ ଅବସରରେ ଉପସ୍ଥିତ ପିଲାଙ୍କ ପାଇଁ ମଲ ପରିସରରେ ଖେଳକୁଦ, ଖାଦ୍ୟ ଏବଂ ଏକ ଚଳଚ୍ଚିତ୍ରର ମଧ ସ୍କ୍ରିନିଂ ବ୍ୟବସ୍ଥା କରାଯାଇଥିଲା ବୋଲି ମଲ ପକ୍ଷରୁ କୁହାଯାଇଛି।



ଶିଶୁ ଦିବସ ଅବସରରେ ପ୍ରତିଭା ଆଶ୍ରମର ଅନ୍ତେବାସୀଙ୍କ ସହ ନେକ୍ସସ ଏସପ୍ଲାନେଡ ମଲ୍ କର୍ତ୍ତୃପକ୍ଷ ଏବଂ ଅନ୍ୟମାନେ।

# ବିଜେଡି ପଦଯାତ୍ରା ଉଦ୍‌ଯାପିତ

**ବାଲକାଟୀ,୧୫।୧୧(ଡି.ଏନ୍.ଏ.)**

ଜୟଦେବ ନିର୍ବାଚନମଣ୍ଡଳୀ ବିଜେଡିର ଜନସମ୍ପର୍କ ପଦଯାତ୍ରା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ସଂଗଠନ ପକ୍ଷରୁ କମଳ ପାତ୍ର ଏହାର ନେତୃତ୍ୱ ନେଉଥିଲେ। ପୂର୍ବାହ୍ଣରେ ବାଲିଅନ୍ତା ଓ ବାଲିପାଟଣା ବ୍ଲକର ହଜାରରୁ ଊର୍ଦ୍ଧ୍ୱ କର୍ମୀ ପ୍ରଥମେ ଗଡ଼ଶ୍ରୀରାମପୁରସ୍ଥିତ ବିଜେଡି କାର୍ଯ୍ୟାଳୟଠାରୁ ବାହାରି ରଥିଜେମାସ୍ଥିତ ମା' ଭଗବତୀ ମନ୍ଦିର ବାଲକାଟୀ ଭାର୍ଗବୀ ରାସ୍ତା ଦେଇ ଗଞ୍ଜେଇ ଗୋଦାମ ଛକ, ହନୁମନ୍ତପଟଣା, ଆଠଘରିଆସାହି ଦେଇ ବାଲକାଟୀ ବଜାର ଓ ପୁରୀ ମୁଖ୍ୟ କେନାଲଠାରେ ଶୋଭାଯାତ୍ରା ପହଞ୍ଚିଥିଲା। ପଦଯାତ୍ରାରେ ସରପଞ୍ଚ ରୀନା ବେହେରା, ଜିଲା ପରିଷଦ ସଭ୍ୟା କୁନମୁନ ଲେଙ୍କା, ମଙ୍ଗରାଜ ବେହେରା, ବାଲିଅନ୍ତା ବ୍ଲକ ବିଜେଡି ସଭାପତି ପ୍ରଦୀପ୍ତ ଜେନାମଣି, ସମବାୟ ସମିତି ସଭାପତି ବିପିନ ପାତ୍ର, ପୂର୍ବତନ ସରପଞ୍ଚ ମାନସ ନାୟକ, ଉମାକାନ୍ତ ଆଚାର୍ଯ୍ୟ, ଯୁବନେତା ଆଶିଷ ଦାଶ, ବିଜୁ ମୁଦୁଲି, ପବିତ୍ର ବେହେରା, ସମିତି ସଭ୍ୟ ଗଙ୍ଗାଧର ମହାନ୍ତି ପ୍ରମୁଖ ସାମିଲ ଥିଲେ। ଶୋଭାଯାତ୍ରାରେ ଘୋଡାନାଚ ମନୋରମ ଥିଲା। ପଦଯାତ୍ରାରେ ମାତ୍ରାଧିକ ଗହଳି ପାଇଁ ଆମ୍ବୁଲାନ୍ସକୁ କିଛି ସମୟ ଅଟକିବାକୁ ପଡିଥିଲା।




ବିଜେଡିର ଜନସମ୍ପର୍କ ପଦଯାତ୍ରାରେ ସାମିଲ ହୋଇଥିବା ନେତା ଓ କର୍ମୀ।

# ମଶା ଦାଉରେ କଲବଲ ରାଜଧାନୀବାସୀ

**ଭୁବନେଶ୍ୱର, ୧୫।୧୧(ବ୍ୟୁରୋ)**

ଭୁବନେଶ୍ୱର ମହାନଗର ନିଗମାଞ୍ଚଳରେ ଏବେ ମଶାଙ୍କ ପ୍ରାଦୁର୍ଭାବ ବଢ଼ିଚାଲିଛି। କେବଳ ରାତିରେ ନୁହେଁ, ଦିନରେ ବି ମଶାଙ୍କ ଦୌରାତ୍ମ୍ୟ ଶୁଆଇ ବସାଇ ଦେଉନାହିଁ। ଅପରାହ୍ଣ ୪ଟା ବାଜୁ ବାଜୁ ଘରର ଝରକା, କବାଟ ବନ୍ଦ କରି ରହିବାକୁ ପଡୁଛି। ନଚେତ୍ ଘର ଭିତରେ ମଶା ରଖେଇ ଦେଉନାହାନ୍ତି। ରାଜଧାନୀରେ ମଶାଙ୍କ ପ୍ରାଦୁର୍ଭାବ ପାଇଁ ଲୋକେ କଲବଲ ହେଉଛନ୍ତି। ଏହାସତ୍ତ୍ୱେ ବିଏମ୍‌ସି କର୍ତ୍ତୃପକ୍ଷ ଚୁପ୍ ବସିଛନ୍ତି। ସହରରେ ଅଧିକାଂଶ ନାଳ ନର୍ଦ୍ଦମା ଖୋଲା ପଡିଥିବାବେଳେ ସେଗୁଡ଼ିକୁ ନିୟମିତ ସଫା କରାଯାଉନାହିଁ। ଫଳରେ ନର୍ଦ୍ଦମା ପାଣିରେ ମଶାବଂଶ ବୃଦ୍ଧି ପାଇଚାଲିଛି। ଏପରିକି ବିଏମ୍‌ସି ପକ୍ଷରୁ ନାଳଗୁଡ଼ିକରେ ମଶାତେଲ ସିଞ୍ଚନ କରାଯାଉନାହିଁ କିମ୍ବା ଟିଫା ମେଶିନ୍ ବୁଲୁନାହିଁ। ସହରକୁ ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ବିଏମ୍‌ସି ଗୁରୁତ୍ୱ ଦେଉଥିବା କହୁଥିବାବେଳେ ଏଥିପ୍ରତି ଦୃଷ୍ଟି ଦିଆଯାଉନାହିଁ। ଗତ ବର୍ଷ ଏବଂ ଚଳିତ ବର୍ଷ ଲଗାତାର ଭାବେ ଭୁବନେଶ୍ୱରରେ ଡେଙ୍ଗୁରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା। ଅନ୍ୟ ସହର ଅପେକ୍ଷା ଏଠାରୁ ଅଧିକ ସଂଖ୍ୟକ ରୋଗୀ ଚିହ୍ନଟ ହୋଇଥିଲେ। ଘରେ ଘରେ ଜ୍ୱର ବ୍ୟାପିଥିଲା। ଏହାକୁ ଦୃଷ୍ଟିରେ ରଖି ବିଏମ୍‌ସି ପକ୍ଷରୁ ପ୍ରତି ରବିବାର ଏବଂ ଗୁରୁବାର ସପ୍ତାହରେ ଦୁଇଦିନ 'ଡ୍ରାଏ ଡେ' ପାଳନ କରାଯିବା ସହ ଏହାକୁ ସୋସିଆଲ ମିଡିଆରେ ଜୋର୍‌ଦାର୍ ପ୍ରଚାର କରାଯାଉଥିଲା। ମାତ୍ର କିଛିଦିନର ବ୍ୟବଧାନ ପରେ ଏବେ ଆଉ ତାହା କରାଯାଉ ନାହିଁ। ସେହିପରି ଲୋକଙ୍କ ଅଭିଯୋଗ ଏବଂ ଦାବିକୁ ଦେଖି ବିଏମ୍‌ସି କିଛିଦିନ ବିଭିନ୍ନ ୱାର୍ଡରେ ମଶାଧୂଆଁ ଛାଡ଼ିବା ସହ ଡ୍ରେନ୍‌ଗୁଡ଼ିକରେ ମଶା ତେଲ ସିଞ୍ଚନ କରିଥିଲା। ମାତ୍ର ଧିରେ ଧିରେ ଏ ସବୁ ବନ୍ଦ ହୋଇଗଲାଣି। ବିଏମ୍‌ସି ଏବେ କେବଳ ସହରର ସଫେଇ ଉପରେ ଗୁରୁତ୍ୱ ଦେଉଛି। ତେବେ ସହରରେ ମଶାଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ଏଥିପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ନ ଦେବା ସାଧାରଣରେ ଅସନ୍ତୋଷ ସୃଷ୍ଟି କରୁଛି। ବିଶେଷକରି ମୁକୁଳା ଡ୍ରେନ୍ ଓ ନାଳନର୍ଦ୍ଦମା ଅପରିଷ୍କାର ହୋଇ ପଡ଼ିରହିଛି। ଅପରପକ୍ଷେ ସହରର ବିଭିନ୍ନ ସ୍ଥାନରେ ଅଳିଆ ଆବର୍ଜନା ପଡ଼ିରହି ପଚିଶଢ଼ି ପୂତିଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ଏଥିସହ ମଶାବଂଶ ବୃଦ୍ଧି ପାଉଛି। ଡେଙ୍ଗୁର ହଟ୍‌ସ୍ପଟ୍ ପାଲଟିଥିବା ଭୁବନେଶ୍ୱରବାସୀଙ୍କୁ ଏବେ ମ୍ୟାଲେରିଆ ଭୟ ଘାରିଲାଣି।



**ଚୁପ୍ ବସିଛି ବିଏମ୍‌ସି**



- **ସହରରେ ବୁଲୁନି ଟିଫା ମେଶିନ**
- **ନିୟମିତ ସଫେଇ ହେଉନି ଡ୍ରେନ୍**

## ସଂକ୍ଷେପରେ

### ୬ ମାସରେ କଟିଛି ୨୫ ହଜାର ଚାଲାଣ

ଭୁବନେଶ୍ୱର,୧୫।୧୧(ବ୍ୟୁରୋ)- ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ପକ୍ଷରୁ ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କ ଉପରେ ନଜର ରଖିବା ପାଇଁ ସିସି କ୍ୟାମେରା ଲଗାଯାଇଛି। ସହରର ମୋଟ୍ ୩୩ଟି ସ୍ଥାନରେ ୩୦୦ କ୍ୟାମେରାରେ ଟ୍ରାଫିକ୍ ନିୟମ ଅବମାନନା ସମ୍ପର୍କିତ ଚିତ୍ର କଏଦ ହେଉଛି। ଏହି କ୍ରମରେ ଗତ ୬ମାସ ମଧ୍ୟରେ ୨୫ ହଜାର ୨୭୪ ଜଣ ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କର ପୋଲିସ୍ ଚାଲାଣ କାଟିଛି ବିଏସ୍‌ସିଏଲ୍ ପକ୍ଷରୁ ମିଳିଥିବା ସୂଚନାନୁସାରେ ଗତ ମେ’ ମାସରେ ୮୦,୭୫୮ ଜଣ ଦ୍ରୁତ ଗତିରେ ଗାଡ଼ି ଚାଳନା କରିଥିବାବେଳେ ଜୁନ୍‌ରେ ୪୫,୬୬୬ ଜଣ, ଜୁଲାଇରେ ୧,୨୨,୭୦୩ଜଣ, ଅଗଷ୍ଟରେ ୨,୭୪,୩୭୬ଜଣ, ସେପ୍ଟେମ୍ବରରେ ୨,୨୨,୭୧୫ଜଣ ଓ ଅକ୍ଟୋବରରେ ୨,୪୭,୪୭୨ଜଣ ନିର୍ଦ୍ଧାରିତ ବେଗରୁ ଅଧିକ ବେଗରେ ଗାଡ଼ି ଚଳାଇଥିବା ଅଟୋମେଟିକ୍ ନମ୍ବର ପ୍ଲେଟ୍ ରେକଗ୍ନାଇଜେଶନ (ଏଏନ୍‌ପିଆର) ସିଷ୍ଟମ ମାଧ୍ୟମରେ ଜଣାପଡ଼ିଛି। ଅନ୍ୟପଟେ ଟ୍ରାଫିକ୍‌ରେ ରେଡ୍ ସିଗନାଲକୁ ଅବମାନନା କରିଛନ୍ତି ଟ୍ରାଫିକ୍ ଉଲ୍ଲଂଘନକାରୀ। ମେ’ ମାସରେ ୧,୧୨,୪୫୭ଜଣ, ଜୁନ୍‌ରେ ୭୦,୪୫୫ଜଣ, ଜୁଲାଇରେ ୧,୯୫,୧୭୧ଜଣ, ଅଗଷ୍ଟରେ ୮୨, ୪୫୫ଜଣ, ସେପ୍ଟେମ୍ବରରେ ୧,୯୪,୯୬୧ଜଣ ଏବଂ ଅକ୍ଟୋବରରେ ୨,୩୧,୪୪୦ଜଣ ରେଡ୍ ସିଗ୍ନାଲ ଅବମାନନା କରିଥିବା ରେକର୍ଡ ହୋଇଛି। ତେବେ ପୋଲିସ୍ ପକ୍ଷରୁ ସମସ୍ତ ଘଟଣାକୁ ତର୍ଜମା କରାଯିବା ସହ ମେ’ ମାସରେ ୬,୨୭୨ଜଣ, ଜୁନ୍‌ରେ ୪୬୫ ଜଣ, ଜୁଲାଇରେ ୨,୪୮୩ ଜଣ, ଅଗଷ୍ଟରେ ୬,୦୭୭ ଜଣ, ସେପ୍ଟେମ୍ବରରେ ୬,୫୭୭ ଜଣ ଏବଂ ଅକ୍ଟୋବରରେ ୩,୪୦୦ଜଣଙ୍କର ଚାଲାଣ କଟାଯାଇଛି।

### ବିନୋବା ଭାବେଙ୍କ ୪୦ତମ ଶ୍ରାଦ୍ଧବାର୍ଷିକୀ

ଭୁବନେଶ୍ୱର,୧୫।୧୧(ବ୍ୟୁରୋ)-ସନ୍ଥ ବିନୋବା ଭାବେଙ୍କ ୪୦ତମ ଶ୍ରାଦ୍ଧ ବାର୍ଷିକୀ ନୟାପଲ୍ଲୀସ୍ଥିତ ଭୂଦାନ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସ୍ମୃତିଚାରଣ ସଭାକୁ ରାଜ୍ୟ ଭୂଦାନ କର୍ମଚାରୀ ସଂଘର ସଭାପତି ଶେଖ ଅବଦୁଲ ଗନି ହୋସେନ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ସାଧାରଣ ସମ୍ପାଦକ ଅରିଜିତ ପଣ୍ଡା କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ଏହି ଅବସରରେ ଶେଖ ଅବଦୁଲ ଗନି ହୋସେନ ବିନୋବାଙ୍କ ବିଭିନ୍ନ ଜନହିତକର କାର୍ଯ୍ୟର ବର୍ଣ୍ଣନା କରିଥିଲେ। ୧୮୯୫ ସେପ୍ଟେମ୍ବର ୧୧ରେ ବିନୋବା ଭାବେଙ୍କ ଜନ୍ମ ହୋଇଥିଲା ଏବଂ ସେ ୧୫ ନଭେମ୍ବର ୧୯୮୨ ରେ ଇହଲୀଳା ସମ୍ବରଣ କରିଥିଲେ। ଏହି ସମୟ ମଧ୍ୟରେ ବିନୋବା ଅନେକ ଜନକଲ୍ୟାଣକାରୀ କାର୍ଯ୍ୟ କରିପାରିଥିବା ସେ କହିଥିଲେ। ଓଡ଼ିଶା ରାଜ୍ୟରେ ଭୂଦାନ ସଂସ୍ଥାରେ ୬,୩୮,୦୦୦ ଏକର ଜମି ଦାନ ତଥା ଗରିବ ଖଟିଖିଆ ଭୂମିହୀନମାନଙ୍କ ପ୍ରତି ବିନୋବାଜୀଙ୍କ ତ୍ୟାଗ ପରିଶ୍ରମ କଥା ବୋଲି ପଣ୍ଡା କହିଥିଲେ।

### ମୃତ ଏସ୍‌ଆଇଙ୍କ ପରିବାର ସଦସ୍ୟଙ୍କୁ ନିଯୁକ୍ତି ଦେଲା ବିଏମ୍‌ସି

ଭୁବନେଶ୍ୱର,୧୫।୧୧(ବ୍ୟୁରୋ)- ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ରେ ସାନିଟାରୀ ଇନ୍ସପେକ୍ଟର ଭାବେ କାର୍ଯ୍ୟରତ ଥିବା ପି. ରିତିକ ରୋହନଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବାରୁ ତାଙ୍କ ପରିବାର ସଦସ୍ୟଙ୍କୁ ବିଏମ୍‌ସି ପକ୍ଷରୁ ନିଯୁକ୍ତି ଦିଆଯାଇଛି। ରିତିକଙ୍କ ବଡ଼ଭାଇ ପି. ହ୍ରିତିକ ରୋଶନଙ୍କୁ ସାନିଟାରୀ ଇନ୍ସପେକ୍ଟର ଭାବେ ନିଯୁକ୍ତି ମିଳିଛି। ସୂଚନାଥାଉ କି, ଗତ ୩୦ ତାରିଖ ରାତିରେ ରାଜମହଲ ଛକରେ ସଡ଼କ ଦୁର୍ଘଟଣାରେ ସାନିଟାରୀ ଇନ୍ସପେକ୍ଟର ପି. ରିତିକ ରୋହନଙ୍କର ମୃତ୍ୟୁ ଘଟିଥିଲା। ମୃତ ରିତିକ ପରିବାରର ଏକମାତ୍ର ରୋଜଗାରକ୍ଷମ ସଦସ୍ୟ ଥିଲେ। ତାଙ୍କର ମୃତ୍ୟୁ ପରେ ସମ୍ପୂର୍ଣ୍ଣ ପରିବାର ବେସାହାରା ହୋଇଯାଇଥିଲେ। ମୃତକଙ୍କ ପରିବାରରୁ ଜଣେ ସଦସ୍ୟଙ୍କୁ ବିଏମ୍‌ସିରେ ନିଯୁକ୍ତି ଦେବାକୁ ଦାବି ହୋଇଥିଲା । ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲା ବିଏମ୍‌ସି। ରୋଶନ ଡେପୁଟି କମିଶନର ଶୁଭେନ୍ଦୁ ସାହୁଙ୍କ ଉପସ୍ଥିତିରେ ନିଯୁକ୍ତି ପତ୍ର ଗ୍ରହଣ କରିଛନ୍ତି। ବିଏମ୍‌ସିର ପଦକ୍ଷେପକୁ ହ୍ରିତିକଙ୍କ ପରିବାର ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି।

### ଆଞ୍ଚଳିକ ବିକାଶ ମଞ୍ଚର କର୍ମକର୍ତ୍ତା ନିର୍ବାଚିତ

ପୁରୁଣା ଭୁବନେଶ୍ୱର,୧୫।୧୧(ଡି.ଏନ୍.ଏ.): ସ୍ଥାନୀୟ ଲିଙ୍ଗିପୁର ଡିସିବି ବ୍ୟାଙ୍କ ନିକଟ ନିଜସ୍ୱ କାର୍ଯ୍ୟାଳୟ ପରିସରରେ ଆଞ୍ଚଳିକ ବିକାଶ ମଞ୍ଚର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ଏଥିରେ ଉମେଶ ଦାସ ଅଧ୍ୟକ୍ଷତା କରିଥିଲେ। ସର୍ବସମ୍ମତିକ୍ରମେ ସଭାପତି ଭାବେ ଇଂ. କମଳାକାନ୍ତ ସେନାପତି, ଉପସଭାପତି ଭାବେ ଅକ୍ଷୟ କୁମାର ସାହୁ, ସମ୍ପାଦକ ବିଜୟ କୁମାର ସ୍ୱାଇଁ, ଯୁଗ୍ମ ସମ୍ପାଦକ ଶରତ ଚନ୍ଦ୍ର ନାୟକ, କୋଷାଧ୍ୟକ୍ଷ ଅଶୋକ କୁମାର ସାହୁ, ସଂଯୋଜକ ଭାବେ ପ୍ରବୋଧ କୁମାର ମିଶ୍ର ନିର୍ବାଚିତ ହୋଇଥିଲେ। ଏଥିସହିତ ୬ଜଣ ସଭ୍ୟଙ୍କୁ ଏକ୍‌ଜିକ୍ୟୁଟିଭ୍ ବଡି କମିଟି ମେମ୍ବର ଭାବେ ଚୟନ କରାଯାଇଥିଲା।

# ଅନିଶ୍ଚିତତାରେ ବାୟୋମାଇନିଂ ପ୍ରକଳ୍ପ

ଭୁବନେଶ୍ୱର, ୧୫।୧୧ (ବ୍ୟୁରୋ)

ପୁଣି ଝୁଲିଲା ବହୁ ପ୍ରତୀକ୍ଷିତ ଭୁଆସୁଣୀ ବାୟୋମାଇନିଂ ପ୍ରକଳ୍ପ। ବିଏମ୍‌ସି ଅଳିଆ ଗାଡ଼ି ଧକ୍କାରେ ଦାରୁଠେଙ୍ଗ ଗ୍ରାମର ଦୁଇଜଣଙ୍କ ମୃତ୍ୟୁ ପରେ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ଫଳରେ ଭୁଆସୁଣୀ ଡମ୍ପିଂୟାର୍ଡରେ ବାୟୋମାଇନିଂ ପ୍ରକଳ୍ପ କରାଇ ଦେବେ ନାହିଁ ବୋଲି ଗ୍ରାମବାସୀ ଜିଦ୍ ଧରି ବସିଛନ୍ତି। ଏହା ଭିତରେ ସେମାନଙ୍କୁ ମନାଇବାକୁ ଚେଷ୍ଟା କରି ବିଏମ୍‌ସି ଫେଲ୍ ମାରିଥିବାବେଳେ ଗ୍ରାମବାସୀ ନିଜ ଭିତରେ ଆଲୋଚନା କରି ଫଳାଫଳ ଜଣାଇବେ ବୋଲି କହିଛନ୍ତି। ତେଣୁ ଏବେ ଗ୍ରାମବାସୀଙ୍କ ନିଷ୍ପତ୍ତିକୁ ଚାହିଁ ବସିଛି ବିଏମ୍‌ସି। ଯଦି ପୂର୍ବଥର ଭଳି ଏଥର ଗ୍ରାମବାସୀ ନିଜ ଜିଦ୍‌ରେ ଅଟଳ ରୁହନ୍ତି ତେବେ ବିଏମ୍‌ସି ପୁଣି ଥରେ ହରଡ଼ଘଣାରେ ପଡ଼ିବା ଏକପ୍ରକାର ନିଶ୍ଚିତ ହୋଇଯାଇଛି। ଗତଥର ବିଏମ୍‌ସି ଅଳିଆ ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ ପରେ ଗ୍ରାମବାସୀ ବାୟୋମାଇନିଂ କରାଇ ଦେବେନାହିଁ ବୋଲି ରୋକଠୋକ ମନା କରି ଦେଇଥିଲେ। ଯେତେ ବୁଝାଇଥିଲେ ମଧ୍ୟ ସେମାନେ ବୁଝି ନ ଥିଲେ। ଶେଷରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକରେ ସମାଧାନ ହୋଇଥିଲା। ମାତ୍ର ୨ମାସ ଭିତରେ ପୁନର୍ବାର ଅଳିଆ ଗାଡ଼ି ଧକ୍କାରେ ଆଉ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ପରେ ଗ୍ରାମବାସୀ ଉତ୍ୟକ୍ତ ହୋଇଥିଲେ। ପୁନର୍ବାର ଯେପରି ସେମାନେ ଅଳିଆ ପକାଇବା କିମ୍ବା ପ୍ରକଳ୍ପକୁ ବିରୋଧ ନ କରିବେ ସେଥିପାଇଁ ସଙ୍ଗେସଙ୍ଗେ ବିଏମ୍‌ସି ପକ୍ଷରୁ ସମ୍ପୃକ୍ତ ବ୍ୟକ୍ତିଙ୍କ ପରିବାରକୁ ୫ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଇଥିଲା।

**ଗ୍ରାମବାସୀଙ୍କୁ ମନାଇବାକୁ ଚେଷ୍ଟା କରୁଛି ବିଏମ୍‌ସି**

ଏଥିସହ ପରିବାରର ଜଣଙ୍କୁ ଚାକିରି ଦେବା ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ତଥାପି ଗ୍ରାମବାସୀ ଏକ ସପ୍ତାହ ଧରି ଅଳିଆ ପକାଇବାକୁ ଦେଇ ନ ଥିଲେ। ପରେ ସେମାନଙ୍କ ସହ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ନେଇ ଅଳିଆ ପକା ଆରମ୍ଭ ହୋଇଛି। ଗ୍ରାମବାସୀ ଏଥର ସହଜରେ ମାନି ଯାଇଥିବାରୁ ପ୍ରକଳ୍ପ କାମରେ କୌଣସି ସମସ୍ୟା ହେବନାହିଁ ବୋଲି ବିଏମ୍‌ସି ଆଶା କରିଥିଲା ମାତ୍ର ଗ୍ରାମବାସୀ ପ୍ରକଳ୍ପ କାର୍ଯ୍ୟ କରାଇ ଦେବେ ନାହିଁ ବୋଲି ଅଡ଼ି ବସିଛନ୍ତି। ତେଣୁ ସେମାନଙ୍କୁ ପୁଣି କିପରି ବୁଝାଶୁଝା କରାଯିବ ତାହା ଚିନ୍ତାର କାରଣ ପାଲଟିଛି।

ସୂଚନାଯୋଗ୍ୟ, ପ୍ରକଳ୍ପ ପାଇଁ ଚିହ୍ନଟ ହୋଇଥିବା ସ୍ଥାନରେ ବିଏମ୍‌ସି ସଫେଇ କାର୍ଯ୍ୟ ଆରମ୍ଭ କରିଥିଲା। ଏହାପରେ ପାଚେରି ବୁଲାଇବା ଏବଂ ମେଶିନ୍ ଇନ୍‌ଷ୍ଟାଲେସନ୍ କାର୍ଯ୍ୟ ଆରମ୍ଭ ହେବାର ଥିଲା। ଆସନ୍ତା ଜାନୁୟାରୀ କିମ୍ବା ଫେବୃୟାରୀ ସୁଦ୍ଧା ମେସିନ୍ ଇନଷ୍ଟାଲେସନ୍ କାମ ସରିବା ପରେ ବାୟୋମାଇନିଂ କାମ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଥିଲା।

## ବିଏମ୍‌ସିର ଟିଟିଏସ୍ ଚିନ୍ତା

ଭୁବନେଶ୍ୱର, ୧୫।୧୧ (ବ୍ୟୁରୋ):

ବିଏମ୍‌ସିର ମୁଣ୍ଡବିନ୍ଧା ପାଲଟିଛି ଅଳିଆ। କେତେବେଳେ ଡମ୍ପିଂୟାର୍ଡରେ ଅଳିଆ ପକାଇବାକୁ ନେଇ ତ ଆଉ କେତେବେଳେ ସହରର ବିଭିନ୍ନ ସ୍ଥାନରୁ ଅଳିଆ ଉଠାଇବାକୁ ନେଇ ସବୁବେଳେ ଚର୍ଚ୍ଚାରେ ରହୁଛି ବିଏମ୍‌ସି। ଏବେ ସୈନିକ ସ୍କୁଲ ପାଖରେ ଥିବା ଟିଟିଏସ୍ (ଟେମ୍ପରାରି ଟ୍ରାନ୍‌ଜିଟ୍ ଷ୍ଟେଶନ)ରୁ କିପରି ଅଳିଆ ଉଠିବ ତାକୁ ନେଇ ମାନସ ମନ୍ଥନ ଚାଲିଛି। ଟିଟିଏସ୍‌ରେ ଆବର୍ଜନାପୂର୍ଣ୍ଣ ହୋଇ ଉଛୁଳିଲାଣି। ସ୍ଥିତି ଏପରି ଯେ ଟିଟିଏସ୍ ପାଚେରି ଭିତରେ ଅଳିଆ ପକାଇଲେ ତାହା ଆସି ବାହାରେ ପଡୁଛି। ତେଣୁ ଏଠାରୁ କିଭଳି ଅଳିଆ ଭୁଆସୁଣୀ ଡମ୍ପିଂୟାର୍ଡକୁ ସ୍ଥାନାନ୍ତର ହେବ ସେ ନେଇ ବିଏମ୍‌ସି ଚିନ୍ତାରେ ପଡିଛି। ମଙ୍ଗଳବାର ମେୟର ସୁଲୋଚନା ଦାସ ନିଜେ ଟିଟିଏସ୍ ଯାଇ ସ୍ଥିତି ସମୀକ୍ଷା କରିଛନ୍ତି।



ବିଏମ୍‌ସି ମେୟର ସୁଲୋଚନା ଦାସ ଟିଟିଏସ୍ ସ୍ଥିତି ସମୀକ୍ଷା କରୁଛନ୍ତି ।

- ଦୈନିକ ଉଠିବ ୧ଶହ ଟ୍ରିପ୍ ଅଳିଆ
- ୧ମାସ ଭିତରେ ସ୍ଥାନାନ୍ତର କରାଯିବ

ଟିଟିଏସ୍‌ରୁ ଭୁଆସୁଣୀ ଡମ୍ପିଂୟାର୍ଡକୁ ଅଳିଆ ନେବା ପାଇଁ ସଫେଇ ସଂସ୍ଥା ‘ଜାଗୃତି’ ଟେଣ୍ଡର ନେଇଛି। ତେଣୁ ସେଠାରୁ ତୁରନ୍ତ ଅଳିଆ ଖାଲି କରିବା ପାଇଁ ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବରୁ ଦୈନିକ ୫୦ ଗାଡ଼ି ଲାଗୁଥିଲା। ଏବେ ଗାଡ଼ି ସଂଖ୍ୟା ବୃଦ୍ଧି କରିବା ସହ ଦୈନିକ ପ୍ରାୟ ୧ଶହ ଟ୍ରିପ୍ ଅଳିଆ ଉଠାଇବା ପାଇଁ ଯୋଜନା ରହିଥିବା ବିଏମ୍‌ସି ଅଧିକାରୀ କହିଛନ୍ତି। ଖୁବ୍‌ଶୀଘ୍ର ଫୁଲ୍‌ଫେଜ୍‌ରେ ପୁଣିଥରେ କାମ ଆରମ୍ଭ ହେବ। ପ୍ରାୟ ୧ମାସ ଭିତରେ ଟିଟିଏସ୍‌ରୁ ଆବର୍ଜନା ଖାଲି ହେବ ବୋଲି ସୂଚନା ଦିଆଯାଇଛି।

## ଆଗକୁ ହକି ବିଶ୍ୱକପ୍ ସୌନ୍ଦର୍ଯ୍ୟକରଣ ପାଇଁ ଛକସ୍ଥାନରୁ ହଟିବ ବିଜ୍ଞାପନ

ଭୁବନେଶ୍ୱର,୧୫।୧୧(ବ୍ୟୁରୋ):

ହକି ବିଶ୍ୱକପ୍-୨୦୨୩କୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ରାଜଧାନୀର ସୌନ୍ଦର୍ଯ୍ୟକରଣ କରାଯାଉଛି। ଏହି କ୍ରମରେ ସହରର ବିଭିନ୍ନ ଛକରେ ଏଜେନ୍ସି ଦ୍ୱାରା ଲଗାଯାଇଥିବା ବିଭିନ୍ନ ବିଜ୍ଞାପନ ହଟାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ମଙ୍ଗଳବାର ବିଏମ୍‌ସି କାର୍ଯ୍ୟାଳୟରେ କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ନିର୍ଦ୍ଦେଶ କ୍ରମେ ଅନୁଷ୍ଠିତ ଏକ ବୈଠକରେ ଏନେଇ ନିଷ୍ପତ୍ତି ନିଆଯାଇଛି। ଅତିରିକ୍ତ କମିଶନର ବିନୟ କୁମାର ଦାଶଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବୈଠକରେ ୩୦ଟି ବିଜ୍ଞାପନ ଏଜେନ୍ସିର ପ୍ରତିନିଧି ଉପସ୍ଥିତ ରହି ଆଲୋଚନା କରିଥିଲେ। ସୌନ୍ଦର୍ଯ୍ୟକରଣ ନିମନ୍ତେ ଛକ ସ୍ଥାନର ୫୦ ମିଟର ପରିଧି ମଧ୍ୟରେ ଲାଗିଥିବା ହୋର୍ଡିଂ ଓ ଛାତ ଉପରେ ଲାଗିଥିବା ବିଜ୍ଞାପନ ଆଦିକୁ ହଟାଯିବ। ଆସନ୍ତା ୭ରୁ ୧୦ ଦିନ ମଧ୍ୟରେ ଏହି କାର୍ଯ୍ୟ ସାରିବା ପାଇଁ ଏଜେନ୍ସିଗୁଡ଼ିକୁ ପରାମର୍ଶ ଦିଆଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜୋନାଲ ଡେପୁଟି କମିଶନର (ଦକ୍ଷିଣ-ପଶ୍ଚିମ) ରବି ନାରାୟଣ ଜେଠୀ, ଜୋନାଲ ଡେପୁଟି କମିଶନର (ଦକ୍ଷିଣ-ପୂର୍ବ) ପ୍ରିୟବ୍ରତ ପାଢ଼ୀ ମଧ୍ୟ ଉପସ୍ଥିତ ଥିଲେ। ଡେପୁଟି କମିଶନର ସପନ କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।


ୟୁନିଟ୍ -୯ ସ୍ଥିତ ବାଳକ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ରାଜ୍ୟସ୍ତରୀୟ ସୁରଭିର ୨ୟ ଦିନ ମଙ୍ଗଳବାର ପିଲାମାନେ ମାଟିର ମୂର୍ତ୍ତି ଗଢୁଛନ୍ତି ।

## ‘ଓଡ଼ିଶା ଶକ୍ତି ସଂରକ୍ଷଣ କୋଠା କୋଡ୍’ ଉପରେ ପ୍ରଶିକ୍ଷଣ

ଭୁବନେଶ୍ୱର,୧୫।୧୧(ବ୍ୟୁରୋ):

ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ, ଦକ୍ଷିଣାଞ୍ଚଳ କର୍ତ୍ତୃପକ୍ଷ ଆନୁକୂଲ୍ୟରେ ଲୋକସେବା ଭବନ କନଭେନଶନ୍ ସେଣ୍ଟରଠାରେ ‘ଓଡ଼ିଶା ଶକ୍ତି ସଂରକ୍ଷଣ କୋଠା କୋଡ୍ ୨୦୨୨’ ଉପରେ ଏକ ଦିନିକିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ସୁରେଶ ଚନ୍ଦ୍ର ମହାରଣା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ପ୍ରତିନିଧିମାନଙ୍କୁ ସ୍ୱାଗତ କରିବା ସହ ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗ ଦ୍ୱାରା ସଦ୍ୟ ପ୍ରକାଶିତ ‘ଓଡ଼ିଶା ଶକ୍ତି ସଂରକ୍ଷଣ କୋଠା କୋଡ୍’ର ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଶକ୍ତି ବିଭାଗର ପ୍ରମୁଖ ସଚିବ ‘ଓଡ଼ିଶା ଶକ୍ତି ସଂରକ୍ଷଣ କୋଠା କୋଡ୍’ର ଶୁଭ ଉନ୍ମୋଚନ କରିଥିଲେ। ଓପିଜିସିର ଏମ୍‌ଡି କୋଠାବାଡ଼ିକୁ ଏନର୍ଜି ସିଙ୍କ୍ ବୋଲି କହିବା ସହ ଶକ୍ତି ଅପଚୟକୁ କମ୍ କରିବା ପାଇଁ ଯଥାସମ୍ଭବ ଉଦ୍ୟମ କରିବାକୁ ସମସ୍ତଙ୍କୁ ପ୍ରେରଣା ଦେଇଥିଲେ । ଓପିଟିସିଏଲର ଏମ୍‌ଡି ସଞ୍ଜୟ ମିଶ୍ର ‘ଓଡ଼ିଶା ଶକ୍ତି ସଂରକ୍ଷଣ କୋଠା କୋଡ୍’ କାର୍ବନ ଫୁଟ୍‌ପ୍ରିଣ୍ଟକୁ ନିୟନ୍ତ୍ରଣ କରିବା ପାଇଁ ନିଆଯାଇଥିବା ଏକ ପଦକ୍ଷେପ ବୋଲି କହିଥିଲେ । ଶକ୍ତି ବିଭାଗର ପ୍ରମୁଖ ସଚିବ ନିକୁଞ୍ଜ ବିହାରୀ ଧଳ ଅଭିଭାଷଣରେ ପାସିଭ୍ କୋଠା ଡିଜାଇନକୁ ଆଗ୍ରାଧିକାର ଦେଇ ୭୦ ପ୍ରତିଶତ ଶକ୍ତି ସଂରକ୍ଷଣ ହୋଇପାରିବ ବୋଲି କହିଥିଲେ। ମୁଖ୍ୟ ଯନ୍ତ୍ରୀ ସୌରଜିତ ରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

## ନାବାଳିକାଙ୍କ ଅଶ୍ଳୀଳ ଫଟୋ ଭାଇରାଲ, ଯୁବକ ଗିରଫ

**ଫେକ୍ ଆଇଡି ଖୋଲି ନ୍ୟୁଡ୍ ଫଟୋ ମାଗୁଥିଲେ**

ଭୁବନେଶ୍ୱର,୧୫।୧୧(ବ୍ୟୁରୋ):

ନାବାଳିକାଙ୍କ ଫଟୋକୁ ଏଡିଟ୍ କରି ଅଶ୍ଳୀଳ କରିବା ପରେ ତାହାକୁ ସାମାଜିକ ଗଣମାଧ୍ୟମରେ ଭାଇରାଲ କରିବା ଅଭିଯୋଗରେ ଭୁବନେଶ୍ୱର ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଶାଖା ପୋଲିସ ସମ୍ପୃକ୍ତ ଯୁବକଙ୍କୁ ମଙ୍ଗଳବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଲିଙ୍ଗରାଜ ଥାନା ଅନ୍ତର୍ଗତ ପୁରୁଣା ଭୁବନେଶ୍ୱର ସାମନ୍ତରାପୁରରେ ରହୁଥିବା କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ଅନ୍ତର୍ଗତ ଶଖିପଦା ଗ୍ରାମର ମୁକେଶ କୁମାର ନାୟକ(୧୮)। ମୁକେଶଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନା ଅନୁଯାୟୀ, ଲିଙ୍ଗରାଜ ଥାନା ଅଞ୍ଚଳର ପୀଡ଼ିତା ନାବାଳିକାଙ୍କୁ ଅଭିଯୁକ୍ତ ମୁକେଶ ଏକତରଫା ପ୍ରେମ କରୁଥିଲେ। ନାବାଳିକା ଜଣକ ପ୍ରେମ ନିବେଦନ ଗ୍ରହଣ ନ କରିବାରୁ ମୁକେଶ ଫେସବୁକରେ ‘କ୍ୟୁଟ୍ ନନ୍ଦିନୀ’ ନାମରେ ଏକ ଫେକ୍ ଆକାଉଣ୍ଟ ଖୋଲି ତାଙ୍କୁ ଫ୍ରେଣ୍ଡ ରିକ୍ୟୁଏଷ୍ଟ ପଠାଇଥିଲେ। ଏପରିକି ଇନ୍‌ଷ୍ଟାଗ୍ରାମରେ ମଧ୍ୟ ଫଲୋ କରି ଚାଟ୍ କରିଥିଲେ। ଚାଟ୍‌ରେ ନାବାଳିକାଙ୍କୁ ମୁକେଶ ତାଙ୍କର ଅଶ୍ଳୀଳ ଫଟୋ ମାଗିଥିଲେ। ଏହାପରେ ନାବାଳିକା ଜଣକ ତାଙ୍କୁ ବ୍ଲକ୍ କରିଦେଇଥିଲେ। ମୁକେଶ ଉକ୍ତ ନାବାଳିକାଙ୍କ ନାମରେ ଏକ ଫେକ୍ ଆକାଉଣ୍ଟ ଖୋଲିଥିଲେ। ନାବାଳିକାଙ୍କ ଫଟୋକୁ ଏଡିଟ୍ କରି ଅଶ୍ଳୀଳରେ ପରିଣତ କରିବା ପରେ ତାହାକୁ ଉକ୍ତ ଆକାଉଣ୍ଟରେ ଅପଲୋଡ୍ କରି ଭାଇରାଲ କରିଥିଲେ। ଏହା ଜଣାପଡ଼ିବା ପରେ ନାବାଳିକାଙ୍କ ବାପା ଅକ୍ଟୋବର ୨୫ରେ ଅଭିଯୋଗ କରିବା ପରେ ପୋଲିସ ଆଇଟି ଆକ୍ଟ, ପୋକ୍ସୋ ଆକ୍ଟ ସହ ବିଭିନ୍ନ ଦଫାରେ ମାମଲା (ନଂ.୪୧/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।



## କସ୍ତୁରବା ନାରୀ ମହଲରେ ଶିଶୁ ଦିବସ

ଭୁବନେଶ୍ୱର,୧୫।୧୧(ବ୍ୟୁରୋ):

ୟୁନିଟ୍-୧ସ୍ଥିତ କସ୍ତୁରବା ନାରୀ ମହଲରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ରାଜଧାନୀର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ପୂର୍ବକ ପୁରସ୍କୃତ କରାଯାଇଥିଲା। ଶୈଳରାଣୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଖ୍ୟାତ ଗାୟିକା ଡ. ମିତାଲି ଚିନାରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦିକା ଆଶାଲତା ଦାଶ ନାରୀ ମହଲର ବିବରଣୀ ଉପସ୍ଥାପନ କରିଥିଲେ। ସୁସ୍ମିତା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ମମତା ପାଢ଼ୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କୁନି କୁନି ଶିଶୁଙ୍କ ଦ୍ୱାରା ପରିବେଷଣ କରାଯାଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମର ଦର୍ଶକ ଭରପୂର ମଜା ନେଇଥିଲେ। ପରିଶେଷରେ ସରୋଜିନୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ପଢୁଆଁ ହେବେ ଶ୍ରୀକପିଳନାଥ ଦେବ

ପୁରୁଣା ଭୁବନେଶ୍ୱର, ୧୫।୧୧(ଡି.ଏନ୍.ଏ.):

ବୁଧବାର ପ୍ରଥମାଷ୍ଟମୀ ଅବସରରେ କପିଳେଶ୍ୱରରେ ପୂଜା ପାଉଥିବା ପ୍ରଭୁ ଶ୍ରୀକପିଳନାଥ ଦେବ ପଢୁଆଁ ହେବେ। ଏଥିପାଇଁ ମଙ୍ଗଳବାର କପିଳେଶ୍ୱର ଦେବଙ୍କ ମାମୁଘର ଝୁଣ୍ଟୁକେଶ୍ୱର ମହାଦେବଙ୍କ ପକ୍ଷରୁ ସନ୍ଧ୍ୟାରେ ନୂତନ ବସ୍ତ୍ର ପଠାଯାଇଛି। ଏ ନେଇ କୈବର୍ତ୍ତ ସାହିରେ ପୂଜା ପାଉଥିବା ଝୁଣ୍ଟୁକେଶ୍ୱର ମହାଦେବଙ୍କ ପୀଠ ଚଳଚଞ୍ଚଳ ହୋଇଉଠିଥିଲା। ସନ୍ଧ୍ୟାରେ କୈବର୍ତ୍ତ ସାହିର ସମସ୍ତ ଗ୍ରାମବାସୀଙ୍କ ପକ୍ଷରୁ ପଢୁଆଁ ଆସବାବ ସ୍ୱତନ୍ତ୍ର ପରମ୍ପରାରେ ଡାଲାରେ ପ୍ରସ୍ତୁତ କରାଯାଇଥିଲା। କପିଳନାଥ ଦେବଙ୍କ ପାଇଁ ମଠାଧୋତି, ମା’ ପାର୍ବତୀଙ୍କ ପାଇଁ ନାଳିଶାଢ଼ି, ମା’ କାଳିକା ଦେବୀଙ୍କ

**ମାମୁଘରୁ ଗଲା ନୂତନ ବସ୍ତ୍ର**

ପାଇଁ କଳାଶାଢ଼ି ଝୁଣ୍ଟୁକେଶ୍ୱରଙ୍କ ପାଖେ ପୂଜା କରାଯାଇଥିଲା। ଘଣ୍ଟ, ଶଙ୍ଖ, ମଶାଲ, ବାଣ, ରୋଶଣିର ତାଳେ ତାଳେ ଶୋଭାଯାତ୍ରାରେ କପିଳେଶ୍ୱର ଅଭିମୁଖେ ଯାତ୍ରା କରିଥିଲା। କୈବର୍ତ୍ତ ସାହି ଦୁର୍ଗାପୂଜା ସମିତିର ସଭାପତି ନିରଞ୍ଜନ ମହାଲିକ ଏବଂ ସମ୍ପାଦକ ଲକ୍ଷ୍ମୀଧର ବେହେରାଙ୍କ ପରିଚାଳନା ଓ ସମସ୍ତ ଗ୍ରାମବାସୀଙ୍କ ସହାୟତାରେ କାର୍ଯ୍ୟ ସମ୍ପାଦନ କରାଯାଇଥିଲା। ବୁଧବାର ବିଧି ମୁତାବକ ପଢୁଆଁ ବସ୍ତ୍ର ଠାକୁର ଠାକୁରାଣୀଙ୍କୁ ଲାଗି ହେବ।


ଝୁଣ୍ଟୁକେଶ୍ୱର ମହାଦେବଙ୍କ ପକ୍ଷରୁ କପିଳେଶ୍ୱର ଦେବଙ୍କ ପାଇଁ ନୂତନ ବସ୍ତ୍ର ପଠାଯାଉଛି।

## ଏକାମ୍ରରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

ପୁରୁଣା ଭୁବନେଶ୍ୱର,୧୫।୧୧(ଡି.ଏନ୍.ଏ.):

ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀର ୬୭ ନଂ. ୱାର୍ଡର ସୁନ୍ଦରପଦା ଅଞ୍ଚଳରେ ବିଜୁ ଜନତା ଦଳର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଜନମଙ୍ଗଳକାରୀ ଯୋଜନା ବିଷୟରେ ସ୍ଲୋଗାନ ଦେଇ ଘରେ ଘରେ ପହଞ୍ଚାଇଥିଲେ। ଏହି ପଦଯାତ୍ରାରେ ବିଏମ୍‌ସି ମେୟର ସୁଲୋଚନା ଦାସ, ଓଡ଼ିଶା ଅଗ୍ରୋ ଇଣ୍ଡଷ୍ଟ୍ରି କର୍ପୋରେଶନ ଉପାଧ୍ୟକ୍ଷ ଡ. ସନ୍ତୋଷ ବେଜ, ଜିଲା ମହିଳା ସଭାନେତ୍ରୀ ବିଜୟଲକ୍ଷ୍ମୀ ମହାପାତ୍ର, ଜିଲା ଯୁବ ସଭାପତି ସମରେଶ ବେଉରା, କର୍ପୋରେଟର ବିରଞ୍ଚି ନାରାୟଣ ମହାସୁପକାର, ମହାମାୟା ସ୍ୱାଇଁ, ଶିବପ୍ରସାଦ ରାୟ, ପୂର୍ବତନ କର୍ପୋରେଟର କୃଷ୍ଣ ସେଠୀ, ନିରୁପମା ଦାସ, ହୃଦୟବଲ୍ଲଭ ସାମନ୍ତରାୟ, ଛବିନ୍ଦ୍ର ଜେନା, ମଣ୍ଟୁ ନନ୍ଦ, ଜିଲା ଉପସଭାପତି ଜିତେନ୍ଦ୍ର ନନ୍ଦ, ୱାର୍ଡ ସଭାପତି ତପନ ରାଉତରାୟ, ନୀହାର ଚମ୍ପତି, ପ୍ରଶାନ୍ତ ପ୍ରଧାନ, ଶେଖ୍ ଅସ୍‌ଫର୍ ଇକ୍‌ବାଲ, ଶେଖ୍ ଏହମଦ ଅଲ୍ଲୀ, ଦୀପ୍ତି ନନ୍ଦ, ବିଶ୍ୱଜିତ୍ ଦାସ, ଯିଶୁ ଚମ୍ପତି, ସୁନୀଲ ଚମ୍ପତି, ସନ୍ତୋଷ ପ୍ରଧାନ, ରଶ୍ମିରଞ୍ଜନ ସେନାପତି ପ୍ରମୁଖ ସାମିଲ ଥିଲେ।



ସୁନ୍ଦରପଦାରେ ବିଜୁ ଜନତା ଦଳର ଜନସମ୍ପର୍କ ପଦଯାତ୍ରା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ଅନ୍ୟମାନେ ।

## ‘ପଞ୍ଚତତ୍ତ୍ୱର ସୁରକ୍ଷା ଜନଜାତିମାନେ କରୁଛନ୍ତି’

ଭୁବନେଶ୍ୱର, ୧୫।୧୧(ବ୍ୟୁରୋ)

ସମଗ୍ର ବିଶ୍ୱ ଆକାଶ, ଜଳ, ବାୟୁ, ଅଗ୍ନି, ପୃଥିବୀ ଆଦି ପଞ୍ଚତତ୍ତ୍ୱ ଉପରେ ପର୍ଯ୍ୟବସିତ। ଏହି ପଞ୍ଚତତ୍ତ୍ୱର ସୁରକ୍ଷା ଜନଜାତିମାନେ କରୁଛନ୍ତି। ବର୍ତ୍ତମାନ ସମୟରେ ଆମକୁ ପ୍ରକୃତି ସହ ବଞ୍ଚିବାକୁ ପଡ଼ିବ। ତେଣୁ ପ୍ରକୃତି ସହ ବଞ୍ଚିବାର ତରିକା ଜନଜାତିଙ୍କଠାରୁ ଶିଖିବା ଆବଶ୍ୟକ ବୋଲି କେନ୍ଦ୍ର ସଂସଦୀୟ ବ୍ୟାପାର ଓ ସଂସ୍କୃତି ବିଭାଗ ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ କହିଛନ୍ତି। ମଙ୍ଗଳବାର କିସ୍‌ରେ ଜନଜାତୀୟ ଗୌରବ ଦିବସ ଏବଂ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେଘୱାଲ କହିଲେ, ସ୍ୱାଧୀନତା ସଂଗ୍ରାମରେ ବିର୍ସା ମୁଣ୍ଡାଙ୍କ ଉଲ୍ଲେଖନୀୟ ଯୋଗଦାନ ରହିଥିଲା। ଇଂରେଜଙ୍କ ବିରୋଧରେ ଜନଜାତି ସମୁଦାୟକୁ ଜାଗ୍ରତ କରିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଜନଜାତିମାନେ କେବେ ବି ନିଜକୁ ଛୋଟ ମନେକରିବା ଉଚିତ ନୁହେଁ। ସେମାନଙ୍କ ପାଇଁ ପ୍ରକୃତି, ଜଙ୍ଗଲ ଓ ଜଳ ଆଜି ସୁରକ୍ଷିତ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟ ଆଇନ, ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ତଥା ପଛୁଆ ବର୍ଗ ଓ ସଂଖ୍ୟାଲଘୁ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା ବିର୍ସା ମୁଣ୍ଡାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ କିସ୍ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। କେନ୍ଦ୍ର ସଂସ୍କୃତି ବିଭାଗ ଯୁଗ୍ମ ସଚିବ ଉମା ନନ୍ଦୁରୀ କହିଲେ, କିସ୍ ଭଳି ଏକ ଜନଜାତି ଅନୁଷ୍ଠାନରେ ଆମେ ଜନଜାତୀୟ ଗୌରବ ଦିବସ ପାଳନ କରିପାରିଥିବାରୁ ଆନନ୍ଦିତ। ଏହି ଅବସରରେ କିସ୍‌ରେ କେନ୍ଦ୍ର ସଂସ୍କୃତି ବିଭାଗ ସହଯୋଗରେ ଜାତୀୟ ଜନଜାତି କ୍ରୀଡ଼ା ମହୋତ୍ସବ ଆୟୋଜନ ପାଇଁ ସେ କିସ୍ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସସ୍ମିତାରାଣୀ ସାମନ୍ତ କହିଲେ, ବିର୍ସା ମୁଣ୍ଡାଙ୍କ ଆଦର୍ଶ ଅନୁସରଣ କଲେ କିସ୍‌ରୁ ମଧ୍ୟ ଅନେକ ଜନଜାତି ଗୌରବ ସୃଷ୍ଟି ହୋଇପାରିବେ। ଏହି କାର୍ଯ୍ୟକ୍ରମରେ କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ ବେହେରା ସ୍ୱାଗତ ଭାଷଣ ଏବଂ କୁଳସଚିବ ଡ. ପି. କେ. ରାଉତରାୟ ଧନ୍ୟବାଦ ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠତା ପ୍ରତିପାଦନ କରିଥିବା କିସ୍ ଛାତ୍ରୀଛାତ୍ରଙ୍କୁ କେନ୍ଦ୍ରମନ୍ତ୍ରୀ ମେଘୱାଲ ସମ୍ବର୍ଦ୍ଧିତ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ କେନ୍ଦ୍ର ସଂସଦୀୟ ବ୍ୟାପାର ଓ ସଂସ୍କୃତି ବିଭାଗ ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏବଂ ଅନ୍ୟ ଅତିଥିମାନେ ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସାମ୍ୟବାଦୀ ନେତା ବିପ୍ଳବୀ ପ୍ରାଣନାଥ ପଟ୍ଟନାୟକଙ୍କ ୧୧୭ତମ ଜୟନ୍ତୀ, ଖାରବେଳନଗରସ୍ଥିତ ପ୍ରତିମୂର୍ତ୍ତି ସ୍ଥଳୀ, ସକାଳ ୮ଟା ୩୦।
- ୫୭ତମ ଜାତୀୟ ପ୍ରେସ୍ ଦିବସ ଅବସରରେ ରାଜ୍ୟସ୍ତରୀୟ ସେମିନାର, ହୋଟେଲ କେଶରୀ, ପୂର୍ବାହ୍ନ ୧୦ଟା।
- ସିପିଆଇ ନେତାଙ୍କ ଗିରଫକୁ ବିରୋଧ କରି ସିପିଆଇର ବିକ୍ଷୋଭ, ମାଷ୍ଟରକ୍ୟାଣ୍ଟିନ, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଗଭର୍ନମେଣ୍ଟ ହାଇସ୍କୁଲ ଏନ୍‌ପିଏସ୍ ଟିଚର୍ସ ଆସୋସିଏଶନ ବୈଠକ, ଶିକ୍ଷକ ଭବନ, ଖାରବେଳନଗର, ପୂର୍ବାହ୍ନ ୧୧ଟା।
- ପିଆଇବିର ଆଲୋଚନାଚକ୍ର, କନ୍‌ଫରେନ୍ସ ହଲ୍, ଖାଦ୍ୟ ଭବନ, ସତ୍‌ସଙ୍ଗ ବିହାର, ମଧ୍ୟାହ୍ନ ୧୨ଟା।
- ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ, ସୂଚନା ଭବନ, ଅପରାହ୍ନ ୩ଟା।
- ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ୩ ଦିନିଆ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପରିସର, ୟୁନିଟ୍-୯, ଅପରାହ୍ନ ୫ଟା।

କଟକ

- ଓଡ଼ିଶା ରିସର୍ଚ୍ଚ କନ୍‌କ୍ଲେଭ୍‌ର ଉଦ୍‌ଘାଟନୀ ଉତ୍ସବ, ରେଭେନ୍ସା ମହାବିଦ୍ୟାଳୟ, ସକାଳ ୮ଟା।

# ପିଲାଙ୍କୁ ନେଇ 'ଛାୟା ବିଧାନସଭା'

**ଭୁବନେଶ୍ୱର, ୧୫।୧୧(ବ୍ୟୁରୋ)**



ରାଜ୍ୟସ୍ତରୀୟ 'ସୁରଭି'ର ଦ୍ୱିତୀୟ ଦିନରେ ଆୟୋଜିତ 'ଛାୟା ବିଧାନସଭା'ର ଏକ ଦୃଶ୍ୟ।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଭୁବନେଶ୍ୱର ୟୁନିଟ୍-୯ସ୍ଥିତ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୨' ଆୟୋଜିତ ହୋଇଛି। ମଙ୍ଗଳବାର ଦ୍ୱିତୀୟ ଦିବସରେ 'ମିଟ୍ ଦ ପର୍ସନାଲିଟି' ଓ 'ଛାୟା ବିଧାନସଭା' କାର୍ଯ୍ୟକ୍ରମ ମୁଖ୍ୟ ଆକର୍ଷଣ ଥିଲା। ବିଭିନ୍ନ ଜିଲାରୁ ଆସିଥିବା ପିଲାଙ୍କୁ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଥିବା ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କୁ ନିକଟରୁ ଦେଖିବାର ଓ ସେମାନଙ୍କ ସହ ଭାବବିନିମୟ କରିବାର ସୁଯୋଗ ଦେଇଥିଲା ଏହି ନିଆରା କାର୍ଯ୍ୟକ୍ରମ। ଏଥିରେ ପିଲାମାନେ ସଫଳ ବ୍ୟକ୍ତିତ୍ୱମାନଙ୍କ ଜୀବନ କାହାଣୀ ଶୁଣିବା ସହ ସେମାନଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ପ୍ରଶାସନିକ ଅଧିକାରୀ, ନେତା, ଅଭିନେତା, ଉଦ୍ୟୋଗୀ, ଚିତ୍ରଶିଳ୍ପୀ ଓ ସ୍ୱାସ୍ଥ୍ୟ ବିଶେଷଜ୍ଞ ସମସ୍ତେ ଏକାଠି ଉପସ୍ଥିତ ଥିଲେ। 'ମିଟ୍ ଦ ପର୍ସନାଲିଟି' କାର୍ଯ୍ୟକ୍ରମରେ ଚଳଚ୍ଚିତ୍ର ଅଭିନେତା ତଥା ମୋ କଲେଜ ଅଭିଯାନର ଅଧ୍ୟକ୍ଷ ଆକାଶ ଦାସ ନାୟକ, ପ୍ରଶାସନିକ ଅଧିକାରୀ ରୀନା

### 'ସୁରଭି'ର ଦ୍ୱିତୀୟ ଦିବସ

- ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସହ ଭାବ ବିନିମୟ କଲେ
- ମନୋବଳ ବଢ଼ାଇଲା 'ମିଟ୍ ଦ ପର୍ସନାଲିଟି'

ପ୍ରଧାନ, ଦିଲ୍ଲୀ ଏମ୍ସର ପୂର୍ବତନ ନିର୍ଦ୍ଦେଶକ ଅଶୋକ ମହାପାତ୍ର, 'ମେଡ୍‌ଟେଲ୍'ର ପ୍ରତିଷ୍ଠାତା ତଥା ଯୁବ ଉଦ୍ୟୋଗୀ ଡ. ଲଳିତ ମାଣିକ୍ ଏବଂ ବାଲୁକାଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଯୋଗଦେଇ ପିଲାଙ୍କ ସହ ଭାବର ଆଦାନପ୍ରଦାନ କରିଥିଲେ। କଠିନ ପରିଶ୍ରମ ସହ ଦୃଢ଼ ମନୋବଳ ନେଇ ଆଗକୁ ବଢ଼ିଲେ ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଲକ୍ଷ୍ୟ ହାସଲ କରିହୁଏ। ମିଳୁଥିବା ସୁବିଧା ସୁଯୋଗର ସଦୁପଯୋଗ କରି ନିଜ ସ୍ୱପ୍ନ ପୂରଣ ଓ ଲକ୍ଷ୍ୟ ହାସଲ କରିବାକୁ ଉପସ୍ଥିତ ବିଶିଷ୍ଟ ବ୍ୟକ୍ତିମାନେ ପିଲାଙ୍କୁ ପରାମର୍ଶ ଦେଇଥିଲେ।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ଉପେନ୍ଦ୍ର କୁମାର ତ୍ରିପାଠୀ, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱଥି ଏସ୍., ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ଶାହା ଅତିଥି ଭାବେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପିଲାଙ୍କ ମଧ୍ୟରେ ନେତୃତ୍ୱ ବିକାଶ ପାଇଁ 'ଛାୟା ବିଧାନସଭା' ଏକ ପ୍ରକୃଷ୍ଟ ମଞ୍ଚ ପାଲଟିଥିଲା। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ସଂଗ୍ରାମ ମହାପାତ୍ର, 'ମୋ ସ୍କୁଲ ଅଭିଯାନ'ର ମୁଖ୍ୟ ପରିଚାଳନା ଅଧିକାରୀ ଅମରଜିତ ଜେନା, ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ରାସ୍ତା ମରାମତି ପାଇଁ ୫ ଦିନ ବାଘ ସଫାରି ବନ୍ଦ

**ବାରଙ୍ଗ, ୧୫।୧୧(ଡି.ଏନ୍.ଏ.):** ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ବାଘ ସଫାରୀ ରାସ୍ତା ମରାମତି ପାଇଁ ମଙ୍ଗଳବାରଠାରୁ ପର୍ଯ୍ୟଟକଙ୍କ ଲାଗି ଏହାକୁ ବନ୍ଦ ରଖାଯାଇଛି। ଚଳିତବର୍ଷ ବର୍ଷାଋତୁରେ ବାଘ ସଫାରି ରାସ୍ତା ଖାଲଖମା ସହ ଅତଡା ଖାଇଥିଲା। ଫଳରେ ଅନେକ ସମୟରେ ପର୍ଯ୍ୟଟକଙ୍କୁ ନେଇ ଯାଉଥିବା ବସ୍‌ଗୁଡ଼ିକର ଚକା ଦବି ଯାଉଥିଲା। ପର୍ଯ୍ୟଟକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ରାସ୍ତା ମରାମତି ପାଇଁ ମଙ୍ଗଳବାରଠାରୁ ୫ଦିନ ପର୍ଯ୍ୟନ୍ତ କର୍ତ୍ତୃପକ୍ଷ ବାଘସଫାରି ବନ୍ଦ ରଖିଛନ୍ତି। ନନ୍ଦନକାନନରେ ବାଘ, ସିଂହ, ଭାଲୁ ଓ ତୃଣଭୋଜି ଆଦି ୪ଟି ସଫାରି ବସ୍‌ରେ ବୁଲିବାକୁ ଜଣ ପିଛା ଟିକଟ ମୂଲ୍ୟ ୬୦ଟଙ୍କା ରହିଥିଲା। ବର୍ତ୍ତମାନ ବାଘ ସଫାରି ବନ୍ଦ ଥିବାରୁ ପର୍ଯ୍ୟଟକ ବାକି ୩ ସଫାରି ବସ୍‌ରେ ବୁଲିବାକୁ ଜଣ ପିଛା ଟିକଟ ମୂଲ୍ୟ ୪୫ଟଙ୍କା ଧାର୍ଯ୍ୟ ହୋଇଛି। ଏହି ସମୟ ମଧ୍ୟରେ ବାଘ ସଫାରି ରାସ୍ତା ମରାମତି ପରେ ପୁନର୍ବାର ପର୍ଯ୍ୟଟକଙ୍କ ପାଇଁ ଖୋଲାଯିବ ବୋଲି ନନ୍ଦନକାନନ କାର୍ଯ୍ୟାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି।

## ଛଟେଇ କମ୍ପ୍ୟୁଟର ଶିକ୍ଷକଙ୍କୁ ପୁନଃ ନିଯୁକ୍ତି ଦାବି

**ଭୁବନେଶ୍ୱର, ୧୫।୧୧(ବ୍ୟୁରୋ):** ରାଜ୍ୟ ସରକାରଙ୍କ ପକ୍ଷରୁ ୮ ହଜାର କମ୍ପ୍ୟୁଟର ଶିକ୍ଷକଙ୍କୁ ନିଯୁକ୍ତି ପାଇଁ ଯୋଜନା କରାଯାଉଛି। ତେବେ ଛଟେଇ ହୋଇଥିବା ୪ ହଜାର କମ୍ପ୍ୟୁଟର ଶିକ୍ଷକଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦେବା ପାଇଁ ଆଇସିଟି ବିଦ୍ୟାଳୟ ସଂଯୋଜକ ସଂଘ ପକ୍ଷରୁ ଦାବି ହୋଇଛି। ଦୀର୍ଘ ୫ ବର୍ଷ ଧରି ନିଷ୍ଠାପର ଭାବେ ବିଦ୍ୟାଳୟର ସମସ୍ତ ପ୍ରକାର କାର୍ଯ୍ୟ କରି ଆସୁଥିବାବେଳେ ସେମାନଙ୍କୁ ଛଟେଇ କରାଯାଇଥିଲା। ଏପରିକି ସେମାନଙ୍କ ପୁନଃ ନିଯୁକ୍ତି ନେଇ ସରକାର କୌଣସି ତଥ୍ୟ ନ ରଖିବା ପରିତାପର ବିଷୟ ବୋଲି ସଂଘର ସଭାପତି ତଥା ଶିକ୍ଷୟିତ୍ରୀ ଦୀପିକା ମଞ୍ଜରୀ ମିଶ୍ର କହିଛନ୍ତି। ୩ ବର୍ଷ ଧରି ପୁନଃ ନିଯୁକ୍ତି ନିମନ୍ତେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଏନେଇ କୌଣସି ପଦକ୍ଷେପ ନିଆଯାଇ ନଥିବା ସେ କହିଛନ୍ତି। ତେବେ ଦାବି ପୂରଣ ନ ହେବା ଯାଏଁ ପ୍ରତିବାଦ ଜାରି ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।



ଭୁବନେଶ୍ୱର ମୈତ୍ରୀ ବିହାରସ୍ଥିତ ଶହୀଦ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଆଇନମନ୍ତ୍ରୀ ଜଗନ୍ନାଥ ସାରକା ଓ ଅନ୍ୟମାନେ।

# ଅଦମ୍ୟ ସାହସର ପ୍ରତୀକ ବିର୍ସା ମୁଣ୍ଡା

**ଭୁବନେଶ୍ୱର, ୧୫।୧୧(ବ୍ୟୁରୋ)**

ଇଂରେଜ ଶାସନ, କୁସଂସ୍କାର, ଅନ୍ଧବିଶ୍ୱାସ ଓ କ୍ରୀତଦାସ ପ୍ରଥା ବିରୋଧରେ ଜଣେ ଯୋଦ୍ଧା ଭାବେ ଅଦମ୍ୟ ସାହସ ଓ ପ୍ରଶଂସନୀୟ ଉତ୍ସାହର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ବିର୍ସା ମୁଣ୍ଡା। ମହାମାରୀ ସମୟରେ ସେ ନିଜ ଜୀବନକୁ ଭ୍ରୂକ୍ଷେପ ନ କରି ଜନଜାତିଙ୍କ ସେବା କରିବା ସହିତ ସେମାନଙ୍କୁ ଅନ୍ଧବିଶ୍ୱାସ ଓ କୁସଂସ୍କାର ବିଷୟରେ ସଚେତନ କରୁଥିଲେ। ଜନଜାତି ସଂପ୍ରଦାୟ ତାଙ୍କୁ ଧରତି ଆବା ବା ବିର୍ସା ଭଗବାନ ଆଖ୍ୟା ଦେଇ ସମ୍ମାନ କରିଆସୁଛନ୍ତି ବୋଲି ମଙ୍ଗଳବାର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଭବନରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ମହାନ ବିପ୍ଳବୀ ଶହୀଦ ବିର୍ସା ମୁଣ୍ଡା ଜୟନ୍ତୀ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ, ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା କହିଛନ୍ତି। ମୁଖ୍ୟବକ୍ତା ଭାବେ ଯୋଗଦେଇ ଜନଜାତି ଗବେଷକ ଡ. ଅଖିଳ ବିହାରୀ ଓତା କହିଛନ୍ତି, ଆଜିର ପିଢ଼ି ବିର୍ସାଙ୍କ ଜୀବନାଦର୍ଶ ଅନୁସରଣ କରିବା ଉଚିତ। ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ା ସ୍ୱାଗତ ଭାଷଣ ଦେଇଥିଲେ। ସହକାରୀ ନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୁଶ୍ରୀ ନିବେଦିତା ମଞ୍ଚ ପରିଚାଳନା କରିଥିଲେ। ସକାଳେ ମନ୍ତ୍ରୀ ଜଗନ୍ନାଥ ସାରକା ଓ ଅନ୍ୟ ବ୍ୟକ୍ତିମାନେ ମୈତ୍ରୀ ବିହାରସ୍ଥିତ ଶହୀଦ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ବିଭାଗୀୟ ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ା, ସ୍ଥାନୀୟ କର୍ପୋରେଟର ଭାରତୀ ସିଂ, ବିଭାଗୀୟ ସହକାରୀ ନିର୍ଦ୍ଦେଶିକା ସୁଚେତା ପ୍ରିୟଦର୍ଶିନୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପଠାଣି ରାଉତ, ସୂଚନା ଅଧିକାରୀ ସୁଜିତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ମହାପ୍ରଭୁଙ୍କ ପାଇଁ ମାମୁଘରୁ ଆସିଲା ପହୁଆଁ ଭାର

### ଭକ୍ତଙ୍କୁ ବଣ୍ଟାଯିବ ଆରିସା ପିଠା

**ପୁରୀ ଅଫିସ/ନିଆଳି, ୧୫।୧୧(ଡି.ଏନ୍.ଏ.)**



ନିଆଳିରୁ ବାହାରିଥିବା ପହୁଆଁ ଭାର ପୁରୀ ଅଭିମୁଖେ ଯାଉଥିବାବେଳେ ନିମାପଡ଼ାସ୍ଥିତ ଚାରିଛକରେ ସ୍ୱାଗତ କରାଯାଉଛି।

ମାର୍ଗଶିର କୃଷ୍ଣପକ୍ଷ ଅଷ୍ଟମୀ ପ୍ରଥମାଷ୍ଟମୀ ଭାବେ ପାଳିତ ହୋଇଥାଏ। ଏହି ଉପଲକ୍ଷେ ଶ୍ରୀମନ୍ଦିରକୁ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ବଳଭଦ୍ର ଓ ମା' ସୁଭଦ୍ରାଙ୍କ ପାଇଁ ମଙ୍ଗଳବାର ପହୁଆଁ ଭାର ପୁରୀ ଆସିଛି। ମାମୁଘର ନିଆଳି ମାଧବାନନ୍ଦ ମନ୍ଦିରରୁ ମାଧବାନନ୍ଦ ଜୀଉ ବିକାଶ ପରିଷଦ ପକ୍ଷରୁ ଏହି ଭାର ଶ୍ରୀକ୍ଷେତ୍ରକୁ ଆସିଛି। ଭାରରେ ଅରୁଆ ଚାଉଳ, ବିରି, ନଡ଼ିଆ, ଗୁଡ଼, ଡାଲି, ପାଚିଲା କଦଳୀ, ଘିଅ, ଚନ୍ଦନ କାଠ, ପାନ, ଗୁଆ, ଅଳେଇଚ, ଲବଙ୍ଗ, ନୂଆ ଲୁଗା ଆଦି ଆସିଥିବା ବେଳେ ମହାପ୍ରଭୁଙ୍କ ଗୋପାଳବଲ୍ଲଭ ପାଇଁ ଫଳମୂଳ, ତୁଳସୀ ଓ ପଦ୍ମଫୁଲ ମାଳ ମଧ୍ୟ ଆସିଛି। ଭାର ସହ ନିଆଳିରୁ ପ୍ରଭୁ ମାଧବାନନ୍ଦ ଜୀଉଙ୍କ ସେବାୟତ ଓ ସ୍ଥାନୀୟ ଲୋକ ଏବଂ ପରିସଦର ସଦସ୍ୟମାନେ ରଥରେ ଭାର ଧରି ମଙ୍ଗଳବାର ସକାଳୁ ନିଆଳି ମନ୍ଦିରରୁ ପୂଜାର୍ଚ୍ଚନା କରାଯାଇ ବିରାଟ ଶୋଭାଯାତ୍ରାରେ ଆସି ଅପରାହ୍ନରେ ଶ୍ରୀକ୍ଷେତ୍ରର ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିଥିଲେ। ଶୋଭାଯାତ୍ରାରେ ସେବକ ଓ ଭକ୍ତମାନେ ପତାକା ଓ ପାରମ୍ପରିକ ବାଦ୍ୟ, ନୃତ୍ୟରେ ପାଇକ ଆଖଡ଼ା, ରାମତାଳି, ଲଉଡି, ୧୫ ସଂକୀର୍ତ୍ତନ ମଣ୍ଡଳୀଙ୍କ ସଂକୀର୍ତ୍ତନରେ ଶ୍ରୀମନ୍ଦିର ଯାତ୍ରା କରିଥିଲେ। ବାଟସାରା ଏହି ଭାରକୁ ଫୁଲ ପକାଇ ଲୋକେ ସ୍ୱାଗତ କରିଥିବା ଦେଖିବାକୁ ମିଳିଥିଲା। ଏହି ପହୁଆଁ ଭାର ଆଣି ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଦିଆଯାଇଥିଲା। ସେହିପରି ନିଆଳି ଯାଦବ ସଂଘ ପକ୍ଷରୁ ୧ଲକ୍ଷ ଆରିସା ପିଠା ଭାର ଦିଆଯାଇଛି। ଏହି ପିଠା ବଡ଼ଦାଣ୍ଡରେ ଭକ୍ତମାନଙ୍କୁ ବଣ୍ଟନ କରାଯିବାର କାର୍ଯ୍ୟକ୍ରମ ରହିଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅଶୋକ



@ ମନୋଜ



@ ପାର୍ଥସାରଥି



@ ସାଗର



@ ସୁବ୍ରତ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।





ଛଟେଇ ହୋଇଥିବା କମ୍ପ୍ୟୁଟର ଶିକ୍ଷକଙ୍କ ପୁନଃନିଯୁକ୍ତି ଦାବିରେ ମଙ୍ଗଳବାର ଆଇସିଟି ବିଦ୍ୟାଳୟ ସଂଯୋଜକ ସଂଘ, ଓଡ଼ିଶା ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା।



ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଆୟୋଜିତ ଚତୁର୍ଥ ନୃତ୍ୟାଶା ଉତ୍ସବରେ ମଙ୍ଗଳବାର ଜଣେ କଳାକାର ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।



ଭୁବନେଶ୍ୱର ରବୀନ୍ଦ୍ରମଣ୍ଡପରେ ମଙ୍ଗଳବାର ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ ବିଭାଗ ସାଂସ୍କୃତିକ ପରିଷଦ ପକ୍ଷରୁ ପରିବେଷିତ ନାଟକ 'ତୁ ମୋର କେହି ନୁହଁ'ର ଏକ ଦୃଶ୍ୟ।

**ସେନ୍‌ସେକ୍ସରେ ୨୪୯ ପଏଣ୍ଟ ବୃଦ୍ଧି**

**ନୂଆଦିଲ୍ଲୀ:** ଦିନକ ପରେ ପୁଣି ଥରେ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଫଳରେ ଆଶା ଓ ଆଶଙ୍କା ମଧ୍ୟରେ ଥିବା ଦଲାଲ ଷ୍ଟ୍ରିଟ୍‌ର ନିବେଶକମାନେ କିଛି ପରିମାଣରେ ଲାଭବାନ୍ ହୋଇଛନ୍ତି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟଦିବସର ଫଳାଫଳ (ଶେୟାର ମାର୍କେଟ) ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୪୯ (୨୪୮.୮୪) ପଏଣ୍ଟ ବୃଦ୍ଧି ଘଟି ୬୧,୮୭୩ (୬୧,୮୭୨.୯୯) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୭୪ (୭୪.୨୫) ପଏଣ୍ଟ ବଢ଼ି ୧୮,୪୦୩ (୧୮,୪୦୩.୪୦) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।

# ୪୦%ରୁ କମ୍ ଗ୍ରାମପଞ୍ଚାୟତରେ ସ୍ଥାୟୀ ବ୍ୟାଙ୍କ

**ଭୁବନେଶ୍ୱର,୧୫।୧୧**

ରାଜ୍ୟର ଆର୍ଥିକ ଅଭିବୃଦ୍ଧି ନିମନ୍ତେ ବ୍ୟାଙ୍କଗୁଡ଼ିକ ସବୁକ୍ଷେତ୍ରକୁ ଋଣ ପ୍ରଦାନ ବୃଦ୍ଧି କରିବାକୁ ରାଜ୍ୟ ସରକାରଙ୍କ ବରିଷ୍ଠ ପ୍ରଶାସକ ପ୍ରଦୀପ କୁମାର ଜେନା ମଙ୍ଗଳବାର ଅନୁଷ୍ଠିତ ୧୬୯ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି (ଏସ୍‌ଏଲ୍‌ବିସି) ବୈଠକରେ ଯୋଗଦେଇ ଏଭଳି ମତବ୍ୟକ୍ତ କରିଛନ୍ତି। ସେହିଭଳି ରାଜ୍ୟର ଆର୍ଥିକ ଅନ୍ତର୍ଭୁକ୍ତୀକରଣ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ରହିଛି। ଏପରିକି ସବୁ ଅଞ୍ଚଳରେ ବ୍ୟାଙ୍କିଙ୍ଗ୍ ସୁବିଧା ଉପଲବ୍ଧ ନ ଥିବାରୁ ସାଧାରଣ ବ୍ୟାଙ୍କିଙ୍ଗ୍ ସୁବିଧାରୁ କେତେକ ଅଞ୍ଚଳର ଜନସାଧାରଣ ବଞ୍ଚିତ ହେଉଛନ୍ତି ବୋଲି ଜେନା ମତ ପ୍ରକାଶ କରିଛନ୍ତି। ରାଜ୍ୟର ଗ୍ରାମାଞ୍ଚଳ କ୍ଷେତ୍ରରେ ୪୦% ରୁ କମ୍ ଗ୍ରାମପଞ୍ଚାୟତରେ ସ୍ଥାୟୀ ବ୍ୟାଙ୍କ ରହିଛି। ଜାତୀୟସ୍ତରରେ ୧ଲକ୍ଷ ଜନସଂଖ୍ୟାରେ ୧୮.୧୨% ସ୍ଥାୟୀ ବ୍ୟାଙ୍କ ଥିବାବେଳେ ଆମ ରାଜ୍ୟରେ ଏହା ୧୩.୦୬% ରହିଛି। ଏହି ବ୍ୟବଧାନକୁ ଖୁବ୍‌ଶୀଘ୍ର ହ୍ରାସ କରିବା ପାଇଁ ପଦକ୍ଷେପ ନେବାକୁ ଉନ୍ନୟନ କମିଶନର ଜେନା ସମସ୍ତ ବ୍ୟାଙ୍କର ନିୟନ୍ତ୍ରଣ ମୁଖ୍ୟମାନଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ନଗଦ ଜମା ଅନୁପାତ ପ୍ରତି ବ୍ୟାଙ୍କ ପାଇଁ ମୁଖ୍ୟ ସୂଚକ ହୋଇଥିବାବେଳେ ରାଜ୍ୟରେ ପ୍ରତି ବ୍ୟାଙ୍କର ନଗଦ ଜମା ଅନୁପାତରେ ମଧ୍ୟ ଉଲ୍ଲେଖନୀୟ ଉନ୍ନତି ହୋଇ ସେପ୍ଟେମ୍ବର ୩୦ ସୁଦ୍ଧା ୭୬.୮୫% ହୋଇଛି। କିନ୍ତୁ ବର୍ତ୍ତମାନ ସୁଦ୍ଧା ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ, ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ଓ ପଞ୍ଜାବ ଏବଂ ସିନ୍ଧ୍ ବ୍ୟାଙ୍କ ନଗଦ ଜମା ଅନୁପାତରେ ଉଲ୍ଲେଖନୀୟ ଉନ୍ନତି କରିପାରିନାହାନ୍ତି। ଆଗାମୀ ଦିନରେ ଏ କ୍ଷେତ୍ରରେ ଅଗ୍ରଗତି ପାଇଁ ଦୃଷ୍ଟିଦେବାକୁ ଜେନା ବ୍ୟାଙ୍କଗୁଡ଼ିକୁ କହିଥିଲେ। ଅପରପକ୍ଷରେ ୨୦୨୨-୨୩ ଆର୍ଥିକ ବର୍ଷରେ ବ୍ୟାଙ୍କଗୁଡ଼ିକ ବାର୍ଷିକ ଋଣ ଯୋଜନାର ୫୦% ଲକ୍ଷ୍ୟ ହାସଲ କରିଥିବାବେଳେ ପୂର୍ବ ବର୍ଷ ଏହା ୩୭.୪୧% ଥିଲା। ଏହି ଉଲ୍ଲେଖନୀୟ ସଫଳତା ପାଇଁ ଉନ୍ନୟନ କମିଶନର ବ୍ୟାଙ୍କଗୁଡ଼ିକୁ ପ୍ରଶଂସା କରିଥିଲେ। ବାର୍ଷିକ ଋଣ ଯୋଜନା ଲକ୍ଷ୍ୟ ହାସଲରେ ବେସରକାରୀ ବ୍ୟାଙ୍କଗୁଡ଼ିକ ସରକାରୀ ବ୍ୟାଙ୍କଗୁଡ଼ିକଠାରୁ ଅଧିକ ସଫଳତା ପାଇଛନ୍ତି। ବ୍ୟାଙ୍କଗୁଡ଼ିକ ଏବଂ ଜିଲାପାଳମାନଙ୍କ ମିଳିତ ଉଦ୍ୟମରେ କୃଷିକ୍ଷେତ୍ରରେ ୫୫.୪୦% ଲକ୍ଷ୍ୟ ହାସଲ ହୋଇପାରିଛି ବୋଲି ଉନ୍ନୟନ କମିଶନର ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅର୍ଥ ସଚିବ ବିଶାଳ ଦେବ କହିଥିଲେ, ରାଜ୍ୟର ନଗଦ ଜମା ଅନୁପାତ, ବାର୍ଷିକ ଋଣ ଯୋଜନା କ୍ଷେତ୍ରର ଲକ୍ଷ୍ୟ ହାସଲ ଏବଂ କୃଷି ଓ ଆନୁଷଙ୍ଗିକ କ୍ଷେତ୍ର, ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର, ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ପ୍ରଦାନର ହାରାହାରି ଋଣ ପରିମାଣକୁ ୨.୭୦ଲକ୍ଷରୁ ୪ଲକ୍ଷକୁ ବୃଦ୍ଧି କରିବା ଏବଂ ମିଶନ ଶକ୍ତିକୁ ଅଧିକ ସଶକ୍ତ କରିବା ସମ୍ବନ୍ଧରେ ମତ ରଖିଥିଲେ। କୃଷି, ଉଦ୍ୟୋଗ, ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏସ୍‌ଜି)ଙ୍କ ଆର୍ଥିକ ବିକାଶ ଏବଂ ରାଜ୍ୟର ପ୍ରଗତି ପାଇଁ ବ୍ୟାଙ୍କଗୁଡ଼ିକର ସମୟୋଚିତ ଋଣ ପ୍ରଦାନ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ବୋଲି ଉକ୍ତ ବୈଠକରେ ମତ ପ୍ରକାଶ ପାଇଥିଲା। ଉକ୍ତ ବୈଠକରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ଏମ୍‌ଏସ୍‌ଏମ୍‌ଇର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶର କମିଶନର ତଥା ଶାସନ ସଚିବ ଏସ୍.କେ.ବଶିଷ୍ଠ, ରିଜର୍ଭ ବ୍ୟାଙ୍କ ଭୁବନେଶ୍ୱର ଶାଖାର ଆଞ୍ଚଳିକ ନିର୍ଦ୍ଦେଶକ ଏଚ୍.ଏନ୍.ପଣ୍ଡା, ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଗୋପବନ୍ଧୁ ଶତପଥୀ, ନାବାର୍ଡର ମୁଖ୍ୟ ସାଧାରଣ ପରିଚାଳକ ସି.ଉଦୟ ଭାସ୍କର, ଏସ୍‌ବିଆଇର ମୁଖ୍ୟ ସାଧାରଣ ପରିଚାଳକ ଚନ୍ଦର ଶେଖର ଶର୍ମା, ଏସ୍‌ଏଲ୍‌ବିସିର ଅଧ୍ୟକ୍ଷ ତଥା ୟୁକୋ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ସୋମାଶଙ୍କର ପ୍ରସାଦ ପ୍ରମୁଖ ଉପସ୍ଥିତ ରହି ସୁଚିନ୍ତିତ ମତାମତ ଦେଇଥିଲେ।



୧୬୯ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ ସମିତି ବୈଠକ ଅବସରରେ ଉପସ୍ଥିତ ଅଧିକାରୀଗଣ।

## ଓପିଜିସିର ୩୯ତମ ପ୍ରତିଷ୍ଠା ଦିବସ



**ଭୁବନେଶ୍ୱର, ୧୫।୧୧**

ରାଜ୍ୟ ସରକାରଙ୍କ ତାପଜ ବିଦ୍ୟୁତ୍ ଉତ୍ପାଦନକାରୀ ସଂସ୍ଥା (କମ୍ପାନୀ) ଓଡ଼ିଶା ପାୱାର ଜେନେରେଶନ କର୍ପୋରେଶନ ଲିମିଟେଡ୍ (ଓପିଜିସି)ର ୩୯ ତମ ପ୍ରତିଷ୍ଠା ଦିବସ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସୋମବାର ସ୍ଥାନୀୟ ସ୍ୱସ୍ତି ପ୍ରିମିୟମ୍ ହୋଟେଲରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶକ୍ତି ବିଭାଗର ମୁଖ୍ୟ ଶାସନ ସଚିବ ତଥା ଓପିଜିସିର ଅଧ୍ୟକ୍ଷ ନିକୁଞ୍ଜ ବିହାରୀ ଧଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇପାରିଛି। ଉଲ୍ଲେଖଯୋଗ୍ୟ ଯେ ୧୯୯୪-୯୬ରେ ଝାରସୁଗୁଡ଼ାର ବନହରପାଲିଠାରେ ୨୧୦ ମେଗାୱାଟ୍ ବିଶିଷ୍ଟ ୨ଟି ୟୁନିଟ୍ ବିଦ୍ୟୁତ୍ ଉତ୍ପାଦନ ଆରମ୍ଭ କରିଥିଲା। ପରବର୍ତ୍ତୀ ସମୟରେ ଓପିଜିସିର ବିଦ୍ୟୁତ୍ ଉତ୍ପାଦନ କ୍ଷମତା ୪୨୦ ମେଗାୱାଟ୍ ବୃଦ୍ଧି ପାଇ ୧୭୪୦ରେ ପହଞ୍ଚିଛି। ଫଳରେ କମ୍ପାନୀ ଉକ୍ତ ୪ଟି ୟୁନିଟ୍‌ରୁ ପ୍ଲାଣ୍ଟ ଲୋଡ୍ ଫ୍ୟାକ୍ଟର୍ (ପିଏଲ୍‌ଏଫ୍) ୫୦% ରୁ ୮୦%କୁ ବୃଦ୍ଧି ପାଇଛି। ସେହିପରି ସରକାରଙ୍କ ବିପୁଳ ସହଯୋଗ ଓ ଓପିଜିସିର ସମସ୍ତ କର୍ମଚାରୀ, ଅଧିକାରୀଙ୍କ ନିଷ୍ଠାପର ଉଦ୍ୟମ ପାଇଁ ଯୋଗୁ ଏହା ସମ୍ଭବ ହୋଇପାରିଛି ବୋଲି ଧଳ ମତ ପ୍ରକାଶ କରିଛନ୍ତି। ଅପରପକ୍ଷରେ ଓପିଜିସିର ପରିଚାଳନା ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ମହାପାତ୍ର ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ କମ୍ପାନୀର ଏଜିଏମ୍ ଧନଞ୍ଜୟ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ଓପିଜିସି ପକ୍ଷରୁ ନିକୁଞ୍ଜଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ହିମାଂଶୁ ବେହେରା, ସୌଭାଗ୍ୟ ମଲ୍ଲିକ ଏବଂ ଓଡ଼ିଶା ଶକ୍ତି ଉତ୍ପାଦନ ନିଗମର ବହୁ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## 'ଲକି ଡ୍ର ଜରିଆରେ ପୁରସ୍କୃତ ହେଉଛନ୍ତି ଗ୍ରାହକ'

**କଟକ,୧୫।୧୧**

ରାଜ୍ୟର ପ୍ରମୁଖ ମସଲା କମ୍ପାନୀ 'ଭାରତ ମସଲା' ଚଳିତ ବର୍ଷ କଟକ ବାଲିଯାତ୍ରାରେ ସାମିଲ ହୋଇଛି। ଏପରିକି ପ୍ରତିଦିନ ଭାରତ ମସଲାର ୪ଟି ଷ୍ଟଲ (ମଣ୍ଡପ)ରେ ଶହ ଶହ ସଂଖ୍ୟାର ଲୋକ ଭିଡ଼ ଜମାଉଛନ୍ତି। ବିଶେଷକରି ବାଲିଯାତ୍ରା ବଜାରରେ ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ କମ୍ପାନୀ ପକ୍ଷରୁ ଲକି ଡ୍ର(ଲଟେରି) ଜରିଆରେ ଗ୍ରାହକଙ୍କୁ ପୁରସ୍କୃତ ମଧ୍ୟ କରାଯାଉଛି। ଚଳିତ ମାସ ୧୨ ତାରିଖରେ ହୋଇଥିବା ଲଟେରି ଉଠାଣର ୧ମ ବିଜେତା ଚୌଦ୍ୱାରର ଅଜୟ କୁମାର ବରାଳ,୨ୟ ବିଜେତା କେନ୍ଦୁଝରର ପ୍ରଜ୍ଞା ପ୍ରିୟଦର୍ଶିନୀ ନନ୍ଦ ଏବଂ ୩ୟ ବିଜେତା ନୟାସଡକର ରତୁପର୍ଣ୍ଣା ସାହୁ ହୋଇଥିବା ବେଳେ ୧୩ ତାରିଖ ଲଟେରି ଉଠାଣର ୧ମ ବିଜେତା ଶେଖବଜାରର ପୁଷ୍ପଲତା ବେହେରା, ୨ୟ ବିଜେତା ଦେଉଳସାହିର ନିର୍ମଳା ସାହୁ ଏବଂ ୩ୟ ବିଜେତା ମହାନଦୀ ବିହାରର ସିଦ୍ଧାର୍ଥ ପଣ୍ଡା ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏପରିକି ଭାଗ୍ୟଶାଳୀ ବିଜେତାମାନଙ୍କୁ ଭାରତ ମସଲାର ଅଧ୍ୟକ୍ଷ ସୁରେନ୍ଦ୍ରନାଥ ପଣ୍ଡା ଏମ୍‌ଟିଏ ସାଇକେଲ, ଗ୍ରାଇଣ୍ଡର ଓ ଉଲେନ ବ୍ଲାଙ୍କେଟ୍ ଆଦି ପୁରସ୍କାର ସ୍ୱରୂପ ପ୍ରଦାନ କରିଥିଲେ। ସେହିପରି କମ୍ପାନୀର ଜେନେରାଲ ମ୍ୟାନେଜର ଅପରେଶନ ଅରୁଣ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ ଲଟେରି ଉଠାଣ ହୋଇଥିଲା ବେଳେ ଦିଗନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ବିଜେତାମାନଙ୍କୁ ଉତ୍ସାହିତ କରିଥିଲେ।



## ଭୋଲ୍ଟାସ୍‌ର ବ୍ରାଣ୍ଡ ଶପ୍ ଉଦ୍‌ଘାଟିତ



**ଭୁବନେଶ୍ୱର,୧୫।୧୧**

ଦେଶର ପ୍ରମୁଖ ଇଲେକ୍ଟ୍ରୋନିକ୍ସ ଉତ୍ପାଦକ କମ୍ପାନୀ ଭୋଲ୍ଟାସ୍‌ର ଆଉ ଏକ ବ୍ରାଣ୍ଡ ଶପ୍ ଓଡ଼ିଶା ବଜାରରେ ଶୁଭାରମ୍ଭ ହୋଇଯାଇଛି। ଏପରିକି କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର 'ଅମ୍ବିକା ହୋମ୍ ଆପ୍ଲିଆନ୍ସ' ଜରିଆରେ ମଙ୍ଗଳବାର କେନ୍ଦୁଝର ସହର ଥାନା ଛକ (ରତନ ଟାୱାର) ନିକଟରେ ଭୋଲ୍ଟାସ୍‌ର ପ୍ରଥମ ବ୍ରାଣ୍ଡ ଶପ୍ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ କମ୍ପାନୀର ଆଞ୍ଚଳିକ ମୁଖ୍ୟ (ଇଷ୍ଟ-୨) ମାନସ କୁମାର ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅମ୍ବିକା ହୋମ୍ ଆପ୍ଲିଆନ୍ସର ମୁଖ୍ୟ ପ୍ରକାଶ ଅଗ୍ରୱାଲଙ୍କ ସମେତ ଉଭୟ ଅଗ୍ରୱାଲ ପରିବାରର ସଦସ୍ୟ ଓ ଷ୍ଟୋରର କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଓଡ଼ିଶା ବଜାରରେ ଏହା ୧୦ମ ବ୍ରାଣ୍ଡ ଶପ୍ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

ଏ ସମ୍ପର୍କରେ ଭୋଲ୍ଟାସ୍‌ର ଏମ୍‌ଡି ତଥା ସିଇଓ ପ୍ରଦୀପ ବକ୍ସି କହିଛନ୍ତି, ଓଡ଼ିଶାର କେନ୍ଦୁଝର ଜିଲାରେ ଭୋଲ୍ଟାସ୍‌ର ବ୍ରାଣ୍ଡ ଶପ୍‌ର ଶୁଭାରମ୍ଭ ହୋଇଥିବାରୁ ଆମେ ବହୁ ଖୁସି। କାରଣ କମ୍ପାନୀ ମାର୍କେଟ ଲିଡର ଭାବେ ଉପଭୋକ୍ତାମାନଙ୍କୁ ସବୁବେଳେ ବ୍ୟବସାୟର କେନ୍ଦ୍ରସ୍ଥଳୀରେ ରଖି ଟେକ୍ନୋଲୋଜିକାଲ ଆଡଭାନ୍ସ ସାମଗ୍ରୀ ଯୋଗାଇଦେବାକୁ ପ୍ରୟାସ ଜାରି ରଖିଛି। ସେହିଭଳି କେନ୍ଦୁଝର ଜିଲା ସମେତ ଏହାର ନିକଟବର୍ତ୍ତୀ ସହରର ଗ୍ରାହକଙ୍କ ଆବଶ୍ୟକତା ପୂରଣ କରିବ ବୋଲି ପ୍ରକାଶ କହିଛନ୍ତି। ସେହିପରି ଏଠାରେ କମ୍ପାନୀର ସମସ୍ତ ବ୍ରାଣ୍ଡ ଉପଲବ୍ଧ ହେଉଥିବା ବେଳେ ଆଗାମୀ ୭ ଦିନ ପର୍ଯ୍ୟନ୍ତ ପ୍ରତ୍ୟେକ ସାମଗ୍ରୀରେ ନିଶ୍ଚିତ ଉପହାର ସାଙ୍ଗକୁ ଏକ୍ସଚେଞ୍ଜ ଅଫର ଓ ଏସିରେ ମାଗଣା ଇନ୍‌ଷ୍ଟାଲେଶନ ବ୍ୟବସ୍ଥା ମଧ୍ୟ ରହିଛି ବୋଲି ମାନସ ମତପ୍ରକାଶ କରିଛନ୍ତି।

## ସିବିଆର୍‌ଓଏର ବାର୍ଷିକ ବୈଠକ

**ଭୁବନେଶ୍ୱର:୧୫।୧୧**

ସେଣ୍ଟ୍ରାଲ ବ୍ୟାଙ୍କର ଅବସରପ୍ରାପ୍ତ ଅଧିକାରୀ ସଂଘ (ସିବିଆର୍‌ଓଏ)ର ବାର୍ଷିକ ବୈଠକ ନିକଟରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ବରିଷ୍ଠ ସଦସ୍ୟ ବିଜୟ ଦାସଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ୟୁନିୟନ୍ ବ୍ୟାଙ୍କର ପୂର୍ବତନ କାର୍ଯ୍ୟକାରୀ ନିର୍ଦ୍ଦେଶକ ବିରୁପାକ୍ଷ ମିଶ୍ର,ସେଣ୍ଟ୍ରାଲ ବ୍ୟାଙ୍କର ପୂର୍ବତନ ଜେନେରାଲ ମ୍ୟାନେଜର ଦେବଦତ୍ତ ନାୟକ, ସେଣ୍ଟ୍ରାଲ ବ୍ୟାଙ୍କର ଭୁବନେଶ୍ୱରର କ୍ଷେତ୍ରୀୟ ପରିଚାଳକ ଅନାଦି ବିଶ୍ୱାସ ଓ ଅଧିକାରୀ ସଂଘର ସାଧାରଣ ସମ୍ପାଦକ ସୌମେନ୍ଦ୍ର କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ଅବସରପ୍ରାପ୍ତ ଅଧିକାରୀ ସଂଘର ସାଧାରଣ ସମ୍ପାଦକ ଦାମୋଦର ନନ୍ଦ ପେନ୍‌ସନଭୋଗୀଙ୍କର ବିଭିନ୍ନ ଅସୁବିଧା ଯଥା ପେନ୍‌ସନ ଉନ୍ନୀତକରଣ ଓ ବ୍ୟୟ ସାପେକ୍ଷ ବୀମା ରାଶି ଉପରେ ବିଶେଷ ଆଲୋଚନା କରିଥିଲେ। ସେହିଭଳି ସଂଘର ଯୁଗ୍ମ ସାଧାରଣ ସମ୍ପାଦକ ମୁରଲୀଧର ପତି ଓଡ଼ିଶାରେ ଅବସର ନେଇଥିବା ଅଧିକାରୀ ବିଭିନ୍ନ ସମସ୍ୟା ଓ ତା'ର ସମାଧାନ ଉପରେ ଗୁରୁତ୍ୱ ଦେବା ପାଇଁ କହିଥିଲେ। ଏହା ପରେ ବିଭିନ୍ନ ବୀମା କମ୍ପାନୀର ପ୍ରତିନିଧିମାନେ ସ୍ୱାସ୍ଥ୍ୟ ବୀମାର ବିଭିନ୍ନ ଯୋଜନା ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ବୈଠକରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଅବସରପ୍ରାପ୍ତ ଅଧିକାରୀମାନେ ବହୁ ସଂଖ୍ୟାରେ ଯୋଗ ଦାନ କରିଥିଲେ। ପରିଶେଷରେ ମୁରଲୀଧର ପତି ଧନ୍ୟବାଦ ଅର୍ପଣ କରିଥିଲେ।



**ଫୁର୍‌ସତ୍**

# ହ୍ୱାଇଟ୍ ହାଉସ୍‌ରେ ବାହାହେବେ ବାଇଡେନ୍‌ଙ୍କ ନାତୁଣୀ

**ୱାଶିଂଟନ୍**

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଶାସନକାଳ ମଧ୍ୟରେ ହ୍ୱାଇଟ୍ ହାଉସ୍‌ରେ ପ୍ରଥମ ବାହାଘର ଅନୁଷ୍ଠିତ ହେବାକୁ ଯାଉଛି। ରାଷ୍ଟ୍ରପତିଙ୍କ ନାତୁଣୀ ନାଓମି ବାଇଡେନ୍ ଆସନ୍ତା ଶନିବାର ପ୍ରେମିକ ନିଲ୍‌ଙ୍କ ହାତ ଧରିବାକୁ ଯାଉଛନ୍ତି। ହ୍ୱାଇଟ୍ ହାଉସ୍‌ର ସାଉଥ୍ ଲନ୍‌ରେ ବିବାହ ସମ୍ପନ୍ନ ହେବ ବୋଲି ଯୋଜନା ପ୍ରସ୍ତୁତ ହୋଇଛି। ହ୍ୱାଇଟ୍ ହାଉସ୍ ଇତିହାସରେ ଏହା ୧୯ତମ ବାହାଘର। କୌଣସି ରାଷ୍ଟ୍ରପତିଙ୍କ ନାତୁଣୀ ବାହାହେବା ହେଉଛି ପ୍ରଥମ ଘଟଣା। ୨୮ ବର୍ଷୀୟା ନାଓମି ପେସାରେ ଜଣେ ଆଇନଜୀବୀ। ତାଙ୍କ ପ୍ରେମିକ ପିଟର ନିଲ୍ (୨୫) ନିକଟରେ ପେନ୍‌ସିଲଭାନିଆ ଲ' ୟୁନିଭର୍ସିଟିରୁ ସ୍ନାତକତ୍ୱ ହାସଲ କରିଛନ୍ତି। ୪ ବର୍ଷ ପୂର୍ବ ନାଓମି ଓ ନିଲ୍ ଜଣେ କମନ୍‌ଫ୍ରେଣ୍ଡଙ୍କ ଘରେ ଅନୁଷ୍ଠିତ ପାର୍ଟିରେ ପରସ୍ପରକୁ ଭେଟିଥିଲେ। ଦୁହେଁ ପ୍ରେମ ସମ୍ପର୍କରେ ଆସିବା ପରେ ୱାଶିଂଟନ୍‌ରେ ଏକାଠି ରହୁଛନ୍ତି। ନାତୁଣୀଙ୍କ ବାହାଘର ନେଇ ଫାଷ୍ଟଲେଡି ଜିଲ୍ ବାଇଡେନ୍ ଉତ୍ସାହିତ ଥିବା କହିଛନ୍ତି।

ହ୍ୱାଇଟ୍ ହାଉସ୍‌ରେ ହୋଇସାରିଥିବା ୧୮ ବାହାଘର ଭିତରୁ ୯ଟି ବାହାଘର ରାଷ୍ଟ୍ରପତିଙ୍କ ଝିଅମାନଙ୍କର। ୧୯୭୧ରେ ରିଚାର୍ଡ ନିକ୍ସନଙ୍କ ଝିଅଙ୍କ ବାହାଘର ହ୍ୱାଇଟ୍ ହାଉସ୍‌ରେ କରାଯାଇଥିଲା। ଏହା ପୂର୍ବରୁ ରାଷ୍ଟ୍ରପତି ଲିଣ୍ଡୋନ୍ ବି. ଜନ୍‌ସନ୍‌ଙ୍କ ଝିଅ ୧୯୬୭ରେ ନିଜ ଜୀବନସାଥୀଙ୍କ ହାତ ଧରିଥିଲେ। ସେହିପରି ଆମେରିକାର ପୂର୍ବତନ ରାଷ୍ଟ୍ରପତି ଗ୍ରୋଭର କ୍ଳେଭ୍‌ଲାଣ୍ଡ ନିଜେ ହ୍ୱାଇଟ୍ ହାଉସ୍‌ରେ ବିବାହ କରିଥିଲେ।


ନାଓମି ବାଇଡେନ୍
ପିଟର ନିଲ୍

## ସାରାଙ୍କୁ ଡେଟ୍ କରୁଛନ୍ତି ଶୁଭମନ୍

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ସାରା ଅଲି ଖାନ୍ ଏବେ ତାଙ୍କ ରିଲେଶନସିପ୍‌କୁ ନେଇ ପୁଣି ଚର୍ଚ୍ଚାକୁ ଆସିଛନ୍ତି। ସାରା କ୍ରିକେଟର ଶୁଭମନ୍ ଗିଲ୍‌ଙ୍କୁ ଡେଟ୍ କରୁଥିବା ନେଇ ଅଗଷ୍ଟରୁ ଚର୍ଚ୍ଚା ହେଉଥିଲା। ତାଙ୍କୁ ଅନେକ ସମୟରେ ଶୁଭମନ୍‌ଙ୍କ ସହ ଏକାଠି ଦେଖିବାକୁ ମିଳିଥିଲା। ନିକଟରେ ଶୁଭମନ୍ ପଞ୍ଜାବି ଚାଟ୍ ଶୋ' 'ଦିଲ୍ ଦିୟାଁ ଗଲ୍ଲା'ରେ ପହଞ୍ଚି ଏପରି କିଛି ମନ୍ତବ୍ୟ ରଖିଛନ୍ତି, ଯାହା ସାରାଙ୍କ ସହ ତାଙ୍କର ସମ୍ପର୍କ ଥିବା ଦର୍ଶାଉଛି। ସେଠାରେ ଶୁଭମନ୍‌ଙ୍କୁ ହୋଷ୍ଟ ସୋନମ ବାଜୱା ପଚାରିଥିଲେ, ସେ ସାରାଙ୍କୁ ଡେଟ୍ କରୁଛନ୍ତି କି? ଏହାର ଉତ୍ତରରେ ସେ କହିଥିଲେ, ବୋଧ ହୁଏ ହଁ, ବୋଧ ହୁଏ ନାଁ। ଏଥିସହ ତାଙ୍କୁ ବଲିଉଡ୍‌ର ସବୁଠୁ ଫିଟ୍ ଅଭିନେତ୍ରୀ କିଏ ବୋଲି ପ୍ରଶ୍ନ କରାଯାଇଥିଲା। ସେ ଏହାର ଉତ୍ତରରେ ସାରାଙ୍କ ନାଁ ହିଁ କହିଥିଲେ। ଶୁଭମନ୍‌ଙ୍କ ଏହି ଉତ୍ତର ପରେ ଦୁହେଁ ଦୁହିଁଙ୍କୁ ଡେଟ୍ କରୁଥିବା ଆହୁରି ସ୍ପଷ୍ଟ ହୋଇଛି।



## ପ୍ରକୃତିର ଗନ୍ତାଘର 'ବାଲି'



**ଜାକର୍ତ୍ତା:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇଣ୍ଡୋନେସିଆ ଗସ୍ତରେ ଅଛନ୍ତି। ମଙ୍ଗଳବାର ବାଲିରେ ପହଞ୍ଚିବା ପରେ ବେଶ୍ ଆଡ଼ମ୍ବର ସହକାରେ ସେଠାକାର ଲୋକେ ମୋଦିଙ୍କୁ ସ୍ୱାଗତ କରିଥିଲେ। ବାଲିରେ ମୋଦି ୪୫ ଘଣ୍ଟା ରହିବେ। ମୁସଲମାନବହୁଳ ରାଷ୍ଟ୍ର ଇଣ୍ଡୋନେସିଆର 'ବାଲି' ବିଷୟରେ ପ୍ରତ୍ୟେକ ଦେଶର ଲୋକ ଜାଣନ୍ତି। ପ୍ରକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଏହି ସ୍ଥାନ ନିଜ ଅପରୂପ ସୌନ୍ଦର୍ଯ୍ୟରେ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ବହୁବର୍ଷ ପୁରୁଣା ଦେବଦେବୀଙ୍କ ମନ୍ଦିର ସାଙ୍ଗକୁ ବହୁ ଐତିହ୍ୟ ଏଠାରେ ରହିଛି। ଖାଲି ପରିବାର ନୁହେଁ ନ୍ୟୁ ମ୍ୟାରେଡ୍ କପୁଲଙ୍କ ପାଇଁ ମଧ୍ୟ ଏହି ସ୍ଥାନ ଖୁବ୍ ପସନ୍ଦଯୋଗ୍ୟ। ଦେଶ, ବିଦେଶରୁ ପ୍ରତିବର୍ଷ କୋଟି କୋଟି ଲୋକ ଏଠାକୁ ବୁଲିବାକୁ ଆସିଥାନ୍ତି। ବାଲି ସମୁଦ୍ରର କାଚକେନ୍ଦୁ ଭଳି ପାଣି ଅନ୍ୟ କୌଣସି ଦେଶରେ ଦେଖିବାକୁ ମିଳେ ନାହିଁ। ୧୭,୦୦୦ ଦ୍ୱୀପ ଇଣ୍ଡୋନେସିଆରେ ରହିଛି। କିନ୍ତୁ ବାଲିର ସ୍ୱତନ୍ତ୍ରତା ଭିନ୍ନ। ଏଠାରେ ଏକାଧିକ ସମୁଦ୍ର କୂଳ ଥିବାବେଳେ ପ୍ରତ୍ୟେକ ବିଚ୍ ଅନ୍ୟଠାରୁ ବହୁ ଗୁଣରେ ଭିନ୍ନ।

### ଆଧ୍ୟାତ୍ମିକବାଦୀ ଓ ସରଳ ବିଶ୍ୱାସୀ ଲୋକ

ଇଣ୍ଡୋନେସିଆର ନାଗରିକ ଠାକୁରଙ୍କୁ ମାନୁଥିବାବେଳେ ସେମାନେ ଅତି ସରଳ ସ୍ୱଭାବର ହୋଇଥାନ୍ତି। ସେମାନେ ପ୍ରତ୍ୟେକ ଦିନ ଈଶ୍ୱରଙ୍କୁ ପ୍ରାର୍ଥନା କରନ୍ତି। ପ୍ରତ୍ୟେକଙ୍କ ଘରେ ଭଗବାନଙ୍କ ପାଇଁ ଛୋଟ ମନ୍ଦିର ସଦୃଶ ପ୍ରକୋଷ୍ଠ ରହିଥାଏ। ବାଲିରେ ଥିବା ମନ୍ଦିରଗୁଡ଼ିକର ଅନେକ ଗୁରୁତ୍ୱପୂର୍ଣ୍ଣ ବିଶେଷତ୍ୱ ରହିଛି। ବାଲିର ଖାଦ୍ୟପେୟ ପ୍ରତ୍ୟକଙ୍କ ପସନ୍ଦ।

### ରୁପିଆରେ ଗଣେଶଙ୍କ ଚିତ୍ର

ଇଣ୍ଡୋନେସିଆରେ ୮୫% ଲୋକେ ମୁସଲମାନ ଥିବାବେଳେ ୨% ଲୋକ ହିନ୍ଦୁ। ଇଣ୍ଡୋନେସିଆର ୨୦ ହଜାର ଟଙ୍କିଆ ରୁପିଆ ନୋଟ୍‌ରେ ଗଣେଶ ଠାକୁରଙ୍କ ଫଟୋ ଦେଖିବାକୁ ମିଳିଛି। ୨୦୦୮ରୁ ଏହି ନୋଟ୍ ପ୍ରଚଳନ ବନ୍ଦ କରିଦିଆଯାଇଛି। କିଛି ବର୍ଷ ଅନ୍ତରରେ ଇଣ୍ଡୋନେସିଆର କରେନ୍ସିରେ ପରବର୍ତ୍ତନ କରାଯାଏ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୬ ନଭେମ୍ବର, ୨୦୨୨



## ମାନିଲାରେ ଜନ୍ମନେଲେ ୮୦୦ କୋଟିତମ ଶିଶୁ

ମାନିଲା, ୧୫।୧୧: ଫିଲିପାଇନ୍ସ ରାଜଧାନୀ ମାନିଲାର ଟୋଣ୍ଡୋରେ ଜନ୍ମ ନେଇଛନ୍ତି ବିଶ୍ୱର ୮୦୦ କୋଟିତମ ଶିଶୁ ଭିନିସ ମାବାନସାଗ। ଟୋଣ୍ଡୋର ଡା. ଜୋସ୍ ଫାବେଲା ମେମୋରିଆଲ ହସ୍ପିଟାଲରେ ସୋମବାର ରାତି ୧.୨୯ ମିନିଟ୍ (ସ୍ଥାନୀୟ ସମୟ)ରେ ଭିନିସ ଜନ୍ମ ଗ୍ରହଣ କରିଛନ୍ତି। ଫିଲିପାଇନ୍ସ କମିଶନ ମା' ଓ ପିଲାଙ୍କ ଫଟୋ ଫେସବୁକ୍‌ରେ ଶେୟାର କରିଛନ୍ତି। ଚଳିତବର୍ଷ ଜୁଲାଇ ୧୧ ବିଶ୍ୱ ଜନଗଣନା ଦିବସ ଅବସରରେ ଜାତିସଂଘ ପକ୍ଷରୁ ପ୍ରକାଶ ପାଇଥିବା ରିପୋର୍ଟ ମୁତାବକ ନଭେମ୍ବର ୧୫ ତାରିଖରେ ୱାର୍ଲ୍ଡ ପପୁଲେଶନ୍ ୮୦୦ କୋଟିରେ ପହଞ୍ଚିବ। ତେବେ ଭିନିସ ବିଶ୍ୱର ୮୦୦ କୋଟିତମ ଶିଶୁ ହୋଇଥିବା ବିଭିନ୍ନ ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି।

# ଭର୍ଚୁଆଲ୍‌ରେ ହାଜର ହେଲେ ଜେଟିଏଫ୍ ସଦସ୍ୟ

**ହାଇକୋର୍ଟରେ ହାତୀ ମୃତ୍ୟୁ ମାମଲା**

■ ପରବର୍ତ୍ତୀ ଶୁଣାଣି ଜାନୁୟାରୀ ୧୮ରେ

କଟକ ଅଫିସ,୧୫।୧୧

ରାଜ୍ୟରେ ଅନିୟନ୍ତ୍ରିତ ହାତୀ ମୃତ୍ୟୁକୁ ରୋକିବା ପାଇଁ ଗଠିତ ପୋଲିସ ଓ ବନ ବିଭାଗର ମିଳିତ ଟାସ୍କଫୋର୍ସ (ଜେଟିଏଫ୍)ର ସଦସ୍ୟମାନେ ଭର୍ଚୁଆଲ ମାଧ୍ୟମରେ ହାଇକୋର୍ଟରେ ମଙ୍ଗଳବାର ହାଜର ହୋଇଛନ୍ତି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କ ମିଳିତ ଖଣ୍ଡପୀଠ ମାମଲାର ଶୁଣାଣି କରି କେତେକ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଓ ନିର୍ଦ୍ଦେଶ ଦେଇଛନ୍ତି। ଜେଟିଏଫ୍ ସଦସ୍ୟ ପ୍ରଫେସର ସୁକୁମାର ଦିଲ୍ଲୀରୁ ଭର୍ଚୁଆଲରେ ହାଜର ହୋଇ ହାତୀ ମୃତ୍ୟୁ ରୋକିବା ନିମନ୍ତେ କରାଯାଇଥିବା ଆକ୍ସନ ପ୍ଲାନ ଉପରେ ହାଇକୋର୍ଟଙ୍କୁ ସବିଶେଷ ଅବଗତ କରାଇଥିଲେ। ଡିସେମ୍ବର ଶେଷ ସୁଦ୍ଧା ଏହି ଆକ୍ସନ ପ୍ଲାନ୍ ହାଇକୋର୍ଟରେ ଦାଖଲ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଜେଟିଏଫ୍‌ରେ ୨ ଜଣ ନୂତନ ସଦସ୍ୟଙ୍କୁ ସାମିଲ କରିବା ପାଇଁ ଖଣ୍ଡପୀଠ ପରାମର୍ଶ ଦେଇଛନ୍ତି। ସେମାନେ ହେଲେ ପରିବେଶବିତ୍ ବିଶ୍ୱଜିତ ମହାନ୍ତି ଓ ପ୍ରାଣୀପ୍ରେମୀ ଶୁଭେନ୍ଦୁ ବିଶ୍ୱାଳ। ଏଥିସହ ମଣିଷ, ହାତୀ ବିବାଦ ମଧ୍ୟରେ ବିଦ୍ୟୁତ୍‌ଆଘାତ ଜନିତ ହାତୀ ମୃତ୍ୟୁ ରୋକିବା ଦିଗରେ ରେଳ ବିଭାଗ ଓ ବିଦ୍ୟୁତ୍ ବିଭାଗକୁ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ଗୁରୁତ୍ୱାରୋପ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଆକ୍ସନ ପ୍ଲାନ୍‌ରେ ଖୋଲା ବିଦ୍ୟୁତ୍ ତାର ବଦଳାଇ କେବୁଲ କରାଯିବା ନିମନ୍ତେ ଯୋଜନା ରହିଥିବା ଜେଟିଏଫ୍ ପକ୍ଷରୁ ଅବଗତ କରାଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ଜାନୁୟାରୀ ୧୮କୁ ଧାର୍ଯ୍ୟ ହୋଇଛି।

ସୂଚନାଯୋଗ୍ୟ, ଜଏଣ୍ଟ ଟାସ୍କଫୋର୍ସର ଭବିଷ୍ୟତ କାର୍ଯ୍ୟାବଳୀ ସମ୍ପର୍କିତ ସତ୍ୟପାଠ ଗତ ଶୁକ୍ରବାର ହାଇକୋର୍ଟରେ ଦାଖଲ ହୋଇଛି। ପୋଲିସ ଅତିରିକ୍ତ ଏସ୍‌ପି ତଥା ଜଏଣ୍ଟ ଟାସ୍କଫୋର୍ସ ସଦସ୍ୟ ଯତୀନ୍ଦ୍ର କୁମାର ପଣ୍ଡା ଏବଂ ଚେୟାରମ୍ୟାନ ତଥା କନ୍‌ଭେନର ମନୋଜ ଭି. ନାୟାର ପୃଥକ୍ ଭାବେ ସତ୍ୟପାଠ ଦାଖଲ ଜରିଆରେ ହାଇକୋର୍ଟଙ୍କୁ ହାତୀ ମୃତ୍ୟୁ ସଂକ୍ରାନ୍ତରେ ରହିଥିବା ଯୋଜନା ବାବଦରେ ଅବଗତ କରାଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନ୍‌ଜୀବୀ ଆଶିଷ ମିଶ୍ର ମାମଲା ପରିଚାଳନା କରୁଛନ୍ତି। ପ୍ରକାଶ ଯେ, ରାଜ୍ୟରେ ହାତୀ ମୃତ୍ୟୁକୁ ନେଇ ଆବେଦନକାରୀ ଗୀତା ରାଉତଙ୍କ ପକ୍ଷରୁ ହାଇକୋର୍ଟରେ ଦାୟର ଜନସ୍ୱାର୍ଥ ମାମଲାକୁ ନେଇ ଶୁଣାଣି ଜାରି ରହିଛି।

# ରାଜସ୍ଥାନ ସାଇବର ଗ୍ୟାଙ୍ଗ୍‌ର ୨ ଗିରଫ

**ଆଇପିପିବି ବ୍ୟାଙ୍କ ଆକାଉଣ୍ଟ, ସିମ୍ ଠକେଇ ମାମଲା**

■ ସିମ ଯୋଗାଉଥିବା ଜଣେ ଅଭିଯୁକ୍ତ ମୟୂରଭଞ୍ଜରୁ ଧରାପଡ଼ିଲେ
■ ପୂର୍ବରୁ ଗିରଫ ହୋଇଥିଲେ ନବରଙ୍ଗପୁରର ୫ ଏଜେଣ୍ଟ
■ ଦେଶବ୍ୟାପୀ ଲମ୍ବିଛି ଠକେଇର ଚେର

ଭୁବନେଶ୍ୱର,୧୫।୧୧(ବ୍ୟୁରୋ)

ଦେଶର ବହୁ ଗରିବ ଲୋକଙ୍କୁ ଫସାଇ ଇଣ୍ଡିଆନ୍ ପୋଷ୍ଟ ପେମେଣ୍ଟ୍ସ ବ୍ୟାଙ୍କ (ଆଇପିପିବି) ରେ ଅନେକ ଆକାଉଣ୍ଟ ଖୋଲିଥିଲେ। ଏପରି କି ଲୋକଙ୍କୁ ମାତ୍ର କିଛି ଟଙ୍କା ଦେଇ ସିମ୍ କିଣୁଥିଲେ। ଏହି ସିମ୍ ଓ ବ୍ୟାଙ୍କ ଆକାଉଣ୍ଟକୁ ସେମାନେ ଭିନ୍ନ ଭିନ୍ନ ସାଇବର ଠକ ଗ୍ୟାଙ୍ଗକୁ ବିକ୍ରି କରିବା ସହ ନିଜେ ମଧ୍ୟ ଠକେଇରେ ବ୍ୟବହାର କରୁଥିଲେ। ଏହି ସାଇବର ଠକେଇ ମାମଲାର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)କୁ ବଡ଼ ସଫଳତା ମିଳିଛି। ଏହି ଆନ୍ତଃରାଜ୍ୟ ଗ୍ୟାଙ୍ଗର ୨ ସଦସ୍ୟଙ୍କୁ ଇଓଡବ୍ଲ୍ୟୁ ରାଜସ୍ଥାନର ଅଲୱାର ଜିଲା ରାମଗଡ଼ ଥାନା ଅଞ୍ଚଳରୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ମହମ୍ମଦ ଖାନ ଓ ମନଫେଦ୍ ଖାନ। ଗତ ୯ରେ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରି ଇଓଡବ୍ଲ୍ୟୁ ରାମଗଡ଼ ଏସ୍‌ଡିଜେଏମ୍ କୋର୍ଟରେ ହାଜର କରିବା ପରେ ୫ଦିନିଆ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଆଣିଛି। ସେହିପରି ଏହି ଗ୍ୟାଙ୍ଗକୁ ସିମ୍ ଯୋଗାଉଥିବା ମୟୂରଭଞ୍ଜ ଜିଲା ବୈଶିଙ୍ଗା ଅଞ୍ଚଳର ଅନିଲ ଖିଲାରଙ୍କୁ ଇଓଡବ୍ଲ୍ୟୁ ଗିରଫ କରିଛି। ଅନିଲ ପ୍ରାୟ ୧୨ଶହ ସିମ୍ ବିକ୍ରି କରିଛନ୍ତି। ଏହି ମାମଲା (ନଂ. ୧୯/୨୦୨୨)ରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ମଙ୍ଗଳବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ୨୦ ଦିନ ତଳେ ଗ୍ୟାଙ୍ଗକୁ ବ୍ୟାଙ୍କ ଆକାଉଣ୍ଟ ଯୋଗାଉଥିବା ନବରଙ୍ଗପୁର ଅଞ୍ଚଳର ଏଜେଣ୍ଟ ସୁବିର ବେନିଆ, ଉପେନ୍ଦ୍ର ସାମର୍ଥ, ରାଜେନ୍ଦ୍ର ହରିଜନ, ଧନସିଂ ହରିଜନ ଏବଂ ଗ୍ରାମ ଡାକସେବକ ସନସାଇ ସାନ୍ତଙ୍କ ସମେତ ୫ଜଣଙ୍କୁ ଇଓଡବ୍ଲ୍ୟୁ ଗିରଫ କରିଥିଲା।



ଗିରଫ ଅଭିଯୁକ୍ତ ମହମ୍ମଦ ଖାନ ଓ ମନଫେଦ୍ ଖାନ।

**ନବରଙ୍ଗପୁରରେ ଖୋଲିଥିଲେ ୧ ହଜାର ଆଇପିପିବି ବ୍ୟାଙ୍କ ଆକାଉଣ୍ଟ**

ସାଇବର ଠକ ଗ୍ୟାଙ୍ଗର ସଦସ୍ୟମାନେ ବିଶେଷକରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ବା ଗ୍ରାମାଞ୍ଚଳ ଲୋକଙ୍କୁ ଟାର୍ଗେଟ କରୁଥିଲେ। ନବରଙ୍ଗପୁର ଜିଲାରୁ ଗିରଫ ହୋଇଥିବା ୫ ଏଜେଣ୍ଟଙ୍କ ଦ୍ୱାରା ସେଠାରେ ସେମାନେ ଗରିବ ଲୋକଙ୍କୁ ଫସାଇ ସେମାନଙ୍କ ଆଧାର କାର୍ଡ ଓ ଫଟୋ ଆଦି ଦ୍ୱାରା ଇଣ୍ଡିଆନ୍ ପୋଷ୍ଟ ପେମେଣ୍ଟ୍ସ ବ୍ୟାଙ୍କରେ ଆକାଉଣ୍ଟ ଖୋଲିଥିଲେ। ଏଜେଣ୍ଟମାନେ ପ୍ରତି ଆକାଉଣ୍ଟ ପିଛା ୨ହଜାର ଟଙ୍କା ପାଉଥିଲେ। ନବରଙ୍ଗପୁର ଜିଲାରେ ୧ ହଜାର ଆଇପିପିବି ଆକାଉଣ୍ଟ ଖୋଲାଯାଇଥିବା ଇଓଡବ୍ଲ୍ୟୁ ଜାଣିବାକୁ ପାଇଛି।

**୩୦୦ ଟଙ୍କାରେ ସିମ୍ କିଣି ୧ ହଜାରରେ ବିକ୍ରି**

ଇଓଡବ୍ଲ୍ୟୁ କହିଛି, ଅଲୱର ଜିଲାର ୧୦ରୁ ୧୫ଟି ଗ୍ୟାଙ୍ଗ ଫେକ ସିମ୍ ବ୍ୟବସାୟ କରୁଛନ୍ତି। ଏହି ଗ୍ୟାଙ୍ଗର ସଦସ୍ୟମାନେ ଓଡ଼ିଶା, ପଶ୍ଚିମବଙ୍ଗ ଆଦି ରାଜ୍ୟରୁ ଏଜେଣ୍ଟଙ୍କ ଦ୍ୱାରା ୩୦୦ ଟଙ୍କାରେ ସିମ୍ କିଣିଛନ୍ତି। ଏହାକୁ ରାଜସ୍ଥାନ ଓ ଉତ୍ତରପ୍ରଦେଶର ଭିନ୍ନ ଭିନ୍ନ ସାଇବର ଠକ ଗ୍ୟାଙ୍ଗକୁ ଏକ ହଜାର ଟଙ୍କାରେ ବିକ୍ରି କରୁଛନ୍ତି। ଗ୍ୟାଙ୍ଗର ସଦସ୍ୟମାନେ ଏହି ସିମ୍ ଦ୍ୱାରା ଓଏଲ୍‌ଏକ୍ସ ଠକେଇ, ଜବ୍ ଠକେଇ, ନ୍ୟୁଡ ଭିଡିଓ କଲ୍ ଠକେଇ ଆଦି କରିଥାନ୍ତି।

**ଗୋଟିଏ ଆକାଉଣ୍ଟକୁ ୬ ହଜାର ଟଙ୍କାରେ ବିକ୍ରି କରୁଥିଲେ**

ଠକ ଗ୍ୟାଙ୍ଗର ସଦସ୍ୟମାନେ ଫେକ ସିମ୍ ଓ ଆଇପିପିବି ଆକାଉଣ୍ଟ ଦ୍ୱାରା ଫୋନ ପେ', ଗୁଗଲ ପେ' ଆଦି ୱାଲେଟ ଖୋଲନ୍ତି। ଏହାପରେ ଏହି ଆକାଉଣ୍ଟକୁ ସାଇବର ଠକେଇରେ ବ୍ୟବହାର କରିଥାନ୍ତି। ଏହାକୁ ଅନ୍ୟ ଗ୍ୟାଙ୍ଗକୁ ୬ହଜାର ଟଙ୍କାରେ ବିକ୍ରି କରିଥାନ୍ତି।

**୫ ଦିନିଆ ରିମାଣ୍ଡ ଆବେଦନ**

ଏହି ଗ୍ୟାଙ୍ଗରେ ଅନେକ ସଦସ୍ୟ ରହିଛନ୍ତି। ରାଜସ୍ଥାନର ଅଲୱର ଓ ଭରତପୁର ଜିଲାରେ ୧ ହଜାର ଠକ ଏହି ଗ୍ୟାଙ୍ଗରେ ରହି ଭିନ୍ନ ଭିନ୍ନ ତରିକାରେ ଠକେଇ କରୁଛନ୍ତି। ଏଥିସହ ହରିୟାଣା ଓ ଉତ୍ତରପ୍ରଦେଶରେ ମଧ୍ୟ ଏଭଳି ର୍‍ୟାକେଟ ଚଳାଇଛନ୍ତି। ଓଡ଼ିଶା, ପଶ୍ଚିମବଙ୍ଗ, ଆସାମ ପ୍ରଭୃତି ରାଜ୍ୟରେ ଏଭଳି ବ୍ୟାଙ୍କ ଆକାଉଣ୍ଟ ଖୋଲୁଛନ୍ତି। ଏହି ଗ୍ୟାଙ୍ଗର ଅନ୍ୟ ସଦସ୍ୟଙ୍କୁ ଧରିବାକୁ ଇଓଡବ୍ଲ୍ୟୁ ଚେଷ୍ଟା ଚଳାଇଛି। ଇଓଡବ୍ଲ୍ୟୁ ମହମ୍ମଦ ଓ ମନଫେଦ୍‌ଙ୍କୁ ୫ ଦିନିଆ ରିମାଣ୍ଡରେ ଆଣିବାକୁ କୋର୍ଟଙ୍କ ନିକଟରେ ଆବେଦନ କରିଛି। ଅଭିଯୁକ୍ତଦ୍ୱୟଙ୍କୁ ପଚରାଉଚରା ପରେ ମାମଲା ସମ୍ପର୍କରେ ଅଧିକ ଜଣାପଡ଼ିବା ସହ ଏକାଧିକ ସଦସ୍ୟ ଗିରଫ ହେବେ ବୋଲି କ୍ରାଇମବ୍ରାଞ୍ଚ ଡିଆଇଜି ଜୟନାରାୟଣ ପଙ୍କଜ କହିଛନ୍ତି।

# ପର୍ଯ୍ୟଟନ ପଦବୀ ସଂଖ୍ୟା ବଢ଼ିବ

**ପର୍ଯ୍ୟଟନ ବିକାଶ ଅଧିକାରୀ ପଦବୀ ସୃଷ୍ଟି**

ଯାଜପୁର ଅଫିସ,୧୫।୧୧

ରାଜ୍ୟର ବିଭିନ୍ନ ପର୍ଯ୍ୟଟନସ୍ଥଳୀର ବିକାଶ ଏବଂ ରୂପାନ୍ତରଣ କରିବାକୁ ରାଜ୍ୟ ସରକାର ଏକ ରୋଡ୍‌ମ୍ୟାପ ପ୍ରସ୍ତୁତ କରୁଛନ୍ତି। ଓଡ଼ିଶା ପର୍ଯ୍ୟଟନ ସେବା ତଥା ଓଡ଼ିଶା ଟୁରିଜମ ସର୍ଭିସ (ଓଟିଏସ୍)କୁ ନୂତନ ଢାଞ୍ଚା ବା ପୁନର୍ଗଠନ କରିବାକୁ ଯୋଜନା କରାଯାଉଛି। ରାଜ୍ୟରେ ଥିବା ୭ ପର୍ଯ୍ୟଟନ ଡିଭିଜନରେ ଅଧିକ ସଂଖ୍ୟକ ପଦବୀ ସୃଷ୍ଟି କରାଯିବାକୁ ବିଚାର ହୋଇଛି। ଏଥିପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ୧୧।୧୧।୨୦୨୨ରେ ଏକ ରିଜୋଲ୍ୟୁଶନ ଜାରି କରାଯାଇଛି।

ପର୍ଯ୍ୟଟନ ବିଭାଗର ରିଜୋଲ୍ୟୁଶନ ଅନୁଯାୟୀ ସଂସ୍କୃତି, ଐତିହ୍ୟ ଏବଂ ଜୈବ ବିବିଧତାରେ ସମୃଦ୍ଧ ସ୍ଥାନରେ ପର୍ଯ୍ୟଟନ ଅଭିଜ୍ଞତାକୁ ବିବିଧ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ଜଳଭିତ୍ତିକ ମନୋରଞ୍ଜନ ପ୍ରକଳ୍ପ, ରହଣି ସୁବିଧା, ଗମନାଗମନ, ବନ୍ୟଜନ୍ତୁ ସଂରକ୍ଷିତ ଅଞ୍ଚଳରେ ପ୍ରକୃତି ଶିବିର ଏବଂ ଇକୋ-ଟୁରିଜମ ସୃଷ୍ଟି ମାଧ୍ୟମରେ ପର୍ଯ୍ୟଟନ, ଟ୍ରେକିଂ, ଦର୍ଶନୀୟ ସ୍ଥାନ, ସଫାରି, ବୋଟିଂ ଇତ୍ୟାଦିକୁ ଗୁରୁତ୍ୱ ପ୍ରଦାନ କରାଯିବ।

ଓଡ଼ିଶା ପର୍ଯ୍ୟଟନ ସେବାକୁ ଡିଭିଜନ ଅନୁଯାୟୀ ଗଠନ କରାଯାଇଛି। ରାଜ୍ୟରେ ୭ ଏବଂ ରାଜ୍ୟ ବାହାରେ ଦିଲ୍ଲୀରେ ଗୋଟିଏ ପର୍ଯ୍ୟଟନ ଡିଭିଜନ ରହିଛି। ଭୁବନେଶ୍ୱର ଡିଭିଜନ ଅଧୀନରେ ଖୋର୍ଦ୍ଧା ଏବଂ ନୟାଗଡ଼, କୋରାପୁଟ ଡିଭିଜନ ଅଧୀନରେ କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ମାଲକାନଗିରି, କଳାହାଣ୍ଡି ଓ ନୂଆପଡା, ସମ୍ବଲପୁର ଡିଭିଜନ ଅଧୀନରେ ସମ୍ବଲପୁର, ବରଗଡ଼, ସୋନପୁର, ଝାରସୁଗୁଡ଼ା, ଦେବଗଡ଼, ସୁନ୍ଦରଗଡ଼ ଓ ବଲାଙ୍ଗୀର, କଟକ ଡିଭିଜନ ଅଧୀନରେ କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, ଯାଜପୁର ଓ କଟକ, ବାଲେଶ୍ୱର ଡିଭିଜନରେ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର ଓ ମୟୂରଭଞ୍ଜ, ବ୍ରହ୍ମପୁର ଡିଭିଜନରେ ଗଞ୍ଜାମ, ଗଜପତି, କନ୍ଧମାଳ ଓ ବୌଦ୍ଧ ଏବଂ ପୁରୀ ଡିଭିଜନରେ ପୁରୀ ଜିଲାର ପର୍ଯ୍ୟଟନସ୍ଥଳୀଗୁଡିକ ପରିଚାଳନା ହେଉଛି। ଏହି ପର୍ଯ୍ୟଟନ ବିଭାଗଗୁଡ଼ିକ ଡେପୁଟି ଡାଇରେକ୍ଟର ଏବଂ ଯୁଗ୍ମ ନିର୍ଦ୍ଦେଶକ ପଦରେ କ୍ୟାଡର ଅଧିକାରୀଙ୍କ ଦ୍ୱାରା ପରିଚାଳିତ ହେବ ବୋଲି ବିଭାଗୀୟ ନିଷ୍ପତ୍ତି ହୋଇଛି। ପ୍ରତି ପର୍ଯ୍ୟଟନ ବିଭାଗ ଅଧୀନରେ ପର୍ଯ୍ୟଟନ ଜିଲା ରହିବ, ଯେଉଁଥିପାଇଁ ସହକାରୀ ନିର୍ଦ୍ଦେଶକ ପଦବୀର ଆବଶ୍ୟକତା ରହିଛି। ପର୍ଯ୍ୟଟନ ବିକାଶ ଅଧିକାରୀ ଏବଂ ପର୍ଯ୍ୟଟନ ଅଧିକାରୀ ଜିଲାରେ ରହିବେ। ବର୍ତ୍ତମାନ ଓଡ଼ିଶା ଜନସେବା ଆୟୋଗ ଦ୍ୱାରା ଓଡିଶା ସିଭିଲ ସର୍ଭିସ ପରୀକ୍ଷା ମାଧ୍ୟମରେ ପୁନର୍ଗଠନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପ୍ରକ୍ରିୟାରେ ଅତିରିକ୍ତ ନିର୍ଦ୍ଦେଶକ, ଯୁଗ୍ମ ନିର୍ଦ୍ଦେଶକ, ଉପନିର୍ଦ୍ଦେଶକ, ସହକାରୀ ନିର୍ଦ୍ଦେଶକ, ପର୍ଯ୍ୟଟନ ବିକାଶ ଅଧିକାରୀ ଏବଂ ପର୍ଯ୍ୟଟନ ଅଧିକାରୀ ନିଯୁକ୍ତ କରାଯିବ। ବର୍ତ୍ତମାନ ଏହିସବୁ ପଦବୀରେ ୪୧ ଜଣ ରହିଥିବାବେଳେ ପୁନର୍ଗଠନ ପ୍ରକ୍ରିୟାରେ ୮୨ ପଦବୀ ବୃଦ୍ଧି କରାଯିବ। ପର୍ଯ୍ୟଟନ ଅଧିକାରୀ ୩୩ରୁ ୨୨, ପର୍ଯ୍ୟଟନ ବିକାଶ ଅଧିକାରୀ ନୂତନ ଭାବେ ୩୮, ସହକାରୀ ନିର୍ଦ୍ଦେଶକ ୧୨, ଉପନିର୍ଦ୍ଦେଶକ ୬, ଯୁଗ୍ମ ନିର୍ଦ୍ଦେଶକ ୩ ଏବଂ ଅତିରିକ୍ତ ନିର୍ଦ୍ଦେଶକ ୧ ପଦବୀ ରହିବ। ଅତିରିକ୍ତ ନିର୍ଦ୍ଦେଶକ ଭୁବନେଶ୍ୱର ପର୍ଯ୍ୟଟନ ବିଭାଗ ହେଡକ୍ୱାର୍ଟର୍ସରେ ରହିବେ ଏବଂ ଯୁଗ୍ମ ନିର୍ଦ୍ଦେଶକ ହେଡକ୍ୱାର୍ଟର୍ସ ସମେତ ଦିଲ୍ଲୀ ଏବଂ ଭୁବନେଶ୍ୱରର ଡିଭିଜନରେ ଅବସ୍ଥାପିତ ହେବେ। ଉପନିର୍ଦ୍ଦେଶକ, ସହକାରୀ ନିର୍ଦ୍ଦେଶକ, ପର୍ଯ୍ୟଟନ ବିକାଶ ଓ ପର୍ଯ୍ୟଟନ ଅଧିକାରୀମାନେ ଡିଭିଜନଗୁଡିକରେ ରହି ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନିଷ୍ପତ୍ତି ହୋଇଛି। ଏହି ମର୍ମରେ ଜାରି ରିଜୋଲ୍ୟୁଶନକୁ ପର୍ଯ୍ୟଟନ ବିଭାଗର ପ୍ରିନ୍ସିପାଲ ସେକ୍ରେଟାର ସମସ୍ତ ବିଭାଗକୁ ନିର୍ଦ୍ଦେଶ ଜାରି କରିଛନ୍ତି।

ରାଜ୍ୟରେ ପର୍ଯ୍ୟଟନର ଭିତ୍ତିଭୂମିର ବିକାଶ ଅଧାରେ ଅଟକିଛି। ଏହାବାଦ୍ କେତେକାଂଶରେ ନିମ୍ନମାନର କାର୍ଯ୍ୟ ପର୍ଯ୍ୟଟନସ୍ଥଳୀର ଦୀର୍ଘ ସ୍ଥାୟିତ୍ୱକୁ ନେଇ ସନ୍ଦେହ ସୃଷ୍ଟି କରିଛି। ୨୦୧୯-୨୦ ବର୍ଷରେ ରାଜ୍ୟର ୧୫ ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ୧୬୭.୪୧ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ତେବେ ଏହିସବୁ ପ୍ରକଳ୍ପର ନୈରାଶ୍ୟଜନକ ଅଗ୍ରଗତି ଉପରେ ପ୍ରିନ୍ସିପାଲ ଆକାଉଣ୍ଟାଣ୍ଟ ଜେନେରାଲ(ଅଡିଟ-୨) ଗତ ୭।୮।୨୦୨୧ରେ ପ୍ରଶ୍ନ ଉଠାଇଥିଲେ। ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ବିଭିନ୍ନ ଜିଲାରେ ଆନ୍ଦୋଳନ, ଅନଶନ ହେଉଥିବା ଦେଖିବାକୁ ମିଳିଛି, ଯାହାର ଉଦାହରଣ ବଲାଙ୍ଗୀର ଜିଲାର ପ୍ରସିଦ୍ଧ ହରିଶଙ୍କର ପୀଠରେ ରୋପ୍‌ୱେ ନିର୍ମାଣ ଦାବି ନେଇ କିଛିଦିନ ତଳେ ଜଳ ସତ୍ୟାଗ୍ରହ ହୋଇଥିଲା। ଏହି କ୍ରମରେ ରାଜ୍ୟ ପର୍ଯ୍ୟଟନ ବିଭାଗର ପୁନର୍ଗଠନ ପର୍ଯ୍ୟଟନସ୍ଥଳୀର ବିକାଶ ଦିଗରେ ସହାୟତା ହେବ ବୋଲି ଆଶା କରାଯାଉଛି।

# ପ୍ରଫୁଲ୍ଲ ମହାନ୍ତିଙ୍କୁ ସମ୍ମାନସୂଚକ ଫେଲୋଶିପ୍




ଲେଖକ ତଥା ଚିତ୍ରକର ପ୍ରଫୁଲ୍ଲ ମହାନ୍ତିଙ୍କୁ ସମ୍ମାନସୂଚକ ଫେଲୋଶିପ୍ ପ୍ରଦାନ କରାଯାଉଛି।

ଭୁବନେଶ୍ୱର, ୧୫।୧୧ (ବ୍ୟୁରୋ)

କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ନୂଆଦିଲ୍ଲୀସ୍ଥିତ ରବୀନ୍ଦ୍ର ଭବନରେ ଆୟୋଜିତ ପୁସ୍ତକ ମେଳା 'ପୁସ୍ତକାୟନ' ମଙ୍ଗଳବାର ପଞ୍ଚମ ଦିନରେ ପହଞ୍ଚିଛି। ଏହି ଅବସରରେ ସାହିତ୍ୟ ଏକାଡେମୀ ସଭାପତି ଚନ୍ଦ୍ରଶେଖର କାମ୍ବରଙ୍କ ଦ୍ୱାରା ଏକାଡେମୀ ପକ୍ଷରୁ ବିଶିଷ୍ଟ ଲେଖକ ତଥା ଚିତ୍ରକର ପ୍ରଫୁଲ୍ଲ ମହାନ୍ତିଙ୍କୁ ସମ୍ମାନସୂଚକ ଫେଲୋଶିପ୍ ପ୍ରଦାନ କରାଯାଇଛି। ସାହିତ୍ୟ ଏକାଡେମୀ ଉପାଧ୍ୟକ୍ଷ ମାଧବ କୌଶିକ, ଓଡିଆ ପରାମର୍ଶଦାତା ବୋର୍ଡର ସଂଯୋଜକ ବିଜୟାନନ୍ଦ ସିଂ ଏବଂ ସାହିତ୍ୟ ଏକାଡେମୀ ସଚିବ କେ. ଶ୍ରୀନିବାସ ରାଓ ପ୍ରମୁଖ ଯୋଗଦେଇ ଲେଖକ ମହାନ୍ତିଙ୍କ ଇଂଲିଶ ଭାଷାରେ ଭାରତୀୟ ସାହିତ୍ୟକୁ ଅବଦାନ ସମ୍ପର୍କରେ ଆଲୋଚନା କରିଛନ୍ତି। ଲେଖକ ମହାନ୍ତି କହିଛନ୍ତି, ଜଣେ ଗାଁ ପିଲା ଯିଏ ନିଜେ ଇଂଲିଶରେ ଲେଖିପଢି 'ମାଇଁ ଭିଲେଜ୍ ମାଇଁ ଲାଇଫ୍' ପୁସ୍ତକ ଲେଖିବା ଯେକୌଣସି ଗ୍ରାମର ଅଗ୍ରଗତି କରିଥିବା ପିଲାଙ୍କ ଲାଗି ଏକ ବଡ଼ ସଫଳତା। ଏହି ଅବସରରେ ଏକାଡେମୀ ପକ୍ଷରୁ ବାଲ୍ ସାହିତ୍ୟ ପୁରସ୍କାର ବିଜେତାଙ୍କୁ ନେଇ ଏକ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଓଡ଼ିଆ ବିଭାଗରେ ବାଲ୍ ସାହିତ୍ୟ ପୁରସ୍କାର ବିଜେତା ନରେନ୍ଦ୍ର ପ୍ରସାଦ ଦାସ ଯୋଗଦେଇ କହିଥିଲେ, କିଶୋରାବସ୍ଥା ଏବଂ ପିଲାଙ୍କ ପାଇଁ ଲେଖିବା ଦୁଇଟି ଭିନ୍ନ କଥା। ଶିଶୁ ସାହିତ୍ୟ ଏପରି ହେବା ଆବଶ୍ୟକ, ଯାହା ପାଠକଙ୍କ ମଧ୍ୟରେ କଳ୍ପନା ଓ ସର୍ଜନାର କ୍ଷମତା ବଢ଼ାଇ ପାରିବ।

# କେଜିବିଭି ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ

କାମାକ୍ଷାନଗର, ୧୫।୧୧(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ଉଙ୍ଗାପାଳସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ (କେଜିବିଭି)ର ୬ଷ୍ଠ ଶ୍ରେଣୀ ଛାତ୍ରୀ ଲକ୍ଷ୍ମୀ ମୁଣ୍ଡା (୧୨)ଙ୍କ ମଙ୍ଗଳବାର ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ସକାଳେ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ଛାତ୍ରୀନିବାସ କର୍ତ୍ତୃପକ୍ଷ ତାଙ୍କୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସିଦ୍ଧାର୍ଥ ବେଉରିଆ ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଛାତ୍ରୀଙ୍କ ବାପା ତଥା କଙ୍କଡ଼ାହାଡ଼ ବ୍ଲକ ବୀରାଶାଳ ପଞ୍ଚାୟତ ପନାସିଆ ଗ୍ରାମର ବିପିନ ମୁଣ୍ଡାଙ୍କ କହିବା କଥା, ଏ ବର୍ଷ ହିଁ ସେ ଝିଅକୁ ପାଠ ପଢ଼ିବା ପାଇଁ ଛାଡ଼ିଥିଲେ। ହେଲେ ପାଠ ପଢ଼ିବାକୁ ଆସି ଝିଅ ସବୁଦିନ ପାଇଁ ଆରପାରିକୁ ଚାଲିଗଲା। ଝିଅର ମୃତ୍ୟୁ ହୋଇଯାଇଥିବା ନେଇ ସକାଳେ ସ୍କୁଲରୁ ଖବର ଆସିଲା। ଏହାର ନିରପେକ୍ଷ ତଦନ୍ତ ହେବା ଦରକାର ବୋଲି ବିପିନ କୋହଭରା କଣ୍ଠରେ କହିଛନ୍ତି। ସୂଚନା ପାଇ ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ ଘଟଣାସ୍ଥଳରେ ପହଞ୍ଚି ତନାଘନା କରିଛନ୍ତି।

# ଜି.ଉଦୟଗିରିରେ ଶୀତ ଲହର




ଜି.ଉଦୟଗିରି,୧୫।୧୧(ଡି.ଏନ.ଏ.)

କନ୍ଧମାଳ ଜିଲା ଜି.ଉଦୟଗିରି ସହରରେ ୩ ଦିନ ହେଲା ପ୍ରବଳ ଶୀତ ଅନୁଭୂତ ହେଉଛି। ମଙ୍ଗଳବାର ସର୍ବନିମ୍ନ ତାପମାତ୍ରା ୭.୨ ଡିଗ୍ରୀ ସେଲସିୟସ ରହିଥିବା କୃଷି ଗବେଷଣା କେନ୍ଦ୍ରର ଅଧିକାରୀ ସତ୍ୟ ନାରାୟଣ ମହାନ୍ତି କହିଛନ୍ତି। ଗତ ରବିବାର ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ଓ ସୋମବାର ୯.୬ ଡିଗ୍ରୀ ସେଲସିୟସ ରହିଥିଲା। ସହରର ତାପମାତ୍ରା ଦିନକୁ ଦିନ କମୁଥିବାରୁ ଶୀତର ପ୍ରକୋପ ଜାରି ରହିଛି। ଏଥିସହ ଘନ କୁହୁଡି ମଧ୍ୟ ଜନଜୀବନକୁ ପ୍ରଭାବିତ କରୁଛି। କୁହୁଡି ଯୋଗୁ କଳିଙ୍ଗା ଘାଟିରେ ଗାଡି ଚଳାଚଳ ଅସୁବିଧା ହେଉଛି। ଅନ୍ୟପକ୍ଷରେ ଶୀତର ମଜା ନେବା ସହ ପ୍ରାକୃତିକ ପରିବେଶର ଉପଭୋଗ ପାଇଁ ପର୍ଯ୍ୟଟକମାନଙ୍କ ଗହଳି ଲାଗିବ। ଏଥିପାଇଁ ହୋଟେଲଗୁଡିକ ପ୍ରସ୍ତୁତ ହୋଇରହିଛି।

ଜାତୀୟ ଖବର

# ନୂଆ ଗର୍ଲଫ୍ରେଣ୍ଡ୍ କିଏ

## ପୋଲିସକୁ ମେହରୁଲି ଜଙ୍ଗଲ ବୁଲାଇଲେ ଆଫ୍‌ତାବ

**ଆଫ୍‌ତାବ ଅମିନ ପୁନାୱାଲା ଓ ଶ୍ରଦ୍ଧା ୱାକରଙ୍କ ମଧ୍ୟରେ ମୁମ୍ବାଇରେ ଆରମ୍ଭ ହୋଇ ଦିଲ୍ଲୀରେ ଶେଷ ହୋଇଥିବା ରୋମାନ୍ସର ୩ ବର୍ଷ ପୂର୍ବରୁ ଦୁହେଁ ପରସ୍ପର ସହ ମିଳାମିଶା କରୁଥିଲେ। ନିଜ ଲିଭ୍-ଇନ୍ ପାର୍ଟନରଙ୍କ ଶ୍ରଦ୍ଧାଙ୍କୁ ହତ୍ୟା କରିବା ପରେ ଆଫ୍‌ତାବ୍ ଆଉ ଜଣେ ଗର୍ଲଫ୍ରେଣ୍ଡଙ୍କୁ ମେହରୁଲିସ୍ଥିତ ଆପାର୍ଟମେଣ୍ଟକୁ ଆଣୁଥିଲେ। ସେହି ନୂଆ ଗର୍ଲଫ୍ରେଣ୍ଡ୍ କିଏ? ଏହି ଚାଞ୍ଚଲ୍ୟ ସୃଷ୍ଟିକାରୀ ହତ୍ୟାକାଣ୍ଡରେ ସମ୍ପୃକ୍ତ ଯୁବତୀଙ୍କ କି ଭୂମିକା ଥିଲା? ଏବେ ଏହି ପ୍ରଶ୍ନର ଉତ୍ତର ଖୋଜୁଛି ଦିଲ୍ଲୀ ପୋଲିସ।**

ନୂଆଦିଲ୍ଲୀ,୧୫।୧୧

ମୁମ୍ବାଇସ୍ଥିତ ଏକ ବହୁରାଷ୍ଟ୍ରୀୟ କମ୍ପାନୀର କଲ୍ ସେଣ୍ଟରରେ କାମ କରୁଥିବାବେଳେ ଡେଟିଂ ଆପ୍ ବୁମ୍ବଲ ଜରିଆରେ ଆଫ୍‌ତାବ ପୁନାୱାଲା(୨୮) ଓ ଶ୍ରଦ୍ଧା ୱାକର(୨୬)ଙ୍କ ଭେଟ ହୋଇଥିଲା। ଆଫ୍‌ତାବ ଗତ ମେ' ୧୮ରେ ଶ୍ରଦ୍ଧାଙ୍କୁ ତଣ୍ଟି ଚିପି ହତ୍ୟା କରିବା ପରେ ମୃତଦେହକୁ ୩୫ ଖଣ୍ଡ କରିଥିଲେ। ସେଗୁଡ଼ିକୁ ମେହରୁଲି ଜଙ୍ଗଲରେ ଫିଙ୍ଗିବା ପୂର୍ବରୁ ଫ୍ରିଜ୍‌ରେ ରଖିଥିଲେ। ହତ୍ୟାର ୧୫-୨୦ ଦିନ ପରେ ସେ ଆଉ ଜଣେ ଯୁବତୀଙ୍କୁ ବୁମ୍ବଲ ଆପ୍‌ରେ ଡେଟିଂ କରିଥିଲେ। ଆଫ୍‌ତାବ ସମ୍ପୃକ୍ତ ଯୁବତୀଙ୍କୁ ନିଜ ଆପାର୍ଟମେଣ୍ଟକୁ ଅନେକ ଥର ଆଣିଥିଲେ। କେବଳ ସେହି ଯୁବତୀ ନା ଆଉ କେଉଁ ମହିଳାଙ୍କୁ ସେ ବୁମ୍ବଲ ଆପ୍ ଜରିଆରେ ଫସାଇଥିଲେ ତାହା ଜାଣିବା ପାଇଁ ଦିଲ୍ଲୀ ପୋଲିସ ଖୋଳତାଡ଼ ଆରମ୍ଭ କରିଛି। ପୋଲିସ ଏନେଇ ଉକ୍ତ ଆପ୍‌କୁ ସବିଶେଷ ତଥ୍ୟ ମାଗିଥିବା ମଙ୍ଗଳବାର ଜଣାପଡ଼ିଛି।

ଶେଫ୍ ଭାବେ ତାଲିମ ନେଇଥିବା ଆଫ୍‌ତାବ ନିଜ ଲିଭ୍-ଇନ୍ ପାର୍ଟନରଙ୍କ ଜୀବନ ନେବା ପୂର୍ବରୁ ହତ୍ୟା କରିବା ଏବଂ ରକ୍ତର ଦାଗ ଛଡ଼ାଇବା ଉପାୟ ଗୁଗଲରେ ଖୋଜିଥିଲେ। ହତ୍ୟା ପରେ ସମସ୍ତେ ଯେମିତି ଶ୍ରଦ୍ଧା ଜୀବିତ ଅଛନ୍ତି ବୋଲି ମନେକରିବେ ସେଥିଲାଗି ମୃତ ପ୍ରେମିକାଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟକୁ ଚଳାଇ ଫ୍ରେଣ୍ଡମାନଙ୍କ ସହ ଯୋଗସୂତ୍ରରେ ଥିଲେ। ଇତିମଧ୍ୟରେ ହତ୍ୟା ବେଳେ ତାଙ୍କ ହାତରେ ସୃଷ୍ଟି ହୋଇଥିବା କ୍ଷତ ଉପଶମ କରିବା ପାଇଁ ସେ ଡାକ୍ତର ଅନିଲ କୁମାରଙ୍କ ପାଖକୁ ଯାଇଥିଲେ। ଫଳ କାଟିବା ବେଳେ ହାତ କଟିଯାଇଥିବା ସେ ଡାକ୍ତରଙ୍କୁ ଜଣାଇ ଚିକିତ୍ସିତ ହୋଇଥିଲେ।

ଅନ୍ୟ ଜଣେ ଯୁବତୀଙ୍କୁ ସେହି ଭଡ଼ାଘରକୁ ଡାକିବା ପୂର୍ବରୁ ସେ ଶ୍ରଦ୍ଧାଙ୍କ ଖଣ୍ଡବିଖଣ୍ଡିତ ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକୁ ଫ୍ରିଜ୍‌ରୁ କପ୍‌ବୋର୍ଡକୁ ନେଇଯାଇଥିଲେ, ଯେମିତି କି କେହି ଫ୍ରିଜ୍ ଖୋଲିଲେ ବି ସନ୍ଦେହ କରିବେ ନାହିଁ। ସେ ଗତ ଅକ୍ଟୋବର ପର୍ଯ୍ୟନ୍ତ ଅନେକ ଯୁବତୀଙ୍କୁ ଘରକୁ ନେଇଥିବା ପଡ଼ୋଶୀମାନେ କହିଛନ୍ତି। ୨ ମାସ ଧରି ଶ୍ରଦ୍ଧାଙ୍କ ମୋବାଇଲ ଫୋନ୍ ବନ୍ଦ ଥିବାରୁ ବନ୍ଧୁ ଲକ୍ଷ୍ମଣ ତାଙ୍କ ବାପା ମହାରାଷ୍ଟ୍ରର ପାଲଘର ନିବାସୀ ବିକାଶ ମଦନ ୱାକରଙ୍କୁ ଜଣାଇଥିଲେ। ବିକାଶଙ୍କ ଏତଲା କ୍ରମେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଏହା ପଛରେ ଲଭ୍ ଜେହାଦ ଷଡ଼ଯନ୍ତ୍ର ରହିଥିବା ବିକାଶ ସନ୍ଦେହ ବ୍ୟକ୍ତ କରିଛନ୍ତି। ଏଥିସହ ଆଫ୍‌ତାବଙ୍କୁ ମୃତ୍ୟୁଦଣ୍ଡ ଦେବାକୁ ସେ ଦାବି କରିଛନ୍ତି। ଅନ୍ୟପକ୍ଷେ ମଙ୍ଗଳବାର ପୋଲିସ ଶ୍ରଦ୍ଧାଙ୍କ ଦେହାବଶେଷ ଖୋଜିବା ପାଇଁ ଆଫ୍‌ତାବଙ୍କୁ ଧରି ମେହରୁଲି ଜଙ୍ଗଲରେ ଛାନ୍‌ଭିନ୍ କରିଛି। ପୋଲିସ ଏବଂ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ଫୋରେନ୍‌ସିକ୍ ଟିମ୍ ବିଭିନ୍ନ ସ୍ଥାନରୁ ୧୩ ଖଣ୍ଡବିଖଣ୍ଡିତ ଅଙ୍ଗ ଠାବ କରିଛି, ଯାହାକି ଶ୍ରଦ୍ଧାଙ୍କର ହୋଇଥାଇପାରେ ବୋଲି ମନେକରାଯାଉଛି। ସେଗୁଡ଼ିକୁ ଡିଏନ୍‌ଏ ବିଶ୍ଳେଷଣ ପାଇଁ ପଠାଯିବ। ବୁଧବାର ମଧ୍ୟ ଆଫ୍‌ତାବଙ୍କୁ ଜଙ୍ଗଲର ଆଉ କେତେକ ସ୍ଥାନକୁ ନେଇ ଖୋଳତାଡ଼ କରାଯିବ। ଅପରାଧରେ ସେ ବ୍ୟବହାର କରିଥିବା ଛୁରି ବର୍ତ୍ତମାନ ଯାଏ ପୋଲିସ ହାତରେ ଲାଗିନାହିଁ।




ମୁମ୍ବାଇର ଗୁରୁକୁଳ ଆର୍ଟ୍ସ ସ୍କୁଲ ଛାତ୍ରୀଛାତ୍ର ଶ୍ରଦ୍ଧା ୱାକରଙ୍କ ଚିତ୍ର ଆଙ୍କି ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ହତ୍ୟା ଅଭିଯୁକ୍ତ ତଥା ଶ୍ରଦ୍ଧାଙ୍କ ବୟଫ୍ରେଣ୍ଡ୍ ଆଫ୍‌ତାବଙ୍କୁ କଠୋର ଦଣ୍ଡ ଦିଆଯାଉ ବୋଲି ସେମାନେ ଦାବି କରିଛନ୍ତି।

# ଠକେଇ ମାମଲା: ହାଇକୋର୍ଟରେ ଦ୍ୱାରସ୍ଥ ହେଲେ ସନି ଲିଓନ୍

କୋଚି, ୧୫।୧୧

ବଲିଉଡ୍ ଅଭିନେତ୍ରୀ ସନି ଲିଓନ୍‌ଙ୍କ ନାଁରେ କେରଳ ପୋଲିସର କ୍ରାଇମ୍ ବ୍ରାଞ୍ଚ୍ ଶାଖାରେ ପେରୁମଭାବୁରୀର ଶିୟାସ କୁଞ୍ଜୁମହମ୍ମଦ ଠକେଇ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ସନି ଲିଓନ୍ ୨୦୧୯ରେ କେରଳରେ ଷ୍ଟେଜ୍ ଶୋ' କରିବା ପାଇଁ ଆଡଭାନ୍ସ ନେଇଥିଲେ କିନ୍ତୁ ଚୁକ୍ତି ମୁତାବକ କାର୍ଯ୍ୟକ୍ରମରେ ଯୋଗ ଦେଇ ନ ଥିଲେ।

ତେବେ ଅଭିଯୋଗକୁ ଖଣ୍ଡନ କରି ଲିଓନ୍ କେରଳ ହାଇକୋର୍ଟରେ ଏକ ପିଟିଶନ୍ ଦାଏର କରିଛନ୍ତି। ଶିୟାସ ବାରମ୍ବାର କାର୍ଯ୍ୟକ୍ରମର ତାରିଖ ବଦଳାଉଥିବାବେଳେ ଆଡଭାନ୍ସ ବାବଦକୁ ୩୦ ଲକ୍ଷ ଟଙ୍କା ଦେବାରେ ଅସଫଳ ହୋଇଥିଲେ। ପରେ ବିନା ଆଡଭାନ୍ସରେ ୨୦୧୯ ଫେବୃୟାରୀରେ କୋଚିର ଏକ କାର୍ଯ୍ୟକ୍ରମ କରିବା ପାଇଁ ଶିୟାସ କହିଥିବା ସନି ନିଜ ପିଟିଶନ୍‌ରେ ଉଲ୍ଲେଖ କରିଛନ୍ତି। ଅଭିଯୋଗ ନେଇ କୋର୍ଟ ସନିଙ୍କ ଆଗୁଆ ଜାମିନ ମଞ୍ଜୁର କରିଛି।





## ସୂର୍ଯ୍ୟମୁଖୀ ଚାଷ

ସୂର୍ଯ୍ୟମୁଖୀ ମଞ୍ଜିବୁଣା କାମ ଚଳିତ ସପ୍ତାହ ଭିତରେ ଶେଷ କରନ୍ତୁ । ଏହାର ଉନ୍ନତ କିସମ ମଧ୍ୟରେ ରହିଛି ମୋର୍‌ଡେନ୍, ସୂର୍ଯ୍ୟ, ସନ୍‌ରାଇଜ୍ ଏବଂ ସଙ୍କର କିସମ ଯଥା- କେ.ବି.ଏସ୍.ଏଚ୍.-୧, କେ.ବି.ଏସ୍.ଏଚ୍.-୪୪, ପି.ଏ.ସି.-୩୬, ଏମ୍.ଏସ୍.ଏଫ୍.ଏଚ୍.-୮, ଜ୍ୱାଳାମୁଖୀ ଆଦି ବିହନ। ଉନ୍ନତ କିସମ ପାଇଁ ହେକ୍ଟର ପ୍ରତି ୧୦ କି.ଗ୍ରା. ଏବଂ ସଙ୍କର କିସମ ଲାଗି ୫ କି.ଗ୍ରା. ବିହନ ବ୍ୟବହାର କରନ୍ତୁ । ବୁଣିବା ପୂର୍ବରୁ ୧ କି.ଗ୍ରା. ବିହନ ପ୍ରତି ୩ ଗ୍ରାମ୍ କାପ୍‌ଟାନ୍/ଥିରାମ୍ ଗୋଳାଇ ବିଶୋଧନ କରି ବୁଣନ୍ତୁ । ଉନ୍ନତ କିସମ ପାଇଁ ଧାଡ଼ିକୁ ଧାଡ଼ି ୪୫ ସେ.ମି., ଗଛକୁ ଗଛ ୩୦ ସେ.ମି. ଏବଂ ସଙ୍କର କିସମ ସକାଶେ ଧାଡ଼ିକୁ ଧାଡ଼ି ୬୦ ସେ.ମି., ଗଛକୁ ଗଛ ୩୦ ସେ.ମି. ବ୍ୟବଧାନ ରଖନ୍ତୁ । ଉନ୍ନତ କିସମ ପାଇଁ ହେକ୍ଟର ପ୍ରତି ମୂଳସାର ୩୦:୪୦:୩୦ ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ଏବଂ ସଙ୍କର କିସମ ଲାଗି ୬୦:୮୦:୬୦ କି.ଗ୍ରା. ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ସାର ବ୍ୟବହାର କରନ୍ତୁ ।

## ଚିନାବାଦାମ କିସମ ଚୟନ

ଚିନା ବାଦାମ କିସମ: ଦେବୀ, ଜେ.ଏଲ୍.-୨୪, ଟି.ଏ.ଜି.-୨୪, ଟି.ଜି.-୩୮ ବି, ଟି.ଜି.-୩୭ ଏ, କାଦିରି-୩, କାଦିରି-୬, ଧରଣୀ । ହେକ୍ଟର ପ୍ରତି ୧୨୫ କି.ଗ୍ରା. (ମଞ୍ଜି) ବିହନକୁ ବିଶୋଧନ କରି ରାଇଜୋବିୟମ୍ କଲ୍‌ଚର ୨୫୦ରୁ ୫୦୦ ଗ୍ରାମ୍ ୧୦ କି.ଗ୍ରା. ବିହନ ପ୍ରତି ଉପଚାର କରନ୍ତୁ । ହେକ୍ଟର ପ୍ରତି ୨୦:୪୦:୪୦ କି.ଗ୍ରା. ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ପ୍ରୟୋଗ କରି ଧାଡ଼ିକୁ ଧାଡ଼ି ୨୫ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ବ୍ୟବଧାନରେ ବୁଣନ୍ତୁ। ଫସ୍‌ଫରସ୍ ପାଇଁ ସିଙ୍ଗଲ ସୁପର ଫସ୍‌ଫେଟ୍ ବଦଳରେ ଡିଏପି(୧୮-୪୬-୦) ବ୍ୟବହାର କରୁଥିଲେ ବୁଣିବା ସମୟରେ ଏକର ପ୍ରତି ୧୦୦ କି.ଗ୍ରା. ଜିପ୍‌ସମ୍ ଧାଡ଼ିରେ ପ୍ରୟୋଗ କରନ୍ତୁ ।



## ଉନ୍ନତ କିସମ ଆଖୁ

ଉନ୍ନତ କିସମର ଆଖୁ ବିହନ ଯଥା- ସବିତା, ନୀଳମାଧବ, ନୟନା, ବିଶ୍ୱାମିତ୍ର, ଉତ୍ତରା, ଭବାନୀ, ରଘୁନାଥ, ନୀଳଚକ୍ର, ଚର୍ଚ୍ଚିକା ଆଦି ସଂଗ୍ରହ କରନ୍ତୁ । ଜମିରେ ପାଣି ରହୁଥିଲେ ନିଷ୍କାସନ ବ୍ୟବସ୍ଥା ଗ୍ରହଣ କରନ୍ତୁ । ପତ୍ରଡିଆଁ/ଧଳାମାଛି ଆକ୍ରମଣ ଦେଖାଗଲେ ୩ ଲିଟର ପାଣିରେ ୧ ଗ୍ରାମ୍ ଥାୟାମେଥୋକ୍ସାମ୍ ଗୋଳାଇ ସିଞ୍ଚନ କରନ୍ତୁ । ନାଲି ଶଢ଼ାରୋଗ ଆକ୍ରମଣ କଲେ କାର୍ବେଣ୍ଡାଜିମ୍ (୧୨%) ସହିତ ମାଙ୍କୋଜେବ୍ (୬୩%) ଡବ୍ଲ୍ୟୁପି ମିଶ୍ରିତ ଫିମ୍ପିନାଶକ ବିଷ ୨ ଗ୍ରାମ୍‌କୁ ୧ ଲିଟର ପାଣିରେ ଗୋଳାଇ ଆକ୍ରାନ୍ତ ଗଛର ମୂଳ ମାଟିକୁ ଭିଜାନ୍ତୁ ।



# ସମନ୍ୱିତ କୃଷି : ମାଛଚାଷ ଓ ପ୍ରାଣୀପାଳନ



ଡା. ବୀରକିଶୋର ପରିଡ଼ା

ଆମ ରାଜ୍ୟ ନଦୀନାଳ ପରିପୂର୍ଣ୍ଣ ଓ ଖାଲୁଆ ଜମିର ଅଭାବ ନ ଥିବାରୁ ସମନ୍ୱିତ କୃଷି କରି ଆମ ଲୋକମାନେ ଅଧିକ ରୋଜଗାରକ୍ଷମ ହେବା ପାଇଁ ମନ ବଳେଇବା ଆବଶ୍ୟକ। କାରଣ ରାଜ୍ୟର ଜନସଂଖ୍ୟାକୁ ଦୃଷ୍ଟିରେ ରଖି ମୁଣ୍ଡ ପିଛା ଜମିର ଉପଲବ୍ଧ ପରିମାଣ କମିଯାଉଥିବାରୁ ସମନ୍ୱିତ କୃଷି ବା ମାଛଚାଷ ସହ ପ୍ରାଣୀପାଳନର ଆବଶ୍ୟକତା ଢେର ରହିଛି । ତେଣୁ ଖାଲୁଆ ଜମି ଓ ପୋଖରୀରେ ମାଛଚାଷ କରିବା ସହ ଗୋପାଳନ, ଛେଳିମେଣ୍ଢା ପାଳନ, କୁକୁଡ଼ା ପାଳନ, ଘୁଷୁରି ପାଳନ କଲେ ଆମେ ଅଧିକ ଲାଭବାନ୍ ହେବା ସହିତ ପ୍ରାଣିଜ ପୁଷ୍ଟିସାର ଖାଦ୍ୟର ଆବଶ୍ୟକତା ମେଣ୍ଟାଇ ପାରିବା।

**ମିଶ୍ରିତ କୃଷି ବନାମ ସମନ୍ୱିତ କୃଷି**

ମିଶ୍ରିତ କୃଷି : ଏକ ସାଧାରଣ ଭିତ୍ତିଭୂମିର ଆଧାରରେ ନିର୍ଦ୍ଦିଷ୍ଟ ଏକକ ଅଞ୍ଚଳରେ ପରସ୍ପର ଚାଷ ପ୍ରଣାଳୀ ମଧ୍ୟରେ ସମନ୍ୱୟ ରକ୍ଷାକରି ଯେଉଁ ଚାଷ କରାଯାଏ ତାହାକୁ ମିଶ୍ରିତ ଚାଷ କୁହାଯାଏ । ସଂକ୍ଷେପରେ କହିବାକୁ ଗଲେ ଗୋଟିଏ ଜାଗା ବା ସ୍ଥାନରେ ଗୋଟିଏ ଫସଲ ମଧ୍ୟରେ ଏକାଧିକ କିସମର ଫସଲ କରିବା । ଉଦାହରଣ - ଚିନାବାଦାମ ଫସଲ ସହ ଯଥା - ସୋରିଷ, ଯଅ ଆଦି ଚାଷ କରିବା। ପୋଖରୀର ବିଭିନ୍ନ ସ୍ତରରେ ରହି କାର୍ପ ବା କାତିଲଗା ମାଛ ଯଥା- ଭାକୁଡ଼, ରୋହି, ମିରିକାଳି, ରୂପାପେଟି, ଦଳଖାଇ, ବିଲାତି ରୋହି ଖାଦ୍ୟ ସଂଗ୍ରହ କରନ୍ତି । ଏ ସମସ୍ତ ମାଛଙ୍କୁ ଏକାଠି ପୋଖରୀରେ ପାଳନ କରିବାକୁ ମିଶ୍ରିତ ମାଛଚାଷ କୁହାଯାଏ। ସେହିପରି ସବୁଜ ଗୋଖାଦ୍ୟ ଫସଲ ମିଶ୍ରିତ ଚାଷ ହିସାବରେ ସଙ୍କର ହାତିଆ ଘାସ ସହିତ ବରଗୁଡ଼ି, ଓଟ୍, ବରସିମ୍ ଆଦି ଋତୁ ଅନୁଯାୟୀ କରାଯାଇଥାଏ । ମକା, ଏସ୍‌ପି ଚେରୀ, ବାଜରା ବରଗୁଡ଼ି ଆଦି ମିଶ୍ରିତ ଚାଷ ଭାବରେ ଗ୍ରହଣ କରାଯାଇଥାଏ । ପ୍ରତି ୩ ଧାଡ଼ି ମକା, ଏସ୍‌ପି ଚେରୀ ବା ବାଜରା ଲଗାଇବା ପରେ ଧାଡ଼ିଏ ଲେଖାଏଁ ବରଗୁଡ଼ି ମିଶ୍ରିତ ଚାଷଭାବେ ଲଗାଯାଇଥାଏ।



ସେହିପରି ଛଟାବୁଣାରେ ୩:୧ ଅନୁପାତରେ ଉପରୋକ୍ତ ମିଶ୍ରିତ ଚାଷ କରାଯାଇପାରିବ । ପ୍ରାଣୀ ପାଳନରେ ମିଶ୍ରିତ ଚାଷ ଭାବରେ ଗୋପାଳନ ସହ ମେଣ୍ଢା ପାଳନ ସହଜରେ କରାଯାଇପାରିବ । କୁକୁଡ଼ା ପାଳନ ସହିତ ବତକ ପାଳନ କରିବା ଅନୁଚିତ। କାରଣ ବତକ ବାର୍ଡ ଫ୍ଲୁରେ ବାହକ ସାଜିଥାନ୍ତି। ସେହିଭଳି ମାଂସଳ କୁକୁଡ଼ା ସହିତ ଅଣ୍ଡାଦିଆ କୁକୁଡ଼ା ପାଳନ କରିବା ଅନୁଚିତ ।

**ସମନ୍ୱିତ କୃଷି :** ଯେଉଁ ସବୁ ଚାଷ ପରସ୍ପର ଉପରେ ନିର୍ଭରଶୀଳ ଓ ଉତ୍ପାଦନ ବଢ଼ାଇବାରେ ପରସ୍ପରକୁ ସାହାଯ୍ୟ କରନ୍ତି, ସେସବୁ ଚାଷକୁ ସମନ୍ୱିତ ଚାଷ କୁହନ୍ତି । ଏକାଧିକ ଚାଷ ଗୋଟିଏ ଜାଗାରେ ହେଉଥିବାରୁ ପରିଚାଳନାରେ ସୁବିଧା ହୁଏ । ସମନ୍ୱିତ ମାଛଚାଷ ପ୍ରଣାଳୀ ବହୁବର୍ଷ ପୂର୍ବେ ପ୍ରଥମ କରି ଚାଇନାରେ ଆରମ୍ଭ ହୋଇଥିଲା । ଦଶମ ଶତାବ୍ଦୀରେ ଟାଙ୍ଗ୍ ସାମ୍ରାଜ୍ୟରେ ମାଛଚାଷୀମାନେ ଧାନ ବିଲରେ ଗ୍ରାସ୍ କାର୍ପ ଛାଡ଼ି ଧାନଚାଷ କ୍ଷେତକୁ ଦଳ ନିରାକରଣ କରିବା ସଙ୍ଗେ ସଙ୍ଗେ ଗୋଟିଏ କ୍ଷେତରୁ ଧାନ ଓ ମାଛ ଅମଳ କରିପାରୁଥିଲେ। ପରବର୍ତ୍ତୀ ସମୟରେ ସିଙ୍ଗ୍ ସାମ୍ରାଜ୍ୟରେ ମାଛଚାଷୀମାନେ ମାଛ ସହିତ ପୋଖରୀ ହୁଡ଼ାରେ ମଲ୍‌ବେରୀ ଚାଷ, ଫଳଚାଷ, ପ୍ରାଣୀପାଳନ ଆଦି କରି ଅଧିକ ଲାଭବାନ୍ ହୋଇପାରିଲେ। ଚାଇନାରେ ଏହି ଚାଷ ପ୍ରଣାଳୀରେ ବିକାଶ ହୋଇଥିବାରୁ ଏହାକୁ ଚୀନ୍‌ଦେଶୀୟ ସମନ୍ୱିତ ମାଛଚାଷ ପ୍ରଣାଳୀ କୁହାଯାଏ । ଆମ ଦେଶରେ ମଧ୍ୟ ଶହ ଶହ ବର୍ଷ ପୂର୍ବରୁ ଧାନ-ମାଛଚାଷ ହେଉଥିବାର ପ୍ରମାଣ ରହିଛି। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ବିଭିନ୍ନ କାରଣରୁ ଚାଷ ଉପଯୋଗୀ ଜମିର ଅଭାବ ସହିତ ବର୍ତ୍ତମାନ ମନୁଷ୍ୟ ପିଢ଼ିର ଖାଦ୍ୟ ଖାଇବା ଶକ୍ତି ହ୍ରାସ ଯୋଗୁ ପୁଷ୍ଟିହୀନତାର ଶିକାର ହେଉଛନ୍ତି। ତେଣୁ ଅଧିକ ପ୍ରାଣିଜ ପୁଷ୍ଟିସାର ଖାଦ୍ୟର ଚାହିଦା ମେଣ୍ଟାଇବା ପାଇଁ ସମନ୍ୱିତ ଚାଷ ପ୍ରଣାଳୀର ଯଥେଷ୍ଟ ଗୁରୁତ୍ୱ ରହିଅଛି ।

**ସମନ୍ୱିତ ମାଛଚାଷ :** ମାଛଚାଷକୁ ମୁଖ୍ୟ ଚାଷ ଭାବେ ଗ୍ରହଣ କରିବା ସହିତ ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟକ୍ରମକୁ ମିଶାଇ ଯେଉଁ ଚାଷ କରାଯାଏ, ତାହାକୁ ସମନ୍ୱିତ ମାଛଚାଷ ବୋଲି କୁହାଯାଏ । ମାଛଚାଷ ସହ ପୋଖରୀ ହୁଡ଼ାରେ ଅନ୍ୟାନ୍ୟ କୃଷିଜାତ ଶସ୍ୟ ଓ ପ୍ରାଣୀପାଳନ କରି ଅଧିକ ଅର୍ଥ ଉପାର୍ଜନ କରାଯାଇପାରିବ । ଉଦାହରଣ - ମାଛ-ଗୋପାଳନ, ମାଛ-କୁକୁଡ଼ା ପାଳନ, ମାଛ-ବତକ ପାଳନ, ମାଛ-ଘୁଷୁରି ପାଳନ, ମାଛ-ଧାନଚାଷ । ପୋଖରୀ ହୁଡ଼ାରେ ହୁଡ଼ା ପାଖ ବଳକା ଜମିରେ ପନିପରିବା, କଦଳୀ, ନଡ଼ିଆ ଏବଂ ଫୁଲଚାଷ ଇତ୍ୟାଦି କରାଯାଇପାରିବ ।

**ମାଛ ଓ ପ୍ରାଣୀପାଳନ :** ସମନ୍ୱିତ ଚାଷରେ ପ୍ରାଣୀମାନଙ୍କ ମଳମୂତ୍ର ପୋଖରୀରେ ଉର୍ବରତା ବଢ଼ାଇ ମାଛ ବଢ଼ିବାରେ ସାହାଯ୍ୟ କରେ ଏବଂ ଅନ୍ୟ ଦିଗରେ ପୋଖରୀ ହୁଡ଼ାରେ ଚାଷ ହେଉଥିବା ଘାସ ପନିପରିବାର ଅବଶିଷ୍ଟାଂଶ ପ୍ରାଣୀମାନେ ଖାଇ ବଢ଼ନ୍ତି। ଏହା ଏକ ସହଜ ସମନ୍ୱିତ ଚାଷର ଉଦାହରଣ ।

**ମାଛ-ଗୋପାଳନ :** ଏହା ଏକ ସହଜ ସମନ୍ୱିତ ଚାଷର ଉଦାହରଣ। ମାଛଚାଷ କରିବା ପାଇଁ ଗୋଟିଏ ଏକର ଜାଗାରେ ବର୍ଷକୁ ଯେତିକି ଗୋବର ଆବଶ୍ୟକ, ତାହା ୩-୪ଟି ଗାଈ ପାଳିଲେ ମିଳିଥାଏ । ପୋଖରୀ ହୁଡ଼ା ଉପରେ ଗୁହାଳ କଲେ, ଗାଈ ମାନଙ୍କ ମଳ, ମୂତ୍ର ଓ ଗୁହାଳରେ ଥିବା ପାଣି ସବୁ ସିଧା ପୋଖରୀକୁ ଛାଡ଼ିହୁଏ। ପୋଖରୀରେ ମାଛଚାଷଜନିତ ହୋଇଥିବା ପଙ୍କକୁ ହୁଡ଼ା ଉପରେ ପକାଇ ସବୁଜ ଗୋଖାଦ୍ୟ ଫସଲ କରି ଗାଈମାନଙ୍କୁ ଦିଆଯାଇପାରିବ। ଏପରି ସମନ୍ୱିତ ଚାଷ କଲେ କ୍ଷୀର ସହିତ ବର୍ଷକୁ ୧୬୦୦ରୁ ୧୮୦୦ କି.ଗ୍ରା. ପର୍ଯ୍ୟନ୍ତ ମାଛ ମିଳିଥାଏ। ସେହିପରି ଗୋଟିଏ ହେକ୍ଟର ମାଛଚାଷ ପୋଖରୀରେ ଉର୍ବରତା ବଜାୟ ରଖିବା ପାଇଁ ଯେତିକି ଜୈବିକ ଖତର ଆବଶ୍ୟକତା ରହିଛି, ସେତିକି ୮-୧୦ଟି ଗାଈ ପାଳନରୁ ମିଳିଥାଏ ।

**ଆୟ :** ଗୋଟିଏ ଗାଈରୁ ବାର୍ଷିକ ୩ ହଜାର ହିସାବରେ ୮-୧୦ଟି ଗାଈଠାରୁ ୨୪ରୁ ୩୦ ହଜାର ଲିଟର କ୍ଷୀର ମିଳିପାରିବ। ଦାନା ଓ ଅନ୍ୟାନ୍ୟ ଖର୍ଚ୍ଚ ବାଦ୍ ଦେଲେ ଗୋଟିଏ ଗାଈରୁ ମାସିକ ଅତିକମ୍‌ରେ ୧୦୦୦ ଟଙ୍କା ଲାଭ ମିଳିଥାଏ। ତଦନୁଯାୟୀ ୮ରୁ ୧୦ଟି ଗାଈଠାରୁ ବର୍ଷକୁ ୯୬ ହଜାରରୁ ୧ଲକ୍ଷ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ଲାଭ ମିଳିଥାଏ। ସେହିପରି ୨ ରୁ ୩ ଟନ୍ ମାଛରୁ ୩୦ରୁ ୪୫ ହଜାର ଟଙ୍କା ପର୍ଯ୍ୟନ୍ତ ଲାଭ ମିଳିଥାଏ।

(କ୍ରମଶଃ..)

-ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଜଗତ୍‌ସିଂହପୁର
ମୋ : ୯୪୩୭୬୦୭୩୧୨



## ଡାଲି ଜାତୀୟ ଫସଲ ପାଇଁ ଜମି ଚାଷ

ମାଟିର ବତର ଦେଖି ମୁଗ/ବିରି ଫସଲ ପାଇଁ ଜମି ଚାଷ କରନ୍ତୁ। ଧାନ କାଟିବାର ୭ ଦିନ ପୂର୍ବରୁ ମଧ୍ୟମ ଓ ଖାଲ ଜମିରେ ବତର ଥିବା ଅବସ୍ଥାରେ ଏକର ପ୍ରତି ଅନୁମୋଦିତ ବିହନ ପରିମାଣର ଶତକଡ଼ା ୨୫ ଭାଗ ଅଧିକ ମୁଗ/ବିରି/ମଟର/ବୁଟ ଆଦି ବିହନ ଛଟାବୁଣା କରନ୍ତୁ । ବୁଣିବା ପୂର୍ବଦିନ ଏକର ପ୍ରତି ୪୦ କି.ଗ୍ରା. ଡିଏପି ଏବଂ ୧୩ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍ ସାର ପ୍ରୟୋଗ କରନ୍ତୁ। ଉନ୍ନତ ମୁଗ କିସମ - ଟାର୍ମ-୧, ଟାର୍ମ-୨, ଜ୍ୟୋତି, କାମଦେବ, ଧଉଳି, ଦୁର୍ଗା, ସୁଜାତା, ଆଇପିଏମ୍ ୨-୧୪, ଆଇପିଏମ୍ ୨-୩। ବିରି କିସମ - ପିୟୁ ୩୦, ଟିୟୁ ୯୪-୨, ସାରଳା, ପ୍ରସାଦ, ପିୟୁ-୧୯, ଉଜାଲା, ମହୁରୀ, ଶଶୀ। ବୁଟ - ଶ୍ୱେଥା, ଭାରତୀ, ବିହାର, ଜେଜି-୬୨, ସି-୨୩୫, ଆଇସିସି-୪, ରାଧେ, ଆନେଗିରି, ଜେଜି-୧୪, ଏଚ୍-୨୦୮ । ମଟର କିସମ - ରଚନା, ଏଚ୍‌ୟୁଡିପି-୧୫, ଜେପି-୮୮୫, ଉତ୍ତରା, ଡିଡିଆର୍-୨୭, ଅପର୍ଣ୍ଣା, ଆଦର୍ଶ । ବିହନ ବିଶୋଧନ କରିବାର ୭ ଦିନ ପରେ ନିର୍ଦ୍ଦିଷ୍ଟ ଜୀବାଣୁ କଲ୍‌ଚର ଓ ଫସ୍‌ଫୋବ୍ୟାକ୍‌ଟ୍ରିନ୍ ଗୋଳାଇ ଛାଇରେ



ଶୁଖାଇ ବୁଣନ୍ତୁ। ବିହନ ବୁଣିବା ପୂର୍ବରୁ ହେକ୍ଟର ପ୍ରତି ୨୦:୪୦:୨୦ କି.ଗ୍ରା. ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ଜମିରେ ପ୍ରୟୋଗ କରନ୍ତୁ। ପାଉଁଶିଆ ରୋଗ ହୋଇଥିଲେ ସଲ୍‌ଫେକ୍ସ ୪ ଗ୍ରାମ୍ ପ୍ରତି ଲିଟର ପାଣିରେ ଗୋଳାଇ ସିଞ୍ଚନ କରାଯାଏ। ୧୦ ଦିନ ପରେ ଦରକାର ଅନୁଯାୟୀ ସିଞ୍ଚନ କରନ୍ତୁ। ଜଉପୋକ ଲାଗିଥିଲେ ୧୫ ଲିଟର ପାଣିରେ ୫ ମି.ଲି. ଇମିଡାକ୍ଲୋପ୍ରିଡ୍ ସିଞ୍ଚନ କରନ୍ତୁ। ଛୁଇଁବିନ୍ଧା ପୋକ ଦମନ ପାଇଁକାର୍ବୋ ସଲ୍‌ଫାନ୍ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ଗୋଳାଇ ସିଞ୍ଚନ କରନ୍ତୁଃ ଦରକାର ହେଲେ ୧୫-୨୦ ଦିନ ପରେ ପୁଣି ସିଞ୍ଚନ କରାଯିବା ଜରୁରୀ।

# ଶୀତଋତୁ ପାଇଁ ଉନ୍ନତ ଫସଲ



ଶେଷ ଭାଗ

ଶୀତଦିନିଆ ତୈଳବୀଜ ଫସଲ ମଧ୍ୟରେ ସୋରିଷ ଅନ୍ୟତମ । ଉତ୍ତାପ ୧୭ ° ରୁ ୨୨° ସେଲ୍‌ସିୟସ ମଧ୍ୟରେ କୁହିଡ଼ି ବିହନ ଶୁଷ୍କ ଜଳବାୟୁରେ ସୋରିଷ ଭଲ ବଢ଼େ। କାର୍ତ୍ତିକ ମାସ ଶେଷ କିମ୍ବା ମାର୍ଗଶିର ପ୍ରଥମ ସପ୍ତାହରେ ଦୋରସା କିମ୍ବା ବାଲିଆ ଦୋରସା ମାଟିରେ ସୋରିଷ ବୁଣାଯାଏ । ସୋରିଷ କିସମ ମଧ୍ୟରେ ଏମ୍-୨୭ ନମ୍ବର, ଟି ୯ ନମ୍ବର, ପିଟି-୩୦୩ ଏବଂ ୱାଇଏସ୍-ବି-୯ ନମ୍ବର ସଅଳ କିସମ ଅର୍ଥାତ୍ ୭୫ ରୁ ୯୦ ଦିନ ମଧ୍ୟରେ ଅମଳ ହୁଏ । ବିଳମ୍ବ କିସମ ଯଥା ପୁଷାବାହାର ଏବଂ ପୁଷା ବୋଲ୍‌ଡ ୧୦୦ ରୁ ୧୦୫ଦିନରେ ଅମଳ ହୁଏ । ଏକର ପ୍ରତି ୩ କି.ଗ୍ରା. ବିହନ, ଧାଡ଼ିକୁ ଧାଡ଼ି ୩୦ ରୁ ୩୩ ସେ.ମି. ଏବଂ ଗଛକୁ ଗଛ ୮ ରୁ ୧୦ ସେ.ମି .ବ୍ୟବଧାନରେ ବୁଣାଯାଏ । ବିହନ ବୁଣାବେଳେ ଏକରକୁ ୨ ଟନ୍ ଗୋବରଖତ ସହ ୧୨କିଲୋ ଯବକ୍ଷାରଯାନ ଏବଂ ସମପରିମାଣ ଫସ୍‌ପେଟ୍ ଏବଂ ପଟାସ୍ ସାର ଧାଡ଼ିରେ ପ୍ରୟୋଗ କରି ବିହନ ବୁଣାଯାଏ । ବିହନ ଗଜା ହେବାର ୨୧ ଦିନରେ କୋଡ଼ାଖୁସା କରି ବହଳ ଗଛକୁ ପତଳା କରାଯାଇ ଅବଶିଷ୍ଟ ୧୨କିଲୋ ଯବକ୍ଷାରଯାନ ପ୍ରୟୋଗ କରାଯାଏ। ସୋରିଷ ୧୫ରୁ ୨୦ ଦିନରେ ଥରେ ଜଳସେଚ଼ନ ଆବଶ୍ୟକ କରେ ଏବଂ ସମୁଦାୟ ୪ ରୁ ୫ ଗୋଟି ଜଳସେଚ଼ନ ଆବଶ୍ୟକ ହୁଏ । ଏକର ପ୍ରତି ୩ ରୁ ୪ କୁଇଣ୍ଟାଲ ଅମଳ ମିଳେ ।

କୁସୁମି ଏକ ଶୀତଦିନିଆ ତୈଳବୀଜ ଫସଲ ଯାହା ମରୁଡ଼ି ଓ ଲୁଣା ସହଣୀ ଏବଂ ମାଟିର ଅବଶିଷ୍ଟ ଜଳରେ ଭଲ ବଢ଼େ । ଅଧିକ କର୍ଦ୍ଦମ ଥିବା ମାଟିରେ କୁସୁମି ବିନା ଜଳସେଚ଼ନରେ ଚାଷ ହୋଇପାରିବ । ଉପକୂଳବର୍ତ୍ତୀ ଲୁଣାମାଟି ଏବଂ ଆଭ୍ୟନ୍ତରୀଣ ଜିଲାର କଳାମାଟିରେ କୁସୁମି ଲାଭଜନକ ଭାବେ ଚାଷ କରାଯାଇପାରିବ । ମାଟିରେ ଅଧିକ ପାଣି ଏବଂ ସନ୍ତସନ୍ତିଆ ମାଟି କୁସୁମି ଚାଷ ପାଇଁ ଅନୁପଯୁକ୍ତ । ଶୁଷ୍କ ଜଳବାୟୁ ଏବଂ ୧୭°ରୁ ୨୨° ସେଲ୍‌ସିୟସ ଉତ୍ତାପରେ କୁସୁମି ଭଲ ବଢେ। କିନ୍ତୁ ବିହନ ପାକଳ ବେଳେ ଉତ୍ତାପ ୨୯° ରୁ ୩୧° ସେଲ୍‌ସିୟସ ରହିବା ଆବଶ୍ୟକ । ରାଜ୍ୟରେ ଦୁଇଟି କିସମର କୁସୁମି ଚାଷ ହୁଏ । ଏହା ଏକ ୩୦୦ ବିଳମ୍ବ କିସମ । ଏହା ୧୪୦ ଦିନରେ ଅମଳ ହେଉଥିବା ବେଳେ ବିହନ ୪୩୭ ସଅଳ କିସମ ଏବଂ ଏହା ୯୫ ଦିନରେ ଅମଳ ହୁଏ । କୁସୁମି ବିହନ ମାଟିରେ ଶୀଘ୍ର ଗଜା ହୁଏ ନାହିଁ। ତେଣୁ ବିହନକୁ ୨୪ ଘଣ୍ଟା ପର୍ଯ୍ୟନ୍ତ ୪୦° ରୁ ୪୩° ସେଲ୍‌ସିୟସ ଉତ୍ତାପ ପାଣିରେ ବୁଡାଇ ବୁଣିଲେ ଠିକ ଗଜା ହୁଏ । ଧାଡିକୁ ଧାଡି ୩୦ ସେ.ମି ଦୂରତ୍ୱ ଏବଂ ଗଛକୁ ଗଛ ୧୦ ସେ.ମି ଦୂରତାରେ ବୁଣାଯାଏ । ଏକରକୁ ୮ କିଲୋଗ୍ରାମ ବିହନ ଆବଶ୍ୟକ ହୁଏ । ଏକର ପ୍ରତି ଯବକ୍ଷାରଯାନ ଏବଂ ଫସ୍‌ଫେଟ୍ ପ୍ରତ୍ୟେକରୁ ୧୦ କିଲୋଗ୍ରାମ ପ୍ରୟୋଗ କରାଯାଇ ବିହନ ବୁଣାଯାଏ । କୁସୁମି ପଟାସ ସାର ଆବଶ୍ୟକ କରେ ନାହିଁ । ବିଳମ୍ବ କିସମ କୁସୁମି ଜଳସେଚ଼ନରେ ସୁବିଧା ଥିଲେ ଫୁଲ ଆସିବା ସମୟରେ ଗୋଟିଏ ଜଳସେଚ଼ନ କଲେ ଅମଳ ବଢ଼େ । କୁସୁମିକୁ ସକାଳ ସମୟରେ କାକର ପଡିଥିବା ବେଳେ ଅମଳ କରାଯାଏ । ଏକରକୁ ୨୦୦ ରୁ ୨୫୦ କିଲୋଗ୍ରାମ ଅମଳ ହୁଏ ।

**ପରିବା ଫସଲ :** ଶୀତଦିନିଆ ପରିବା ଫସଲ ମଧ୍ୟରେ ଆଳୁ ମୁଖ୍ୟ । ଏହା ଏକ କାଣ୍ଡ ଜାତୀୟ ଫସଲ । ମାଟି ଯେତେ ହାଲୁକା ହେବ ଆଳୁର କାଣ୍ଡ ମାଟି ଭିତରକୁ ଯାଇ ଫୁଲିବ । ତେଣୁ ମଧ୍ୟମ ଅମ୍ଳ ହୋଇଥିବା ନଦୀପଠା ପଟୁ, ଦୋରସା , ବାଲିଆ ଦୋରସା ଆଳୁ ଚାଷ ପାଇଁ ଉପଯୁକ୍ତ । ବାୟୁମଣ୍ଡଳ ଏବଂ ମାଟିର ଉତ୍ତାପ ୧୫° ରୁ ୨୨° ସେଲ୍‌ସିୟସ ମଧ୍ୟରେ ରହିଲେ ଆଳୁର କାଣ୍ଡ ଭଲ ଫୁଲେ । ତେଣୁ ଆଳୁ ଲଗାଇବାର ଉପଯୁକ୍ତ ସମୟ ମାର୍ଗଶିର ମାସ । ଆଳୁ ଲଗାଇବାର ୩ ରୁ ୪ ମାସ ମଧ୍ୟରେ ଅମଳ ହୁଏ । ସେଥିପାଇଁ ଉପଯୁକ୍ତ କିସମଗୁଡିକ ହେଲା କୁଫ୍ରିଚନ୍ଦ୍ରମୁଖୀ, କୁଫ୍ରି ଜ୍ୟୋତି, କୁଫ୍ରି ସୁନ୍ଦରୀ, କୁଫ୍ରି ବାନ୍ଦସାହା ଏବଂ କୁଫ୍ରି ଲାଲିମା । କଟା କିମ୍ବା ଗୋଟା ଆଳୁ ବିହନ ପାଇଁ ବ୍ୟବହାର କରାଯାଇପାରେ । ସେଥିପାଇଁ ଏକରକୁ ୫ ରୁ ୮ କୁଇଣ୍ଟାଲ ବିହନ ଆବଶ୍ୟକ ହୁଏ । ଗୋଟା ଆଳୁ ଲଗାଇଲେ ଛୋଟ ଅର୍ଥାତ୍ ୨.୫ ରୁ ୩.୦ ସେ.ମି. ଆକାରର ଗୋଲାକାର ଆଳୁ ଲଗାଯାଏ । କଟା ଆଳୁ ଲଗାଗଲେ ଦୁଇ ଆଖି ଥିବା ଆଳୁ ବାଛିବା ଉଚିତ୍ । ଥଣ୍ଡା ଯୋଗୁ ଆଳୁ ଶୀଘ୍ର ଗଜାହେବା ପାଇଁ ଲିଟର ପ୍ରତି ୧୦ ଗ୍ରାମ ଥାଓ୍ୟୁରିଆ ସହ ୧ ମିଲିଗ୍ରାମ ଜିବରଲିକ ଅମ୍ଳ ନାମକ ହରମୋହନ ବା ଜୀବରସ ପାଣିରେ ମିଶାଇ ୩୦ ମିନିଟ୍ ବୁଡାଇ ଛାଇରେ ଶୁଖାଇ ଲଗାଯାଇପାରେ। ଏକର ପ୍ରତି ୨ ଟନ୍ ଗୋବରଖତ ସହ ୧୨ କିଲୋଗ୍ରାମ ଯବକ୍ଷାରଯାନ, ୨୪ କିଲୋ ଫସ୍‌ପେଟ୍ ଏବଂ ୧୬ କିଲୋ ପଟାସ୍ ପ୍ରୟୋଗ କରାଯାଇ ହୁଡ଼ାରେ ଆଳୁ ଲଗାଯାଏ । ଧାଡ଼ିକୁ ଧାଡ଼ି ୪୫ ସେ.ମି . ଏବଂ ଗଛକୁ ଗଛ ୧୫ ସେ.ମି. ରଖିବା ଆବଶ୍ୟକ । ଆଳୁ ଗଜା ହେବାର ୧ ମାସ ଓ ୨ ମାସ ବ୍ୟବଧାନରେ ପ୍ରତ୍ୟେକ ଥର ଯବକ୍ଷାରଯାନ ଏବଂ ପଟାସ୍ ପ୍ରତ୍ୟେକରୁ ଆଉ ୧୬ କିଲୋ ଲେଖାଏ ପ୍ରୟୋଗକରି ହୁଡା ଟେକି ହୁଡାର ଦୁଇ ତୃତୀୟାଂଶ ଓଦା ହେବା ପର୍ଯ୍ୟନ୍ତ ନାଳିରେ ଜଳସେଚ଼ନ କରାଯାଏ । ଗଛର ପତ୍ର ହଳଦିଆ ରଙ୍ଗ ହେବା ଆରମ୍ଭ ହେଲେ ଅମଳ ଉପଯୁକ୍ତ ହୋଇଥାଏ । ଏକରକୁ ଆଳୁ ଅମଳ ୧୧୦ ରୁ ୧୫୦ କୁଇଣ୍ଟାଲ ହୁଏ।

-ପ୍ର. ସୁବୋଧ କୁମାର ସାହୁ
ଶୈଳଶ୍ରୀବିହାର, ଭୁବନେଶ୍ୱର,
ମୋ : ୯୫୫୬୨୬୬୦୮୫

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ନଭେମ୍ବର ୧୬/୨୦୨୨ Bhubaneswar, Wednesday, November 16/ 2022

# ଅମିତ ରୋହିଦାସ ଉପଅଧିନାୟକ

**ନୂଆଦିଲ୍ଲୀ,୧୫।୧୧(ପି.ଟି)**

## ଅଷ୍ଟ୍ରେଲିଆ ଗସ୍ତ ପାଇଁ ୨୩ ଜଣିଆ ହକି ଦଳ

ଅଷ୍ଟ୍ରେଲିଆ ଗସ୍ତ ପାଇଁ ୨୩ ଜଣିଆ ପୁରୁଷ ଦଳ ଘୋଷଣା କରିଛି ହକି ଇଣ୍ଡିଆ। ଡ୍ରାଗ ଫ୍ଲିକର ହରମନ୍‌ପ୍ରୀତ ସିଂଙ୍କ ନେତୃତ୍ୱରେ ମଙ୍ଗଳବାର ଦଳ ଘୋଷଣା ହୋଇଥିବା ବେଳେ ଦୁଇ ଜଣ ଓଡ଼ିଆ ଖେଳାଳିଙ୍କୁ ସାମିଲ କରାଯାଇଛି। ଡିଫେଣ୍ଡର ଅମିତ ରୋହିଦାସ ଓ ନୀଲମ ସଞ୍ଜୀପ ଖେସଙ୍କୁ ଏହି ଦଳରେ ସାମିଲ କରାଯାଇଛି। ଅମିତ ରୋହିଦାସଙ୍କୁ ଏହି ସିରିଜ ପାଇଁ ହରମନ୍‌ପ୍ରୀତଙ୍କ ଡେପୁଟି ଭାବେ ଚୟନ କରାଯାଇଛି। ବିଶ୍ୱକପ୍ ପ୍ରସ୍ତୁତି ପାଇଁ ଭାରତ ଏହି ଗସ୍ତରେ ଯାଇ ୫ଟି ମ୍ୟାଚ ଖେଳିବ। ନଭେମ୍ବର ୨୬ରେ ଆଡିଲେଡରେ ପ୍ରଥମ ମ୍ୟାଚ ଖେଳାଯିବ। ଭୁବନେଶ୍ୱର ଓ ରାଉରକେଲାରେ ଆସନ୍ତା ସଂସ୍କରଣର ବିଶ୍ୱକପ୍ ଜାନୁଆରୀ ୧୩-୨୯ ଯାଏ ଖେଳାଯିବ। ଭୁବନେଶ୍ୱର ଓ ରାଉରକେଲା ବିଶ୍ୱକପ୍ ପୂର୍ବରୁ ଅଷ୍ଟ୍ରେଲିଆ ଗସ୍ତ ଭାରତ ପାଇଁ ଭଲ ସୁଯୋଗ ବୋଲି କହିଛନ୍ତି କୋଚ୍ ଗ୍ରାହାମ ରିଡ୍। ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ଦଳ ବିପକ୍ଷରେ ଖେଳିବା ବିଶ୍ୱକପ ପ୍ରସ୍ତୁତି ପାଇଁ ଶ୍ରେଷ୍ଠ ଅବସର ବୋଲି କୋଚ ନିଜ ବୟାନରେ କହିଛନ୍ତି। ଉଭୟ ଅଭିଜ୍ଞ ଓ ଯୁବ ଖେଳାଳିଙ୍କ ସମ୍ମିଶ୍ରଣରେ ଏକ ଶକ୍ତିଶାଳୀ ଦଳ ଚୟନ କରାଯାଇଛି ବୋଲି ରିଡ୍ କହିଛନ୍ତି। ଏହା ସହିତ ଯୁବ ଖେଳାଳିମାନଙ୍କୁ ଅନ୍ତର୍ଜାତୀୟ ଅଭିଜ୍ଞତା ପ୍ରଦାନ ପାଇଁ ଏହା ସର୍ବୋତ୍କୃଷ୍ଟ ସମୟ ବୋଲି କହିଛନ୍ତି ରିଡ୍। ମନ୍‌ଦୀପ ସିଂଙ୍କ ସହିତ ଦିଲପ୍ରୀତ ସିଂ, ଅଭିଷେକ ଓ ସୁଖଜିତ ସିଂ ଫରୱାର୍ଡ ଭାବେ ଦଳରେ ସାମିଲ ଅଛନ୍ତି। ସେହିପରି ଭୁବନେଶ୍ୱରରେ ଖେଳା ଯାଇଥିବା ପ୍ରୋ ହକି ଲିଗ୍‌ରେ ଅନୁପସ୍ଥିତ ଥିବା ଡିଫେଣ୍ଡର ବରୁଣ କୁମାର ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ପ୍ରୋ ହକି ଲିଗ୍‌ରେ ଭାରତ ନ୍ୟୁଜିଲାଣ୍ଡ ବିପକ୍ଷରେ ୨-୦ରେ ବିଜୟୀ ହୋଇଥିବା ବେଳେ ସ୍ପେନ୍ ସହିତ ୧-୧ରେ ଡ୍ର ରଖିଥିଲା।

**ଭାରତୀୟ ଦଳ:** ଗୋଲକିପର୍ସ: କ୍ରିଷନ୍ ବାହାଦୁର ପାଠକ, ଶ୍ରୀଜେସ୍ ପରାଟ୍ଟୁ ରବୀନ୍ଦ୍ରନ

ଡିଫେଣ୍ଡର୍ସ: ଜରମନପ୍ରୀତ ସିଂ, ସୁରେନ୍ଦର କୁମାର, ହରମନ୍‌ପ୍ରୀତ୍ ସିଂ (ଅଧିନାୟକ), ଅମିତ ରୋହିଦାସ (ଉପ ଅଧିନାୟକ), ଯୁଗରାଜ ସିଂ, ମନଦୀପ୍ ମୋର, ନୀଲମ ସଞ୍ଜୀପ ଖେସ୍, ବରୁଣ କୁମାର।

ମିଡ୍‌ଫିଲ୍ଡର୍ସ: ସୁମିତ, ମନପ୍ରୀତ ସିଂ, ହାର୍ଦ୍ଦିକ ସିଂ, ଶମସେର ସିଂ, ନୀଳକଣ୍ଠ ଶର୍ମା, ରାଜକୁମାର ପାଲ, ମହମ୍ମଦ ରାହିଲ ମୌସିନ୍, ଆକାଶଦୀପ ସିଂ, ଗୁରୁଜନ୍ତ ସିଂ।

ଫରୱାର୍ଡସ: ମନଦୀପ ସିଂ, ଅଭିଷେକ, ଦିଲପ୍ରୀତ ସିଂ, ସୁଖଜିତ ସିଂ।



ଅଷ୍ଟ୍ରେଲିଆ ଗସ୍ତ ପାଇଁ ମନୋନୀତ ଭାରତୀୟ ହକି ଦଳ।

# ଅନ୍ତିମ ଦିବସରେ ଓଡ଼ିଶାକୁ ୩ ସ୍ୱର୍ଣ୍ଣ ପଦକ

**ଭୁବନେଶ୍ୱର, ୧୫।୧୧ (ସ୍ପୋର୍ଟ୍ସ ବ୍ୟୁରୋ)**

## ଜାତୀୟ ଜୁନିୟର ଆଥଲେଟିକ୍ସ



ଲକ୍ଷ୍ମୀପ୍ରିୟା କିଷାନ



ଅନି ସାଲବାମ



ସୁସ୍ମିତା ଟିଗା

ଆସାମର ଗୁଆହାଟୀଠାରେ ଚାଲିଥିବା ୩୭ତମ ଜାତୀୟ ଜୁନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍ ୨୦୨୨ର ଅନ୍ତିମ ଦିବସରେ ଓଡ଼ିଶା ୩ ସ୍ୱର୍ଣ୍ଣ ପଦକ ହାସଲ କରିଛି। ମଙ୍ଗଳବାର ୧୮ବର୍ଷ ବୟସ ବର୍ଗ ୮୦୦ ମିଟର ଦୌଡ଼ ରେସ୍‌ରେ ଓଡ଼ିଶାର ଲକ୍ଷ୍ମୀପ୍ରିୟା କିଷାନ ୨ ମିନିଟ ୧୫.୦୮ ସେକେଣ୍ଡ ଟାଇମିଂରେ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ପଶ୍ଚିମବଙ୍ଗର ମୈମିତା ରୟ (୨ ମିନିଟ ୧୫.୦୮ ସେକେଣ୍ଡ) ରୌପ୍ୟ ଓ ହରିୟାଣାର ଆଶା (୨ ମିନିଟ ୧୬.୫୭ ସେକେଣ୍ଡ) ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ଅନି ସାଲବାମ୍ ୧୪ ବର୍ଷ ବୟସ ବର୍ଗ ବାଳକ ୬୦୦ ମିଟର ଦୌଡ଼ ୧ ମିନିଟ୍ ୨୪.୦୧ ସେକେଣ୍ଡ ଟାଇମିଂରେ ଶେଷ କରି ଓଡ଼ିଶା ପାଇଁ ଆଉ ଏକ ସ୍ୱର୍ଣ୍ଣ ଜିତିଥିଲେ। ଉତ୍ତରାଖଣ୍ଡର ସୁରଜ ସିଂଙ୍କୁ ରୌପ୍ୟ ଓ ମହାରାଷ୍ଟ୍ରର ରଣବୀର ଫରକ ବ୍ରୋଞ୍ଜ ପାଇଥିଲେ। ସୁସ୍ମିତା ଟିଗା ୨୦ ବର୍ଷ ବୟସ ବର୍ଗ ବାଳିକା ୩,୦୦୦ ମିଟର ଷ୍ଟିପଲଚେଜ୍‌ରେ ୧୧ ମିନିଟ ୨.୩୧ ସେକେଣ୍ଡ ଟାଇମିଂ ସହ ପ୍ରଥମ ସ୍ଥାନ ଅଧିକାର କରି ଓଡ଼ିଶା ପାଇଁ ଆଉ ଏକ ସ୍ୱର୍ଣ୍ଣ ଜିତିଥିଲେ।ରାଜସ୍ଥାନର ନିକିତା ଓ ମହାରାଷ୍ଟ୍ରର ଶ୍ରଦ୍ଧା ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ହାସଲ କରିଥିଲେ। ଚାମ୍ପିୟନଶିପ୍‌ରେ ଓଡ଼ିଶା ମୋଟ ୧୦ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ଲାଭ କରିପାରିଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ଆଥଲେଟିକ୍ସ ଆସୋସିଏଶନ ସଭାପତି ଜି. ଶ୍ରୀନିବାସ ପଟ୍ଟନାୟକ ଓ ସମ୍ପାଦକ ଆଶୀର୍ବାଦ ବେହେରା ଏବଂ ଆସୋସିଏଶନର ଅନ୍ୟକର୍ମକର୍ତ୍ତାମାନେ ପଦକ ବିଜେତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଭାରତ 'ଡି' ଦଳରେ ଓଡ଼ିଶାର ପ୍ରିୟଙ୍କା

**ଭୁବନେଶ୍ୱର, ୧୫।୧୧ (କ୍ରୀଡ଼ା ପ୍ରତିନିଧି)**

୨୦୨୨ ଚ୍ୟାଲେଞ୍ଜର ଟ୍ରଫି ମହିଳା କ୍ରିକେଟ ପାଇଁ ମଙ୍ଗଳବାର ୪ଟି ଦଳ ଘୋଷଣା କରାଯାଇଛି। ଭାରତ 'ଡି' ଦଳରେ ଓଡ଼ିଶାର ପ୍ରିୟଙ୍କା ପ୍ରିୟଦର୍ଶିନୀ ସ୍ଥାନ ପାଇଛନ୍ତି। ଗଞ୍ଜାମ ହିଞ୍ଜିଳିକାଟୁର ପ୍ରିୟଙ୍କା ସମ୍ପ୍ରତି ଇନ୍ଦିରା ମଇଦାନସ୍ଥିତ ଜାଗୃତି କ୍ରିକେଟ ଏକାଡେମୀ (ଏସ୍‌ଜିଓ କ୍ଲବ)ରେ ରାଜ୍ୟର ପ୍ରତିଷ୍ଠିତ କୋଚ୍ କ୍ଷୀରୋଦ ବେହେରାଙ୍କଠାରୁ ପ୍ରଶିକ୍ଷଣ ନେଉଛନ୍ତି। ଗୌରୀ ଓ କିଶୋର ଚନ୍ଦ୍ର ସାହୁଙ୍କ କନ୍ୟା ପ୍ରିୟଙ୍କା ପୂର୍ବରୁ

## ଚ୍ୟାଲେଞ୍ଜର ଟ୍ରଫି

୨୦୧୮ରେ ଚ୍ୟାଲେଞ୍ଜର ଟ୍ରଫି ଏବଂ ଥରେ ଟ୍ରେଲବ୍ଲେଜର୍ସ ପକ୍ଷରୁ ମହିଳା ଆଇପିଏଲ୍ ଖେଳିବାର ଅଭିଜ୍ଞତା ରଖିଛନ୍ତି। ଆଗାମୀ ପ୍ରତିଯୋଗିତା ରାୟପୁରଠାରେ ନଭେମ୍ବର ୨୦ରୁ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଭାରତ 'ଡି' ଦଳର ନେତୃତ୍ୱ ନେବେ ସ୍ନେହ ରାଣା ଏବଂ ଉପ-ଅଧିନାୟିକା ଅଛନ୍ତି ଜେମିମା ରୋଡ୍ରିଗ୍ରେଜ। ଅଲ୍‌ରାଉଣ୍ଡର ପ୍ରିୟଙ୍କାଙ୍କୁ ଓଡ଼ିଶା କ୍ରିକେଟ ଆସୋସିଏଶନ ସଭାପତି ପ୍ରଣବ ପ୍ରକାଶ ଦାସ ଏବଂ ସମ୍ପାଦକ ସଞ୍ଜୟ ବେହେରା ଅଭିନନ୍ଦନ ଜଣାଇଛନ୍ତି।

ଭାରତ 'ଡି' ଦଳ: ସ୍ନେହ ରାଣା (ଅଧିନାୟିକା), ଜେମିମା ରୋଡ୍ରିଗ୍ରେଜ (ଉପ-ଅଧିନାୟିକା), ଜସିଆ ଅଖତର, ଅଶ୍ୱିନୀ କୁମାରୀ, କନିକା ଆହୁଜା, ଦୟଲାନ ହେମଲତା, ଯଷ୍ଟିକା ଭାଟିଆ, ପ୍ରିୟଙ୍କା ପ୍ରିୟଦର୍ଶିନୀ, ଶିଖା ପାଣ୍ଡେ, ଶ୍ରଦ୍ଧା ପୋଖରକର, ରେଣୁକା ସିଂ ଠାକୁର, ରାଜେଶ୍ୱରୀ ଗାଏକ୍ୱାଡ, ଅପର୍ଣ୍ଣା ମଣ୍ଡଳ (ଉଇକେଟ କିପର), ସୁଷମା ବର୍ମା (ଉଇକେଟ କିପର)।



କୋଚ୍ କ୍ଷୀରୋଦ ବେହେରାଙ୍କ ସହ ପ୍ରିୟଙ୍କା ପ୍ରିୟଦର୍ଶିନୀ।

# ଭାରତ ବିପକ୍ଷ ସିରିଜରୁ ଗୁପ୍‌ଟିଲ, ବୋଲ୍ଟ ବାଦ୍

**ୱେଲିଂଟନ୍, ୧୫।୧୧(ପି.ଟି.)**

ନଭେମ୍ବର ୧୮ରୁ ଏଠାରେ ଖେଳାଯିବାକୁଥିବା ଭାରତ ବିପକ୍ଷରେ ଘରୋଇ ସୀମିତ ଓଭର କ୍ରିକେଟ ସିରିଜରୁ ପୁରୁଖା ଖେଳାଳି ମାର୍ଟିନ ଗୁପ୍‌ଟିଲ ଓ ଟ୍ରେଣ୍ଟ୍ ବୋଲ୍ଟ ନ୍ୟୁଜିଲାଣ୍ଡ କ୍ରିକେଟ ଦଳରୁ ବାଦ୍ ପଡ଼ିଛନ୍ତି। ଉଦୀୟମାନ ଖେଳାଳି ଫିନ୍ ଆଲୋନଙ୍କୁ ସ୍ଥାନ ଦେବାଲାଗି ଓପନର ଗୁପ୍‌ଟିଲଙ୍କୁ ନ୍ୟୁଜିଲାଣ୍ଡ ଦଳରୁ ବାଦ୍ ଦିଆଯାଇଛି। ବୋଲ୍ଟ ସେଣ୍ଟ୍ରାଲ କଣ୍ଟ୍ରାକ୍ଟରୁ ଓହରିଯାଇଥିବାରୁ ତାଙ୍କ ସ୍ଥାନରେ ଅନ୍ୟ ଖେଳାଳିଙ୍କୁ ସୁଯୋଗ ଦେବା ଲାଗି ନ୍ୟୁଜିଲାଣ୍ଡ କ୍ରିକେଟ (ଏନ୍‌ଜେଡ୍‌ସି) ନିଷ୍ପତ୍ତି ନେଇଛି। ବୋଲ୍ଟଙ୍କ ଅନୁପସ୍ଥିତିରେ ଟିମ୍ ସୌଦି, ମ୍ୟାଟ୍ ହେନ୍‌ରୀ (କେବଳ ଅନ୍ତର୍ଜାତୀୟ ଦିନିକିଆ), ଲୋକି ଫର୍ଗୁସନ ଓ ଆଡାମ୍ ମିଲ୍‌ନେ ଦଳର ବିଭାଗ ସମ୍ଭାଳିବେ। ମିଲ୍‌ନେ ୨୦୧୭ ପରେ ତାଙ୍କ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ ଖେଳିବାକୁ ଯାଉଛନ୍ତି। ଟ୍ରେଣ୍ଟ ବୋଲ୍ଟ ଗତ ଅଗଷ୍ଟରେ ତାଙ୍କ ନ୍ୟୁଜିଲାଣ୍ଡ କଣ୍ଟ୍ରାକ୍ଟରୁ ଓହରିଯାଇଛନ୍ତି। ସେ ପରିବାରକୁ ଅଧିକ ସମୟ ଦେବାକୁ ଚାହାନ୍ତି। ବର୍ତ୍ତମାନ ସେ କେବଳ ଟି୨୦ରେ ମନୋନିବେଶ କରିବେ। ଉଭୟ ଭାରତ ଓ ନ୍ୟୁଜିଲାଣ୍ଡ ଏହି ସିରିଜ ସହ ଆସନ୍ତାବର୍ଷ ହେବାକୁ ଥିବା ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ପାଇଁ ସେମାନଙ୍କର ପ୍ରସ୍ତୁତି ଆରମ୍ଭ କରିବେ। ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଟି୨୦ ସିରିଜ ସହ ଟୁର୍ ଆରମ୍ଭ ହେବ। ୱେଲିଂଟନରେ ପ୍ରଥମ ଟି୨୦ ନଭେମ୍ବର ୧୮ରେ ହେବାକୁଥିବା ବେଳେ ଅନ୍ୟ ଦୁଇଟି ତୌରଙ୍ଗା (ନଭେମ୍ବର ୨୦) ଓ ନାପିଏର୍ (ନଭେମ୍ବର ୨୨)ଠାରେ ଖେଳାଯିବ। ପରେ ସମାନ ସଂଖ୍ୟକ ଗେମ୍ ବିଶିଷ୍ଟ ଦିନିକିଆ ସିରିଜ ଅକ୍‌ଲାଣ୍ଡ (ନଭେମ୍ବର ୨୫), ହାମିଲଟନ (ନଭେମ୍ବର ୨୭) ଓ ଖ୍ରିଷ୍ଟଚର୍ଚ୍ଚ (ନଭେମ୍ବର ୩୦)ରେ ଖେଳାଯିବ।

**ନ୍ୟୁଜିଲାଣ୍ଡ ଟି୨୦ ଦଳ:** କେନ୍ ୱିଲିୟମସନ (ଅଧିନାୟକ), ଫିନ୍ ଆଲେନ୍, ମାଇକେଲ ବ୍ରେସ୍‌ୱେଲ୍, ଡେଭନ କନ୍‌ୱେ (ଉଇକେଟକିପର), ଲୋକି ଫର୍ଗୁସନ, ଡେରିଲ ମିଚେଲ, ଆଡାମ୍ ମିଲ୍‌ନେ, ଜିମ୍ମି ନିଶାମ, ଗ୍ଲେନ ଫିଲିପ୍ସ, ମିଚେଲ ସାଣ୍ଟନର, ଟିମ୍ ସୌଦି, ଇଶ୍ ସୋଧି, ବ୍ଲେୟାର ଟିକ୍‌ନର।

**ଦିନିକିଆ ଦଳ:** କେନ୍ ୱିଲିୟମସନ (ଅଧିନାୟକ), ଫିନ୍ ଆଲେନ୍, ମାଇକେଲ ବ୍ରେସ୍‌ୱେଲ, ଡେଭନ କନ୍‌ୱେ, ଲୋକି ଫର୍ଗୁସନ, ଡେରିଲ ମିଚେଲ, ଆଡାମ୍ ମିଲ୍‌ନେ, ଜିମ୍ମି ନିଶାମ, ଗ୍ଲେନ ଫିଲିପ୍ସ, ମିଚେଲ ସାଣ୍ଟନର, ଟିମ୍ ସୌଦି, ଟମ୍ ଲଥାମ (ଉଇକେଟକିପର), ମ୍ୟାଟ୍ ହେନ୍‌ରୀ।



ଟ୍ରେଣ୍ଟ ବୋଲ୍ଟ ଓ ମାର୍ଟିନ ଗୁପ୍‌ଟିଲ।

# ଓଡ଼ିଶାର ଦ୍ୱିତୀୟ ପରାଜୟ

**ମୁମ୍ବାଇ,୧୫।୧୧(ପି.ଟି):** ବିସିସିଆଇ ପକ୍ଷରୁ ଅନୁଷ୍ଠିତ ବିଜୟ ହଜାରେ ଟ୍ରଫିରେ ଓଡ଼ିଶା ଦ୍ୱିତୀୟ ପରାଜୟ ବରଣ କରିଛି। ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ମଙ୍ଗଳବାର ଖେଳା ଯାଇଥିବା ମ୍ୟାଚରେ ମଧ୍ୟପ୍ରଦେଶ ନିକଟରୁ ୬ ଉଇକେଟରେ ହାରିଛି ଓଡ଼ିଶା। ପ୍ରଥମେ ବ୍ୟାଟିଂ କରି ଶୁଭ୍ରାଂଶୁ ସେନାପତିଙ୍କ ୫୫ରନ୍ ବଳରେ ୪୧.୧ ଓଭରରେ ୧୭୨ ରନରେ ଅଲଆଉଟ ହୋଇଥିଲା। ଜବାବରେ ୩୧.୫ ଓଭରରେ ୪ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା

ଶୁଭ୍ରାଂଶୁ ସେନାପତି ଏକମାତ୍ର ଖେଳାଳି ଭାବେ ଅର୍ଦ୍ଧଶତକ ହାସଲ କରିଥିଲେ। ୬୬ ବଲ୍ ଖେଳି ସେ ୪ ଚୌକା ଓ ୧ ଛକା ସହିତ ୫୫ରନ୍ କରିଥିଲେ। କୁଲଦୀପ୍ ସେନ୍ ୪ ଉଇକେଟ ନେଇଥିଲେ। ଜବାବରେ ୩୧.୫ ଓଭରରେ ୪ ଉଇକେଟ ହରାଇ ୧୭୫ ରନ୍ କରି ମ୍ୟାଚ ଜିତି ନେଇଥିଲା। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ ନଭେମ୍ବର ୧୭ ତାରିଖରେ ବରୋଦା ବିପକ୍ଷରେ ଖେଳିବ। ସେହିପରି ଅନ୍ତିମ ୩ ମ୍ୟାଚ ପାଇଁ ବରିଷ୍ଠ ଖେଳାଳି ବିପ୍ଳବ ସାମନ୍ତରାୟ ଓ ଗୋବିନ୍ଦ ପୋଦ୍ଦାରଙ୍କୁ ଦଳରେ ସାମିଲ କରାଯାଇଛି। ମଧ୍ୟକ୍ରମକୁ ସଶକ୍ତ କରିବା ପାଇଁ ଏହି ଅଭିଜ୍ଞ ଖେଳାଳିଙ୍କୁ ଦଳକୁ ଡାକରା ମିଳିଛି।

# ଅଷ୍ଟ୍ରେଲିଆନ୍ ଓପନ୍ ପାଇଁ ଜୋକୋଭିଚଙ୍କୁ ଭିଜା

**ମେଲବର୍ନ,୧୫।୧୧(ପି.ଟି)**

ଆସନ୍ତା ବର୍ଷର ଅଷ୍ଟ୍ରେଲିଆନ୍ ଓପନରେ ଅଂଶଗ୍ରହଣ କରିବେ ନୋଭାକ୍ ଜୋକୋଭିଚ୍। ଜାନୁୟାରୀରେ ଅଷ୍ଟ୍ରେଲିଆରୁ ପ୍ରତ୍ୟର୍ପଣ ହେବା ପରେ ତାଙ୍କ ଅଂଶଗ୍ରହଣ ଉପରେ ମଧ୍ୟ ଆଶଙ୍କା ଦେଖା ଦେଇଥିଲା। ଆସନ୍ତା ବର୍ଷ ଖେଳାଯିବାକୁ ଥିବା ଏହି ଟୁର୍ନାମେଣ୍ଟ ପାଇଁ ୨୧ ଗ୍ରାଣ୍ଡସ୍ଲାମ ବିଜେତା ଜୋକୋଭିଚଙ୍କୁ ଭିଜା ମିଳିବା ସ୍ପଷ୍ଟ ହୋଇଛି। କୋଭିଡ୍ ଟିକା ନେଇନଥିବା କାରଣରୁ ଜୋକୋଭିଚଙ୍କୁ ବର୍ଡର ଫୋର୍ସ ପ୍ରତ୍ୟର୍ପଣ କରିଥିଲା। ଏହା ସହିତ ତାଙ୍କ ଉପରେ ୩ ବର୍ଷର କଟକଣା ମଧ୍ୟ ଜାରି କରାଯାଇଥିଲା। ତେବେ ନିକଟରେ ଅଷ୍ଟ୍ରେଲିଆର ପ୍ରତ୍ୟର୍ପଣ ନିୟମରେ ପରିବର୍ତ୍ତନ କରାଯିବା ସହିତ ଜୋକୋଭିଚଙ୍କୁ ଭିଜା ମିଳିବା ମଧ୍ୟ ସ୍ପଷ୍ଟ ହୋଇଛି।




## ବେଲଜିୟମ ଦଳରେ ବିନୟ

**ନୂଆଦିଲ୍ଲୀ, ୧୫।୧୧ (ପି.ଟି.):** କାତାର ବିଶ୍ୱକପ୍‌ରେ ଭାରତୀୟ ଦଳ ଖେଳୁନାହିଁ। ତେବେ ଦେଶର ବିନୟ ମେନନ ବେଲଜିୟମ ଫୁଟ୍‌ବଲ ଦଳର ଜଣେ ସପୋର୍ଟ ଷ୍ଟାଫ୍ ଭାବେ ମେଗା ଇଭେଣ୍ଟର ଅଂଶବିଶେଷ ହୋଇଛନ୍ତି। ସେ ବେଲଜିୟମ ଦଳର ୱେଲ୍‌ନେସ୍ କୋଚ୍ ହୋଇଛନ୍ତି। ବିନୟ କହିଛନ୍ତି ବେଲଜିୟମ ଦଳ ସହ କାର୍ଯ୍ୟ କରିବା ସୁଯୋଗ ପାଇ ସେ ଗୌରବାନ୍ୱିତ। ୪୮ ବର୍ଷୀୟ ବିନୟ ପୂର୍ବରୁ ୟୁରୋପର ଅନ୍ୟତମ ଟପ୍ କ୍ଲବ ଚେଲ୍‌ସି ଏଫ୍‌ସି ପାଇଁ କାର୍ଯ୍ୟ କରିଛନ୍ତି। ଏହି କ୍ଲବ ୨୦୧୧-୧୨ ଏବଂ ୨୦୨୦-୨୧ ସିଜନରେ ୟୁଫା ଚାମ୍ପିୟନ୍ସ ଲିଗ୍ ଜିତିପାରିଛି। ବିନୟଙ୍କ ଜନ୍ମସ୍ଥାନ କେରଳ ରାଜ୍ୟ ଅନ୍ତର୍ଗତ ଏର୍ନାକୁଲମ ନିକଟବର୍ତ୍ତୀ ଚେରାଇ ଗ୍ରାମ୍‌ରେ। ପୁଡୁଚେରୀ ୟୁନିଭର୍ସିଟିରେ ସେ ଫିଜିକାଲ ଏଜୁକେଶନରେ ଏମ୍‌ଫିଲ କରିଛନ୍ତି।



## ଫିଫା ବିଶ୍ୱକପ୍



# ବିବାଦୀୟ କାଷ୍ଟିଲୋ

ଇକ୍ୱେଡର ଏହାର ଚତୁର୍ଥ ଫିଫା ଫୁଟ୍‌ବଲ ବିଶ୍ୱକପ୍ ଖେଳିବାକୁ ଯାଉଛି। ସୋମବାର ସନ୍ଧ୍ୟା ଦଳ ଘୋଷଣା କରିବାର ଶେଷ ସମୟ ରହିଥିଲା। ବିବାଦକୁ ଏଡାଇବାକୁ ଯାଇ କୋଚ୍ ଗୁସ୍ତାଭୋ ଅଲ୍‌ଫାରୋ ଡିଫେଣ୍ଡର ବାଇରନ କାଷ୍ଟିଲୋଙ୍କୁ ତାଙ୍କ ଦଳରୁ ବାଦ୍ ଦେଇଛନ୍ତି। ମାର୍ଚ୍ଚରେ ବିଶ୍ୱକପ୍ ପାଇଁ ଯୋଗ୍ୟତା ହାସଲ କରିବାପରଠାରୁ ଇକ୍ୱେଡର ଫୁଟ୍‌ବଲ କର୍ତ୍ତୃପକ୍ଷ ଆଇନଗତ ସମସ୍ୟାରେ ଛନ୍ଦି ହୋଇପଡ଼ିଛନ୍ତି। ଚିଲି ଓ ପେରୁ ଫୁଟ୍‌ବଲ କର୍ତ୍ତୃପକ୍ଷଙ୍କ ନିକଟରେ ଯୁକ୍ତି କରିଥିଲେ କାଷ୍ଟିଲୋ ପ୍ରକୃତରେ ଜଣେ କଲମ୍ବିଆନ। ତେଣୁ ସେ ବେଆଇନ ଭାବେ ବହୁ ବିଶ୍ୱକପ୍ କ୍ୱାଲିଫାୟର ଖେଳିଛନ୍ତି। ତାଙ୍କର ଏହି ଦାବି ପ୍ରତ୍ୟାଖ୍ୟାତ ହୋଇଥିଲା। ଇକ୍ୱେଡରକୁ ବିଶ୍ୱକପ୍ ଗ୍ରୁପ୍-ଏ'ରେ ଖେଳିବା ଲାଗି ଅନୁମତି ମିଳିଥିଲା। ଏହି ଗ୍ରୁପ୍‌ରେ ଅନ୍ୟ ଦଳ କାତାର, ସେନେଗାଲ ଓ ନେଦରଲାଣ୍ଡ୍ସ ରହିଛନ୍ତି। ଇକ୍ୱେଡର ଓ କାତାର ରବିବାର ଟୁର୍ନାମେଣ୍ଟ ଓପନ୍ କରିବେ।



କ୍ରୀଡ଼ାର ସର୍ବୋଚ୍ଚ ନ୍ୟାୟାଳୟ କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର୍ ସ୍ପୋର୍ଟ୍ସ (କାସ୍) କିନ୍ତୁ ଗତ ସପ୍ତାହରେ ଏହାର ରୁଲିଂରେ ୨୦୨୬ ବିଶ୍ୱକପ୍ ପାଇଁ ଦକ୍ଷିଣ ଆମେରିକୀୟ କ୍ୱାଲିଫାୟର୍ସ ଆରମ୍ଭ ହେବା ପୂର୍ବରୁ ଇକ୍ୱେଡର ୩ ପଏଣ୍ଟ ହରାଇବ ବୋଲି କହିଛନ୍ତି। ପାସପୋର୍ଟ ହାସଲ ବେଳେ କାଷ୍ଟିଲୋ ତାଙ୍କ ଜନ୍ମଦିବସ ଓ ଜନ୍ମସ୍ଥାନ ସମ୍ପର୍କରେ ଭୁଲ ତଥ୍ୟ ଦେଇଥିବା କୋର୍ଟ କହିଛନ୍ତି। ଅଲଫାରୋ ବର୍ତ୍ତମାନ କାଷ୍ଟିଲୋଙ୍କ ସ୍ଥାନରେ ଇକ୍ୱେଡର ଦ୍ୱିତୀୟ ଡିଭିଜନ ଖେଳୁଥିବା ଷ୍ଟ୍ରାଇକର କେଭିନ ରୋଡ୍ରିଗୁଏଜ୍‌ଙ୍କୁ ଦଳରେ ନେଇଛନ୍ତି।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

**ସଂକ୍ଷେପରେ**

## ମେଧାବୀ ଛାତ୍ରୀଛାତ୍ର ପୁରସ୍କୃତ



**ଡେଲାଙ୍ଗ,୧୫।୧୧(ଡି.ଏନ୍.ଏ.):** ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ଚଳିତ ବର୍ଷ ତୃତୀୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା ଫଳ ପ୍ରକାଶ ପାଇଛି। ତାଲିକାରେ ମେରିଟ ଲିଷ୍ଟରେ ୭ ଜଣ ଓ ମେରିଟ୍ କମ୍ ପୋଭିଟି ଲିଷ୍ଟରେ ୭ ଜଣ ଡେଲାଙ୍ଗ ବ୍ଲକର ମୋଟ ୧୪ ଜଣ ଛାତ୍ରୀଛାତ୍ର କୃତିତ୍ୱ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ବରକେରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ର ସ୍ୱୟଂଶ୍ରୀ ସତ୍ୟସ୍ୱରୂପ ଜେନା କୃତିତ୍ୱ ହାସଲ କରିଛନ୍ତି। ଏନେଇ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ପ୍ରଦୀପ ସେଠୀଙ୍କ ସଭାପତିତ୍ୱରେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ସହକାରୀ ପ୍ରାଧ୍ୟାପକ ଡ. ସ୍ୱାଗତମ ଦାଶ, ସିଆରସିସି ଦୁର୍ଯ୍ୟୋଧନ ପ୍ରଧାନ, ଦୟାନିଧି ମାର୍ଥା, ଶିକ୍ଷକ ମିଟୁକିଶୋର ପ୍ରଧାନ, ମଞ୍ଜୁଲତା ପ୍ରଧାନ, ପରିଚାଳନା କମିଟି ଅଧ୍ୟକ୍ଷ ପବିତ୍ର ପରିଡା ପ୍ରମୁଖ ଉପସ୍ଥିତ ରହି ପୁରସ୍କୃତ କରିଥିଲେ। ସେହିପରି ପୋଭିଟି ଲିଷ୍ଟରେ ଡେଲାଙ୍ଗ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ଆଦ୍ୟାଶା ପରିଡାଙ୍କୁ ମଧ୍ୟ ବିଦ୍ୟାଳୟ ପକ୍ଷରୁ ପୁରସ୍କୃତ କରାଯାଇଛି। ପ୍ରଧାନ ଆଚାର୍ଯ୍ୟ ନବକିଶୋର ମହାପାତ୍ର, ସମ୍ପାଦକ କିଶୋର ପ୍ରଧାନ ଓ ଆଚାର୍ଯ୍ୟ ସର୍ବେଶ୍ୱର ବାରିକ ପ୍ରମୁଖ ଗୁରୁଜୀ ଗୁରୁମା ଉପସ୍ଥିତ ଥିଲେ।

## ଘରେ ଘରେ ବିଜେଡିର ବିକାଶ ବାର୍ତ୍ତା

**ଅସ୍ତରଙ୍ଗ,୧୫।୧୧(ଡି.ଏନ୍.ଏ.):** ଅସ୍ତରଙ୍ଗ ବ୍ଲକ ୨ନଂ. ଜୋନରେ ଆଲଙ୍ଗପୁର, ଆଳସାହି, ନଗର, ନଇଗୁଆଁ, ଝାଡ଼ାଲିଙ୍ଗ, ନୂଆଗଡ଼ ପ୍ରଭୃତି ପଞ୍ଚାୟତରେ ମଙ୍ଗଳବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଶେଷ ହୋଇଛି। ଅସ୍ତରଙ୍ଗସ୍ଥିତ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ନାୟକଙ୍କ ବାସଭବନରୁ ଏହି ଜନସମ୍ପର୍କ ପଦଯାତ୍ରା ବାଇକ୍ ପଟୁଆରରେ ବାହାରିଥିଲା। ଯାତ୍ରା ସମୟରେ ବହୁ ମହିଳା ସଂଗଠନ, ଗୃହରାଷ୍ଟ୍ର ମନ୍ତ୍ରୀ ତୁଷାରକାନ୍ତି ବେହେରା, ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ ଓ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରିଥିଲେ। ୨୦୨୪ ସାଧାରଣ ନିର୍ବାଚନ ପାଇଁ ବିଜେଡି ଏବେ ସ୍ୱଚ୍ଛତା ଓ ବିକାଶକୁ ପ୍ରାଧାନ୍ୟ ଦେଇ ଘରେ ଘରେ ବିକାଶର ବାର୍ତ୍ତା ପହଞ୍ଚାଉଛି। ମନ୍ତ୍ରୀ ବେହେରା, ଜିଲା ପରିଷଦ ଉପାଧ୍ୟକ୍ଷ ନାୟକ ପଞ୍ଚାୟତର ସମସ୍ୟା ସମ୍ପର୍କରେ ତଥ୍ୟ ସଂଗ୍ରହ କରି ସମାଧାନ ଦିଗରେ ଅଗ୍ରସର ହୋଇଥିଲେ। ପଦଯାତ୍ରା ସମୟରେ ଦଳୀୟ କନ୍ଦଳ ଓ ଅସନ୍ତୋଷକୁ ପ୍ରତିହତ କରିବା ପାଇଁ ସମସ୍ତ ଚେଷ୍ଟା କରାଯାଇଛି। ପଞ୍ଚାୟତସ୍ତରରେ ଜିଲା ପରିଷଦ ସଭ୍ୟା, ସରପଞ୍ଚ, ସମିତି ସଭ୍ୟାସଭ୍ୟ, ୱାର୍ଡ ସଭ୍ୟାସଭ୍ୟ କର୍ମୀଙ୍କ ସହିତ ଯୋଡିହୋଇ ରହିବାକୁ ଦଳୀୟ ପରାମର୍ଶ ଦିଆଯାଇଥିଲା। ମହିଳାଙ୍କୁ ବେଶ ଗୁରୁତ୍ୱ ଦିଆଯିବା ସହିତ ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ ଦାୟିତ୍ୱ ଦିଆଯାଇଛି। ଏଥିରେ ସମସ୍ତ ଜନ ପ୍ରତିନିଧି, ଶତାଧିକ କର୍ମୀ ଯୋଗ ଦେଇଥିଲେ।

# ଡିସେମ୍ବର ୨୬ରୁ ଖରିଫ ଧାନ ସଂଗ୍ରହ

**ପୁରୀ ଅଫିସ,୧୫।୧୧**



ପୁରୀ ସର୍କିଟ ହାଉସରେ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ପକ୍ଷରୁ ଆୟୋଜିତ ବୈଠକରେ ଯୋଗଦେଇଥିବା ଅଧିକାରୀ।

- ୨୦୨୧ରେ ୧୬୪୭୮୪.୦୪୪ ମେଟ୍ରିକ ଟନ୍ ଧାନ ସଂଗ୍ରହ ହୋଇଥିଲା
- ଚଳିତ ଖରିଫରେ ଚାଷୀ ପଞ୍ଜୀକରଣରୁ ୪୨,୬୫୧ ଯୋଗ୍ୟ

ଜିଲାସ୍ତରୀୟ ଧାନ ସଂଗ୍ରହ କମିଟିର ଏକ ବୈଠକ ମଙ୍ଗଳବାର ସର୍କିଟ ହାଉସରେ ଅନୁଷ୍ଠିତ ହୋଇଥିଲା। ୨୦୨୨-୨୩ ଖରିଫ୍ ଧାନ ସଂଗ୍ରହ ଡିସେମ୍ବର ୨୬ ତାରିଖରୁ ଶୁଭାରମ୍ଭ ହେବ। ଏଥିସହ ବିଭିନ୍ନ ବ୍ଲକରେ ଧାନ ଅମଳକୁ ଦେଖି ଭିନ୍ନ ଭିନ୍ନ ତାରିଖରେ ଧାନସଂଗ୍ରହ କାର୍ଯ୍ୟ ଆରମ୍ଭ କରିବା ପାଇଁ ସର୍ବସମ୍ମତି କ୍ରମେ ସ୍ଥିର ହୋଇଥିଲା। ଏହି ବୈଠକରେ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ ଚାଷୀମାନେ ମଣ୍ଡିରେ ଧାନ ବିକ୍ରି ସମୟରେ ଯେପରି କୌଣସି ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି ଓ ଠିକ୍ ମୂଲ୍ୟ ନିର୍ଦ୍ଧାରିତ ସମୟରେ ପାଇବେ, ସେଥିପ୍ରତି ଯତ୍ନବାନ୍ ହେବାକୁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଦିଲୀପ କୁମାର ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିବା ସହ ଧାନ ସଂଗ୍ରହ ବ୍ୟବସ୍ଥାକୁ ସରକାରୀ ନିୟମ ଅନୁସାରେ ପରିଚାଳନା କରିବା ପାଇଁ ସମସ୍ତ ବ୍ୟବସ୍ଥା କରିବାକୁ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ଯୋଗାଣ ଅଧିକାରୀ ସୁବୋଧ ହୋତା ସମସ୍ତଙ୍କୁ ସ୍ୱାଗତ ସହ ଆଲୋଚନା କରିଥିଲେ।

୨୦୨୧-୨୨ ଖରିଫ୍ ଓ ରବି ଋତୁରେ ୧୬୪୭୮୪.୦୪୪ ମେଟ୍ରିକ ଟନ୍ ଧାନ ସଂଗ୍ରହ ହୋଇ ଥିବାବେଳେ ୧୧୨୦୫୩.୧୫୦ ମେଟ୍ରିକ ଟନ୍ ଚାଉଳ ପ୍ରସ୍ତୁତ ହୋଇଥିଲା। ୪୭,୧୧୯ ଚାଷୀ ପଞ୍ଜୀକରଣ କରିଥିବା ବେଳେ ୩୪୭୬୬ ଚାଷୀ ୧୮୫ଟି ପାକ୍ସରେ ଧାନ ବିକ୍ରି କରିଥିଲେ। ସେହିପରି ରବି ଋତୁରେ ୧୭,୪୮୧ ପଞ୍ଜିକରଣ କରିଥିବା ଚାଷୀଙ୍କ ମଧ୍ୟରୁ ୧୪,୧୩୪ଜଣ ୧୦୦ଟି ପାକ୍ସରେ ଧାନ ବିକ୍ରି କରିଥିଲେ। ଚଳିତ ଖରିଫ୍‌ରେ ୪୬,୧୬୭ ପଞ୍ଜୀକରଣ କରିଥିବା ବେଳେ ଯାଞ୍ଚ ପରେ ୪୨,୬୫୧ ଯୋଗ୍ୟ ଚାଷୀ ରହିଛନ୍ତି। ୧୭୫ଟି ପାକ୍ସ ଓ ୩ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ୯୭୭୭୯.୪୧୨ ମେଟ୍ରିକ ଟନ ଧାନ ସଂଗ୍ରହ କରାଯିବ। ନିଷ୍ପତ୍ତି ଅନୁସାରେ ଜଣେ ଚାଷୀ ଟୋକନ୍ ମାଧ୍ୟମରେ ଦୈନିକ ସର୍ବାଧିକ ୧୦୦ କୁଇଣ୍ଟାଲ ଧାନ ବିକ୍ରି କରିପାରିବେ। ଚାଷୀମାନଙ୍କ ପାଇଁ ମଣ୍ଡିରେ ଆଶ୍ରୟସ୍ଥଳୀ, ପିଇବା ପାଣିର ବ୍ୟବସ୍ଥା, ନିର୍ଦ୍ଧାରିତ ଦିନରେ ମିଲରଙ୍କ ଦ୍ୱାରା ଧାନ ସଂଗ୍ରହ ସହ ଧାନ ସଂଗ୍ରହ ମଧ୍ୟରେ ଠିକ୍ ଭାବରେ ଧାନ ସଂଗ୍ରହ ସମ୍ପର୍କରେ ଆଉ ଏକ ବୈଠକ ଆୟୋଜନ କରି ସମୀକ୍ଷା କରିବାକୁ ଚାଷୀ ପ୍ରତିନିଧିମାନେ ପ୍ରସ୍ତାବ ଦେଇଥିଲେ ଯାହା ଗ୍ରହଣ କରାଯାଇଥିଲା। ଏହି ବୈଠକରେ ଉପଜିଲାପାଳ ଭବତାରଣ ସାହୁ, ଡିଆଇବି ଡିଏସ୍‌ପି ହେମନ୍ତ କୁମାର ପଣ୍ଡା, ଡିଆର୍‌ସିଏସ୍ ଭୀମସେନ ସାହୁ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି, ବିଧାୟକମାନଙ୍କ ପ୍ରତିନିଧି, ବିଭିନ୍ନ ବିଭାଗର ଅଧିକାରୀ, ଆର୍‌ଏମ୍‌ସିର ସମ୍ପାଦକ, ମିଲର, ଯୋଗାଣ ନିରୀକ୍ଷକ ପ୍ରମୁଖ ଯୋଗଦେଇଥିଲେ।

# ରାଜ୍ୟରେ ପୁରୀ ଅର୍ବାନ ବ୍ୟାଙ୍କ ଦ୍ୱିତୀୟ ସ୍ଥାନ

**ପୁରୀ ଅଫିସ,୧୫।୧୧**

ଓଡ଼ିଶା ସମବାୟ ୟୁନିଅନ ପକ୍ଷରୁ ୬୯ତମ ସର୍ବଭାରତୀୟ ସମବାୟ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଭୁବନେଶ୍ୱରସ୍ଥିତ ଉତ୍କଳ ମଣ୍ଡପରେ ଆୟୋଜିତ ଏକ ସମାରୋହରେ ଶ୍ରେଷ୍ଠ ବିବେଚିତ ରାଜ୍ୟର ତିନୋଟି ସମବାୟ ବ୍ୟାଙ୍କକୁ ପୁରସ୍କୃତ କରାଯାଇଛି। ଏହି ସମାରୋହରେ ବିଭାଗୀୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ ରାଜ୍ୟ ସମବାୟ ସମିତି ସମୂହର ନିବନ୍ଧକ ଉଦ୍ଧବ ଚରଣ ମାଝୀ ଅତିଥି ରୂପେ ଯୋଗଦେଇ ଶ୍ରେଷ୍ଠ ବିବେଚିତ ସମବାୟ ସଂସ୍ଥାକୁ ପୁରସ୍କାର ପ୍ରଦାନ କରିଥିଲେ। ଶ୍ରେଷ୍ଠ ସମବାୟ ବ୍ୟାଙ୍କ ମଧ୍ୟରେ କେନ୍ଦ୍ରାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ରାଜ୍ୟର ଅନ୍ୟତମ ପ୍ରମୁଖ ତଥା ପୁରାତନ ସମବାୟ ଅନୁଷ୍ଠାନ ପୁରୀ ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ଦ୍ୱିତୀୟ ପୁରସ୍କାର ଲାଭ କରିଛି। ସେହିପରି ରାଉରକେଲା ଅର୍ବାନ ବ୍ୟାଙ୍କ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛି। ସୂଚନାଯୋଗ୍ୟ, କେବଳ ସଭ୍ୟମାନଙ୍କ ମୂଳଧନରେ ସମୃଦ୍ଧ ପୁରୀ ଅର୍ବାନ କୋ - ଅପରେଟିଭ ବ୍ୟାଙ୍କ କ୍ରମାଗତ ଭାବେ ଅଗ୍ରଗତି କରିଚାଲିଛି। ଗତ ୬ ବର୍ଷ ମଧ୍ୟରେ ଅନାଦେୟ ରୂପେ ପଇଠ ହାର ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ବ୍ୟାଙ୍କର ସଭାପତି ଗୁଣଧର ଦାସ ମହାପାତ୍ରଙ୍କ ଆନ୍ତରିକ ଉଦ୍ୟମ ଫଳରେ ବ୍ୟାଙ୍କ ସମବାୟ କ୍ଷେତ୍ରରେ ପ୍ରତିଷ୍ଠିତ ସଫଳତାର ସହ ଆଗେଇ ଚାଲିଛି। ବ୍ୟାଙ୍କ ଚଳିତବର୍ଷ ୨ୟ ଶ୍ରେଣୀର ମାନ୍ୟତା ପାଇଛି। ବ୍ୟାଙ୍କର ଏହି ସଫଳତା ପାଇଁ ଦାସ ମହାପାତ୍ର ବ୍ୟାଙ୍କର କର୍ମଚାରୀ ଓ ସଦସ୍ୟମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।



ଓଡ଼ିଶା ସମବାୟ ୟୁନିୟନ ପକ୍ଷରୁ ପୁରୀ ଅର୍ବାନ କୋଅପରେଟିଭ ବ୍ୟାଙ୍କକୁ ପୁରସ୍କୃତ କରାଯାଉଛି।




ପୁରୀ ସଂସ୍କୃତି ଭବନରେ ଅନୁଷ୍ଠିତ ସାଇ ଆର୍ଟ ମ୍ୟୁଜିକ ଏକାଡେମୀର ୨ୟ ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିଙ୍କ ସହ ପୁରସ୍କୃତ ଛାତ୍ରୀଛାତ୍ର।

## ସାଇ ଆର୍ଟ ମ୍ୟୁଜିକ୍ ଏକାଡେମୀର ବାର୍ଷିକୋତ୍ସବ

**ପୁରୀ ଅଫିସ,୧୫।୧୧**

ଶିଶୁ ଦିବସ ଅବସରରେ ସାଇ ଆର୍ଟ ମ୍ୟୁଜିକ ଏକାଡେମୀର ୨ୟ ବାର୍ଷିକ ଉତ୍ସବ ସଂସ୍କୃତି ଭବନରେ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବିଜୁ ଜନତା ଦଳର ରାଜ୍ୟ ଉପସଭାପତି ଶୁଭାଶିଷ ଖୁଣ୍ଟିଆ ଓ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ କୈଳାସ ଚନ୍ଦ୍ର ନାୟକ, ଜିଲା ଶିକ୍ଷାଧିକାରୀ ବିଶ୍ୱଜିତ ଘୋଷ, ଏସ୍‌ସିବିସି ଅଫ୍ ଏସ୍‌ବିଆଇର ଅଫିସର ଅନିଲ କୁମାର ପଟ୍ଟନାୟକ, କଳାଶିକ୍ଷକ ସୁଦର୍ଶନ ଜୟସିଂହ, କଳାଶିକ୍ଷକ ଓ ମର୍ଦ୍ଦଳ ବାଦକ ଜଗନ୍ନାଥ ମିଶ୍ର ଆଦି ଅତିଥିଗଣ ଯୋଗଦେଇଥିଲେ। ଅତିଥିମାନେ ଅନୁଷ୍ଠାନର ଉନ୍ନତି କାମନା କରିବା ସହ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ କଳାକ୍ଷେତ୍ରରେ ସମୃଦ୍ଧି ଆଣିବା ପାଇଁ ପ୍ରେରଣା ଦେଇଥିଲେ। ପରେ ଉତ୍ସବରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ସଭାପତି ଅଜୟ କୁମାର ମହାନ୍ତି, ସମ୍ପାଦକ ଶାରଦା ସମ୍ପନ୍ନ ମିଶ୍ର, କ୍ଷୀରୋଦ ଜେନା, ସନ୍ତୋଷ ମୁଦୁଲି, ଆଇନଜୀବୀ ଅନିଲ ସାହୁ, ଗଣେଶ ମହାପାତ୍ର, ବସନ୍ତ ନାୟକ, ପ୍ରକାଶ ରଥ, ଅମୂଲ୍ୟ ମହାନ୍ତି, ଅକ୍ଷୟ ମହାନ୍ତି, ତେଜସ୍ୱିନୀ, ଦିବ୍ୟା, ଘନଶ୍ୟାମ, ବିଶ୍ୱନାଥ ଆଦି ସଦସ୍ୟମାନେ ଉପସ୍ଥିତ ରହି ଉତ୍ସବକୁ ପରିଚାଳନା କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

# ସୁପରଭାଇଜରଙ୍କୁ ବଦଳି ପାଇଁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଗୋପ,୧୫।୧୧(ଡି.ଏନ୍.ଏ.)**

**ଭୋକ ଉପାସରେ ଅଙ୍ଗନୱାଡ଼ିରୁ ଶିଶୁ ଫେରିବା ଘଟଣା**

ଗୋପ ବ୍ଲକ ଅନ୍ତର୍ଗତ ଅଙ୍ଗନୱାଡ଼ି କେନ୍ଦ୍ରରେ ହରିଲୁଟ୍, ମନିଟରିଂ ଅଭାବ ସାଙ୍ଗକୁ ୨ ମାସରୁ ଅଧିକ ହେବ ଶିଶୁମାନେ ଭୋକରେ ଫେରୁଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟର ସୁପରଭାଇଜରଙ୍କୁ ତୁରନ୍ତ ବଦଳି ପାଇଁ ନିର୍ଦ୍ଦେଶ ଦେଇଥିବାବେଳେ ନୂତନ ସିଡିପିଓଙ୍କୁ ଯୋଗ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ଗୋପ ବ୍ଲକ ଅଧୀନ ୨୮୭ଟି ଅଙ୍ଗନୱାଡ଼ି କେନ୍ଦ୍ରରେ ଚାଉଳ ନ ଥିବାରୁ ରୋଷେଇ ବନ୍ଦ ରହିଥିଲା। ଫଳରେ କେନ୍ଦ୍ରରେ ଅଧ୍ୟୟନରତ ୪ ହଜାରରୁ ଊର୍ଦ୍ଧ୍ୱ ଶିଶୁ ଭୋକରେ ଘରକୁ ଫେରିବା ଖବର 'ଧରିତ୍ରୀ'ରେ ପ୍ରକାଶ ପାଇଥିଲା। ପଞ୍ଚାୟତ ସମିତି ବୈଠକରେ ପୁରୀ ଏମ୍‌ପିଙ୍କ ପ୍ରତିନିଧି ବାଲୁଙ୍କେଶ୍ୱର ସାହୁ ଏପରି ଅଭିଯୋଗ କରିଥିଲେ। କିଛିଦିନ ଧରି ଗୋପ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟରେ କାର୍ଯ୍ୟରତ ସୁପରଭାଇଜରମାନେ ଅଙ୍ଗନୱାଡ଼ି କେନ୍ଦ୍ରକୁ ନ ଯିବା, ସରକାରୀ ଯୋଜନାରେ ଆସୁଥିବା ଜିନିଷଗୁଡିକ ବିଭିନ୍ନ କେନ୍ଦ୍ରରେ ନ ଥିବା ଏଭଳି ବିଭିନ୍ନ ଅଭିଯୋଗ ହେଉଥିଲା। ଏପରି କି ଶିଶୁମାନେ ଭୋକରେ ଫେରିବା ଜଣାପଡ଼ିଥିଲା। ଏପରି କି ପୂର୍ବତନ ସିଡିପିଓଙ୍କ ଦେହାନ୍ତ ହେବା ପରେ ଅର୍ଡର ହୋଇଥିବା ସିଡିପିଓ ଯୋଗ ନ ଦେବା ଫଳରେ ଏପରି ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା। ଏହି ଅଭିଯୋଗ ଉପରେ ତୁରନ୍ତ ସବୁ ସୁପରଭାଇଜରଙ୍କୁ ଅନ୍ୟତ୍ର ବଦଳି ସହ ନୂତନ ସିଡିପିଓଙ୍କୁ ଯୋଗ ଦେବାକୁ ବିଡିଓ ଦୀପ୍ତି ରାଣୀ ଦାସଙ୍କୁ ମନ୍ତ୍ରୀ ଦାଶ ନିର୍ଦ୍ଦେଶ ଦେଇଥିବାବେଳେ ଜିଲାପାଳଙ୍କୁ ଅବଗତ କରିବା ଲାଗି କହିଛନ୍ତି।

# ଅନଭିଜ୍ଞ ଚାଳକ ଚଳାଉଛନ୍ତି ସ୍କୁଲ ଗାଡ଼ି, ବିପଦରେ ପିଲା

**ଗୋପ,୧୫।୧୧(ଡି.ଏନ୍.ଏ.)**

**ନାହିଁ ଗାଡ଼ି କାଗଜପତ୍ର, ଡ୍ରାଇଭିଂ ଲାଇସେନ୍ସ**

ଗୋପ ବ୍ଲକ ଅଞ୍ଚଳରେ ବେଆଇନ ଭାବେ ୪୦ରୁ ଊର୍ଦ୍ଧ୍ୱ ଘରୋଇ ସ୍କୁଲ ଚାଲୁଛି। ସେଠାରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ ଘରୁ ନେବା ଆଣିବା କରିବା ପାଇଁ ସ୍କୁଲ ପକ୍ଷରୁ ଅଟୋରିକ୍ସା ବ୍ୟବସ୍ଥା ରହିଛି। ତେବେ ପିଲାଙ୍କୁ ଗାଡ଼ିରେ ଅଖା ବସ୍ତା ଭଳି ନିଆଯାଉଥିବା ସହ ଗାଡିକୁ ଅନଭିଜ୍ଞ ଚାଳକମାନେ ଗାଡିର ବିନା କାଗଜପତ୍ରରେ ଚଳାଉଥିବା ଅଭିଯୋଗ ହୋଇଛି।

ସୂଚନା ମୁତାବକ, ଗୋପ ବ୍ଲକ ଅନ୍ତର୍ଗତ ଗୋପ, ପଲ୍ଲି ଛକ, ନାଗପୁର, ଦଳନଇ, ଛଇତନା, ନୟାହାଟ, ବେଗୁନିଆ, ବଡତରା ସମେତ ଆଉ କେତେକ ସ୍ଥାନରେ ବିନା କାଗଜପତ୍ରରେ ଘରୋଇ ସ୍କୁଲ ଚାଲୁଛି। ପିଲାମାନେ ଯିବାଆସିବା କରୁଥିବା ଅଟୋରିକ୍ସାର କାଗଜପତ୍ର ଏବଂ ଡ୍ରାଇଭରଙ୍କ ଲାଇସେନ୍ସ ନ ଥିବା ଜଣାପଡିଛି। ସରକାରଙ୍କ ନିୟମ ମୁତାବକ, ବିଦ୍ୟାଳୟରେ ବ୍ୟବହୃତ ଗାଡିର କାଗଜପତ୍ର ଏବଂ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ସ୍କୁଲ କର୍ତ୍ତୃପକ୍ଷଙ୍କ ପାଖରେ ରହିବା ଆବଶ୍ୟକ। କିନ୍ତୁ ଏହି ସବୁ ନିୟମର ଖୋଲାଖୋଲି ଭାବେ ଉଲ୍ଲଙ୍ଘନ ହେଉଥିବା ଜଣାପଡିଛି। ନିୟମିତ ଭାବେ ଜିଲା ମୋଟରଯାନ ବିଭାଗ ପକ୍ଷରୁ ଏହିସବୁ ଗାଡ଼ିକୁ ଯାଞ୍ଚ କରିବାର ବ୍ୟବସ୍ଥା ଥିବାବେଳେ ଏହା କେବଳ କାଗଜପତ୍ରରେ ସୀମିତ ରହୁଛି। ଆଉ ମଧ୍ୟ କେତେକ ଘରୋଇ ସ୍କୁଲର ଗୋଟିଏ କାଗଜପତ୍ରରେ ଏକାଧିକ ସ୍କୁଲ ଚାଲୁଥିବା ଅଭିଯୋଗ ରହିଛି। ଯଦି ଦୁର୍ଘଟଣା ଘଟେ, ଏଥିପାଇଁ କିଏ ଦାୟୀ ରହିବ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ପ୍ରସଙ୍ଗରେ ଗୋଟିଏ ଘରୋଇ ସ୍କୁଲର କର୍ତ୍ତୃପକ୍ଷଙ୍କୁ ପଚାରିବାରେ, ସେ ସବୁ କିଛି ଅଧା ଅଧା ହୋଇ ଚାଲୁଥିବା କହିଛନ୍ତି। ବିଇଓ ସୁଶୀଲ ବ୍ରହ୍ମାଙ୍କୁ ପଚାରିବାରେ, ଏ ବାବଦରେ ତାଙ୍କ ପାଖରେ କୌଣସି ଅଭିଯୋଗ ହୋଇ ନାହିଁ। ଯଦି ସ୍କୁଲ କର୍ତ୍ତୃପକ୍ଷ ନିୟମକୁ ଉଲ୍ଲଘନ କରି ପିଲାଙ୍କ ଜୀବନକୁ ବିପଦରେ ପକାଉଛନ୍ତି, ସେଥିପ୍ରତି ସେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।

# ଜମିକୁ କେନାଲ ପାଣି ଛାଡ଼ିବା ପାଇଁ ଦାବି

**ଡେଲାଙ୍ଗ,୧୫।୧୧(ଡି.ଏନ୍.ଏ)**

ଡେଲାଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତର ଚାଷୀମାନେ ଏବେ ଖରିଫ ଧାନ ଚାଷ କରୁଛନ୍ତି। ହେଲେ ଜମିରେ ପାଣି ଆସୁ ନ ଥିବାରୁ ଚାଷୀ ନାହିଁ ନ ଥିବା ହଇରାଣର ସମ୍ମୁଖୀନ ହେଉଛନ୍ତି। ପାଣି ନ ପାଇ ଧାନବିଲ ଫାଟି ଆଁ କଲାଣି। ଫଳରେ ଅନେକ ଚାଷୀଙ୍କ ଧାନଫସଲ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି। ଏ ନେଇ ହୁମର, ଗୁଆଳିପଡା, କୁଞ୍ଜିର, ମାଛପଡା ପ୍ରଭୃତି ଗ୍ରାମର ଅନେକ ଚାଷୀ ଜଳ ବିଭାଗ ଅଧିକାରୀଙ୍କ ନିକଟରେ କେନାଲ ପାଣି ଛାଡିବା ପାଇଁ ନିବେଦନ କରିଥିଲେ। ହେଲେ ବିଭାଗ ପକ୍ଷରୁ କୌଣସି କର୍ଣ୍ଣପାତ କରାଯାଉ ନାହିଁ। ମାଛପଡା, ହୁମର, ଥେଣ୍ଟଣା ମାଇନରରେ କେନାଲ ପାଣି ନ ଆସିବାରୁ ଶହଶହ ଏକର ଧାନଫସଲ ନଷ୍ଟ ହେବାକୁ ବସିଲାଣି। ତେଣୁ କେନାଲ ପାଣି ଛାଡିବାକୁ ପୂର୍ବତନ ସରପଞ୍ଚ କାଳନ୍ଦୀଚରଣ ଜେନା, ଚାଷୀ ରମେଶ ଚନ୍ଦ୍ର ନାୟ, ମନୋଜ ପରିଡା, ବିମ୍ବାଧର ପରିଡା, ବିପିନି ପରିଡା ପ୍ରମୁଖ ଚାଷୀ ଜଳ ବିଭାଗ ନିକଟରେ ନିବେଦନ କରିଛନ୍ତି। ସୂଚନାଥାଉକି, ଭାର୍ଗବୀ ଡାହାଣପଟ ସିଷ୍ଟମ ସାକ୍ଷୀଗୋପାଳର ମୁଖ୍ୟ କେନାଲରୁ ଏହି ମାଇନରଗୁଡିକ ବାହାରିଛି।

# ନିର୍ଭୀକତାର ସହ ଖବର ପରିବେଷଣ ଉପରେ ଗୁରୁତ୍ୱ

**ସାକ୍ଷୀଗୋପାଳ,୧୫।୧୧(ସ୍ୱ.ପ୍ର./ଡି.ଏନ୍.ଏ.)**

**ସତ୍ୟବାଦୀ ପ୍ରେସ କ୍ଲବର ସାଙ୍ଗଠନିକ ଆଲୋଚନା**

ସତ୍ୟବାଦୀ ପ୍ରେସ କ୍ଲବର ସମସ୍ତ ସଦସ୍ୟଙ୍କୁ ନେଇ ମଙ୍ଗଳବାର ସାକ୍ଷୀଗୋପାଳ ମନ୍ଦିର ପାନ୍ଥଶାଳା ପରିସରରେ କ୍ଲବର ସାଙ୍ଗଠନିକ ସମସ୍ୟା ସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରେସ କ୍ଲବ ସଭାପତି କିଶୋର ଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ସତ୍ୟବାଦୀରେ ସତ୍ୟବାଦୀ ପ୍ରେସ କ୍ଲବ ବହୁ ପୁରାତନ ଅନୁଷ୍ଠାନ ହୋଇଥିବାରୁ ପ୍ରତ୍ୟେକ ସଦସ୍ୟ ନିରପେକ୍ଷ ଓ ନିର୍ଭୀକତା ସହିତ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ଖବର ପରିବେଷଣ ଉପରେ ଗୁରୁତ୍ୱ ଦେବାକୁ ସଭାପତି କହିଥିଲେ। ଖବର ପରିବେଷଣ ସମୟରେ ସୃଷ୍ଟି ହେଉଥିବା ପ୍ରତ୍ୟେକ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରିବା ସହ ସୁରକ୍ଷାକୁ ପ୍ରଥମେ ଦୃଷ୍ଟି ଦେବା ଉଚିତ୍ । ଏଥିସହ ସଦସ୍ୟଙ୍କ ସୁବିଧା ଅସୁବିଧା ସମୟରେ ଅନୁଷ୍ଠାନର ସମସ୍ତ ସଦସ୍ୟ ଏକ ହୋଇ କାର୍ଯ୍ୟ କରିବେ ବୋଲି ସମ୍ପାଦକ ବେହେରା ଓ କୋଷାଧ୍ୟକ୍ଷ ପଟ୍ଟନାୟକ ମତ ରଖିଥିଲେ। ସତ୍ୟବାଦୀର ଖବରଦାତା ପୂର୍ଣ୍ଣାନନ୍ଦ ତ୍ରିପାଠୀ ସତ୍ୟବାଦୀ ପ୍ରେସ କ୍ଲବରେ ଯୋଗଦେଇ ନୂତନ ସଦସ୍ୟ ହୋଇଥିବାରୁ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଶେଷରେ ସତ୍ୟବାଦୀରେ ପ୍ରମୁଖ ଗଣମାଧ୍ୟମକୁ ସରକାରୀ ଓ ବେସରକାରୀ ସ୍ତରରେ ଅଣଦେଖା କରି ଅଣପଞ୍ଜୀକୃତ ତଥା ୱେବ ଗଣମାଧ୍ୟମରେ ବିଭ୍ରାନ୍ତିକର ଖବର ପ୍ରସାରଣ କରାଯାଉଥିଛି, ସେଥିପାଇଁ ପାଠକମାନେ ଠିକ୍ ଖବର ପାଇବାରୁ ବଞ୍ଚିତ ହେଉଛନ୍ତି। ଏହା ସମ୍ପୂର୍ଣ୍ଣ ପ୍ରେସ ଆଇନ ର ଉଲ୍ଲଂଘନ କରୁଛି। ଏହା ଉପରେ ଗୁରୁତ୍ୱ ଦେବା ପାଇଁ ଅନୁଷ୍ଠାନର ସମସ୍ତ ସଦସ୍ୟ ସତ୍ୟବାଦୀ ବିଡିଓ ଲୋଚନ ଦାସଙ୍କୁ ଭେଟି ଜଣାଇବା ପାଇଁ ଆଲୋଚନା କରିଥିଲେ। ବୈଠକରେ ସମ୍ପାଦକ ଅଶୋକ କୁମାର ବେହେରା, କୋଷାଧ୍ୟକ୍ଷ ବସନ୍ତ ପଟ୍ଟନାୟକଙ୍କ ସମେତ ପ୍ରଶାନ୍ତ ବାରିକ, ଅମର ଶତପଥୀ, ପ୍ରଭାତ କୁମାର ମିଶ୍ର, ଭରତ ରାଉତ, ଆଲୋକ ଖୁଣ୍ଟିଆ, ଅଶୋକ ମିଶ୍ର, ରାଜକିଶୋର ସେନାପତି, ଉପେନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ।



ସାଙ୍ଗଠନିକ ଆଲୋଚନାରେ ସତ୍ୟବାଦୀ ପ୍ରେସ କ୍ଲବର ସମସ୍ତ ସଦସ୍ୟ ।

# ରାଉରକେଲାକୁ ହରାଇ ଗଣ୍ଡରପୁର ବିଜୟୀ



ନିମାପଡ଼ା ଆଥଲେଟିକ ଆସୋସିଏଶନ ପକ୍ଷରୁ ବାରବାଟୀ ଗ୍ରାଉଣ୍ଡରେ ଆୟୋଜିତ ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତାରେ ଅନୁଷ୍ଠିତ ମ୍ୟାଚରେ ଅତିଥିଙ୍କ ସହ ଖେଳାଳିମାନେ।

**ନିମାପଡ଼ା,୧୫।୧୧(ଡି.ଏନ୍.ଏ.)**

**ରାଜ୍ୟସ୍ତରୀୟ ୮ମ ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ଫୁଟ୍‌ବଲ**

ନିମାପଡ଼ା ଆଥଲେଟିକ୍ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ଆୟୋଜିତ ରାଜ୍ୟସ୍ତରୀୟ ୮ମ ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ଫୁଟବଲ୍ ପ୍ରତିଯୋଗିତା ମଙ୍ଗଳବାର ୩ୟ ଦିନରେ ପହଞ୍ଚିଛି। ୩ୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ୱାଇ ବିସି ରାଉରକେଲାକୁ ୨-୦ ଗୋଲରେ ପରାସ୍ତ କରି ୟୁଏଫ୍‌ସି ଗଣ୍ଡରପୁର ଭୁବନେଶ୍ୱର ବିଜୟ ହାସଲ କରିଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ୟୁଏଫ୍‌ସି ଦଳର ଖେଳାଳି କାବୁଲାଲ୍ ସାହୁ ଗୋଟିଏ ବଲ୍ ଗୋଲ ସ୍କୋର କରିଥିବାବେଳେ ମ୍ୟାଚ୍‌ର ୨ୟାର୍ଦ୍ଧରେ ସେହି ଦଳର ଅନ୍ୟତମ ଖେଳାଳି ଦୀନବନ୍ଧୁ ଦାସ ଗୋଟିଏ ଗୋଲ କରିଥିଲେ। ମ୍ୟାଚ୍‌ରେ ଉତ୍ତମ ପ୍ରଦର୍ଶନ ପାଇଁ ବିଜୟୀ ଦଳର ଖେଳାଳି ରାଜେଶ ନାୟକଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇ ପୁରସ୍କୃତ କରାଯାଇଥିଲା। ରେଫରି ଭାବେ ସୁଦୀପ୍ତ ଦାସ, କୀର୍ତ୍ତିରଞ୍ଜନ ସ୍ୱାଇଁ, ପ୍ରିୟବ୍ରତ ବାହିନୀପତି, ସମର ବରାଳ, ପଦ୍ମଚରଣ ପାଣିଗ୍ରାହୀ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥି ଭାବେ ତହସିଲଦାର ସ୍ତୁତିପ୍ରଜ୍ଞା ପ୍ରିୟଦର୍ଶିନୀ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ଆଚାର୍ଯ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଇନ୍ଦିରା ଗାନ୍ଧୀ ଡିଗ୍ରୀ କଲେଜ ଅଧ୍ୟକ୍ଷ ଶ୍ରଦ୍ଧାଞ୍ଜଳି ସାହୁ, ବ୍ୟବସାୟୀ ଲୋକନାଥ ସାହୁ ପ୍ରମୁଖ ଯୋଗଦେଇଥିଲେ। ଯୁବ କ୍ରୀଡ଼ାବିତ୍ ପ୍ରକାଶ ବରାଳ, ଜିତେଶ କାନୁନ୍‌ଗୋ, ବୀରେନ୍ ବରାଳ, ପ୍ରକାଶ ସ୍ୱାଇଁ ପ୍ରମୁଖ ମ୍ୟାଚ୍‌ରେ ସଂଯୋଜନା ଓ ସହାୟତା କରିଥିଲେ। ମ୍ୟାଚ୍‌ର ୪ର୍ଥ ଦିବସରେ ଡିଏଫ୍‌ଏ କୋରାପୁଟ୍ ଏବଂ ୟୁନାଇଟେଡ୍ ଏଫ୍‌ସି ଭଦ୍ରକ ମୁହାଁମୁହିଁ ହେବେ।

# ଅନିଶ୍ଚିତତାରେ ବାୟୋମାଇନିଂ ପ୍ରକଳ୍ପ

ଭୁବନେଶ୍ୱର, ୧୫।୧୧ (ବ୍ୟୁରୋ)

ପୁଣି ଝୁଲିଲା ବହୁ ପ୍ରତିକ୍ଷୀତ ଭୁଆସୁଣି ବାୟୋମାଇନିଂ ପ୍ରକଳ୍ପ। ବିଏମ୍‌ସି ଅଳିଆ ଗାଡ଼ି ଧକ୍କାରେ ଦାରୁଠେଙ୍ଗ ଗ୍ରାମର ଦୁଇଜଣଙ୍କ ମୃତ୍ୟୁ ପରେ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ଫଳରେ ଭୁଆସୁଣି ଡମ୍ପିଂୟାର୍ଡରେ ବାୟୋମାଇନିଂ ପ୍ରକଳ୍ପ କରାଇ ଦେବେ ନାହିଁ ବୋଲି ଗ୍ରାମବାସୀ ଜିଦ୍ ଧରି ବସିଛନ୍ତି। ଏହା ଭିତରେ ସେମାନଙ୍କୁ ମନାଇବାକୁ ଚେଷ୍ଟା କରି ବିଏମ୍‌ସି ଫେଲ୍ ମାରିଥିବାବେଳେ ଗ୍ରାମବାସୀ ନିଜ ଭିତରେ ଆଲୋଚନା କରି ଫଳାଫଳ ଜଣାଇବେ ବୋଲି କହିଛନ୍ତି। ତେଣୁ ଏବେ ଗ୍ରାମବାସୀଙ୍କ ନିଷ୍ପତ୍ତିକୁ ଚାହିଁ ବସିଛି ବିଏମ୍‌ସି। ଯଦି ପୂର୍ବଥର ଭଳି ଏଥର ଗ୍ରାମବାସୀ ନିଜ ଜିଦ୍‌ରେ ଅଟଳ ରୁହନ୍ତି ତେବେ ବିଏମ୍‌ସି ପୁଣି ଥରେ ହରଡ଼ଘଣାରେ ପଡ଼ିବା ଏକପ୍ରକାର ନିଶ୍ଚିତ ହୋଇଯାଇଛି। ଗତଥର ବିଏମ୍‌ସି ଅଳିଆ ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ ପରେ ଗ୍ରାମବାସୀ ବାୟୋମାଇନିଂ କରାଇ ଦେବେନାହିଁ ବୋଲି ରୋକଠୋକ ମନା କରି ଦେଇଥିଲେ। ଯେତେ ବୁଝାଇଥିଲେ ମଧ୍ୟ ସେମାନେ ବୁଝି ନ ଥିଲେ। ଶେଷରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକରେ ସମାଧାନ ହୋଇଥିଲା। ମାତ୍ର ୨ମାସ ଭିତରେ ପୁନର୍ବାର ଅଳିଆ ଗାଡ଼ି ଧକ୍କାରେ ଆଉ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ପରେ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇଥିଲେ। ପୁନର୍ବାର ଯେପରି ସେମାନେ ଅଳିଆ ପକାଇବା କିମ୍ବା ପ୍ରକଳ୍ପକୁ ବିରୋଧ ନ କରିବେ ସେଥିପାଇଁ ସଙ୍ଗେସଙ୍ଗେ ବିଏମ୍‌ସି ପକ୍ଷରୁ ସମ୍ପୃକ୍ତ ବ୍ୟକ୍ତିଙ୍କ ପରିବାରକୁ ୫ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଇଥିଲା।

## ବିଏମ୍‌ସିର ଟିଟିଏସ୍ ଚିନ୍ତା

ଭୁବନେଶ୍ୱର, ୧୫।୧୧ (ବ୍ୟୁରୋ):

ବିଏମ୍‌ସିର ମୁଣ୍ଡବିନ୍ଧା ପାଲଟିଛି ଅଳିଆ। କେତେବେଳେ ଡମ୍ପିଂୟାର୍ଡରେ ଅଳିଆ ପକାଇବାକୁ ନେଇ ତ ଆଉ କେତେବେଳେ ସହରର ବିଭିନ୍ନ ସ୍ଥାନରୁ ଅଳିଆ ଉଠାଇବାକୁ ନେଇ ସବୁବେଳେ ଚର୍ଚ୍ଚାରେ ରହୁଛି ବିଏମ୍‌ସି। ଏବେ ସୈନିକ ସ୍କୁଲ ପାଖରେ ଥିବା ଟିଟିଏସ୍ (ଟେମ୍ପରାରୀ ଟ୍ରାନ୍‌ଜିଟ୍ ଷ୍ଟେସନ)ରୁ କିପରି ଅଳିଆ ଉଠିବ ତାକୁ ନେଇ ମାନସ ମନ୍ଥନ ଚାଲିଛି। ଟିଟିଏସ୍‌ରେ ଆବର୍ଜନାପୂର୍ଣ୍ଣ ହୋଇ ଉଛୁଳିଲାଣି। ସ୍ଥିତି ଏପରି ଯେ ଟିଟିଏସ୍ ପାଚେରୀ ଭିତରେ ଅଳିଆ ପକାଇଲେ ତାହା ଆସି ବାହାରେ ପଡୁଛି। ତେଣୁ ଏଠାରୁ କିଭଳି ଅଳିଆ ଭୁଆସୁଣି ଡମ୍ପିଂୟାର୍ଡକୁ ସ୍ଥାନାନ୍ତର ହେବ ସେ ନେଇ ବିଏମ୍‌ସି ଚିନ୍ତାରେ ପଡିଛି। ମଙ୍ଗଳବାର ମେୟର ସୁଲୋଚନା ଦାସ ନିଜେ ଟିଟିଏସ୍ ଯାଇ ସ୍ଥିତି ସମୀକ୍ଷା କରିଛନ୍ତି।



ଅଧିକାରୀ ଏବଂ ମେୟର ସୁଲୋଚନା ଦାସ ଆଲୋଚନା କରୁଛନ୍ତି।

- ଦୈନିକ ଉଠିବ ୧ଶହ ଟ୍ରିପ୍ ଅଳିଆ
- ୧ମାସ ଭିତରେ ଅଳିଆ ସ୍ଥାନାନ୍ତର

ଟିଟିଏସ୍‌ରୁ ଭୁଆସୁଣି ଡମ୍ପିଂୟାର୍ଡକୁ ଅଳିଆ ନେବା ପାଇଁ ସଫେଇ ସଂସ୍ଥା 'ଜାଗୃତି' ଟେଣ୍ଡର ନେଇଛି। ତେଣୁ ସେଠାରୁ ତୁରନ୍ତ ଅଳିଆ ଖାଲି କରିବା ପାଇଁ ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବରୁ ଦୈନିକ ୫୦ ଗାଡ଼ି ଲାଗୁଥିଲା। ଏବେ ଗାଡ଼ି ସଂଖ୍ୟା ବୃଦ୍ଧି କରିବା ସହ ଦୈନିକ ପ୍ରାୟ ୧ଶହ ଟ୍ରିପ୍ ଅଳିଆ ଉଠାଇବା ପାଇଁ ଯୋଜନା ରହିଥିବା ବିଏମ୍‌ସି ଅଧିକାରୀ କହିଛନ୍ତି। ଖୁବ୍‌ଶୀଘ୍ର ଫୁଲ୍‌ଫେଜ୍‌ରେ ପୁଣିଥରେ କାମ ଆରମ୍ଭ ହେବ। ପ୍ରାୟ ୧ମାସ ଭିତରେ ଟିଟିଏସ୍‌ରୁ ଆବର୍ଜନା ଖାଲି ହେବ ବୋଲି ସୂଚନା ଦିଆଯାଇଛି।

## ଗ୍ରାମବାସୀଙ୍କୁ ମନାଇବାକୁ ଚେଷ୍ଟା କରୁଛି ବିଏମ୍‌ସି

ଏଥିସହ ପରିବାରର ଜଣଙ୍କୁ ଚାକିରି ଦେବା ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ତଥାପି ଗ୍ରାମବାସୀ ଏକ ସପ୍ତାହ ଧରି ଅଳିଆ ପକାଇବାକୁ ଦେଇ ନ ଥିଲେ। ପରେ ସେମାନଙ୍କ ସହ ଆଲୋଚନା କରି ଆବଶ୍ୟକୀୟ ପଦକ୍ଷେପ ନେଇ ଅଳିଆ ପକା ଆରମ୍ଭ ହୋଇଛି। ଗ୍ରାମବାସୀ ଏଥର ସହଜରେ ମାନି ଯାଇଥିବାରୁ ପ୍ରକଳ୍ପ କାମରେ କୌଣସି ସମସ୍ୟା ହେବନାହିଁ ବୋଲି ବିଏମ୍‌ସି ଆଶା କରିଥିଲା ମାତ୍ର ଗ୍ରାମବାସୀ ପ୍ରକଳ୍ପ କାର୍ଯ୍ୟ କରାଇ ଦେବେ ନାହିଁ ବୋଲି ଅଡ଼ି ବସିଛନ୍ତି। ତେଣୁ ସେମାନଙ୍କୁ ପୁଣି କିପରି ବୁଝାସୁଝା କରାଯିବ ତାହା ଚିନ୍ତାର କାରଣ ପାଲଟିଛି।

ସୂଚନାଯୋଗ୍ୟ, ପ୍ରକଳ୍ପ ପାଇଁ ଚିହ୍ନଟ ହୋଇଥିବା ସ୍ଥାନରେ ବିଏମ୍‌ସି ସଫେଇ କାର୍ଯ୍ୟ ଆରମ୍ଭ କରିଥିଲା। ଏହାପରେ ପାଚେରୀ ବୁଲାଇବା ଏବଂ ମେସିନ୍ ଇନ୍‌ଷ୍ଟାଲେସନ୍ କାର୍ଯ୍ୟ ଆରମ୍ଭ ହେବାର ଥିଲା। ଆସନ୍ତା ଜାନୁୟାରୀ କିମ୍ବା ଫେବୃୟାରୀ ସୁଦ୍ଧା ମେସିନ୍ ଇନ୍‌ଷ୍ଟାଲେସନ୍ କାମ ସରିବା ପରେ ବାୟୋମାଇନିଂ କାମ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଥିଲା।

# ୬ ମାସରେ କଟିଛି ୨୫ ହଜାର ଚାଲାଣ

ଭୁବନେଶ୍ୱର, ୧୫।୧୧ (ବ୍ୟୁରୋ)

ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ପକ୍ଷରୁ ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କ ଉପରେ ନଜର ରଖିବା ପାଇଁ ସିସି କ୍ୟାମେରା ଲଗାଯାଇଛି। ସହରର ମୋଟ୍ ୩୩ଟି ସ୍ଥାନରେ ୩୦୦ କ୍ୟାମେରାରେ ଟ୍ରାଫିକ୍ ନିୟମ ଅବମାନନା ସମ୍ପର୍କିତ ଚିତ୍ର କଏଦ ହେଉଛି। ଏହି କ୍ରମରେ ଗତ ୬ମାସ ମଧ୍ୟରେ ୨୫ ହଜାର ୨୭୪ ଜଣ ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କର ପୋଲିସ୍ ଚାଲାଣ କାଟିଛି। ବିଏସ୍‌ସିଏଲ୍ ପକ୍ଷରୁ ମିଳିଥିବା ସୂଚନାନୁସାରେ ଗତ ମେ' ମାସରେ ୮୦,୭୫୮ ଜଣ ଦ୍ରୁତ ଗତିରେ ଗାଡ଼ି ଚାଳନା କରିଥିବାବେଳେ ଜୁନ୍‌ରେ ୪୫,୬୬୬ ଜଣ, ଜୁଲାଇରେ ୧,୨୨,୭୦୩ଜଣ, ଅଗଷ୍ଟରେ ୨,୭୪,୩୬୬ଜଣ, ସେପ୍ଟେମ୍ବରରେ ୨,୨୨,୭୯୫ଜଣ ଓ ଅକ୍ଟୋବରରେ ୨,୪୭, ୪୭୨ଜଣ ନିର୍ଦ୍ଧାରିତ ବେଗରୁ ଅଧିକ ବେଗରେ ଗାଡ଼ି ଚଳାଇଥିବା ଅଟୋମେଟିକ୍ ନମ୍ବର ପ୍ଲେଟ୍ ରେକଗ୍‌ନାଇଜେଶନ (ଏଏନ୍‌ପିଆର) ସିଷ୍ଟମ ମାଧ୍ୟମରେ ଜଣାପଡ଼ିଛି। ଅନ୍ୟପଟେ ଟ୍ରାଫିକ୍‌ରେ ରେଡ୍ ସିଗନାଲକୁ ଅବମାନନା କରିଛନ୍ତି ଟ୍ରାଫିକ୍ ଉଲ୍ଲଂଘନକାରୀ। ମେ' ମାସରେ ୧,୧୨,୪୫୭ଜଣ, ଜୁନ୍‌ରେ ୭୦, ୪୫୫, ଜୁଲାଇରେ ୧,୯୫, ୧୭୧ ଜଣଙ୍କ ଚାଲାଣ କଟାଯାଇଛି।

## ସଂକ୍ଷେପରେ

### ପୋଲିସକୁ ଧକ୍କା ଦେଇ ଅଭିଯୁକ୍ତ ଫେରାର

ପୁରୀ ଅଫିସ,୧୫।୧୧: ପୁରୀ ବାସେଲିସାହି ଥାନା ପରିସରରେ ଏକ ଅଭାବନୀୟ ଘଟଣା ଘଟିଛି। ଥାନା ପରିସରରେ ଥିବା ଜଣେ ଅଭିଯୁକ୍ତ ପୋଲିସକୁ ଧକ୍କା ଦେଇ ଫେରାର ହୋଇଯାଇଛି। ଯାହାକୁ ନେଇ ବାସେଲି ସାହି ଥାନା ପୋଲିସ ଚିନ୍ତାରେ ପଡିଛି। ତେବେ ଖସି ପଳାଇଥିବା ଅଭିଯୁକ୍ତ ହେଉଛି ସେହି ଥାନା ଅନ୍ତର୍ଗତ ଗୋଖା ସାହିର ବାବୁନା ଭୋଇ (୧୯)। ପୋଲିସ ଖୋଜାଖୋଜି କରି ନ ପାଇବାରୁ ଶେଷରେ ମଙ୍ଗଳବାର ପୋଲିସ ନିଜ ଆଡୁ ଏକ ମାମଲା(ନଂ.୨୯୦/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, କିଛିଦିନ ତଳେ ବାବୁନା ଜଣେ ବ୍ୟକ୍ତିଙ୍କ ହାତକୁ କାମୁଡି ତାଙ୍କ ନିକଟରୁ ଏକ ମୋବାଇଲ ଚୋରି କରିନେଇଯାଇଥିଲେ। ଏ ନେଇ ବ୍ୟକ୍ତି ଜଣକ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ନଂ.୨୭୧/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ତେବେ ଅଭିଯୁକ୍ତ ବାବୁନାକୁ ପୋଲିସ ରବିବାର ଗିରଫ କରି ଥାନାକୁ ଆଣି ରଖିଥିଲା। ହେଲେ ବାବୁନା ସେଦିନ ରାତିରେ ପରିସ୍ରା କରିବାକୁ ଦାୟିତ୍ୱରେ ଥିବା ଜଣେ ପୋଲିସ କର୍ମଚାରୀଙ୍କୁ କହିଥିଲେ। ଫଳରେ କର୍ମଚାରୀ ଅଭିଯୁକ୍ତଙ୍କ ହାତରେ ହ୍ୟାଣ୍ଡକପ୍ ନ ପକାଇ ତାକୁ ବାହାରକୁ ଆଣିଥିଲେ। ଏହି ସମୟରେ ଅଭିଯୁକ୍ତ ଉକ୍ତ ପୋଲିସ କର୍ମଚାରୀଙ୍କୁ ଧକ୍କା ଦେଇ ସେଠାରୁ ଚମ୍ପଟ ମାରିଥିଲା। ତେବେ ପୋଲିସ କର୍ମଚାରୀ ତା' ପଛରେ ଗୋଡ଼ାଇ ଥିଲେ ମଧ୍ୟ ଧରିବାରେ ସଫଳ ହୋଇପାରି ନଥିଲେ। ଗତ ଦୁଇଦିନ ହେଲା ଅଭିଯୁକ୍ତ ବାବୁନାକୁ ଧରିବା ପାଇଁ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିବା ସହ ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧାନ ମିଳି ନାହିଁ।

### ବିଦ୍ୟାଳୟରେ ଶିଶୁ ଦିବସ

କୃଷ୍ଣପ୍ରସାଦ,୧୫।୧୧(ଡି.ଏନ୍.ଏ.): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ପାରିକୁଦ ଲକ୍ଷ୍ମଣ ଚନ୍ଦ୍ର ନୋଡ଼ାଲ ବିଦ୍ୟାପୀଠ ପରିସରରେ ଶିଶୁ ଦିବସ ଉପଲକ୍ଷେ ବିଦ୍ୟାଳୟ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୈକୁଣ୍ଠ ନାଥ ନାୟକ, ସହକାରୀ ଶିକ୍ଷକ ହେମନ୍ତ କୁମାର ଜେନା, ଖେଳ ଶିକ୍ଷକ ପଦ୍ମ ଚରଣ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ବିସ୍କୁଟ, ଚକୋଲେଟ ଦିଆଯାଇଥିଲା। ବିଦ୍ୟାଳୟର ସମସ୍ତ କର୍ମଚାରୀ ଏଥିରେ ସହଯୋଗ କରିଥିଲେ। ପିଲାମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା।

### ମୃତ ଏସ୍‌ଆଇଙ୍କ ପରିବାର ସଦସ୍ୟଙ୍କୁ ନିଯୁକ୍ତି ଦେଲା ବିଏମସି

ଭୁବନେଶ୍ୱର,୧୫।୧୧(ବ୍ୟୁରୋ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ରେ ସାନିଟାରୀ ଇନ୍ସପେକ୍ଟର ଭାବେ କାର୍ଯ୍ୟରତ ଥିବା ପି. ରିତିକ ରୋହନଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବାରୁ ତାଙ୍କ ପରିବାର ସଦସ୍ୟଙ୍କୁ ବିଏମ୍‌ସି ପକ୍ଷରୁ ନିଯୁକ୍ତି ଦିଆଯାଇଛି। ରିତିକଙ୍କ ବଡ଼ଭାଇ ପି. ହ୍ରିତିକ ରୋଶନଙ୍କୁ ସାନିଟାରୀ ଇନ୍ସପେକ୍ଟର ଭାବେ ନିଯୁକ୍ତି ମିଳିଛି। ସୂଚନାଥାଉ କି, ଗତ ୩୦ ତାରିଖ ରାତିରେ ରାଜମହଲ ଛକରେ ସଡ଼କ ଦୁର୍ଘଟଣାରେ ସାନିଟାରୀ ଇନ୍ସପେକ୍ଟର ପି. ରିତିକ ରୋହନଙ୍କର ମୃତ୍ୟୁ ଘଟିଥିଲା। ମୃତ ରିତିକ ପରିବାରର ଏକମାତ୍ର ରୋଜଗାରକ୍ଷମ ସଦସ୍ୟ ଥିଲେ। ତାଙ୍କର ମୃତ୍ୟୁ ପରେ ସମ୍ପୂର୍ଣ୍ଣ ପରିବାର ବେସାହାରା ହୋଇଯାଇଥିଲେ। ମୃତକଙ୍କ ପରିବାରରୁ ଜଣେ ସଦସ୍ୟଙ୍କୁ ବିଏମ୍‌ସିରେ ନିଯୁକ୍ତି ଦେବାକୁ ଦାବି ହୋଇଥିଲା । ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲା ବିଏମ୍‌ସି। ରୋଶନ ଡେପୁଟି କମିଶନର ଶୁଭେନ୍ଦୁ ସାହୁଙ୍କ ଉପସ୍ଥିତିରେ ନିଯୁକ୍ତି ପତ୍ର ଗ୍ରହଣ କରିଛନ୍ତି। ବିଏମ୍‌ସିର ପଦକ୍ଷେପକୁ ହ୍ରିତିକଙ୍କ ପରିବାର ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି।

### 'ଓଡ଼ିଶା ଶକ୍ତି ସଂରକ୍ଷଣ କୋଠା କୋଡ୍' ଉପରେ ପ୍ରଶିକ୍ଷଣ

ଭୁବନେଶ୍ୱର,୧୫।୧୧(ବ୍ୟୁରୋ): ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ, ଦକ୍ଷିଣାଞ୍ଚଳ କର୍ତ୍ତୃପକ୍ଷ ଆନୁକୂଲ୍ୟରେ ଲୋକସେବା ଭବନ କନଭେନଶନ୍ ସେଣ୍ଟରଠାରେ 'ଓଡ଼ିଶା ଶକ୍ତି ସଂରକ୍ଷଣ କୋଠା କୋଡ୍ ୨୦୨୨' ଉପରେ ଏକ ଦିନିକିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ) ସୁରେଶ ଚନ୍ଦ୍ର ମହାରଣା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ପ୍ରତିନିଧିମାନଙ୍କୁ ସ୍ୱାଗତ କରିବା ସହ ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗ ଦ୍ୱାରା ସଦ୍ୟ ପ୍ରକାଶିତ 'ଓଡ଼ିଶା ଶକ୍ତି ସଂରକ୍ଷଣ କୋଠା କୋଡ୍'ର ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ଉପରେ ଆଲୋକପାତ କରିଥିଲେ।



ୟୁନିଟ୍ -୯ ସ୍ଥିତ ବାଳକ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ରାଜ୍ୟସ୍ତରୀୟ ସୁରଭିର ୨ୟ ଦିନ ମଙ୍ଗଳବାର ପିଲାମାନେ ମାଟିର ମୂର୍ତ୍ତି ଗଢୁଛନ୍ତି ।

# ବିଜ୍ଞାନ ମେଳାରେ ୧୧୨ ପ୍ରକଳ୍ପ

ବୋଲଗଡ଼,୧୫।୧୧(ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ ସଂପୁର ସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତା ଓ ଶିକ୍ଷୟିତ୍ରୀ ସ୍ମିତାସିନ୍ଧୁ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ବୋଲଗଡ଼ ଭାରପ୍ରାପ୍ତ ଗୋଷ୍ଠୀ ସହଶିକ୍ଷାଧିକାରୀ ଭିକାରୀ ପୃଷ୍ଟି ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତାଭାବେ ନୂଆସାହି ସାଧନ କେନ୍ଦ୍ର ସଂଯୋଜକ ବିଶ୍ୱରଞ୍ଜନ ସେଠୀ,ସମ୍ମାନିତ ବକ୍ତା ଖଇଁରିଆ ପଞ୍ଚାୟତ ସମିତିସଭ୍ୟା ବିନୋଦିନୀ ଦତ୍ତ, ଅତିଥିଭାବେ ସାଧନ କେନ୍ଦ୍ର ସଂଯୋଜକ ମନମୋହନ ମିଶ୍ର, ଧୀରେନ୍ ପାତ୍ର, କାର୍ତ୍ତିକ ଚନ୍ଦ୍ର ଦାସ, ଅଶୋକ ସାହୁ, ଚିନ୍ତାମଣି ସାହୁ, ପ୍ରଦୀପ ବଳବନ୍ତରାୟ, ପ୍ରକାଶ ଚନ୍ଦ୍ର ସାହୁ, ରବୀନ୍ଦ୍ର ନାୟକ ଯୋଗଦେଇ ମାନବ ସମାଜ ପ୍ରତି ବିଜ୍ଞାନର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାର୍ଥୀମାନେ ୧୧୨ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଛାତ୍ରୀ ଅଭିଲିପ୍ସା ଓ ଶ୍ରାବଣୀ ସମ୍ବଲପୁରୀ ନୃତ୍ୟ ମାଧ୍ୟମରେ ବିଜ୍ଞାନ ସମ୍ବନ୍ଧୀୟ ସଚେତନତା ବାର୍ତ୍ତା ପ୍ରଚାର କରିଥିଲେ। ପ୍ରଦର୍ଶିତ ହୋଇଥିବା ବିଭିନ୍ନ ପ୍ରକଳ୍ପରେ ୧ମ, ୨ୟ ଓ ୩ୟ ସ୍ଥାନ ଭାବେ ଚୟନ ହୋଇଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ସୌଦାମିନୀ ପରିଡ଼ା ଓ ସ୍ନେହଲତା ପାଇକରାୟ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ଶୈବାଳିକା ମଲ୍ଲିକ ଧନ୍ୟବାଦ ଦେଇଥିଲେ।



ବିଜ୍ଞାନମେଳାରେ ଉପସ୍ଥିତ ଅତିଥିମାନେ।

# ଗୁଳିକାଣ୍ଡ ଘଟଣା, ଆଉ ୨ ଗିରଫ

ପୁରୀ ଅଫିସ,୧୫।୧୧

ଚନ୍ଦନପୁର ଥାନା ଅନ୍ତର୍ଗତ ଥେଣ୍ଟପୁରୁ ଭାର୍ଗବୀ ହାଇସ୍କୁଲ ନିକଟରେ ପୂର୍ବ ଶତ୍ରୁତାକୁ ନେଇ ହୋଇଥିବା ଗୁଳିକାଣ୍ଡ ଘଟଣାରେ ଚନ୍ଦନପୁର ଥାନା ପୋଲିସ ପୂର୍ବରୁ ୩ଜଣ ଅଭିଯୁକ୍ତକୁ ଗିରଫ କରିଥିବାବେଳେ ଆଉ ୨ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଦୁଇ ଅଭିଯୁକ୍ତ ହେଲେ ସଦରଥାନା ଅନ୍ତର୍ଗତ ମୁକୁନ୍ଦମିଶ୍ର ନଗରର ଆଶିଷ ଖୁଣ୍ଟିଆ ଓରଫ ପପୁ ଏବଂ କୁମ୍ଭାରପଡା ଥାନା ଅନ୍ତର୍ଗତ ବଡଶଙ୍ଖ ବାଘ ଆଖଡା ଲେନ୍‌ର ଅଭିଷେକ ଜେନା। ଏମାନଙ୍କ ନିକଟରୁ ଗୁଳିକାଣ୍ଡରେ ବ୍ୟବହାର ହୋଇଥିବା ବନ୍ଧୁକ, ଗୁଳି ଏବଂ ଗୋଟିଏ ବାଇକ୍ ଜବତ କରିଛି। ଏ ନେଇ ପୋଲିସ ନଂ. ୨୬୧/୨୨ରେ ମାମଲା ରୁଜୁ ହୋଇଛି। ସୂଚନା ଅନୁଯାୟୀ, ସଦରଥାନା ମୁକୁନ୍ଦ ମିଶ୍ର ନଗରର ଦୀପକ ଖୁଣ୍ଟିଆ ହତ୍ୟାକୁ ନେଇ ଏହି ଗୁଳିକାଣ୍ଡ ଘଟଣା ଘଟିଥିଲା। ନିଲୁ ଓ ମୃତ ଦୀପକ ଖୁଣ୍ଟିଆଙ୍କ ପରିବାର ମଧ୍ୟରେ ପୂର୍ବରୁ ଶତ୍ରୁତା ଲାଗିରହିଥିଲା। ତେବେ ଗୁଳିକାଣ୍ଡ ଘଟଣାର ଦୁଇଦିନ ପୂର୍ବରୁ ଅର୍ଥାତ ଦୀପାବଳିର ଦୁଇଦିନ ପୂର୍ବରୁ ଅଭିଯୁକ୍ତମାନେ ନିଲୁକୁ ମାରିବା ପାଇଁ ଜଗିଥିଲେ। କିନ୍ତୁ ନିଲୁ ସେଦିନ ଖସିଯାଇଥିଲା। ଫଳରେ ଦୀପାବଳି ଦିନ ଅଭିଯୁକ୍ତମାନେ ନିଲୁକୁ ମାରିବା ପାଇଁ ପୁଣି ଜଗିରହିଥିଲେ। ୬ଜଣ ଅଭିଯୁକ୍ତ ଘଟଣାରେ ସମ୍ପୃକ୍ତ ଥିଲେ। ନିଲୁ ସେଇ ବାଟ ଦେଇ ଯିବାବେଳେ ଅଭିଯୁକ୍ତମାନେ ଗୁଳି କରିଥିଲେ। ଆଉ ଗୋଟିଏ ଗୁଳି ନିଲୁ ସହ ଥିବା ଶଙ୍କର ବେହେରା ଦେହରେ ବାଜିଥିଲା। ମେଡିକାଲରେ ଶଙ୍କରଙ୍କ ମୃତ୍ୟୁ ହୋଇଥିଲା ଓ ନିଲୁ ଆହାତ ହୋଇଥିଲା। ୬ ଅଭିଯୁକ୍ତଙ୍କ ମଧ୍ୟରୁ ୩ ଜଣ ପୋଲିସ ପୂର୍ବରୁ ଗିରଫ ହୋଇଥିବା ପୋଲିସ ୨ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି।

# ବିଜେଡିର ଜନସମ୍ପର୍କ ପଦଯାତ୍ରା



ବୋଲଗଡ଼,୧୫।୧୧(ଡି.ଏନ୍.ଏ.)

ବିଜୁ ଜନତା ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଓ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ଆହ୍ୱାନକ୍ରମେ ଅକ୍ଟୋବର ୨ରୁ ନଭେମ୍ବର ୧୫ ପର୍ଯ୍ୟନ୍ତ ଜନସମ୍ପର୍କ ପଦଯାତ୍ରା ଅବସରରେ ମଙ୍ଗଳବାର ବୋଲଗଡ଼ ବ୍ଲକ ଗୋପବନ୍ଧୁ ଛକରୁ ଆରମ୍ଭ ହୋଇ ବଜାର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ବ୍ଲକ ଅଧ୍ୟକ୍ଷା ହୁଲାସ ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ପଦଯାତ୍ରାରେ ବିଜେଡିର ଖୋର୍ଦ୍ଧା ଜିଲା ପର୍ଯ୍ୟବେକ୍ଷକ କୈଳାସ ପାତ୍ର, ଅନିଲ ଗୁମାନ୍‌ସିଂହ, ଅଭିଷେକ ସିଂହସାମନ୍ତ, ପ୍ରଫୁଲ୍ଲ ପ୍ରଧାନ, ପବିତ୍ର ମାଝି, ପ୍ରକାଶ ରାଉତରାୟ, ସତ୍ୟନାରାୟଣ ପ୍ରଧାନଙ୍କ ସମେତ ବ୍ଲକ ସଭାପତି, ଜିଲା ପରିଷଦ ସଭ୍ୟାସଭ୍ୟ, ସରପଞ୍ଚ, ସମିତି ସଭ୍ୟାସଭ୍ୟ, ଦଳୀୟ କର୍ମକର୍ତ୍ତା ସାମିଲ ହୋଇଥିଲେ। ପୂର୍ବତନ ସମିତିସଭ୍ୟ ବୀର ଦାସଙ୍କ ପରିଚାଳନାରେ ଏହି ପଦଯାତ୍ରା ମାଧ୍ୟମରେ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଘରେ ଘରେ ପହଞ୍ଚାଇବା କାର୍ଯ୍ୟକ୍ରମ ସଫଳ ହୋଇଥିଲା।

# ଶିଶୁଙ୍କ ସାଂସ୍କୃତିକ ବିକାଶ କରେ ଶିଶୁ ମହୋତ୍ସବ

ବୋଲଗଡ଼,୧୫।୧୧(ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ମାଣିକାଗୋଡ଼ ଗ୍ରାମ ଗଦାଧର ବାଞ୍ଛାନିଧି ସରକାରୀ ଉଚ୍ଚ ବିଦ୍ୟାଳୟର ବିଂଶତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ସହ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଯୋଗିନାଥ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ମହୋତ୍ସବରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ସଭ୍ୟା ସୁନନ୍ଦିତା ସାହୁ ମୁଖ୍ୟ ଅତିଥି, ଐତିହାସିକ ସତ୍ୟବାଦୀ ବଳିୟାରସିଂହ ମୁଖ୍ୟ ବକ୍ତା, ପ୍ରଫୁଲ୍ଲ କୁମାର ସୁବୁଦ୍ଧି ଓ ପତିତପାବନ ଦଳାଇ ସମ୍ମାନିତ ବକ୍ତା, ବ୍ଲକ ଅଧ୍ୟକ୍ଷା ହୁଲ୍ଲାସ ପ୍ରଧାନ, ସରପଞ୍ଚ ସତ୍ୟଭାମା ସ୍ୱାଇଁ, ସମିତିସଭ୍ୟା ମନସ୍ୱିତା ଦଳାଇ, ଆଲୁମ୍‌ନି କମିଟି ସଭାପତି ମଦନ ପ୍ରଧାନ, ପରିଚାଳନା କମିଟି ସଭାପତି ପ୍ରମୋଦ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ଉତ୍ସବରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ସୁମନ୍ତ କୁମାର ମାଝି ଅତିଥିଙ୍କ ପରିଚୟ ପ୍ରଦାନ ଓ ଜ୍ୟୋତିର୍ମୟୀ ସାହୁ ବିବରଣୀ ପଠନ କରିଥିଲେ। ବକ୍ତା ବଳିୟାରସିଂହ କହିଥିଲେ, ଶିଶୁଙ୍କ ଶାରୀରିକ, ବୌଦ୍ଧିକ ଓ ସାଂସ୍କୃତିକ ବିକାଶରେ ଏହି ମହୋତ୍ସବ ବହୁ ଉପାଦେୟ ସାବ୍ୟସ୍ତ ହେବ। ଦୀପ୍ତିମୟୀ ଜେନା ମଞ୍ଚ ପରିଚାଳନା କରିଥିବା ବେଳେ ସୁବାସ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ନାବାଳିକାଙ୍କ ଅଶ୍ଳୀଳ ଫଟୋ ଭାଇରାଲ, ଯୁବକ ଗିରଫ

ଭୁବନେଶ୍ୱର,୧୫।୧୧(ବ୍ୟୁରୋ)

ନାବାଳିକାଙ୍କ ଫଟୋକୁ ଏଡିଟ୍ କରି ଅଶ୍ଳୀଳ କରିବା ପରେ ତାହାକୁ ସାମାଜିକ ଗଣମାଧ୍ୟମରେ ଭାଇରାଲ କରିବା ଅଭିଯୋଗରେ ଭୁବନେଶ୍ୱର ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଶାଖା ପୋଲିସ ସମ୍ପୃକ୍ତ ଯୁବକଙ୍କୁ ମଙ୍ଗଳବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଲିଙ୍ଗରାଜ ଥାନା ଅନ୍ତର୍ଗତ ପୁରୁଣା ଭୁବନେଶ୍ୱର ସାମନ୍ତରାପୁରରେ ରହୁଥିବା କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ଅନ୍ତର୍ଗତ ଶଖିପଦା ଗ୍ରାମର ମୁକେଶ କୁମାର ନାୟକ(୧୮)। ମୁକେଶଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନା ଅନୁଯାୟୀ, ଲିଙ୍ଗରାଜ ଥାନା ଅଞ୍ଚଳର ପୀଡ଼ିତା ନାବାଳିକାଙ୍କୁ ଅଭିଯୁକ୍ତ ମୁକେଶ ଏକତରଫା ପ୍ରେମ କରୁଥିଲେ। ନାବାଳିକା ଜଣକ ପ୍ରେମ ନିବେଦନ ଗ୍ରହଣ ନ କରିବାରୁ ମୁକେଶ ଫେସବୁକରେ 'କ୍ୟୁଟ୍ ନନ୍ଦିନୀ' ନାମରେ ଏକ ଫେକ୍ ଆକାଉଣ୍ଟ ଖୋଲି ତାଙ୍କୁ ଫ୍ରେଣ୍ଡ ରିକ୍ୟୁଏଷ୍ଟ ପଠାଇଥିଲେ। ଏପରିକି ଇନ୍‌ଷ୍ଟାଗ୍ରାମରେ ମଧ୍ୟ ଫଲୋ କରି ଚାଟ୍ କରିଥିଲେ। ଚାଟ୍‌ରେ ନାବାଳିକାଙ୍କୁ ମୁକେଶ ତାଙ୍କର ଅଶ୍ଳୀଳ ଫଟୋ ମାଗିଥିଲେ। ଏହାପରେ ନାବାଳିକା ଜଣକ ତାଙ୍କୁ ବ୍ଲକ୍ କରିଦେଇଥିଲେ। ମୁକେଶ ଉକ୍ତ ନାବାଳିକାଙ୍କ ନାମରେ ଏକ ଫେକ୍‌ଆକାଉଣ୍ଟ ଖୋଲିଥିଲେ। ନାବାଳିକାଙ୍କ ଫଟୋକୁ ଏଡିଟ୍ କରି ଅଶ୍ଳୀଳରେ ପରିଣତ କରିବା ପରେ ତାହାକୁ ଉକ୍ତ ଆକାଉଣ୍ଟରେ ଅପଲୋଡ୍ କରି ଭାଇରାଲ କରିଥିଲେ। ଏହା ଜଣାପଡ଼ିବା ପରେ ନାବାଳିକାଙ୍କ ବାପା ଅକ୍ଟୋବର ୨୫ରେ ଅଭିଯୋଗ କରିବା ପରେ ପୋଲିସ ଆଇଟି ଆକ୍ଟ, ପୋକ୍ସୋ ଆକ୍ଟ ସହ ବିଭିନ୍ନ ଦଫାରେ ମାମଲା (ନଂ.୪୧/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ପଞ୍ଚତତ୍ତ୍ୱର ସୁରକ୍ଷା ଜନଜାତିମାନେ କରୁଛନ୍ତି: ଅର୍ଜୁନ ରାମ

ଭୁବନେଶ୍ୱର, ୧୫।୧୧(ବ୍ୟୁରୋ)

ସମଗ୍ର ବିଶ୍ୱ ଆକାଶ, ଜଳ, ବାୟୁ, ଅଗ୍ନି, ପୃଥିବୀ ଆଦି ପଞ୍ଚତତ୍ତ୍ୱ ଉପରେ ପର୍ଯ୍ୟବେସିତ। ଏହି ପଞ୍ଚତତ୍ତ୍ୱର ସୁରକ୍ଷା ଜନଜାତିମାନେ କରୁଛନ୍ତି। ବର୍ତ୍ତମାନ ସମୟରେ ଆମକୁ ପ୍ରକୃତି ସହ ବଞ୍ଚିବାକୁ ପଡ଼ିବ। ତେଣୁ ପ୍ରକୃତି ସହ ବଞ୍ଚିବାର ତରିକା ଜନଜାତିଙ୍କଠାରୁ ଶିଖିବା ଆବଶ୍ୟକ ବୋଲି କେନ୍ଦ୍ର ସଂସଦୀୟ ବ୍ୟାପାର ଓ ସଂସ୍କୃତି ବିଭାଗ ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ କହିଛନ୍ତି। ମଙ୍ଗଳବାର କିସ୍‌ରେ ଜନଜାତୀୟ ଗୌରବ ଦିବସ ଏବଂ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେଘୱାଲ କହିଲେ, ସ୍ୱାଧୀନତା ସଂଗ୍ରାମରେ ବିର୍ସା ମୁଣ୍ଡାଙ୍କ ଉଲ୍ଲେଖନୀୟ ଯୋଗଦାନ ରହିଥିଲା। ଇଂରେଜଙ୍କ ବିରୋଧରେ ଜନଜାତି ସମୁଦାୟକୁ ଜାଗ୍ରତ କରିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ଜନଜାତିମାନେ କେବେ ବି ନିଜକୁ ଛୋଟ ମନେକରିବା ଉଚିତ ନୁହେଁ। ସେମାନଙ୍କ ପାଇଁ ପ୍ରକୃତି, ଜଙ୍ଗଲ ଓ ଜଳ ଆଜି ସୁରକ୍ଷିତ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟ ଆଇନ, ଅନୁସୂଚୀତ ଜାତି ଓ ଜନଜାତି କଲ୍ୟାଣ ତଥା ପଛୁଆ ବର୍ଗ ଓ ସଂଖ୍ୟାଲଘୁ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା ବିର୍ସା ମୁଣ୍ଡାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ କିସ୍ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। କେନ୍ଦ୍ର ସଂସ୍କୃତି ବିଭାଗ ଯୁଗ୍ମ ସଚିବ ଉମା ନନ୍ଦୁରୀ କହିଲେ, କିସ୍ ଭଳି ଏକ ଜନଜାତି ଅନୁଷ୍ଠାନରେ ଆମେ ଜନଜାତୀୟ ଗୌରବ ଦିବସ ପାଳନ କରିପାରିଥିବାରୁ ଆନନ୍ଦିତ। ଏହି ଅବସରରେ କିସ୍‌ରେ କେନ୍ଦ୍ର ସଂସ୍କୃତି ବିଭାଗ ସହଯୋଗରେ ଜାତୀୟ ଜନଜାତି କ୍ରୀଡ଼ା ମହୋତ୍ସବ ଆୟୋଜନ ପାଇଁ ସେ କିସ୍ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସସ୍ମିତାରାଣୀ ସାମନ୍ତ କହିଲେ, ବିର୍ସା ମୁଣ୍ଡାଙ୍କ ଆଦର୍ଶ ଅନୁସରଣ କଲେ କିସ୍‌ରୁ ମଧ୍ୟ ଅନେକ ଜନଜାତି ଗୌରବ ସୃଷ୍ଟି ହୋଇପାରିବେ। ଏହି କାର୍ଯ୍ୟକ୍ରମରେ କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ ବେହେରା ସ୍ୱାଗତ ଭାଷଣ ଏବଂ କୁଳସଚିବ ଡ. ପି. କେ. ରାଉତରାୟ ଧନ୍ୟବାଦ ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠତା ପ୍ରତିପାଦନ କରିଥିବା କିସ୍ ଛାତ୍ରୀଛାତ୍ରଙ୍କୁ କେନ୍ଦ୍ରମନ୍ତ୍ରୀ ମେଘୱାଲ ସମ୍ବର୍ଦ୍ଧିତ କରିଥିଲେ।

## ସଂକ୍ଷେପରେ

### କହ୍ନେଇପୁର ସେବା ସମବାୟ ସମିତିକୁ ବେଷ୍ଟ ପରଫରମାନ୍ସ ଆୱାର୍ଡ

**ମଙ୍ଗୁଳି/ଜଗତପୁର,୧୫।୧୧(ଡ଼.ଏନ.ଏ):** ଟାଙ୍ଗୀ ଥାନା ଅନ୍ତର୍ଗତ ଭଗତପୁର କହ୍ନେଇପୁର ସେବା ସମବାୟ ସମିତିକୁ 'ବେଷ୍ଟ ପରଫରମାନ୍ସ ଆୱାର୍ଡ' ପ୍ରଦାନ କରାଯାଇଛି। ଭୁବନେଶ୍ୱରସ୍ଥିତ ଉତ୍କଳ ମଣ୍ଡପଠାରେ ନିଖିଳ ଭାରତୀୟ ସମବାୟ ପକ୍ଷରୁ ସୋମବାର ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ରବି ନାରାୟଣ ଦାଶ, ସମ୍ମାନିତ ଅତିଥି ଭାବେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ଡ଼.ପ୍ରଭାତ କୁମାର ରାଉଳ, କୃଷି ଉତ୍ପାଦନ କମିଶନର ପ୍ରଦୀପ କୁମାର ଜେନା ପ୍ରମୁଖଙ୍କ ସମେତ ବହୁ ମାନ୍ୟଗଣ ବ୍ୟକ୍ତି ଯୋଗ ଦେଇଥିଲେ। କହ୍ନେଇପୁର ସେବା ସମବାୟ ସମିତିର ସଭାପତି ଚଣ୍ଡିପ୍ରକାଶ ମହାନ୍ତି, ଉପସଭାପତି ସୋନିତା ସାହୁ,ସମ୍ପାଦକ ମମତା ପଣ୍ଡା,ସଂଯୁକ୍ତା ବେହେରା,ଦୟାନିଧି ସାହୁ, ପ୍ରଭାସ କୁମାର ମିଶ୍ର ପ୍ରମୁଖ ଏହି ସମ୍ମାନ ଗ୍ରହଣ କରିଥିଲେ।

### ଶିଶୁ ଦିବସ ପାଳିତ

**ମାହାଙ୍ଗା, ୧୫।୧୧(ସ୍ୱ.ପ୍ର):** ମାହାଙ୍ଗା ଅଙ୍ଗନୱାଡ଼ି କେନ୍ଦ୍ରରେ ଶିଶୁ ଦିବସ ସୁପରଭାଇଜର ଆରତୀ ସ୍ୱାଇଁଙ୍କ ଅଧକ୍ଷତାରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ଦୀପା ମଲିକ, ସମ୍ମାନିତ ଅତିଥି ଭାବେ ସିଡିପିଓ ପ୍ରମୋଦିନୀ ଦାସ, ସାମାଜିକକର୍ମୀ ରଜନୀକାନ୍ତ ପରିଡା, ସରପଞ୍ଚ ବେବିନା ଜେନା, ଯୋଗେଶ ମହାନ୍ତି, ସୁନାକର ସିଂହ, ଦୁର୍ଯ୍ୟୋଧନ ସେଠୀ, ପ୍ରକାଶ ସିଂହ, ଦୁର୍ଗାଦତ୍ତ ବାନାର୍ଜୀ, ଶୈଳବାଳା ଜେନା ପ୍ରମୁଖ ଯୋଗଦେଇ ଶିଶୁ ଦିବସ ସମ୍ପର୍କରେ ବିଷଦ ଆଲୋଚନା କରିଥିଲେ। ଏହି ଅବସରରେ ଅତିଥିମାନେ ୪୫ଜଣ ଶିଶୁଙ୍କୁ ପୋଷାକ ଓ ଜୋତା ମୋଜା ବଣ୍ଟନ କରିଥିଲେ। ଅଙ୍ଗନୱାଡ଼ି କର୍ମୀ ତୃପ୍ତିରଞ୍ଜିତା ଶତପଥି, ସିନୁ ବାରିକ, ସହାୟିକା ମଞ୍ଜୁଲତା ଦାସ, ସୀତା ସାହୁ ଓ ଅକ୍ଷୟ ରାଉଳ ପ୍ରମୁଖ ସହଯୋଗ କରିଥିଲେ।

### ମହିଳା ସମାବେଶ

**ଚୌଦ୍ୱାର,୧୫।୧୧(ଡି.ଏନ୍.ଏ.):** ଚୌଦ୍ୱାର ଗାନ୍ଧୀଛକସ୍ଥିତ ପୌର ଟାଉନ୍ ହଲରେ ମହିଳା ସମାବେଶ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ନଗର ବିଜେଡି ପକ୍ଷରୁ ଆୟୋଜିତ ଏହି ସମାବେଶରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧକ୍ଷ ଶୁଭେନ୍ଦୁ ସାମଲ, ପୂର୍ବତନ ନଗରପାଳ ପ୍ରେମଚାନ୍ଦ ନାୟକ ପ୍ରମୁଖ ଯୋଗଦେଇ ପରିବାରର ବିକାଶ ପାଇଁ ମହିଳାମାନେ ଏକ ମନ ହୋଇ ସାହସର ସହିତ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ନଗର ମହିଳା ବିଜେଡ଼ି ସଭାପତି କବିତାରାଣୀ ଲେଙ୍କାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମସ୍ତ କାଉନସିଲର, ସ୍ୱୟଂ ସହାୟିକା ଗୋଷ୍ଠୀର କର୍ମକର୍ତ୍ତା, ୱାର୍ଡ଼ କମିଟି କର୍ମକର୍ତ୍ତା ଉପସ୍ଥିତ ଥିଲେ। କାଉନସିଲର ସୁବ୍ରତ ସାମଲ ମଞ୍ଚ ପରିଚାଳନା, ଯୁବ ସଭାପତି ଅର୍ଜୁନ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା ଓ ସବିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ଜନସମ୍ପର୍କ ପଦଯାତ୍ରା ଉଦ୍‌ଯାପିତ

**ଚୌଦ୍ୱାର,୧୫।୧୧(ଡି.ଏନ୍.ଏ.):** ଚୌଦ୍ୱାର-କଟକ ବିଜୁ ଜନତା ଦଳ ତରଫରୁ ଚୌଦ୍ୱାର ସହରରେ ଚାଲିଥିବା ଜନ ସମ୍ପର୍କ ପଦଯାତ୍ରା ମଙ୍ଗଳବାର ବାଣିପଦା ପଞ୍ଚାୟତର ଦେବୀନଗର ଗ୍ରାମରେ ଉଦ୍‌ଯାପିତ ହୋଇଯାଇଛି। ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ଆୟୋଜିତ ପଦଯାତ୍ରା ବାଣିପଦା ପଞ୍ଚାୟତ ପରିକ୍ରମା କରିଥିଲା। ଲକ୍ଷ୍ମଣ ରାଉତଙ୍କ ସଭାପତିତ୍ୱରେ ଦେବୀନଗରରେ ଆୟୋଜିତ ସାଧାରଣ ସଭାରେ କଟକ ମେୟର ସୁଭାଷ ସିଂ, ଡେପୁଟି ମେୟର ଦମୟନ୍ତୀ ମାଝି, ବ୍ଲକ ଉପାଧକ୍ଷା ସୁପ୍ରିୟା ଜେଠୀ, କର୍ପୋରେଟର, ଦଳୀୟ କର୍ମୀ ପ୍ରମୁଖ ଯୋଗ ଦେଇଥିଲେ। କଟକ ଜିଲା ଉପସଭାପତି ପ୍ରେମଚାନ୍ଦ ନାୟକ, ଜିଲା ପରିଷଦ ସଦସ୍ୟା ଜୋତ୍ସ୍ନାରାଣୀ ସୁବୁଦ୍ଧିରାୟ, ଜିଲା ପରିଷଦ ନଗର ଯୁବ ସଭାପତି ଶାରଦା ରଞ୍ଜନ ପରିଜା, ଛାତ୍ର ସଭାପତି ଭରତ ଚନ୍ଦ୍ର ସାହୁ, ସମସ୍ତ ଦଳୀୟ କାଉନସିଲର ପଦଯାତ୍ରା ସମୟରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ସହିତ ରାଜ୍ୟର ବିକାଶ ଧାରାରେ ସାମିଲ ହେବାକୁ ଅନୁରୋଧ କରିଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଜନାଭିମୁଖୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ଓ ଯୋଜନା ଲୋକଙ୍କ ପାଖରେ ଠିକ୍‌ରେ ପହଞ୍ଚୁଛି କି ନାହିଁ ତାହା ଜାଣିବା ଏହି ଯାତ୍ରାର ଲକ୍ଷ୍ୟ ବୋଲି ବିଶ୍ୱାଳ ସୂଚନା ଦେଇଥିଲେ।

# ଡଙ୍ଗା ତିଆରି କରିବାକୁ ଆସି ହଟହଟା

**କଟକ ଅଫିସ, ୧୫।୧୧**

ଚଳିତବର୍ଷ ବାଲିଯାତ୍ରା ଅବସରରେ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ ସ୍ଥାନ ପାଇବା ପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ବାରବାଟି ଷ୍ଟାଡିୟମରେ ଡଙ୍ଗା ପ୍ରସ୍ତୁତି କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏଥିରେ ସହରର ୨୨ଟି ସ୍କୁଲର ଛାତ୍ରୀଛାତ୍ରମାନେ ସାମିଲ ହୋଇ ଡଙ୍ଗା ପ୍ରସ୍ତୁତିରେ ଲାଗି ପଡିଥିଲେ। ହେଲେ ଏଠାରେ ଏତେ ସଂଖ୍ୟକ ଛାତ୍ରୀଛାତ୍ରଙ୍କୁ ନିୟନ୍ତ୍ରଣ କରିବାକୁ ସିଏମ୍‌ସି ପାଇଁ ଅସମ୍ଭବ ହୋଇଥିଲା। ସକାଳ ୬ରୁ ବିଭିନ୍ନ ସ୍କୁଲରୁ ପିଲାଙ୍କୁ ଷ୍ଟାଡିୟମ ଅଣାଯାଇଥିଲା। ସେଠାରେ ଟେଣ୍ଟ ବ୍ୟବସ୍ଥା କରାଯାଇ ନ ଥିଲା। ଫଳରେ ଦୀର୍ଘ ସମୟ ଧରି ପିଲାମାନେ ଖରାରେ ବସିବା କାରଣରୁ କେତେଜଣ ବେହୋସ ହୋଇପଡିଥିଲେ। ଏପରି କି ଜଣେ ଛାତ୍ର ଆଉ ଜଣଙ୍କୁ ବୋଡ଼ ଫୋପାଡିବାରୁ ତାଙ୍କ ମୁଣ୍ଡ ଫାଟି ଯାଇଥିଲା। ଏ ସମ୍ପର୍କରେ ଜଣେ ଶିକ୍ଷୟିତ୍ରୀ ପରିଚୟ ଗୋପନ ରଖି କହିଛନ୍ତି, ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲେ ସୁଦ୍ଧା ସୁବ୍ୟବସ୍ଥା କରାଯାଇ ନ ଥିଲା। ସକାଳ ୬ରୁ ପିଲା ଆସିଥିଲେ। ଟିଫିନ ଓ ଜୁସ୍ ଦେଇ ଦୁଇ ପ୍ରହର ପର୍ଯ୍ୟନ୍ତ ପିଲାଙ୍କୁ ଖରାରେ ବସାଇବା ଜମା ଠିକ୍ ନୁହେଁ। ଅପରପକ୍ଷେ ଛାତ୍ର ଲବ ଗୋଇଙ୍କା କହିଛନ୍ତି, ପ୍ରଥମଥର ପାଇଁ ଏଭଳି କାର୍ଯ୍ୟକ୍ରମରେ ସାମିଲ ହୋଇଥିବାରୁ ବହୁତ ଖୁସି ଲାଗୁଚି। ମୁଁ ୧୩ଟା ଡଙ୍ଗା ତିଆରି କରିଛି। ସେହିପରି ଅନ୍ୟଜଣେ ଛାତ୍ର ରୋନକ ଶର୍ମା କହିଛନ୍ତି, ମୁଁ ୧୫ଟା ଡଙ୍ଗା ତିଆରି କରିଛି। ସକାଳୁ ଆସି ଏଠାରେ ଥିଲୁ। ଖରାରେ ବସି ଡଙ୍ଗା ତିଆରି କରିଲୁ। ହେଲେ ଏହା ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ ସ୍ଥାନ ପାଇବା ପରେ ସବୁ କ୍ଲାନ୍ତି ଦୂର ହୋଇଗଲା।

**କିଏ ବେହୋସ ତ କାହାର ମୁଣ୍ଡ ଫାଟିଲାଣି**



ବାରବାଟୀ ଷ୍ଟାଡିୟମରେ ବେହୋଶ ହୋଇଥିବା ଛାତ୍ରୀ।

### କର୍ପୋରେଟର ଅସନ୍ତୁଷ୍ଟ

କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ କାଗଜ ଡଙ୍ଗା ତିଆରି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ହେଲେ ଏଥିରେ କର୍ପୋରେଟରମାନଙ୍କୁ ସାମିଲ କରାଯାଇ ନ ଥିବାରୁ ସେମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ ପାଇଁ ସିଏମ୍‌ସି ପକ୍ଷରୁ ଟଙ୍କା ଖର୍ଚ୍ଚ କରାଯାଉଛି। ଡଙ୍ଗା ପ୍ରସ୍ତୁତି କର୍ପୋରେଟରମାନଙ୍କୁ ପୂର୍ବରୁ ତାଲିମ ଦିଆଯାଇଥିଲା। ହେଲେ ବିଡମ୍ବନାର ବିଷୟ ଉକ୍ତ କାର୍ଯ୍ୟକ୍ରମରେ ସେମାନଙ୍କୁ ସାମିଲ କରାଗଲା ନାହିଁ।

# କୌଶଳ ପ୍ରଶିକ୍ଷଣ ନେଲେ କାରିଗର, ଯୁବକ

**ବାଲିଯାତ୍ରାରେ ଡିଡିୟୁଜିକେୱାଇ ଷ୍ଟଲ୍**

**କଟକ ଅଫିସ, ୧୫।୧୧**

ଓରମାସ୍ ପକ୍ଷରୁ ବାଲିଯାତ୍ରାରେ ଦୀନ୍ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା (ଡିଡିୟୁଜିକେୱାଇ)ର ଏକ ଷ୍ଟଲ୍ କରାଯାଇଛି। ଉକ୍ତ ଷ୍ଟଲ୍ ପରିସରରେ ଡିଡିୟୁଜିକେୱାଇର ପୂର୍ବତନ ଛାତ୍ର ଓ ଅଭିଭାବକମାନଙ୍କୁ ନେଇ ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏଥିରେ କାରିଗର ଓ ଯୁବକମାନଙ୍କୁ କୌଶଳ ପ୍ରଶିକ୍ଷଣ ଦିଆଯିବା ସହ ଯୋଜନାର ବିଭିନ୍ନ ଲାଭ ବିଷୟରେ ଅବଗତ କରାଯାଇଥିଲା। କଟକ ଓରମାସ୍‌ର ଯୁଗ୍ମ ମୁଖ୍ୟ କାର୍ଯ୍ୟନିର୍ବାହୀ ବିପିନ ବିହାରୀ ରାଉତ ଯୋଗଦେଇ ଡିଡିୟୁଜିକେୱାଇରେ କୌଶଳ ପ୍ରଶିକ୍ଷଣ ଦ୍ୱାରା ଯୁବକମାନଙ୍କ ଜୀବନକୁ ଏକ ସଠିକ୍ ଦିଗରେ ଗଢିବାରେ କିପରି ସାହାଯ୍ୟ କରିଛି ସେ ବିଷୟରେ କହିଥିଲେ। ଏଥିସହ ରାଷ୍ଟ୍ର ନିର୍ମାଣ ପ୍ରକ୍ରିୟାରେ ସକ୍ରିୟ ଅଂଶ ହେବାକୁ ସେ ଆହ୍ୱାନ ଦେଇଥିଲେ। ଉକ୍ତ ବୈଠକରେ ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ସୁକରପଡ଼ା ପଞ୍ଚାୟତର ସବ୍‌ନମ ପରୱିନ ଯୋଗଦେଇ ଡିଡିୟୁଜିକେୱାଇ ମାଧ୍ୟମରେ ରିଟେଲ୍ ଟ୍ରେଡ୍ ଉପରେ ୬ ମାସର ତାଲିମ ନେଇ ହାଇଦ୍ରାବାଦସ୍ଥିତ ଟାଟା ଜୁଡିଓରେ କାର୍ଯ୍ୟ କରୁଛି ବୋଲି କହିଥିଲେ। ସେହିପରି କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ଶିଶୁଆ ଗ୍ରାମର ଅନିଲ ଭୋଇ ଡିଡିୟୁଜିକେୱାଇ ମାଧ୍ୟମରେ ୪ ମାସର ହୋଟେଲ ମ୍ୟାନେଜମେଣ୍ଟ ତାଲିମ ନେଇ ହାଇଦ୍ରାବାଦସ୍ଥିତ ଏକ ହୋଟେଲରେ କାର୍ଯ୍ୟରତ ଅଛନ୍ତି ବୋଲି କହିଥିଲେ। ବାଙ୍କୀ ବ୍ଲକର ସୁବ୍ରତ ସାହୁ ଯୋଗଦେଇ ଲାଇନମ୍ୟାନ ତାଲିମ ନେଇ କଟକ ଖପୁରିଆସ୍ଥିତ ଟାଟା ପାୱାରରେ କାର୍ଯ୍ୟରତ ଅଛନ୍ତି ବୋଲି କହିଥିଲେ। ଏହି ଅବସରରେ ପୂର୍ବତନ ଛାତ୍ର ଓ ଅଭିଭାବକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୂଚନାଯୋଗ୍ୟ, ଡିଡିୟୁଜିକେୱାଇ ମାଧ୍ୟମରେ ଓରମାସ୍ ପକ୍ଷରୁ ବିଭିନ୍ନ କାର୍ଯ୍ୟାନ୍ୱୟନ ଏଜେନ୍ସି ମାଧ୍ୟମରେ ଗ୍ରାମୀଣ ଯୁବକମାନଙ୍କୁ ଆତ୍ମନିର୍ଭର ଓ ସଶକ୍ତ ହେବା ପାଇଁ ପ୍ରଶିକ୍ଷଣ ଦିଆଯାଉଛି।

# ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ, ବିଜ୍ଞାନ ମେଳା



ମହୋତ୍ସବରେ ଛାତ୍ରୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ।

**ସାଲେପୁର,୧୫।୧୧(ଡି.ଏନ.ଏ)**

ସାଲେପୁର ଶିକ୍ଷା ମଣ୍ଡଳ ପକ୍ଷରୁ ଦୁଇ ଦିନ ବ୍ୟାପୀ ଆୟୋଜିତ ଶିଶୁ ମହୋତ୍ସବ ଓ ବିଜ୍ଞାନ ମେଳା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଶିକ୍ଷାମଣ୍ଡଳ ଅଧିକାରୀ ଜଗବନ୍ଧୁ ଶତପଥୀଙ୍କ ପୌରୋହିତ୍ୟରେ ସାଲେପୁର ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ,ବିଶିଷ୍ଟ ଅତିଥି ଭାବେ ସାଲେପୁର ଥାନାର ଆଇଆଇସି ଗିରିଜା ନନ୍ଦନ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷା ଅଧିକାରୀ ରଜନୀକାନ୍ତ ଦାଶ,ସମ୍ମାନିତ ଅତିଥି ଭାବେ ସାଲେପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋରଞ୍ଜନ ବାରିକ, ଏବିଓ ବିଳାସିନୀ ବାହିନୀପତି, ନିରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ମହୋତ୍ସବ ଓ ବିଜ୍ଞାନ ମେଳା ପ୍ରଦର୍ଶନୀର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିବା ସହିତ ବିଚାରକ ମଣ୍ଡଳୀଙ୍କୁ ମଧ୍ୟ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପ୍ରାରମ୍ଭରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌରଚରଣ ଭୂୟାଁ ଅତିଥି ପରିଚୟ ସହିତ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମକୁ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଅନ୍ତର୍ଯ୍ୟାମୀ ଭୋଳ, ଭରତ ଚନ୍ଦ୍ର ବାରିକ, ପ୍ରଭାତ କୁମାର ବେହେରା, ମୃତ୍ୟୁଞ୍ଜୟ ମିଶ୍ର, ସମରେନ୍ଦ୍ର ପଣ୍ଡା, ମନୋରଞ୍ଜନ ପୃଷ୍ଟି, ରଞ୍ଜନ କୁମାର ବେହେରା, ଅଭୟ କୁମାର ବେହେରା, ନିବାରଣ ସ୍ୱାଇଁ, ରମାକାନ୍ତ ପଣ୍ଡା, ଦୀନବନ୍ଧୁ ସାହୁ, ଏସ.କେ ଅଫ୍‌ଜଲ୍ ହୁସେନ, ମାନସ ରଞ୍ଜନ ପଣ୍ଡା, ମାନସ ରଞ୍ଜନ ରାଉତ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସାଲେପୁରର ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ନାୟକ, କଟକ ଜିଲା ପ୍ରାଥମିକ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ବିଶ୍ୱମୋହନ ମିଶ୍ର, ସାଲେପୁର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସୟଦ ଜାକି ଅମିନ, ଅବସରପ୍ରାପ୍ତ ଶିକ୍ଷକ ତପନ କୁମାର ଦାଶ, ଶିକ୍ଷକ ଶିବଚରଣ ମିଶ୍ର, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ପ୍ରଦ୍ୟୁମ୍ନ ଷଡ଼ଙ୍ଗୀ, ଦେବଦତ୍ତ ଦାଶ, କର୍ମଚାରୀ ସୀମାଞ୍ଚଳ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଓଡ଼ିଶା ବରିଷ୍ଠ ପୋଲିସ ଅଧିକାରୀ ମହିଳା କ୍ଲବର ବାର୍ଷିକୋତ୍ସବ

**କଟକ ଅଫିସ,୧୫।୧୧:** ଓଡ଼ିଶା ବରିଷ୍ଠ ପୋଲିସ ଅଧିକାରୀ ମହିଳା କ୍ଲବର ବାର୍ଷିକ ଉତ୍ସବ ତୁଳସୀପୁର ପୋଲିସ କଲୋନୀଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ପୋଲିସ ଡିଜି ସୁନୀଲ ବଂଶଲ ଉତ୍ସବକୁ ଉଦ୍‌ଘାଟନ କରି ପୋଲିସ ପରିବାର କଲ୍ୟାଣ କେନ୍ଦ୍ରଗୁଡ଼ିକର କାର୍ଯ୍ୟଶୈଳୀକୁ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଅତିରିକ୍ତ ଡିଜିପି(ଆଇନଶୃଙ୍ଖଳା) ଆର୍. କେ. ଶର୍ମା ଓ ସମ୍ମାନିତ ଅତିଥି ଅଗ୍ନିଶମ, ହୋମଗାର୍ଡ ଡିଜି ସନ୍ତୋଷ କୁମାର ଉପାଧ୍ୟାୟ ଯୋଗଦେଇ ସମାଜ ପ୍ରତି ପୋଲିସ ପରିବାର କଲ୍ୟାଣ କେନ୍ଦ୍ରର ଥିବା ଅବଦାନ ମହନୀୟ ବୋଲି କହିଥିଲେ। କ୍ଲବ ସଭାପତି ଡ. ଅନୁ ବଂଶଲ ଅଧ୍ୟକ୍ଷତା କରି ପରିବାର କଲ୍ୟାଣ କେନ୍ଦ୍ରର ଆଭିମୁଖ୍ୟ ଓ ଆଗାମୀ ଦିନର କାର୍ଯ୍ୟସୂଚୀ ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ପାଦିକା ସବିତା ପରିଡ଼ା ବିବରଣୀ ପାଠ କରିଥିଲେ। କୋଷାଧକ୍ଷା ଡ. ଲାରା ମିଶ୍ର ଧନ୍ୟବାଦ ଦେଇଥିଲେ। ଅନ୍ୟତମ ସମ୍ପାଦିକା ସୋନାଲୀ ମହାନ୍ତି ଉପସ୍ଥିତ ଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ଶିଶୁ କଳାକାରଙ୍କ ନୃତ୍ୟରେ ଦର୍ଶକ ବିଭୋର



ମହୋତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

**ଖୁଣ୍ଟୁଣୀ ମହୋତ୍ସବର ତୃତୀୟ ସନ୍ଧ୍ୟା**

**ଖୁଣ୍ଟୁଣୀ,୧୫।୧୧(ଡି.ଏନ୍.ଏ.)**

ଖୁଣ୍ଟୁଣୀ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ରଙ୍ଗୀନ ରଙ୍ଗମଞ୍ଚରେ ସରସ୍ୱତୀ ଶିଶୁ ମନ୍ଦିରର କୁନି କୁନି କଳାକାରଙ୍କ 'ମା ଓ ମେରୀ ମା' ସଙ୍ଗୀତର ତାଳେ ତାଳେ ମନଲୋଭା ନୃତ୍ୟ ଦର୍ଶକଙ୍କୁ ବିଭୋର କରିଦେଇଥିଲା। ଖୁଣ୍ଟୁଣୀ ଉଚ୍ଚ ବିଦ୍ୟାଳୟର ପିଲାମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଆୟୋଜିତ ସଭାରେ ବିପିନ ବିହାରୀ ପ୍ରଧାନ ସଭାପତିତ୍ୱ କରିଥିଲା ବେଳେ ଅତିଥି ଭାବେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇଥିଲେ। ସରପଞ୍ଚ କୈଳାଶ ଚନ୍ଦ୍ର ଦାସ, ସମିତି ସଭ୍ୟ ଗଗନ ବିହାରୀ ପରିଡା, ମହୋତ୍ସବ କମିଟିର ସଭାପତି ଦୀପକ କୁମାର ସାହାଣୀ, ସମ୍ପାଦକ ମଳୟ ରଞ୍ଜନ ବସ୍ତିଆ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜନ ଆଚାର୍ଯ୍ୟ, ଯୁବ ବିଜେଡି ସଭାପତି ବିନୋଦ ମାଝୀ ଓ ଆଲୋକ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖୁଣ୍ଟୁଣୀ ମହୋତ୍ସବର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ କାର୍ଯ୍ୟାବଳି ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଅତିଥିମାନେ ସମସ୍ତ କଳାକାରଙ୍କୁ ଅଷ୍ଟଶମ୍ଭୁଙ୍କ ନାମରେ ନାମିତ ମାନପତ୍ର ପ୍ରଦାନ କରିଥିଲେ।

# ପୋଲ ତ୍ରୁଟି ସୁଧାରିବାକୁ ସମ୍ମତି, ନିର୍ମାଣ କାମ ହେବ

**କଣ୍ଟାପଡା,୧୫।୧୧(ଡି.ଏନ୍.ଏ.)**

ସାଇଲୋ ବଡବିଲ ଜଳସେଚନ ବିଭାଗ ଅଧୀନରେ ଥିବା କନ୍ଦଳ ବାମପାର୍ଶ୍ୱ କେନାଲର ବଡବିଲ ହାଟକୁ ସଂଯୋଗ କରୁଥିବା ନବନିର୍ମିତ ପୋଲର ଗାର୍ଡୱାଲ ଓ ଆପ୍ରୋଚ ରୋଡ୍ ନିର୍ମାଣ କାର୍ଯ୍ୟରେ ତ୍ରୁଟି ରହିଥିଲା। ଏହି ତ୍ରୁଟି ନେଇ ଠିକାଦାର ମାନୁ ନ ଥିବାରୁ ନିର୍ମାଣ କାର୍ଯ୍ୟ ବନ୍ଦ ହୋଇଯାଇଥିଲା। କାର୍ଯ୍ୟ ବନ୍ଦ ପରେ ଠିକାଦାର ତ୍ରୁଟି ସୁଧାରିବା ଓ ନିମ୍ନମାନର ସିମେଣ୍ଟ ବ୍ୟବହାର ନ କରିବା ପାଇଁ ସମ୍ମତି ପ୍ରକାଶ କରିଥିବାରୁ ପୁନର୍ବାର କାମ ଆରମ୍ଭ କରିବାକୁ ନିଷ୍ପତ୍ତି ନିଆଯାଇଛି। ସାଇଲୋ ବଡବିଲ ହାଟ, ଡାକ୍ତରଖାନା, ସୁଦସାଇଲୋ ଓ ନାୟକ ସାହିକୁ ଯାତାୟାତ ପାଇଁ ଗତବର୍ଷ କନ୍ଦଳନଦୀର ବାମପାର୍ଶ୍ୱ କେନାଲ ଉପରେ ଏକ କଂକ୍ରିଟ ପୋଲ ନିର୍ମାଣ କରାଯାଇଥିଲା। ମାତ୍ର ଏହାର ଆପ୍ରେଚ ରୋଡ୍ ନ ଥିବାରୁ ଏହା ଯାତାୟାତ ଉପଯୋଗୀ ହୋଇପାରି ନ ଥିଲା। ଚଳିତବର୍ଷ ଉକ୍ତ ପୋଲର ସଂଯୋଗୀକରଣ ରାସ୍ତା ଓ ଗାର୍ଡୱାଲ ପାଇଁ ବିଭାଗୀୟ ପାଣ୍ଠିରୁ ୩୮ଲକ୍ଷ ଟଙ୍କା ମଞ୍ଜୁର କରାଯାଇ ଜଣେ ଠିକାଦରଙ୍କୁ ଟେଣ୍ଡର ଦିଆଯାଇଥିଲା। ସମ୍ପୃକ୍ତ ଠିକାଦାର ବିଭାଗୀୟ ଯନ୍ତ୍ରୀ ଓ କର୍ମଚାରୀଙ୍କ ଅନୁପସ୍ଥିତିରେ ଶନିବାରଠାରୁ କାମ କରିଥିଲେ। ନିମ୍ନମାନର ସିମେଣ୍ଟ ବ୍ୟବହାର ସହ ତ୍ରୁଟିପୂର୍ଣ୍ଣ କାମ କରୁଥିବାର ଯୁବନେତା ସୁବ୍ରତ ପାତ୍ର ଏହାକୁ ବିରୋଧ କରି କାମ ବନ୍ଦ କରିଥିଲେ। ସୋମବାର କଣ୍ଟାପଡ଼ା ଜଳସେଚନ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ବିଷ୍ଣୁପ୍ରସାଦ ବାହିନୀପତି ପହଞ୍ଚି ସୁବ୍ରତ ପାତ୍ର ଓ ସମିତିସଭ୍ୟ ବୁଧନାଥ ବେହେରାଙ୍କ ଉପସ୍ଥିତିରେ ନିମ୍ନମାନର ସିମେଣ୍ଟ ବ୍ୟବହାର ନ କରିବା ଓ ତ୍ରୁଟି ସୁଧାରି କାମକରିବା ପାଇଁ ଠିକାଦାରଙ୍କୁ ପରାମର୍ଶ ଦେଇଥିଲେ। ଠିକାଦାର ସମ୍ମତି ପ୍ରକାଶ କରିବାରୁ ମଙ୍ଗଳବାର କାମ ଆରମ୍ଭ ନିଷ୍ପତ୍ତି ନିଆଯାଇଥିଲା।



କଟକ ନିକଟସ୍ଥ ବାଲିକୁଦାଠାରେ ରୁଚି ଫୁଜିଟ୍‌ର ୫ମ ଏକ୍ସକ୍ଲୁସିଭ୍ ଆଉଟ୍‌ଲେଟ୍‌କୁ ନିକଟରେ ପଦ୍ମଶ୍ରୀ ଦିଲୀପ ତିର୍କୀ ଉଦ୍‌ଘାଟନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ରୁଚି ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ଶରତ ସାହୁଙ୍କ ସମେତ କମ୍ପାନୀର ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଅଛନ୍ତି।

# କବିତା ରଚନାରେ ନଦୀୟା ବିହାରୀ ଥିଲେ ଅପୂର୍ବ ବିନ୍ଧାଣି

- ପୁସ୍ତକ 'ବଡ଼ଭାଇଙ୍କ ବହି ବସ୍ତାନି' ଉନ୍ମୋଚିତ
- ଡ. ମହେଶ୍ୱର ମହାନ୍ତିଙ୍କୁ ନଦୀୟା ବିହାରୀ ମହାନ୍ତି ସ୍ମୃତି ସମ୍ମାନ

**କଟକ ଅଫିସ, ୧୫।୧୧**

କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ, ଧ୍ରୁବତାରାର ପ୍ରତିଷ୍ଠାତା, ଗୀତିକାର, ଅଭିନେତା ଓ ଆକାଶବାଣୀ ଶିଶୁ କାର୍ଯ୍ୟକ୍ରମର ପୂର୍ବତନ ପ୍ରଯୋଜକ ନଦୀୟା ବିହାରୀ ମହାନ୍ତିଙ୍କ ଜୟନ୍ତୀ ସମାବେଶ କଟକ ଶ୍ରୀରାମଚନ୍ଦ୍ର ଭବନରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ପଦ୍ମଶ୍ରୀ ଡ. ଶ୍ୟାମାମଣି ଦେବୀ ଉଦ୍‌ଘାଟନ କରିଥିଲେ। ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ସାହିତ୍ୟିକ ଓ ସ୍ତମ୍ଭକାର ଦାଶ ବେନହୁର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଶିଶୁ ମନଲାଖି ଗଳ୍ପ, କବିତା ଓ ନାଟକ ରଚନା କ୍ଷେତ୍ରରେ ନଦୀୟା ବିହାରୀ ଥିଲେ ଅପୂର୍ବ ବିନ୍ଧାଣି। ସେହିପରି ସାହିତ୍ୟିକ ଡ. ସୁନାମଣି ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇ ନଦୀୟା ବିହାରୀଙ୍କ ସାରସ୍ୱତ ଜୀବନ ଶିଶୁ ସାହିତ୍ୟ ପ୍ରତି ଥିଲା ସମର୍ପିତ। ଧ୍ରୁବତାରା, ଆକାଶବାଣୀ କାର୍ଯ୍ୟକ୍ରମ ଆଦି ମାଧ୍ୟମରେ ସେ ଶିଶୁ ସାହିତ୍ୟର ବିକାଶ ପାଇଁ ଉଦ୍ୟମ କରିଥିଲେ ବୋଲି କହିଥିଲେ। ଏହି ଅବସରରେ ନଦୀୟା ବିହାରୀଙ୍କ ପୁସ୍ତକ 'ବଡ଼ଭାଇଙ୍କ ବହି ବସ୍ତାନି' ଉନ୍ମୋଚିତ ହୋଇଥିଲା। ଏହାପରେ ଶିଶୁ ସାହିତ୍ୟିକ ତଥା ଶିକ୍ଷାବିତ୍ ଡ. ମହେଶ୍ୱର ମହାନ୍ତିଙ୍କୁ ନଦୀୟା ବିହାରୀ ମହାନ୍ତି(ବଡ଼ଭାଇ) ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଶିଶୁ ସାହିତ୍ୟିକା ତନୟା ଦାସ ଗୋସ୍ୱାମୀ ଯୋଗଦେଇ ନଦୀୟା ବିହାରୀଙ୍କ ପୁସ୍ତକର ସମୀକ୍ଷା କରିଥିଲେ। ଏହି ଉତ୍ସବକୁ ଆକାଶବାଣୀର ପୂର୍ବତନ କେନ୍ଦ୍ର ନିର୍ଦ୍ଦେଶକ ପ୍ରସେନଜିତ ମହାନ୍ତି ସଞ୍ଚାଳନ କରିଥିବାବେଳେ ଆଡଭୋକେଟ ପ୍ରସନ୍ନ କୁମାର ନନ୍ଦ ସ୍ମୃତିଚାରଣ ଓ ବିଭାସିନୀ ମହାନ୍ତି ଧନ୍ୟବାଦ ଦେଇଥିଲେ। ଏଥିରେ ପ୍ରିୟମ୍ବଦା ମହାନ୍ତି ହେଜମାଦି, ନଦୀୟା ବିହାରୀଙ୍କ ସ୍ତ୍ରୀ ଆରତୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



କଟକ ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ ସମାରୋହରେ ଯୋଗଦେଇଥିବା ଅତିଥି।

# ପୋଷ୍ୟ ସନ୍ତାନ ଗ୍ରହଣ ଏକ ମହତ ପ୍ରକ୍ରିୟା

**ସମ୍ବର୍ଦ୍ଧିତ ହେଲେ ପୋଷ୍ୟ ସନ୍ତାନ ଗ୍ରହଣକାରୀ ଦମ୍ପତି**

**କଟକ ଅଫିସ,୧୫।୧୧**

ପରିବାର ହିଁ ଶିଶୁର ଶ୍ରେଷ୍ଠ ବିକଳ୍ପ ଏବଂ ପୋଷ୍ୟ ସନ୍ତାନ ଗ୍ରହଣ ପ୍ରକ୍ରିୟା ଏକ ମହତ ପ୍ରକ୍ରିୟା। ଏଭଳି ଆଇନସିଦ୍ଧ ପ୍ରକ୍ରିୟାକୁ ଲୋକଲୋଚନକୁ ଆଣିବା ସହ ଜନାଦୃତ କରିବା ନିମନ୍ତେ ସବୁସ୍ତରରେ ଉଦ୍ୟମ ଜରୁରୀ। ଏହି ବାର୍ତ୍ତାକୁ ଶିଶୁ ଦିବସରେ ସ୍ମରଣ କରି ସେଥିନିମନ୍ତେ ସାମାଜିକ ଅଙ୍ଗୀକାର ବଦ୍ଧତାର ପରିପ୍ରକାଶକୁ ପ୍ରଚାରିତ କରିବାର ଆବଶ୍ୟକତା ଅନୁଭୂତ ହୁଏ। ଏକ ବିକାଶଶୀଳ ରାଷ୍ଟ୍ରର ମୂଳଦୁଆ ଭାବେ ଶିଶୁମାନେ ପରିଗଣିତ ବୋଲି ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଛନ୍ତି। ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ପୋଷ୍ୟସନ୍ତାନ ସଚେତନତା ମାସ ପାଳନ କାର୍ଯ୍ୟକ୍ରମ ବାଲିଯାତ୍ରାର ଅକ୍ଷୟ ମହାନ୍ତି ମଞ୍ଚରେ ସୋମବାର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲାପାଳ ଚୟନୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପରୋକ୍ତ ବିଷୟରେ କହିଥିଲେ। କାର୍ଯ୍ୟକ୍ରମରେ ପଶ୍ଚିମବଙ୍ଗ ମାଲଦାର ଦମ୍ପତି ଡା. ସୌମେନ ଦାସ ଏବଂ ଡା. ମୌମିତା ଗୋସ୍ୱାମୀ ନିଜର ପୋଷ୍ୟକନ୍ୟା ସହ ଆସି ମଞ୍ଚରେ ପୋଷ୍ୟସନ୍ତାନ ଗ୍ରହଣର ଅନୁଭୂତି ବାଣ୍ଟିଥିଲେ। ସେହିପରି ପୁରୀ ଜିଲା ପିପିଲିର ଦମ୍ପତି ପ୍ରଭାତ ତ୍ରିପାଠୀ ଓ ସ୍ତ୍ରୀ ସନ୍ଧ୍ୟାରାଣୀ ମଧ୍ୟ ପୋଷ୍ୟପୁତ୍ର ସହ ମଞ୍ଚରେ ରହି ନିଜର ଭାବାବେଗ କହିଥିଲେ। ଏହି ଅବସରରେ ଜିଲାପାଳ ପୋଷ୍ୟ ଗ୍ରହଣକାରୀ ଦମ୍ପତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟର ବାର୍ଷିକ ପତ୍ରିକା ସୁରକ୍ଷାର ସ୍ୱର ତୃତୀୟ ସଂସ୍କରଣ ଉନ୍ମୋଚନ ହୋଇଥିଲା। ପରେ ଷ୍ଟଲରେ ପିଲାମାନଙ୍କ ଦ୍ୱାରା ନିର୍ମିତ ବାଲୁକା ଶିଳ୍ପ, ହାତ ତିଆରି ସାମଗ୍ରୀ ପ୍ରଦର୍ଶନୀକୁ ଜିଲାପାଳ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଅଗ୍ନିଶମ ସେବା ବାହିନୀର ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ସୌମ୍ୟା ମିଶ୍ର ଏବଂ ବାଙ୍କୀ ଉପଜିଲାପାଳ ରଞ୍ଜନ ଜେନା, ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି ପରିଚାଳନା କରିଥିଲେ।







ବାଲିଯାତ୍ରା ପଡ଼ିଆ ଓରମାସ୍ ଷ୍ଟଲରୁ ଗ୍ରାହକ ବାଉଁଶ ସାମଗ୍ରୀ କିଣୁଛନ୍ତି।



ବାଲିଯାତ୍ରା ଉପର ପଡ଼ିଆରେ ବିକ୍ରି ପାଇଁ ରଖାଯାଇଥିବା ବିଭିନ୍ନ ପ୍ରକାର ପ୍ଲାଷ୍ଟିକ୍ ଫୁଲ।

## ଲୋକଙ୍କ ପସନ୍ଦ ରାଜସ୍ଥାନୀ ଜୋତା

ବାଲିଯାତ୍ରା ପଡିଆରେ ବିକ୍ରି ହେଉଛି ରାଜସ୍ଥାନୀ ଜୋତା। ଆଖିକୁ ଏହା ସୁନ୍ଦର ଦେଖାଯାଉଥିବାରୁ ଲୋକମାନେ ଏହାକୁ ବେଶ୍ ପସନ୍ଦ କରୁଛନ୍ତି। ଏହାର ମୂଲ୍ୟ ୧୫୦ ଟଙ୍କାରୁ ଆରମ୍ଭ ହୋଇ ୩୦୦ ଟଙ୍କା ପର୍ଯ୍ୟନ୍ତ ରହିଛି।



# ଦିନ ସରୁଛି, ଭିଡ଼ ଜମୁଛି

**କଟକ ଅଫିସ,୧୫।୧୧**

ବାଲିଯାତ୍ରା ଯେତିକି ସରିସରି ଆସୁଛି ଭିଡ଼ ସେତିକି ଜମି ଜମି ଆସୁଛି। ରାଜ୍ୟ ସରକାର ଗୋଟିଏ ଦିନ ବଢ଼ାଇଦେବା ପରେ ଆଉ ମାତ୍ର ୨ ଦିନ ରହିଲା ବାଲିଯାତ୍ରା। ଆରମ୍ଭ ବେଳର ଉତ୍କଣ୍ଠା ସରିବା ବେଳକୁ ପୁଣି ବୃଦ୍ଧି ପାଇଛି। ଗୋଟାଏ ଦିନରେ ପୂରା ବାଲିଯାତ୍ରା ପଡ଼ିଆ ବୁଲିବା ଅସମ୍ଭବ। ଖାସ୍ ସେଇଥିପାଇଁ ଏକାଧିକ ଥର ବାଲିଯାତ୍ରା ବୁଲିବାକୁ ଆସିଥାନ୍ତି ଅନେକେ। ଭଳିକି ଭଳି ଖାଦ୍ୟର ଲୋକଙ୍କୁ ଆକର୍ଷିତ କରୁଛି ସତ ହେଲେ ପକେଟକୁ ଚାହିଁଲା ବେଳକୁ ସବୁବର୍ଗର ଲୋକଙ୍କୁ ସୁହାଇଲା ଭଳି ହେଉନାହିଁ। ଗୋଟା ମାଛ, ଚିଙ୍ଗୁଡ଼ିର ଚପ୍ ଲୋଭନୀୟ ନିଶ୍ଚିତ ଭାବେ। ସେପଟେ ଲଙ୍କା ଚପ୍ ହେଉ ବା ମକାସିଝା ସବୁର ଦର ଦେଖି ପରିବାର ନେଇ ଯାଇଥିବା ସାଧାରଣ ଲୋକଟି ଟିକେ ନିଃଶ୍ୱାସ ମାରୁଛି। ଘରକରଣା ସାମଗ୍ରୀ କିଣିବା ପାଇଁ ଇଚ୍ଛା ତ ରହିଛି। ସେଆଡ଼କୁ ଚାହିଁଲେ ପକେଟରେ ନିଅଣ୍ଟିଆ ସ୍ଥିତି। ଲୋକ ଭିଡ଼ ଭିତରେ ବିଭିନ୍ନ ସାମଗ୍ରୀର ଦର ଯେ ଚଢ଼ା ହୋଇଯାଇଛି ତାହା ଆଉ ବୁଝିବାକୁ ବାକି ନାହିଁ। ଅବଶ୍ୟ ପଇସାବାଲା ଲୋକଙ୍କୁ ଏସବୁ କିଛି ଫରକ ପଡ଼ିନାହିଁ। କୁନି ପିଲାଙ୍କ ଦୋଳିରେ ମା'ବାପାମାନେ ଅଟକିବାକୁ ଏକପ୍ରକାର ବାଧ ହେଉଛନ୍ତି। କୁନି ପିଲାଙ୍କୁ ଆଣି ତାଙ୍କ ମନ ପସନ୍ଦର ଦୋଳିରେ ଟିକେ ନ ବସାଇଲେ ବାଲିଯାତ୍ରା ବୁଲାଟା ଅଧୁରା ରହିଯିବ। ଖାଲି ଏତିକି ନୁହେଁ। ଯୁବ ଉଦ୍ୟୋଗୀ ହେଉ ଅବା କୃଷକ ସେମାନେ ନୂଆ ନୂଆ ଯନ୍ତ୍ରପାତି ଦେଖିବାର ସୁଯୋଗ ପାଇଛନ୍ତି। ନିଜ ପାଇଁ କେଉଁ ପ୍ରକାର ଉଦ୍ୟୋଗ କଲେ ରୋଜଗାରର ପନ୍ଥା ମିଳିଯିବ, ତାହା ବି ଏଠି ନିରୂପିତ ହେଉଛି। ବିଭିନ୍ନ କମ୍ପାନୀ ବାଲିଯାତ୍ରା ଅଫର ଜରିଆରେ ଆକର୍ଷଣୀୟ ରିହାତି ଦେଇ ଯନ୍ତ୍ରପାତି, ଦୁଇଚକିଆ, ଚାରିଚକିଆ ଯାନ କିଣିବାର ସୁଯୋଗ ସୃଷ୍ଟି କରିପାରୁଛନ୍ତି। ବଗିଚା ନିମନ୍ତେ ସିଏମ୍‌ସି ପକ୍ଷରୁ ଖୋଲାଯାଇଥିବା ନର୍ସରି ଷ୍ଟଲରେ ସୁଲଭ ମୂଲ୍ୟରେ ବିଭିନ୍ନ ଚାରା ଯୋଗାଇ ଦିଆଯାଉଛି। ସର୍ବୋପରି ବାଲିଯାତ୍ରା ଖାଲି ମନୋରଞ୍ଜନ ବା କିଣାବିକା ନୁହେଁ, ବରଂ ସମାଜର ସମୃଦ୍ଧି ପାଇଁ ଏକ ପ୍ଲାଟଫର୍ମ ସାବ୍ୟସ୍ତ ହୋଇଛି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ।



ବାଲିଯାତ୍ରା ଉପର ପଡ଼ିଆରେ ମହିଳାମାନେ ପିଠା ଛାଞ୍ଚ ଦେଖୁଛନ୍ତି।



## ବୁଣା ଶାଢ଼ିର ଚାହିଦା ରହିଛି

ବାଲିଯାତ୍ରାରେ ହସ୍ତତନ୍ତ ସାମଗ୍ରୀ ଓ ଦେଖିବାକୁ ମିଳିଛି। ଯାଜପୁର ଜିଲା ଗୋପାଳପୁର ଅଞ୍ଚଳର ବ୍ୟବସାୟୀମାନେ ବୁଣାଶାଢ଼ି ବିକ୍ରି କରିବା ପାଇଁ ଏଠାକୁ ଆଣିଛନ୍ତି। କାରିଗରମାନେ ଛୁଞ୍ଚିରେ ରଙ୍ଗବେରଙ୍ଗ ସୂତା ଗୁନ୍ଥି ଶାଢ଼ିରେ ଫୋଡ଼ି ବିଭିନ୍ନ ରୂପ ଦେଇଥାନ୍ତି। ଏହି ଶାଢ଼ୀର ମୂଲ୍ୟ ୧୬ରୁ ୨୦ ହଜାର ଟଙ୍କା ରହିଛି।

# ମମତାଙ୍କ ନୂଆ ଠିକଣା ସ୍ପେନ୍

ଝିଅକୁ ପାଇ ଭାବ ବିହ୍ୱଳ ହୋଇପଡ଼ିଲେ ମା' । କିଛି ସମୟ ପାଇଁ ବାଲିଯାତ୍ରାର ଅକ୍ଷୟ ମହାନ୍ତିମଞ୍ଚ ପାଲଟିଯାଇଥିଲା ମା' ଝିଅଙ୍କ ମିଳନ ସ୍ଥଳ । ବାଲିଯାତ୍ରାରେ ଏଭଳି ଏକ ନିଆରା ପରିବେଶ ଦେଖିବାକୁ ମିଳିଥିଲା। ସ୍ପେନ୍‌ରୁ ଆସିଥିବା ଜଣେ ଶିକ୍ଷୟିତ୍ରୀ ବିଡ଼ାନାସୀସ୍ଥିତ ବସୁନ୍ଧରାରେ ରହୁଥିବା ଅନାଥ ଶିଶୁକନ୍ୟା ମମତାଙ୍କୁ ପୋଷ୍ୟକନ୍ୟା ଭାବେ ଗ୍ରହଣ କରିଥିଲେ। ଝିଅକୁ ଧରି ସେ କାନ୍ଦିବାକୁ ଲାଗିଥିଲେ। ଶିକ୍ଷୟିତ୍ରୀ ଜଣକ ହେଲେ ସିଲ୍‌ଭିଆ ଆରିବାସ୍ ହେରାନ୍‌ଜ। ସିଲ୍‌ଭିଆ ନିଜ ଭାଇ ମାରିଓ ହେରାନ୍‌ଜଙ୍କ ସହ କଟକ ଆସି ପୋଷ୍ୟକନ୍ୟାକୁ କୋଳେଇ ନେଇଥିଲେ। ଏବେ ମମତାଙ୍କ ନୂଆ ଠିକଣା ହେବ ସ୍ପେନ୍। କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ଗ୍ରହଣ ନିୟମ ଅନୁଯାୟୀ ଏହି ପୋଷ୍ୟ ମାମଲାର ଶୁଣାଣି ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ କୋର୍ଟରେ ପ୍ରାୟ ମାସକ ତଳେ ହୋଇଥିଲା। ପୋଷ୍ୟ ସନ୍ତାନ ଗ୍ରହଣ ସମ୍ପର୍କିତ ସମସ୍ତ ଦଲିଲ୍ ଯାଞ୍ଚ କରିବା ପରେ ଜିଲାପାଳ ଦସ୍ତାବିଜରେ ନିଜର ସ୍ୱୀକୃତି ସ୍ୱାକ୍ଷର କରିଥିଲେ। ସୂଚନାଯୋଗ୍ୟ, ପୋଷ୍ୟ ସନ୍ତାନ ଗ୍ରହଣ ନିର୍ଦ୍ଦେଶାବଳୀର ପରିବର୍ତ୍ତନ ପରେ କଟକ ହେଉଛି ପ୍ରଥମ ଜିଲା ଯେଉଁଠି ମାମଲାର ଶୁଣାଣି କରି ନିର୍ଦ୍ଦେଶ ଜାରି କରାଯାଇଛି। ଏହି ପରିପ୍ରେକ୍ଷୀରେ ସିଲ୍‌ଭିଆ ନିଜ ପୋଷ୍ୟମାତା ହେବାର ଅଭିଜ୍ଞତା ସମ୍ପର୍କରେ ବଖାଣିଥିଲେ। ସେ କହିଥିଲେ, 'ମୁଁ ଆବେଦନ କରିବା ପରେ ଅନେକଗୁଡିଏ ପ୍ରତିବନ୍ଧକ ସୃଷ୍ଟି ହୋଇଥିଲା। କିନ୍ତୁ ପ୍ରଶାସନର ଉଚିତ୍ ମାର୍ଗଦର୍ଶନ ଯୋଗୁଁ ମୁଁ ଆଜି ଶିଶୁ କନ୍ୟାକୁ ପୋଷ୍ୟ ଭାବେ ଗ୍ରହଣ କରିପାରିଛି।' ଏହି ଅବସରରେ ଜିଲାପାଳ ଚୟନୀ ମଧ୍ୟ ସିଲ୍‌ଭିଆଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



ବାଲିଯାତ୍ରା ତଳ ପଡ଼ିଆରେ ଜଣେ ଶିଶୁ ଖେଳନା ବାଛୁଛନ୍ତି।



## ସିଲଟରେ ଘରସଜ୍ଜା ସାମଗ୍ରୀ

ବାଲିଯାତ୍ରା ପଡିଆର ଏକ ଷ୍ଟଲରେ ବିକ୍ରି ହେଉଛି ସିଲଟରେ ଘରସଜ୍ଜା ସାମଗ୍ରୀ। ଏହାର ମୂଲ୍ୟ ୨୫୦ ଟଙ୍କା ରହିଛି। ପୁରୀର ବେବି ମହାନ୍ତି ବାଲିଯାତ୍ରା ଓରମାସ୍‌ରେ ବିକ୍ରି କରିବା ପାଇଁ ଆଣିଛନ୍ତି। ଏହାକୁ ମଧ୍ୟ ଲୋକମାନେ ବେଶ୍ ପସନ୍ଦ କରୁଛନ୍ତି।





ବାଲିଯାତ୍ରା ପଡ଼ିଆ ଅକ୍ଷୟ ମହାନ୍ତି ମଞ୍ଚରେ ସ୍ପେନ ଦମ୍ପତି ପୋଷ୍ୟ ସନ୍ତାନ ଗ୍ରହଣ କରୁଛନ୍ତି।

## ଔଷଧୀୟ ପଦାର୍ଥରେ ଆୟୁର୍ବେଦିକ ଚା'

ବିଭିନ୍ନ ପ୍ରକାର ଔଷଧୀୟ ପଦାର୍ଥ, ତୁଳସୀ, ଲେମ୍ବୁ, କଳାଜିରା, ମହୁ ଆଦିର ମିଶ୍ରଣରେ ପ୍ରସ୍ତୁତ ହୋଇଛି ଆୟୁର୍ବେଦିକ ଚା। ଯାହାର ୧୦୦ ମିଲି ମୂଲ୍ୟ ୧୫୦ ଟଙ୍କା ରହିଛି। ଗରମ ପାଣିରେ ଏହାକୁ ପକାଇ ପିଇଲେ ଗ୍ୟାସ୍, ବାତ, ପିତ୍ତ, ଥଣ୍ଡା ଆଦି ସମସ୍ୟା ଦୂର ହେବା ସହ ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ ମଧ୍ୟ ହୋଇଥାଏ ବୋଲି ବାରଙ୍ଗ ରାମଦାସପୁରରୁ ଆସିଥିବା ଶ୍ରୀ ସାଇ ଟି ଟ୍ରେଡିଂ କମ୍ପାନୀ ପକ୍ଷରୁ କୁହାଯାଇଛି। ଆଉ ଲୋକଙ୍କୁ ବି ମାଗଣାରେ ଚା ପିଆଯାଉଛି।

# ସକାରାତ୍ମକ ଭାବନା ନେଇ ଆସିଛି ବାଲିଯାତ୍ରା





**✔ ବାଲିଯାତ୍ରା ସମ୍ପର୍କରେ କ'ଣ କହିବେ?**

୨ ବର୍ଷ ପରେ ବାଲିଯାତ୍ରା ଅନୁଷ୍ଠିତ ହୋଇଥିବାରୁ ଅନେକ ସକାରାତ୍ମକ ଭାବନା ନେଇ ଆସିଛି। ଏତେ ସଂଖ୍ୟକ ଦର୍ଶକଙ୍କୁ ଦେଖି ଖୁସି ଲାଗୁଛି।

**✔ ବାଲିଯାତ୍ରାକୁ ନେଇ ପିଲାବେଳର ସ୍ମୃତି କ'ଣ ରହିଛି?**

ବାଲିଯାତ୍ରାକୁ ନେଇ ଅନେକ ସ୍ମୃତି ରହିଛି। ସେତେବେଳର ବାଲିଯାତ୍ରା ଆଉ ଏବେକାର ବାଲିଯାତ୍ରାରେ ଅନେକ ପାର୍ଥକ୍ୟ ରହିଛି। ଡିଜିଟାଲ ଯୁଗ ଆସିଗଲାଣି। ସେତେବେଳେ କାଠରେ ତିଆରି ଖେଳଣା ବେଶି ବିକ୍ରି ହେଉଥିଲା। ହେଲେ ଏବେ ଏହାର ସ୍ଥାନ ନେଇଛି ପ୍ଲାଷ୍ଟିକ୍ ଖେଳଣା।

**✔ ଦୀର୍ଘଦିନ ପରେ ଓଡ଼ିଶା ଆସି କେମିତି ଲାଗୁଛି?**

ମୋ ପାଇଁ ଓଡ଼ିଶା ଆସିବା ଗର୍ବର କଥା। ମୁଁ ଦେଶ ପାଇଁ ଷ୍ଟାର୍ ହୋଇପାରେ ହେଲେ ସବୁବେଳେ ଓଡ଼ିଶା ମାଟିର ପୁଅ ହୋଇ ରହିବି।

# ନୃତ୍ୟରେ ବନ୍ୟଜନ୍ତୁଙ୍କ ସୁରକ୍ଷା ବାର୍ତ୍ତା

ବାଲିଯାତ୍ରା ପଡିଆର ଅକ୍ଷୟ ମହାନ୍ତି ମଞ୍ଚରେ ମଙ୍ଗଳବାର ସନ୍ଧ୍ୟାରେ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗଞ୍ଜାମର ବିଶ୍ୱଜନନୀ କଳା ପରିଷଦର କଳାକାରମାନେ ପଶୁନୃତ୍ୟ ମାଧ୍ୟମରେ ବନ୍ୟଜନ୍ତୁଙ୍କ ସୁରକ୍ଷା ବାର୍ତ୍ତା ଦିଆଯାଇଥିଲା। ଏହି ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ତେବେ ମଞ୍ଚର ମୁଖ୍ୟ ଆକର୍ଷଣ ଥିଲେ କଣ୍ଠଶିଳ୍ପୀ କ୍ରିଷ୍ଣା ବେଉରା। ସେ ଗାନ କରିଥିବା ଗୀତ ସେଦିନ ବି ଥିଲା ପୂନେଇଁ ରାତି..., ନିଝୁମ୍ ରାତିର ସହରରେ... ଦର୍ଶକଙ୍କୁ ମତୁଆଲା କରିଥିଲେ। ଏହାପରେ ସେ ଗୋଟିଏ ପରେ ଗୋଟିଏ ହିଟ୍ ଗୀତ ଗାଇ ଚାଲିଥିଲେ। ଶୀତୁଆ ସନ୍ଧ୍ୟାରେ ଉପସ୍ଥିତ ଦର୍ଶକ ତାଙ୍କ ଗୀତରେ ଝୁମିଥିଲେ। ସେ ଚର୍ଚ୍ଚିତ ହିନ୍ଦୀ ଫିଲ୍ମ ନମସ୍ତେ ଲଣ୍ଡନ୍‌ର ଗୀତ 'ତେରି ୟାଦ ସାଥ ହୈ...ଗୀତ ବୋଲି ଦର୍ଶକଙ୍କ କରତାଳି ସାଉଁଟିଥିଲେ। ସେହିପରି ସାଇଶ୍ରୁତି ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଶିବ ତାଣ୍ଡବ ନୃତ୍ୟ ପରିବେଷିତ ହୋଇଥିଲା। ଏଥିସହ ପଶ୍ଚିମବଙ୍ଗ କଳାକାରଙ୍କ ପକ୍ଷରୁ କୁଚିପୁଡ଼ି ନୃତ୍ୟ, ତିଳକ ଚକ୍ରବର୍ତ୍ତୀ ଓ ତିଶାଙ୍କ ପକ୍ଷରୁ ସଙ୍ଗୀତ ପରିବେଷଣ କରାଯାଇଥିଲା। ସେହିପରି ଗଣକବି ବୈଷ୍ଣବ ପାଣି ମଞ୍ଚରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବଲପୁରୀ, ଓଡ଼ିଶୀ, ଗୀତିନାଟ୍ୟ, କୁଚିପୁଡ଼ି ନୃତ୍ୟ ପରିବେଷିତ ହୋଇଥିଲା।



# ଜନସମ୍ପର୍କ ବାହାନାରେ ଶକ୍ତି ପ୍ରଦର୍ଶନ

ପୁରୀ ଅଫିସ, ୧୫।୧୧

ବିଜେଡି ପକ୍ଷରୁ ଅକ୍ଟୋବର ୨ରୁ ଆରମ୍ଭ ହୋଇଥିବା ଜନସମ୍ପର୍କ ପଦଯାତ୍ରା ମଙ୍ଗଳବାର ଶେଷ ହୋଇଛି। ଏହିକ୍ରମରେ ଶେଷ ଦିନରେ ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀରେ ଦଳର ଜିଲା ସଭାପତି ମହେଶ୍ୱର ମହାନ୍ତିଙ୍କ ନେତୃତ୍ୱରେ ଏକ ଜନସମ୍ପର୍କ ପଦଯାତ୍ରା କରାଯାଇଛି। ଏହି ପଦଯାତ୍ରା ନରେନ୍ଦ୍ରକୋଣସ୍ଥିତ ବିଜେଡି କାର୍ଯ୍ୟାଳୟଠାରୁ ବାହାରି ଗୁଣ୍ଡିଚା ମନ୍ଦିରସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ ପହଞ୍ଚିଥିଲା। ଏହାପରେ ସେଠାରେ ଏକ ସମାବେଶ ଅନୁଷ୍ଠିତ ହୋଇଛି। ହେଲେ ପୁରୀ ନିର୍ବାଚନମଣ୍ଡଳୀରେ କରାଯାଇଥିବା ଏହି ଜନସମ୍ପର୍କ ପଦଯାତ୍ରା ପ୍ରଥମ ନୁହେଁ। ଏହା ପୂର୍ବରୁ ଗତ ୧ତାରିଖରେ ବିଜେଡିର ଯୁବ ନେତା ଶୁଭାଶିଷ ଖୁଣ୍ଟିଆଙ୍କ ନେତୃତ୍ୱରେ ଏକ ଜନସମ୍ପର୍କ ପଦଯାତ୍ରା କରାଯାଇଥିଲା। ଉକ୍ତ ପଦଯାତ୍ରା ଶୁଭାଶିଷଙ୍କ ନେତୃତ୍ୱରେ ହୋଇଥିବା ବେଳେ ସେଥିରେ ବହୁ ବରିଷ୍ଠ ନେତା ଓ କର୍ମୀମାନେ ମଧ୍ୟ ଯୋଗଦେଇଥିଲେ। ତାଙ୍କ ପଦଯାତ୍ରା ଜଗନ୍ନାଥଙ୍କ ମନ୍ଦିର ନିକଟରୁ ବାହାରି ମୁକ୍ତାକାଶ ରଙ୍ଗମଞ୍ଚରେ ଶେଷ ହୋଇଥିଲା। ହେଲେ ସେହି ପଦଯାତ୍ରାରେ ଜିଲା ସଭାପତି ତଥା ପୁରୀର ପୂର୍ବତନ ବିଧାୟକ ମହେଶ୍ୱର ମହାନ୍ତି ନ ଥିଲେ। ତେବେ ପ୍ରଥମେ ଶୁଭାଶିଷ ଏବଂ ଏବେ ମହେଶ୍ୱର ପଦଯାତ୍ରା କରିବାକୁ ନେଇ ପୁରୀ ଜିଲା ରାଜନୀତିରେ ଚର୍ଚ୍ଚା ଜୋର୍ ଧରିଛି। କର୍ମୀ ମହଲରେ ମଧ୍ୟ ଏହାକୁ ନେଇ ଦ୍ୱନ୍ଦ୍ୱ ଆରମ୍ଭ ହୋଇଯାଇଛି। ବିଗତ ଦିନରେ ପୁରୀ ନିର୍ବାଚନମଣ୍ଡଳୀରେ ବିନା ମହେଶ୍ୱରରେ ସମାନ୍ତରାଳ ଦଳୀୟ କାର୍ଯ୍ୟକ୍ରମ କେବେ ହେଲେ ଦେଖିବାକୁ ମିଳୁ ନ ଥିଲା, ଯାହା ଏବେ ଦେଖିବାକୁ ମିଳୁଛି ବୋଲି ଜନସମ୍ପର୍କ ପଦଯାତ୍ରା ସମୟରେ ଆଲୋଚନାର ବିଷୟବସ୍ତୁ ପାଲଟିଥିଲା। ଅନ୍ୟପଟେ ପୁରୀ ଏମ୍‌ପି ପିନାକୀ ମିଶ୍ର ଉଭୟ ଶୁଭାଶିଷ ଏବଂ ମହେଶ୍ୱର କାହାରି ପଦଯାତ୍ରାରେ ସାମିଲ ହୋଇ ନ ଥିବା ଦେଖିବାକୁ ମିଳିଛି। ମଙ୍ଗଳବାର ଜନସମ୍ପର୍କ ପଦଯାତ୍ରାରେ ଯୋଗଦେଇଥିବା ପୁରୀ ସଦରର ଜଣେ ଆଗ ଧାଡିର ନେତାଙ୍କ କହିବାନୁଯାୟୀ, ଏମ୍‌ପିଙ୍କ ସହ ନିକଟରେ ଏକ ସାଙ୍ଗଠନିକ ଦାୟିତ୍ୱ ବଣ୍ଟାକୁ ନେଇ ମହେଶ୍ୱରଙ୍କ ମତଭେଦ ସୃଷ୍ଟି ହୋଇଥିଲା। ଏହାସହ ଶୁଭାଶିଷଙ୍କ



ପୁରୀ ରଙ୍ଗମଞ୍ଚ ପରିସରରେ ଜନସମ୍ପର୍କ ପଦଯାତ୍ରା ସମାବେଶରେ ଉପସ୍ଥିତ ନେତାମାନେ।

- ଉଭୟ ରାଲିରେ ଦେଖାଗଲେନି ପିନାକୀ
- ୨ ସମାନ୍ତରାଳ ରାଲିକୁ ନେଇ ବଢୁଛି ଚର୍ଚ୍ଚା
- ପ୍ରଥମେ ଶୁଭାଶିଷ, ଏବେ ମହେଶ୍ୱରଙ୍କ ଜନସମ୍ପର୍କ ପଦଯାତ୍ରା

ପଦଯାତ୍ରାରେ ଯୋଗଦେଲେ କାଳେ ମହେଶ୍ୱରଙ୍କ ଗୋଷ୍ଠୀର ଲୋକମାନେ ପ୍ରତିକ୍ରିୟାଶୀଳ ହେବେ ସେଥିଲାଗି ଉଭୟଙ୍କ କାର୍ଯ୍ୟକ୍ରମରୁ ପିନାକୀ ନିଜକୁ ଦୂରେଇ ରଖିଛନ୍ତି। ସେପଟେ ମହେଶ୍ୱର କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାରର ଜନହିତକର ଲୋକାଭିମୁଖୀ ଯୋଜନାଗୁଡିକ ରାଜ୍ୟରେ କିପରି ସଫଳ ରୂପାୟନ ହୋଇଛି ତାହାର ବାର୍ତ୍ତା ଘରେ ଘରେ ଜନସମ୍ପର୍କ ପଦଯାତ୍ରା ମାଧ୍ୟମରେ ପହଞ୍ଚାଯାଇଛି। ତେବେ ଶୁଭାଶିଷ ଏବେ ପୁରୀ ଆସନରୁ ଟିକେଟ ପାଇବା ନେଇ ଆଶାୟୀ ଅଛନ୍ତି। ଅନ୍ୟପଟେ ସେ ପ୍ରତ୍ୟେକ ଦିନ ବିଜେଡି ସାଙ୍ଗଠନିକ କାର୍ଯ୍ୟକ୍ରମ କରି ନିଜର ଶକ୍ତି ବଢାଇବାରେ ଲାଗିଛନ୍ତି। ବିଜେଡିରେ ଏବେ ଯୁବ ଗୋଷ୍ଠୀଙ୍କୁ ପ୍ରାଧାନ୍ୟ ମିଳୁଥିବା ବେଳେ ଆଗକୁ ପୁରୀ ନିର୍ବାଚନମଣ୍ଡଳୀ ନେତୃତ୍ୱ କାହାକୁ ମିଳିବ ତାକୁ ନେଇ ଦଳୀୟ କର୍ମୀ ସନ୍ଦେହ ଭିତରେ ରହିଛନ୍ତି।

ଏ ନେଇ ପୁରୀ ଏମ୍‌ପିଙ୍କ ପ୍ରତିନିଧି ଘନଶ୍ୟାମ ମର୍ଦ୍ଦରାଜ କହିଛନ୍ତି, କିଛି ଗଣମାଧ୍ୟମ ସଂସ୍ଥା ଓ ବିରୋଧୀ ଗୋଷ୍ଠୀ ବିଜେଡି ଲୋକପ୍ରିୟତାକୁ ସହି ନ ପାରି ବିଜେଡିରେ ଫାଟ ଥିବା ନେଇ ପ୍ରଚାର କରୁଛନ୍ତି। ଏଭଳି ପ୍ରଚାର କରିବା ଏକ ଲଜ୍ୟାଜନକ କଥା। ତେବେ ବିଜେଡିରେ କୌଣସି ଫାଟ ବା ବିବାଦ ନାହିଁ ବୋଲି ଏମ୍‌ପି ପ୍ରତିନିଧି ମର୍ଦ୍ଦରାଜ କହିଛନ୍ତି। ସେହିପରି ପୂର୍ବତନ ନଗରପାଳ ଗୌରହରି ପ୍ରଧାନ କହିଛନ୍ତି, ମଙ୍ଗଳବାର ଯେଉଁ ରାଲି ହୋଇଛି ତାହା ବିଜେଡି ଜିଲା ସଭାପତିଙ୍କ ନେତୃତ୍ୱରେ ହୋଇଛି। ଶୁଭାଶିଷଙ୍କ ନେତୃତ୍ୱରେ ଯୁବ ଜନତା ଦଳର ହୋଇଥିଲା, ମଙ୍ଗଳବାର ମହେଶ୍ୱରଙ୍କ ନେତୃତ୍ୱରେ ବରିଷ୍ଠ ବିଜେଡିର ରାଲି ହୋଇଥିଲା। ତେବେ ୨ଟି ରାଲି ପୁରୀରେ ଗୋଟିଏ ଦଳ ପକ୍ଷରୁ କରାଗଲେ ତାହାକୁ ନେଇ ସାଧାରଣ ଲୋକ ଯାହା କହିବେ, ସେଥିରେ କିଛି ଅସୁବିଧା ନାହିଁ। ତେବେ ବିଜେଡିରେ କୌଣସି ଫାଟନାହିଁ ବୋଲି ସେ କହିଛନ୍ତି।

## ଡିସେମ୍ବର ୪ରେ କୋଣାର୍କ ସାହିତ୍ୟ ଆସର

କୋଣାର୍କ,୧୫।୧୧(ଡି.ଏନ୍.ଏ.)

ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ ହେବାକୁ ଥିବା କୋଣାର୍କ ଉତ୍ସବ ଅବସରରେ ଡିସେମ୍ବର ୪ରେ କୋଣାର୍କ ସାହିତ୍ୟ ଆସର ଓ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହେବ। କୋଣାର୍କ ମୁକ୍ତାକାଶ ରଙ୍ଗମଞ୍ଚ ପରିସରରେ ୨ଟି ଅଧିବେଶନରେ ସାହିତ୍ୟ ଆଲୋଚନା, ବ୍ୟଙ୍ଗ କବିତା ଆସର, ଅଣୁଗଳ୍ପ ଓ କବିତା ପାଠ, ପୁସ୍ତକ ଉନ୍ମୋଚନ କରାଯିବ। ୯ଜଣ ସାରସ୍ୱତ ପ୍ରତିଭାଙ୍କୁ ସମ୍ମାନିତ କରାଯିବ। ଏନେଇ ମଙ୍ଗଳବାର ଶ୍ୟାମାକାଳୀ ମନ୍ଦିର ପରିସରରେ ଆୟୋଜିତ ପ୍ରସ୍ତୁତି ବୈଠକରେ କୋଣାର୍କ ସାହିତ୍ୟ ସଂସଦ ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର ଓ ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି ସୂଚନା ଦେଇଛନ୍ତି। ବିଶିଷ୍ଟ କବି ଡ. ମନୋରମା ବିଶ୍ୱାଳ ମହାପାତ୍ରଙ୍କୁ 'କୋଣାର୍କ ସାହିତ୍ୟ ସମ୍ମାନ', ପ୍ରାବନ୍ଧିକ ତଥା ଗବେଷକ ଡ. ବିବୁଧ ରଞ୍ଜନଙ୍କୁ 'ଅର୍କପ୍ରଜ୍ଞା ସମ୍ମାନ' ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏହି ଅବସରରେ ବ୍ୟଙ୍ଗକବି ସର୍ବଗିଳାଙ୍କ ରଚିତ ପୁସ୍ତକ 'ଭଦ୍ର ଖେଚଡ଼'ର ପାଠକାର୍ପଣ କରାଯିବ। କାର୍ଯ୍ୟକ୍ରମରେ ଏକାଧିକ ଚିତ୍ରଶିଳ୍ପୀ ଚିତ୍ରକଳା ପ୍ରଦର୍ଶନ କରିବେ। ବୈଠକରେ ବାନରସେନା ସମ୍ପାଦକ ପ୍ରକାଶଚନ୍ଦ୍ର ଖଟୋଇ, କବୟିତ୍ରୀ ସ୍ୱର୍ଣ୍ଣଲତା ତ୍ରିପାଠୀ, କବି ଚିତ୍ତରଞ୍ଜନ ବିଶ୍ୱାଳ, କୋଣାର୍କ ଓକିଲ ସଂଘ ସଭାପତି ଶ୍ରୀଜୟ ବରାଳ, ନିରଞ୍ଜନ ସାହୁ, କୁନାଲ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୫।୧୧।୨୦୨୨

| ୩,୦୮,୯୯୯ ଟଙ୍କା | |
|---|---|
| ସୁନା | ୧୦୦ ମିଲିଗ୍ରାମ୍ |
| ରୁପା | ୧୦.୪୫୦ ଗ୍ରାମ |

## ଗୁଳିକାଣ୍ଡ ଘଟଣା, ଆଉ ୨ ଗିରଫ

**ବନ୍ଧୁକ, ଗୁଳି, ବାଇକ୍ ଜବତ**

ପୁରୀ ଅଫିସ, ୧୫।୧୧

ଦୀପାବଳି ରାତିରେ ଚନ୍ଦନପୁର ଥାନା ଅନ୍ତର୍ଗତ ଥେଣ୍ଟପୁରୁ ଭାର୍ଗବୀ ହାଇସ୍କୁଲ ନିକଟରେ ପୂର୍ବ ଶତ୍ରୁତାକୁ ନେଇ ହୋଇଥିବା ଗୁଳିକାଣ୍ଡ ଘଟଣାରେ ଚନ୍ଦନପୁର ଥାନା ପୋଲିସ ପୂର୍ବରୁ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ ଆଉ ୨ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଦୁଇ ଅଭିଯୁକ୍ତ ହେଲେ ସଦରଥାନା ଅନ୍ତର୍ଗତ ମୁକୁନ୍ଦମିଶ୍ର ନଗରର ଆଶିଷ ଖୁଣ୍ଟିଆ ଓରଫ ପପୁ (୨୮) ଏବଂ କୁମ୍ଭାରପଡା ଥାନା ଅନ୍ତର୍ଗତ ବଡଶଙ୍ଖ ବାଘ ଆଖଡା ଲେନ୍‌ର ଅଭିଷେକ ଜେନା (୨୪)। ପୋଲିସ ସେମାନଙ୍କ ନିକଟରୁ ଗୁଳିକାଣ୍ଡରେ ବ୍ୟବହାର ହୋଇଥିବା ବନ୍ଧୁକ, ଗୁଳି ଏବଂ ଗୋଟିଏ ବାଇକ୍ ଜବତ କରିଛି। ଏ ନେଇ ପୋଲିସ ନଂ. ୨୬୧/୨୨ରେ ମାମଲା ରୁଜୁ ହୋଇଛି। ସୂଚନା ଅନୁଯାୟୀ, ସଦରଥାନା ମୁକୁନ୍ଦ ମିଶ୍ର ନଗରର ଦୀପକ ଖୁଣ୍ଟିଆ ହତ୍ୟାକୁ ନେଇ ଏହି ଗୁଳିକାଣ୍ଡ ଘଟଣା ଘଟିଥିଲା। ନିଲୁ ଓ ମୃତ ଦୀପକ ଖୁଣ୍ଟିଆଙ୍କ ପରିବାର ମଧ୍ୟରେ ପୂର୍ବରୁ ଶତ୍ରୁତା ଲାଗିରହିଥିଲା। ତେବେ ଗୁଳିକାଣ୍ଡ ଘଟଣାର ଦୁଇଦିନ ପୂର୍ବରୁ ଅର୍ଥାତ ଦୀପାବଳିର ଦୁଇଦିନ ପୂର୍ବରୁ ଅଭିଯୁକ୍ତମାନେ ନିଲୁଙ୍କୁ ମାରିବା ପାଇଁ ଜଗିଥିଲେ। କିନ୍ତୁ ନିଲୁ ସେଦିନ ଖସିଯାଇଥିଲା। ଫଳରେ ଦୀପାବଳି ଦିନ ଅଭିଯୁକ୍ତମାନେ ନିଲୁଙ୍କୁ ମାରିବା ପାଇଁ ପୁଣି ଜଗିରହିଥିଲେ। ୬ଜଣ ଅଭିଯୁକ୍ତ ଘଟଣାରେ ସମ୍ପୃକ୍ତ ଥିଲେ। ନିଲୁ ସେଇ ବାଟ ଦେଇ ଯିବାବେଳେ ଅଭିଯୁକ୍ତମାନେ ୨ରାଉଣ୍ଡ ଗୁଳି କରିଥିଲେ। ଗୋଟେ ଗୁଳି ନିଲୁ ଗୋଡରେ ବାଜିଥିବା ବେଳେ ଆଉ ଗୋଟିଏ ଗୁଳି ନିଲୁ ସହ ଥିବା ଶଙ୍କର ବେହେରା ଦେହରେ ବାଜିଥିଲା। ଫଳରେ ମେଡିକାଲରେ ଶଙ୍କରର ମୃତ୍ୟୁ ହୋଇଥିଲା ଓ ନିଲୁ ଆହାତ ହୋଇଥିଲା। ଘଟଣା ଘଟାଇଥିବା ୬ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୩ ଜଣ ପୋଲିସ ପୂର୍ବରୁ ଗିରଫ ହୋଇଥିବା ପୋଲିସ ୨ ଦୁଇଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଘଟଣାର ମୁଖ୍ୟ ଆସାମୀ ଆଶିଷ ଥିବାବେଳେ ସମ୍ପୃକ୍ତ ଥିବା ଅନ୍ୟ ଜଣେ ଅଭିଯୁକ୍ତ ଫେରାର ରହିଛି।

## ସର୍ବୋଦୟ ମେଳାର ପୁରୋଧା ବିନୋବା ଭାବେ



ବିନୋବା ଭାବେଙ୍କ ଶ୍ରାଦ୍ଧ ଦିବସରେ ଆଚାର୍ଯ୍ୟ ବିନୋବା ଭାବେ ସ୍ମୃତି ପରିଷଦର ସଦସ୍ୟମାନେ ତାଙ୍କ ପ୍ରତିମୂର୍ତ୍ତି ନିକଟରେ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି।

ପୁରୀ ଅଫିସ,୧୫।୧୧

ଆଚାର୍ଯ୍ୟ ବିନୋବା ଭାବେ ସ୍ମୃତି ପରିଷଦ, ପୁରୀ ଓ ବରିଷ୍ଠ ନାଗରିକ ମଞ୍ଚର ମିଳିତ ଆନୁକୂଲ୍ୟରେ ସର୍ବୋଦୟ ନଗରରେ ଆଚାର୍ଯ୍ୟ ବିନୋବା ଭାବେଙ୍କ ୪୦ତମ ଶ୍ରାଦ୍ଧ ଦିବସ ମଙ୍ଗଳବାର ପାଳିତ ହୋଇଛି। ନାଗରିକ ମଞ୍ଚର ସମ୍ପାଦକ ଦେବେନ କୁମାର ଦାସଙ୍କ ନେତୃତ୍ୱରେ ବିନୋବା ଭାବେଙ୍କ ପ୍ରତିମୂର୍ତ୍ତି ପରିସରକୁ ସଫେଇ କରାଯାଇଥିଲା। ସ୍ମୃତି ପରିଷଦର ସଭାପତି ଡ. ବଳରାମ ଦାଶଙ୍କ ଅଧ୍ୟକ୍ଷତାରେ ଏକ ଶ୍ରଦ୍ଧାଞ୍ଜଳି ସଭା ହୋଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ସଭାରେ ଅତିଥିମାନେ କହିଥିଲେ, ଆଚାର୍ଯ୍ୟଙ୍କ ପ୍ରକୃତ ନାମ ଥିଲା ବିନାୟକ ହରିହର ବିନୋବା ଭାବେ। ସେ ହେଉଛନ୍ତି ଭୂଦାନ ଆନ୍ଦୋଳନର କର୍ଣ୍ଣଧାର ଓ ମହାତ୍ମା ଗାନ୍ଧୀଙ୍କ ଶିଷ୍ୟ ଏବଂ ସର୍ବୋଦୟ କର୍ମୀ ଭାବେ ପରିଚିତ। ୧୯୮୨ ନଭେମ୍ବର ୧୫ରେ ୱାର୍ଦ୍ଧା ପୌନର ଆଶ୍ରମରେ ଆତ୍ମ ଶୁଦ୍ଧୀକରଣ ପାଇଁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଅନଶନ ଆରମ୍ଭ କରି ଶେଷରେ ଇଚ୍ଛା ମୃତ୍ୟୁ ଗ୍ରହଣ କରିଥିଲେ। ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଆଶ୍ରମରେ ପହଞ୍ଚି ଅନଶନ ଭାଙ୍ଗିବାକୁ ଅନୁରୋଧ କରିବା ସତ୍ତ୍ୱେ ମଧ୍ୟ ସେ ତାଙ୍କ ନିଷ୍ପତ୍ତିରେ ଅଟଳ ଥିଲେ। ଆଶ୍ରମ ପରିସରରେ ତାଙ୍କୁ ଆଜିର ଦିବସରେ ସମାଧି ଦିଆଯାଇଥିଲା। ୧୯୫୫ ଏପ୍ରିଲରେ ପୁରୀ ସର୍ବୋଦୟ ନଗରରେ ଯେଉଁ ସର୍ବୋଦୟ ମେଳା ଅନୁଷ୍ଠିତ ହୋଇଥିଲା ତାହାର ସେ ଥିଲେ ପୁରୋଧା ଓ ଦୀର୍ଘ ୧୨ଦିନ ଧରି ସେ ପୁରୀରେ ଅବସ୍ଥାନ କରିଥିଲେ। ବିଶେଷ କରି ସେ ୨୮ ବର୍ଷକାଳ ଭାରତବର୍ଷର ବିଭିନ୍ନ ଅଞ୍ଚଳ ଗସ୍ତ କରି ଭୂଦାନ ଆନ୍ଦୋଳନକୁ ସକ୍ରିୟ କରିଥିଲେ। କାର୍ଯ୍ୟକ୍ରମରେ ଜ୍ୟୋତିର୍ବିଦ ଅନାମ ଚନ୍ଦ୍ର ସାହୁ, ଶିକ୍ଷାବିତ୍ ଶିବସୁନ୍ଦର ମିଶ୍ର, ଗୌରାଙ୍ଗ ପରିଡା, ବିଜୟ ଚରଣ ମହାନ୍ତି, ପ୍ରମୋଦା ଦେବୀ, ପ୍ରଫେସର ଅଭିମନ୍ୟୁ ଭୂୟାଁ, ଅରୁଣ ତ୍ରିପାଠୀ, ପ୍ରଭାତ ରାୟ, ଇଂ ଗିରିଜା ଶଙ୍କର ପାଢ଼ୀ, ଗୋଲକ ଚନ୍ଦ୍ର ଜେନା, ଗଙ୍ଗାଧର ଦାସ, ରାମଚନ୍ଦ୍ର ଭୋଇ, ନଡ୍ଡୁ ନାୟକ, ଦେବେନ୍ଦ୍ର ନାଥ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଭବାନୀ ପ୍ରସାଦ ବଳିୟାର ସିଂ, ପୂର୍ଣ୍ଣଚନ୍ଦ୍ର ଶତପଥୀ, ପ୍ରମୋଦ ଦାସ, ସତ୍ୟନାରାୟଣ ମିଶ୍ର ପ୍ରମୁଖ ଯୋଗଦେଇ ବିନୋବାଙ୍କ ପ୍ରତି ସ୍ମୃତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସ୍ମୃତି ପରିଷଦ ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ହିତାଧିକାରୀ କର୍ମଶାଳାର ଆୟୋଜନ

ପୁରୀ ଅଫିସ,୧୫।୧୧

ପୌରସଦନଠାରେ ମଙ୍ଗଳବାର ପୁରୀ ପୌରସଂସ୍ଥା ଏବଂ ଲାଇଫ୍ ଏକାଡେମୀ ଅଫ୍ ଭୋକେଶନାଲ ଷ୍ଟଡିଜ୍‌ର ମିଳିତ ସହଯୋଗରେ ହିତାଧିକାରୀ କର୍ମଶାଳାର ଆୟୋଜନ ହୋଇଥିଲା। ଏହି କର୍ମଶାଳାରେ ପୌର ଅଧିକାରୀ ସରୋଜ କୁମାର ସ୍ୱାଇଁ ସଭାପତିତ୍ୱ କରିଥିଲେ। କର୍ମଶାଳାରେ ଆବାସ ଯୋଜନାର ହିତାଧିକାରୀମାନଙ୍କୁ ଗୃହନିର୍ମାଣ ସମ୍ବନ୍ଧୀୟ ଅନୁଭୂତି ଏବଂ ଗୃହନିର୍ମାଣ ପୂର୍ବରୁ ଅବସ୍ଥା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଆବାସ ଯୋଜନାରେ ପାଇଥିବା ଅର୍ଥରାଶି ଠିକ୍ ସମୟରେ ପାଇଥିଲେ ନା ନାହିଁ ତା'ର ତର୍ଜମା କରାଯାଇଥିଲା। ମୁଖ୍ୟତଃ ଏହି କର୍ମଶାଳାରେ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ସମସ୍ତ ହିତାଧିକାରୀ କିଭଳି ସୁଚାରୁ ରୂପେ ସମସ୍ତ ସୁବିଧା ଉପଲବ୍ଧ କରିପାରିବେ ତାହା ଆଲୋଚନା କରାଯାଇଥିଲା। ଏହି ସଭାରେ ପୌରସଂସ୍ଥାର ସମସ୍ତ ଗୋଷ୍ଠୀ ସଂଗଠିକା, ସିଏଲ୍‌ଟିସିର କର୍ମକର୍ତ୍ତା, ବୁଦ୍ଧିଜୀବୀ, ସାମାଜିକ କର୍ମକର୍ତ୍ତା ଏବଂ କେତେଜଣ ଏସ୍‌ଡିଏର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ପୋଲିସକୁ ଧକ୍କା ଦେଇ ଅଭିଯୁକ୍ତ ଫେରାର

ପୁରୀ ଅଫିସ,୧୫।୧୧

- ମୋବାଇଲ ଚୋରି କରି ଧରାପଡ଼ିଥିଲେ
- ପରିସ୍ରା କରିବା ଆଳରେ ବାହାରକୁ ଆସିଥିଲେ

ପୁରୀ ବାସେଳିସାହି ଥାନା ପରିସରରେ ଏକ ଅଭାବନୀୟ ଘଟଣା ଘଟିଛି। ଥାନା ପରିସରରେ ଥିବା ଜଣେ ଅଭିଯୁକ୍ତ ପୋଲିସକୁ ଧକ୍କା ଦେଇ ଫେରାର ହୋଇଯାଇଛି। ଯାହାକୁ ନେଇ ବାସେଳି ସାହି ଥାନା ପୋଲିସ ଚିନ୍ତାରେ ପଡ଼ିଛି। ତେବେ ଖସି ପଳାଇଥିବା ଅଭିଯୁକ୍ତ ହେଉଛି ସେହି ଥାନା ଅନ୍ତର୍ଗତ ଗୋଖା ସାହିର ବାବୁନା ଭୋଇ (୧୯)। ପୋଲିସ ଖୋଜାଖୋଜି କରି ନ ପାଇବାରୁ ଶେଷରେ ମଙ୍ଗଳବାର ପୋଲିସ ନିଜ ଆଡୁ ଏକ ମାମଲା(ନଂ.୨୯୦/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, କିଛିଦିନ ତଳେ ବାବୁନା ଜଣେ ବ୍ୟକ୍ତିଙ୍କ ହାତକୁ କାମୁଡି ତାଙ୍କ ନିକଟରୁ ଏକ ମୋବାଇଲ ଚୋରି କରିନେଇଯାଇଥିଲେ। ଏ ନେଇ ବ୍ୟକ୍ତି ଜଣକ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ନଂ.୨୭୧/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ତେବେ ଅଭିଯୁକ୍ତ ବାବୁନାକୁ ପୋଲିସ ରବିବାର ଗିରଫ କରି ଥାନାକୁ ଆଣି ରଖିଥିଲା। ହେଲେ ବାବୁନା ସେଦିନ ରାତିରେ ପରିସ୍ରା କରିବାକୁ ଦାୟିତ୍ୱରେ ଥିବା ଜଣେ ପୋଲିସ କର୍ମଚାରୀଙ୍କୁ କହିଥିଲେ। ଫଳରେ କର୍ମଚାରୀ ଅଭିଯୁକ୍ତଙ୍କ ହାତରେ ହ୍ୟାଣ୍ଡକପ୍ ନ ପକାଇ ତାକୁ ବାହାରକୁ ଆଣିଥିଲେ। ଏହି ସମୟରେ ଅଭିଯୁକ୍ତ ଉକ୍ତ ପୋଲିସ କର୍ମଚାରୀଙ୍କୁ ଧକ୍କା ଦେଇ ସେଠାରୁ ଚମ୍ପଟ ମାରିଥିଲା। ତେବେ ପୋଲିସ କର୍ମଚାରୀ ତା' ପଛରେ ଗୋଡ଼ାଇ ଥିଲେ ମଧ୍ୟ ଧରିବାରେ ସଫଳ ହୋଇପାରି ନଥିଲେ। ଗତ ଦୁଇଦିନ ହେଲା ଅଭିଯୁକ୍ତ ବାବୁନାକୁ ଧରିବା ପାଇଁ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିବା ସହ ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧାନ ମିଳି ନାହିଁ।

## ବିର୍ସା ମୁଣ୍ଡାଙ୍କ ଜୟନ୍ତୀରେ ଜନଜାତୀୟ ଗୌରବ ଦିବସ

ଡେଲାଙ୍ଗ,୧୫।୧୧(ଡି.ଏନ୍.ଏ)

ସାରା ଦେଶ ୧୫ ନଭେମ୍ବରରେ ବିପ୍ଳବୀ ଶହୀଦ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳନ କରୁଥିବା ବେଳେ ଭାରତ ସରକାରଙ୍କ ନିର୍ଦ୍ଦେଶକ୍ରମେ ଏହି ଦିନକୁ ଜନଜାତୀୟ ଗୌରବ ଦିବସ ରୂପେ ପାଳନ କରିବାକୁ ଆହ୍ୱାନ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ଜନ ଶିକ୍ଷଣ ସଂସ୍ଥାନ, ପୁରୀ ତରଫରୁ ମଙ୍ଗଳବାର ଜନଜାତୀୟ ଗୌରବ ଦିବସ ଡେଲାଙ୍ଗ ଷ୍ଟେଶନ ବଜାର ନିକଟସ୍ଥ ଆଞ୍ଚଳିକ ଦକ୍ଷତା ବିକାଶ ପ୍ରତିଷ୍ଠାନରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିରୂପେ ସରପଞ୍ଚ ହରିହର ସ୍ୱାଇଁ, ଗାନ୍ଧୀ ପ୍ରଚାରକ ଅନାମ ମଲ୍ଲିକ୍, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବଳଭଦ୍ର ବରେଇ, ରାଧାକାନ୍ତ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଅଜୟ କୁମାର ଭୋଇ ଯୋଗଦେଇ ବିର୍ସା ମୁଣ୍ଡାଙ୍କ ଜୀବନୀ ଓ ଆଦିବାସୀଙ୍କ ପାଇଁ ଏବଂ ବ୍ରିଟିଶ ସରକାରଙ୍କ ବିରୋଧରେ କିଭଳି ଲଢ଼ିଥିଲେ ତାହା ମତପ୍ରକାଶ କରିଥିଲେ। ବିର୍ସା ମୁଣ୍ଡାଙ୍କ ଅବଦାନ ଓ ଜୀବନୀ ଉପରେ ଆଞ୍ଚଳିକ ଦକ୍ଷତା ବିକାଶ ପ୍ରତିଷ୍ଠାନରେ ତାଲିମ୍ ନେଉଥିବା ୮ଜଣ ପ୍ରଶିକ୍ଷାର୍ଥୀଙ୍କୁ ନେଇ ଏକ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ଶ୍ରେଷ୍ଠ ୩ ଜଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହିତ ଅତିଥିମାନଙ୍କୁ ସଂସ୍ଥା ପକ୍ଷରୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ପ୍ରତିଷ୍ଠାନ କେନ୍ଦ୍ରର ୬୦ରୁ ଊର୍ଦ୍ଧ୍ୱ ପ୍ରଶିକ୍ଷାର୍ଥୀ ସାମିଲ ଥିଲେ। ସୁରେଶ ମନ୍ତ୍ରୀ, ଜନ ଶିକ୍ଷଣ ସଂସ୍ଥାନର ନିର୍ଦ୍ଦେଶକ ଜ୍ଞାନବିକାଶ ଗଜେନ୍ଦ୍ର, ପଦ୍ମଚରଣ ସେଠୀ, ପ୍ରିୟବ୍ରତ ପ୍ରଧାନ, ରୋଜାଲିନ ସ୍ୱାଇଁ, ଲିଜା ତାଡ଼, ନମିତା ମାଝି, ସୌମ୍ୟା ଜେନା, ରୂପକ ସ୍ୱାଇଁ, ଶ୍ରୀଧର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ ଡେଲାଙ୍ଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

## ପୁରୁଷରେ ବାଲେଶ୍ୱର, ମହିଳାରେ କିଟ୍ ୟୁନିଭରସିଟି ଚାମ୍ପିୟନ

ପୁରୀ ଅଫିସ,୧୫।୧୧

### ରାଜ୍ୟସ୍ତରୀୟ ଖୋ ଖୋ ଚାମ୍ପିୟନଶିପ ଉଦ୍‌ଯାପିତ

ପୁରୀ ଜିଲା ହାଇସ୍କୁଲ ପରିସରରେ ଚାଲିଥିବା ୩ ଦିନିଆ ୫୫ତମ ରାଜ୍ୟସ୍ତରୀୟ ସିନିୟର ବର୍ଗ ଖୋ ଖୋ ଚାମ୍ପିୟନଶିପ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାରେ ପୁରୁଷ ବର୍ଗରେ ବାଲେଶ୍ୱର ଓ ମହିଳା ବର୍ଗରେ କିଟ୍ ୟୁନିଭରସିଟି ଚାମ୍ପିୟନ ହୋଇ ୧୦ହଜାର ଲେଖାଏ ଟଙ୍କା ଓ ଟ୍ରଫି ହାସଲ କରିଛନ୍ତି। ସେହିପରି ପୁରୁଷ ବର୍ଗର ରନର୍ସଅପ୍ କିଟ୍ ୟୁନିଭରସିଟି ଓ ମହିଳା ରନର୍ସ ଅପ୍ ବାଲେଶ୍ୱର ଦଳକୁ ୭ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଛି। ସେହିପରି ପୁରୁଷ ବର୍ଗରେ ଜଗତ୍‌ସିଂହପୁର ଓ ମହିଳା ବର୍ଗରେ ପୁରୀ ୩ୟ ଏବଂ କଟକର ପୁରୁଷ ଦଳ ଓ ଜଗତସିଂହପୁର ମହିଳା ଦଳ ୪ର୍ଥ ସ୍ଥାନ ହାସଲ କରିଥିବାରୁ ଉଭୟ ଦଳକୁ ଟ୍ରଫି ସହ ୫ ହଜାର ଲେଖାଏ ଟଙ୍କା ପ୍ରଦାନ କରାଯାଇଛି। ସେହିପରି ପୁରୁଷ ବର୍ଗରେ ୫ମ ସ୍ଥାନରେ ସୁନ୍ଦରଗଡ, ୬ଷ୍ଠ ସ୍ଥାନରେ ଗଜପତି, ୭ମ ସ୍ଥାନରେ ପୁରୀ ଏବଂ ୮ମ ସ୍ଥାନ ଢେଙ୍କାନାଳ ଅଧିକାର କରିଛି। ଅପରପକ୍ଷେ ମହିଳା ବର୍ଗରେ ୫ମ ସ୍ଥାନ କେନ୍ଦୁଝର ଦଖଲ କରିଥିବା ବେଳେ ୬ଷ୍ଠ ସ୍ଥାନରେ କଟକ, ୭ମ ସ୍ଥାନରେ ଗଞ୍ଜାମ ଏବଂ ୮ମ ସ୍ଥାନ ସୁନ୍ଦରଗଡ଼ ଅଧିକାର କରିଛି। ସମସ୍ତ ଦଳକୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ପୁରୁଷ ବର୍ଗର ଶ୍ରେଷ୍ଠ ଖେଳାଳି ଭାବେ ବାଲେଶ୍ୱରର ଲିପୁନ ମୁଖୀ, ବେଷ୍ଟ ରନର କିଟ୍‌ର ସଞ୍ଜିତ ଚଟମ୍ବା, ବେଷ୍ଟ ଚେଜର ଭାବେ କିଟ୍‌ର ପବନି ଶବର, ମହିଳା ଦଳର ଶ୍ରେଷ୍ଠ ଖେଳାଳି କିଟ୍‌ର ଅର୍ଚ୍ଚନା ମାଝୀ, ବେଷ୍ଟ ରନର ଭାବେ କିଟ୍‌ର କାଦମ୍ବିନୀ ମାଝୀ, ବେଷ୍ଟ ଚେଜର ଭାବେ କିଟ୍‌ର ଶୁଭଶ୍ରୀ ସିଂଙ୍କୁ ୨ ହଜାର ଟଙ୍କା ଲେଖାଏ ପୁରସ୍କାର ଓ ଟ୍ରଫି ପ୍ରଦାନ କରାଯାଇଥିଲା।

ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଦିଲୀପ କୁମାର ମହାପାତ୍ର, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଡେପୁଟି କଲେକ୍ଟର ରଞ୍ଜନ ବେହେରା, ସହକାରୀ ଜିଲାପାଳ ରାଜବଲ୍ଲଭ ନାୟକ, ଜିଲା ଶିକ୍ଷା ଅଧିକାରୀ ବିଶ୍ୱଜିତ ଘୋଷ, ଖୋ ଖୋ ରାଜ୍ୟ ସଭାପତି ନାରାୟଣ ପାତ୍ର, ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ଜାତୀୟ ଖୋ ଖୋ କୋଚ୍ ସଞ୍ଜୀବ ଶର୍ମା, ଜିଲା ପର୍ଯ୍ୟଟନ ଅଧିକାରୀ ସରୋଜ ପ୍ରଧାନ, ନେହେରୁ ଯୁବ କେନ୍ଦ୍ରର ସଂଯୋଜକ ଜୟଶଙ୍କର, ପୁରୀ ଜିଲା ଆଥ୍‌ଲେଟିକ ଆସୋସିଏଶନର ସମ୍ପାଦକ ରବିଶଙ୍କର ପ୍ରତିହାରୀ, ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ରାଜ୍ୟ ଖୋ ଖୋ ସଂଘର ସମ୍ପାଦକ ମିଶ୍ର ଖୋ ଖୋ ପ୍ରତିଯୋଗିତାର ଆୟୋଜନରେ ସମ୍ପୂର୍ଣ୍ଣ ସହଯୋଗ କରିଥିବାରୁ ପୁରୀ ଜିଲା ପ୍ରଶାସନକୁ କୃତଜ୍ଞତା ଜଣାଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ସଭା ପରିଚାଳନା କରିଥିଲେ। ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ ଧନ୍ୟବାଦ ଦେଇଥିଲେ।




ରାଜ୍ୟସ୍ତରୀୟ ଖୋ ଖୋ ପ୍ରତିଯୋଗିତାରେ ଉପସ୍ଥିତ ଅତିଥିଙ୍କ ଗହଣରେ ଚାମ୍ପିୟନ ପୁରୁଷ ଦଳ।

## ସଂକ୍ଷେପରେ

### ପହୁଁଆଁ ହେବେ ଶ୍ରୀକପିଳନାଥ ଦେବ
### ମାମୁଘରୁ ଗଲା ନୂତନ ବସ୍ତ୍ର



**ପୁରୁଣା ଭୁବନେଶ୍ୱର,୧୫।୧୧(ଡି.ଏନ୍.ଏ.):** ବୁଧବାର ପ୍ରଥମାଷ୍ଟମୀ ଅବସରରେ କପିଳେଶ୍ୱରରେ ପୂଜା ପାଉଥିବା ପ୍ରଭୁ ଶ୍ରୀକପିଳନାଥ ଦେବ ପହୁଁଆଁ ହେବେ। ଏଥିପାଇଁ ମଙ୍ଗଳବାର କପିଳେଶ୍ୱର ଦେବଙ୍କ ମାମୁଘର ଝୁଣ୍ଟୁକେଶ୍ୱର ମହାଦେବଙ୍କ ପକ୍ଷରୁ ସନ୍ଧ୍ୟାରେ ନୂତନ ବସ୍ତ୍ର ପଠାଯାଇଛି। ଏ ନେଇ କୈବର୍ତ୍ତ ସାହିରେ ପୂଜା ପାଉଥିବା ଝୁଣ୍ଟୁକେଶ୍ୱର ମହାଦେବଙ୍କ ପୀଠ ଚଳଚଞ୍ଚଳ ହୋଇଉଠିଥିଲା। ସନ୍ଧ୍ୟାରେ କୈବର୍ତ୍ତ ସାହିର ସମସ୍ତ ଗ୍ରାମବାସୀଙ୍କ ପକ୍ଷରୁ ପହୁଁଆଁ ଆସବାବ ସ୍ୱତନ୍ତ୍ର ପରମ୍ପରାରେ ଡାଲାରେ ପ୍ରସ୍ତୁତ କରାଯାଇଥିଲା। କପିଳନାଥ ଦେବଙ୍କ ପାଇଁ ମଠାଧୋତି, ମା' ପାର୍ବତୀଙ୍କ ପାଇଁ ନାଲିଶାଢ଼ି, ମା' କାଳିକା ଦେବୀଙ୍କ ପାଇଁ କଳାଶାଢ଼ି ଝୁଣ୍ଟୁକେଶ୍ୱରଙ୍କ ପାଖେ ପୂଜା କରାଯାଇଥିଲା। ଘଣ୍ଟ, ଶଙ୍ଖ, ମଶାଲ, ବାଣ, ରୋଶଣିର ତାଳେ ତାଳେ ଶୋଭାଯାତ୍ରାରେ କପିଳେଶ୍ୱର ଅଭିମୁଖେ ଯାତ୍ରା କରିଥିଲା। କୈବର୍ତ୍ତ ସାହି ଦୁର୍ଗାପୂଜା ସମିତିର ସଭାପତି ନିରଞ୍ଜନ ମହାଲିକ ଏବଂ ସମ୍ପାଦକ ଲକ୍ଷ୍ମୀଧର ବେହେରାଙ୍କ ପରିଚାଳନା ଓ ସମସ୍ତ ଗ୍ରାମବାସୀଙ୍କ ସହାୟତାରେ କାର୍ଯ୍ୟ ସମ୍ପାଦନ କରାଯାଇଥିଲା। ବୁଧବାର ବିଧି ମୁତାବକ ପହୁଁଆଁ ବସ୍ତ୍ର ଠାକୁର ଠାକୁରାଣୀଙ୍କୁ ଲାଗି ହେବ।

### ଅନ୍ଧାରରେ ଅଲାଇଡିହରୁ ନନ୍ଦପୁର
### ବଢ଼ୁଛି ଆପରାଧିକ କାର୍ଯ୍ୟକଳାପ

**ଗମ୍ଭାରୀମୁଣ୍ଡା,୧୫।୧୧(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ବାଣପୁର-ବାଲୁଗାଁ ମୁଖ୍ୟ ରାସ୍ତାର ଅଲାଇଡିହ ଛକରୁ ନନ୍ଦପୁର ପର୍ଯ୍ୟନ୍ତ ଦୀର୍ଘବର୍ଷ ହେବ ଅନ୍ଧକାର ହୋଇ ରହିଛି। ଏବେ ଶୀତ ଋତୁରେ ମା'ଭଗବତୀ ମନ୍ଦିରକୁ ପର୍ଯ୍ୟଟକଙ୍କ ଆଗମନ ସଂଖ୍ୟା ବୃଦ୍ଧି ପାଉଛି। ତେବେ ସ୍ୱଚ୍ଛ ଦିବାଲୋକରେ ଏହି ରାସ୍ତା ସୁରକ୍ଷିତ ନ ଥିବାବେଳେ ରାତିରେ ଯାତାୟାତ ପାଇଁ ଯାତ୍ରୀ ସୁରକ୍ଷିତ ମଣୁନାହାନ୍ତି। କିଛି ମାସ ତଳେ ଉକ୍ତ ରାସ୍ତା ଅନ୍ତର୍ଗତ ପାରିନୂଆଗାଁ ଛକରୁ ଦିନ ବେଳେ ଲକ୍ଷାଧିକ ଟଙ୍କା ଲୁଟ୍ ହୋଇଥିଲା। ତେବେ ଦିନକୁ ଦିନ ଉକ୍ତ ରାସ୍ତାରେ ଅପରାଧ ବଢ଼ିବା ସହ ଦୁର୍ଘଟଣା ମଧ ବଢ଼ୁଛି। ତଥାପି ବ୍ଲକ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବା ଆଶ୍ଚର୍ଯ୍ୟର ବିଷୟ ପାଲଟିବା ସହ ତା'ର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦୈନିକ ହଜାର ହଜାର ଲୋକ ଏହି ରାସ୍ତାରେ ଯାତାୟାତ କରୁଥିବାବେଳେ ଦେଶ ବିଦେଶରୁ ମଧ ପର୍ଯ୍ୟଟକ ବାଣପୁର ଆସୁଛନ୍ତି। କିନ୍ତୁ ସ୍ଥାନୀୟ ପ୍ରଶାସନ ନୂଆ ଲାଇଟ ଲଗାଇବା ପରିବର୍ତ୍ତେ ଖରାପ ହୋଇଯାଇଥିବା ପୁରୁଣା ଲାଇଟକୁ ମରାମତି ମଧ କରୁନି। ଯଦି ଖୁବ୍‌ଶୀଘ୍ର ଏହି ସମସ୍ୟାର ସମାଧାନ ନ ହୁଏ, ତେବେ ଏହାକୁ ନେଇ ଏକ ବଡ଼ ଆନ୍ଦୋଳନ ହେବ ବୋଲି ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି। ଏନେଇ ବାଣପୁର ବିଡିଓ ବୁଲ୍‌ବୁଲ୍ ବେହେରାଙ୍କୁ ପଚାରିବାରେ, ସେ ଉକ୍ତ ସମସ୍ୟା ବିଷୟରେ ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚଙ୍କ ସହ ଆଲୋଚନା କରି ପଦକ୍ଷେପ ନେବେ ବୋଲି କହିଛନ୍ତି।

### ଜୟଦୁର୍ଗା ଫୁଟ୍‌ବଲ ଟୁର୍ନାମେଣ୍ଟ: ସେମିରେ ଅହଲ୍ୟାଦିଆ ସ୍ପୋର୍ଟିଂ କ୍ଲବ

**ବେଗୁନିଆ,୧୫।୧୧(ଡି.ଏନ୍.ଏ.):** ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାମଲିମ ଗ୍ରାମସ୍ଥିତ ଖେଳପଡ଼ିଆରେ ଚାଲିଥିବା ଜୟଦୁର୍ଗା ଫୁଟ୍‌ବଲ ଟୁର୍ନାମେଣ୍ଟର ମଙ୍ଗଳବାର ତୃତୀୟ ଦିବସ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେରଙ୍ଗର ଅହଲ୍ୟାଦିଆ ସ୍ପୋର୍ଟିଂ କ୍ଲବ ଟାଇବ୍ରେକର ଜରିଆରେ ୫-୪ରେ ଜଟଣୀର ପାରାଡାଇଜ୍ ସ୍ପୋର୍ଟିଂ କ୍ଲବକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଆରମ୍ଭରୁ ଉଭୟ ଦଳ ମଧରେ ଖେଳ ସଂଘର୍ଷ ହୋଇଥିଲା। ତେବେ ମ୍ୟାଚ୍ ଶେଷସୁଦ୍ଧା କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ ନିୟମ ଅନୁଯାୟୀ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏହି ମ୍ୟାଚ୍‌ରେ ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ଗୋପାଳ ଚନ୍ଦ୍ର ପ୍ରଧାନ, ଅତିଥିଭାବେ ମ୍ୟାଚ୍ ଉପଦେଷ୍ଟା ଦୟାନ୍ ଖାନ୍, ଆୟୋଜକ କ୍ଲବର ସଭାପତି ପ୍ରକାଶ କୁମାର ମାର୍ଥା, ସମ୍ପାଦକ ଅନିଲ କୁମାର ପାତ୍ର ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସଖାବତ ଖାନ୍ ମ୍ୟାଚ୍ ପରିଚାଳନା କରିଥିଲେ। ଗିରିଶ୍ ଚନ୍ଦ୍ର ଜାନି, ବିଦେଶୀ ନାୟକ ଏବଂ ପ୍ରଫୁଲ୍ଲ ବେହେରା ସହଯୋଗୀ ରେଫରି ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

# ସୌନ୍ଦର୍ଯ୍ୟ ବଢ଼ାଉଛନ୍ତି ବିଦେଶାଗତ ପକ୍ଷୀ

## କଳରବରେ ଚିଲିକା ତଟଦେଶ ମୁଖରିତ



**କୃଷ୍ଣପ୍ରସାଦ,୧୫।୧୧(ଡି.ଏନ୍.ଏ.)**

ଶୀତର ଆଗମନ ସହ ସାତଦରିଆ ପାର ହୋଇ ଚିଲିକାରେ ପହଞ୍ଚିଛନ୍ତି ଲକ୍ଷ ଲକ୍ଷ ବିଦେଶୀ ପକ୍ଷୀ। କିଚିରିମିଚିରି କଳରବରେ ଚଳଚଞ୍ଚଳ ହୋଇଉଠିଛି ଚିଲିକାର ତଟଦେଶଗୁଡ଼ିକ। ପ୍ରକୃତିର ଅପୂର୍ବ ଶୋଭାରାଜି ସହ ରଙ୍ଗବେରଙ୍ଗ ବିଦେଶୀ ପକ୍ଷୀଙ୍କ ସମାଗମ ଚିଲିକାର ସୌନ୍ଦର୍ଯ୍ୟ ବଢ଼ାଉଛି। ଏହି ଦୃଶ୍ୟ ଦେଖିବାକୁ ପର୍ଯ୍ୟଟକଙ୍କ ଭିଡ଼ ଆରମ୍ଭ ହୋଇଗଲାଣି। ଶୀତୁଆ ସକାଳ ହେଉ କିମ୍ବା ଚିଲିକା ବକ୍ଷରେ ବିଦେଶୀ ପକ୍ଷୀଙ୍କ ମନୋରମ ଦୃଶ୍ୟ ପର୍ଯ୍ୟଟକଙ୍କୁ ବାନ୍ଧି ରଖିଥାଏ।

ରଙ୍ଗବେରଙ୍ଗ ପକ୍ଷୀଙ୍କ କଳରବରେ ଚିଲିକାର ତଟଦେଶ ପାରିକୁଦ, ନୂଆପଡ଼ା, ଗୁରୁବାଇ, ସିପିଆ, ତିଛିଣି, ସାତପଡ଼ା, ସୋଲାକୁଦି, ପଣ୍ଡା, ଚିଖିଲି, ଚିତ୍ରକୋଟ, ବନମାଳ, ଖଟିଆକୁଦି ଆଦି ଅଞ୍ଚଳ ମୁଖରିତ ହୋଇଉଠିଛି। ବିଶେଷକରି ଏହି ଅଞ୍ଚଳଗୁଡ଼ିକରେ ଗଡ୍‌ୱାଲ, ଶୋଭଲର, ପିଣ୍ଟାଲ, ଗଡ୍‌ଉଇଟ, ସ୍ୟାଣ୍ଡପାଇପର, ପେଲିକାନ୍ ଆଦି ପ୍ରଜାତିର ବିଦେଶାଗତ ପକ୍ଷୀ ଦେଖିବାକୁ ମିଳିଛି। ଗତବର୍ଷଗୁଡ଼ିକ ଭଳି ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ବାଲୁଗାଁ ପକ୍ଷରୁ ପକ୍ଷୀଙ୍କ ସୁରକ୍ଷା ପାଇଁ କଡ଼ା ବ୍ୟବସ୍ଥା କରାଯାଇଛି। ଉଭୟ ଜଳ ଓ ସ୍ଥଳ ପଥରେ ପାଟ୍ରୋଲିଂ ଟିମ୍ ମୁତୟନ ହୋଇଛନ୍ତି। ଚିଲିକା ନୂଆପଡ଼ା ରେଞ୍ଜ୍ ଅଫିସ ପକ୍ଷରୁ ଗୁରୁବାଇଠାରେ ଏକ ପକ୍ଷୀ ସୁରକ୍ଷା ଶିବିର କରାଯାଇଥିବା ବେଳେ ବନପାଳ ମୀନା କୁମାରୀ ନାୟକ, ବନପାଳ ବିଶ୍ୱନାଥ ଟୁଡୁଙ୍କ ସମେତ ବନରକ୍ଷୀ ସୁନୀଲ ଲେଙ୍କା ଏବଂ ୩ ଜଣ ସୁରକ୍ଷା କର୍ମୀ ନିୟୋଜିତ ହୋଇଛନ୍ତି। ସେହିଭଳି ପାରିକୁଦ ପକ୍ଷୀ ସୁରକ୍ଷା ଶିବିରରେ ଫରେଷ୍ଟର ଅଜୟ କୁମାର ମହାରଣାଙ୍କ ସମେତ ବନରକ୍ଷୀ ଅନିଲ କୁମାର ଲେଙ୍କା ଏବଂ ୩ ଜଣ ସୁରକ୍ଷାକର୍ମୀ ନିୟୋଜିତ ହୋଇଛନ୍ତି। ବାଲୁଗାଁ ରେଞ୍ଜର ବନରାମ ପ୍ରସାଦ ନନ୍ଦ ଏବଂ ଚିଲିକା ନୂଆପଡ଼ା ରେଞ୍ଜର କାଶୀନାଥ ହେମ୍ବ୍ରମ୍ ବିଦେଶାଗତ ପକ୍ଷୀଙ୍କ ସୁରକ୍ଷାକୁ ତଦାରଖ କରୁଛନ୍ତି। ସାତପଡ଼ା ରେଞ୍ଜ୍ ପକ୍ଷରୁ ଗମ୍ଭାରୀ ଏବଂ ବଡ଼ଗୋଠଠାରେ ଦୁଇଟି ପକ୍ଷୀ ସୁରକ୍ଷା ଶିବିର କରାଯାଇଛି। ଆବଶ୍ୟକ ସୁରକ୍ଷାକର୍ମୀ ସେଠାରେ ମୁତୟନ କରାଯାଇଥିବା ବେଳେ ରେଞ୍ଜର ଶରତ ଜାନୀ ଏବଂ ବନପାଳ ବଳରାମ ସାହୁ ବିଦେଶୀ ପକ୍ଷୀଙ୍କ ସୁରକ୍ଷା ଦିଗରେ କଡ଼ା ନଜର ରଖିଛନ୍ତି। ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ, ବାଲୁଗାଁ ଏସିଏଫ୍ ପ୍ରଶାନ୍ତ କୁମାର ପଣ୍ଡା ବିଦେଶାଗତ ପକ୍ଷୀଙ୍କ ସୁରକ୍ଷା କାର୍ଯ୍ୟ ତଦାରଖ କରୁଥିବା ଜଣାପଡ଼ିଛି।

# ୪ ପ୍ରକଳ୍ପ ବ୍ଲକସ୍ତରକୁ ମନୋନୀତ



ଜଣେ ଛାତ୍ରୀ ପ୍ରକଳ୍ପ ସମ୍ପର୍କରେ ବୁଝାଉଛନ୍ତି।

**ଜଟଣୀ,୧୫।୧୧(ଡି.ଏନ୍.ଏ.)**

ଜଟଣୀ ବ୍ଲକ ଅଧୀନ କୁସୁମାଟି ଛଣଘର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସରପଞ୍ଚ ସୁବାସିନୀ ବିଶ୍ୱାଳ ଏବଂ ସମିତିସଭ୍ୟା ସତ୍ୟଭାମା ରାଉତରାୟ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥିଙ୍କ ମଧରେ ଖବରଦାତା ରବି ସ୍ୱାଇଁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସର୍ବେଶ୍ୱର ବେହେରା, ମୋ ସ୍କୁଲ କମିଟି ସଭାପତି ଅଧିବକ୍ତା ବାଉରିବନ୍ଧୁ ସାହୁଙ୍କ ସମେତ ଅନ୍ୟ ସଦସ୍ୟ ଯୋଗଦେଇଥିଲେ। ଏହି ବିଜ୍ଞାନ ମେଳାରେ ୫୬ଟି ବିଭିନ୍ନ ପ୍ରକଳ୍ପ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ସେଥିମଧ୍ୟରୁ ଦଶମ ଶ୍ରେଣୀର ସତ୍ୟବ୍ରତ ଛୋଟରାୟ, ନବମ ଶ୍ରେଣୀର ଅନ୍ନପୂର୍ଣ୍ଣା ମାଝୀ, ସପ୍ତମ ଶ୍ରେଣୀର ଶଶାଙ୍କ ଶେଖର ମିଶ୍ର, ତୃତୀୟ ଶ୍ରେଣୀର ଦୀପଶିଖା ମହାନ୍ତିଙ୍କ ୪ ପ୍ରକଳ୍ପ ବ୍ଲକସ୍ତରକୁ ମନୋନୀତ ହୋଇଥିବା ଆୟୋଜକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନୃସିଂହ ଚରଣ ସାହୁ କହିଛନ୍ତି।

# ରାସ୍ତାକୁ ଓହ୍ଲାଇଲା ଅମଲା ସଂଘ




ବିଭିନ୍ନ ସମସ୍ୟା ସମାଧାନ ଦାବିରେ ଅମଲା ସଂଘ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

**ଖୋର୍ଦ୍ଧା ଅଫିସ,୧୫।୧୧**

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ଓଡ଼ିଶା ଅମଲା ସଂଘ ଆହ୍ୱାନକ୍ରମେ ବିଭିନ୍ନ ସମସ୍ୟା ସମାଧାନ ଦାବିରେ ଜିଲା ସଂଘ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ବିକ୍ଷୋଭ ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମଙ୍ଗଳବାର ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲାସ୍ତରୀୟ ଅମଲାମାନଙ୍କ ଶିକ୍ଷାଗତ ଯୋଗ୍ୟତା ୨୦୧୭ ମସିହାରୁ ସ୍ନାତକ ସହିତ କମ୍ପ୍ୟୁଟର ଜ୍ଞାନ ରହିଥିଲେ ମଧ ଦରମା ହାର ଆଜିପର୍ଯ୍ୟନ୍ତ ବୃଦ୍ଧି କରାଯାଉନାହିଁ। ସମାନ କାମକୁ ସମାନ ଦରମା ଦିଆଯାଉନାହିଁ। ଜିଲାସ୍ତରରେ ଅମଲାମାନଙ୍କ ଯୋଗ୍ୟତା ଅନୁଯାୟୀ ଦରମା ୯୩୦୦ ଟଙ୍କା ଓ ଗ୍ରେଡ୍ ପେ' ୪୨୦୦ ଟଙ୍କା ପ୍ରଦାନ ନେଇ ବାରମ୍ବାର ଦାବି ସତ୍ତ୍ୱେ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି। ସରକାରଙ୍କ ସମସ୍ତ ଜନକଲ୍ୟାଣ ଯୋଜନାରେ ଅମଲାମାନେ ସହଯୋଗ କରିଆସୁଥିଲେ ମଧ ସରକାରଙ୍କ ଅବହେଳାର ଶିକାର ହେଉଛନ୍ତି। ଏହାର ପ୍ରତିବାଦରେ ଆସନ୍ତା ୨୭ ତାରିଖରେ ଭୁବନେଶ୍ୱରରେ ବିଶାଳ ସମାବେଶ କରାଯିବ। ରାଜ୍ୟର ସମସ୍ତ ଅଞ୍ଚଳରୁ କାର୍ଯ୍ୟରତ ପ୍ରାୟ ୩୦ ହଜାରରୁ ଊର୍ଦ୍ଧ୍ୱ ଅମଲା ଏଥିରେ ଯୋଗଦାନ କରି ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବେ। ଏହି କାର୍ଯ୍ୟକ୍ରମରେ ଜିଲା ଅମଲା ସଂଘ ଚେୟାରମ୍ୟାନ ସ୍ୱରୂପ ରଞ୍ଜନ ରାୟ, ସଭାପତି ସର୍ବେଶ୍ୱର ସାହୁ, ସମ୍ପାଦକ ଅଶୋକ କୁମାର ପଣ୍ଡା, ଉପସଭାପତି ତ୍ରିଲୋଚନ ବେହେରା, ଶ୍ରେୟସ୍କର ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା ଯୋଗଦେଇଥିଲେ।

# ୨୭ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ୬ ଗିରଫ

**ଖୋର୍ଦ୍ଧା ଅଫିସ/ଝାଁଳା, ୧୫।୧୧ (ଡି.ଏନ୍.ଏ.)**

ଖୋର୍ଦ୍ଧାରେ ବ୍ରାଉନ୍‌ସୁଗାର କାରବାର ଥମିବାର ନାଁ ଧରୁନି। ଖୋର୍ଦ୍ଧା ପୋଲିସ ସୋମବାର ଅପରାହ୍ନରେ ପାନବରଜ ଏକ ଘରୋଇ ଶିକ୍ଷାନୁଷ୍ଠାନ ନିକଟ ପଡ଼ିଆରେ ବ୍ରାଉନସୁଗାର କାରବାର ନେଇ ୫ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ କଲ୍ୟାଣପୁରର ସନ୍ତୋଷ କୁମାର ରାଉତରାୟ ଓରଫ ସନ୍ତୁ(୪୦), ପାନବରଜ ମୁସଲିମ ସାହିର ଏସକେ ତାଲିମ,(୩୪), ଏସ୍.କେ. ନାସିମ ଓରଫ ବାବୁ(୩୦), ଜରିପୁଟର ମାନସ ପ୍ରଧାନ(୨୬) ଏବଂ ଟାଙ୍ଗୀ ଥାନା ହରିପୁରଶାସନର ବଟକୃଷ୍ଣ ମହାରଣା ଓରଫ ବୁଟୁ(୩୨)। ଏମାନଙ୍କଠାରୁ ୧୦ଗ୍ରାମ ବ୍ରାଉନସୁଗାର ସହ ଦୁଇ ବାଇକ୍ (ନଂ.ଓଡି୦୨-ଏଆର-୩୫୦୮, ଓଡି୩୩-ଜେ-୩୨୪୨) ଜବତ ହୋଇଛି। ସେହିପରି ଇନ୍‌ଫୋଭ୍ୟାଲି ଥାନା ପୋଲିସ ଜଣେ ବ୍ରାଉନ୍‌ସୁଗାର ବେପାରୀଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ କାଇମାଟିଆ ଗ୍ରାମର ସନ୍ଦୀପ ପରିଡ଼ା ଓରଫ ସାନୁ(୩୦)। ତାଙ୍କଠାରୁ ୧୭.୧୦ ଗ୍ରାମ୍ ବ୍ରାଉନ୍‌ସୁଗାର, ମୋବାଇଲ, ସ୍କୁଟି ଓ ନଗଦ ୨୨୦୦ ଟଙ୍କା ଜବତ ହୋଇଛି। ସୂଚନା ମୁତାବକ, ସୋମବାର ସାନୁ ବଡ଼ରଘୁନାଥପୁର ଛକ ନିକଟରେ ବ୍ରାଉନ୍‌ସୁଗାର ବିକ୍ରି ପାଇଁ ଗ୍ରାହକଙ୍କୁ ଅପେକ୍ଷା କରି ରହିଥିଲେ। କୌଣସି ସୂତ୍ରରୁ ଖବର ପାଇ ପୋଲିସ ପହଞ୍ଚି ସାନୁଙ୍କୁ ଧରିଥିଲା। ସେ ଖୋର୍ଦ୍ଧା ଆଖପାଖ ଅଞ୍ଚଳରୁ ବ୍ରାଉନ୍‌ସୁଗାର କିଣି ଭୁବନେଶ୍ୱର ଆଖପାଖ ଅଞ୍ଚଳରେ ସାଧାରଣ ଲୋକଙ୍କୁ ଉଚ୍ଚାଦରରେ ବିକ୍ରି କରୁଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ। ଏ ସମ୍ପର୍କରେ ପୋଲିସ ଏକ ମାମଲା ରୁଜୁକରି ଅଧିକ ତଦନ୍ତ ଚଳାଇଛି।

# ଶିଶୁ ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବ



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

**ଖୋର୍ଦ୍ଧା ଅଫିସ,୧୫।୧୧**

ଖୋର୍ଦ୍ଧାର ପ୍ରାଥମିକ ସାହିତ୍ୟ ସମାଜ ଦ୍ୱାରା ଆୟୋଜିତ ଦ୍ୱିତୀୟ ସାମ୍ବତ୍ସରିକ ଶିଶୁ ପ୍ରତିଭା ସମ୍ବର୍ଦ୍ଧନା ସମାବେଶ ଡ.ପ୍ରଫୁଲ୍ଲ କୁମାର ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଂସ୍ଥାପକ ବୈକୁଣ୍ଠ ନାଥ ରାଜଗୁରୁ ଅନୁଷ୍ଠାନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମୁଖ୍ୟ ଅତିଥିଭାବେ ସାମାଜିକକର୍ମୀ ରାମଶଙ୍କର ଯୋଗଦେଇ ପିଲାମାନେ ସୁନାଗରିକ ହେବା ପାଇଁ ଅଭିଭାବକ ଓ ଶିକ୍ଷକଙ୍କର ଭୂମିକା ଉପରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ପ୍ରାଧ୍ୟାପକ ଗୋପାଳ କୃଷ୍ଣ ଦାସ ଓଡ଼ିଆ ଭାଷାରେ ଶିଶୁ ସାହିତ୍ୟର କ୍ରମବିକାଶର ଇତିହାସ ସମ୍ବଳିତ ତଥ୍ୟ ଉତ୍‌ଥାପନ କରିଥିଲେ। ଅତିଥିଭାବେ ଡ.ନାରାୟଣ ରାଓ, ସତ୍ୟବାଦୀ ବଳିୟାରସିଂହ, ଗୋବିନ୍ଦ ଚନ୍ଦ୍ର ମହାରଣା, ଡ.ପ୍ରମୋଦ ଚନ୍ଦ୍ର ଦାଶ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ପରେ ବିଶିଷ୍ଟ ଶିଶୁ ସାହିତ୍ୟିକ, ରାଜ୍ୟ ପୁରସ୍କାରପ୍ରାପ୍ତ ରାଜକିଶୋର ପାଣିଗ୍ରାହୀ, ଡ.ନୀଳାଦ୍ରିନାଥ ଜଗଦ୍ଦେବ ଓ ବିକ୍ରମ କେଶରୀ ଚମ୍ପତିଙ୍କୁ ଶିଶୁ ବିକାଶ କ୍ଷେତ୍ରରେ ଅବଦାନ ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ୯୧ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ କୃତିତ୍ୱ ପାଇଁ ପୁରସ୍କୃତ କରାଯାଇଥିଲା। ଅନସୂୟା ସାମନ୍ତରାୟଙ୍କ ପ୍ରକାଶିତ ପ୍ରଫୁଲ୍ଲ କୁମାର ସାମନ୍ତରାୟଙ୍କ ରଚିତ କବିତା ସଙ୍କଳନ 'ଜୀବନ ପଥର ଅନ୍ତରାଳେ' ଲୋକାର୍ପିତ ହୋଇଥିଲା। ଶରତ କୁମାର ଚଉଁରୀ, ଜ୍ଞାନରଞ୍ଜନ ଦାଶ, ସୁରେଶ ଛୋଟରାୟ, ଚପଳା ପଣ୍ଡା, ପ୍ରଫେସର ବୃନ୍ଦାବନ ପଣ୍ଡା, ବିଭୁ ପ୍ରସାଦ ହରିଚନ୍ଦନ, ବାସୁଦେବ ସାହୁ, ବିଳାସିନୀ ଦାଶ, ଚୈତନ୍ୟ ପ୍ରସାଦ ବେହେରା, ତପନ ମହାପାତ୍ର, ଉମା ଶଙ୍କର ପ୍ରସାଦ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ସମ୍ପାଦକ ଶ୍ରୀକୃଷ୍ଣଚନ୍ଦ୍ର ହରିଚନ୍ଦନ ବାର୍ଷିକ ବିବରଣୀ ଓ ଧନ୍ୟବାଦ ଦେଇଥିଲେ। ପ୍ରଶାନ୍ତ ପରିଡ଼ା, ତ୍ରିବେଣୀ ଗାଙ୍ଗୁଲି, ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଷ୍ଟେଶନ ଅଞ୍ଚଳ ରାସ୍ତାକଡ଼ ପାଲଟିଛି ପରିସ୍ରାଗାର

**ଜଟଣୀ,୧୫।୧୧(ଡି.ଏନ୍.ଏ.)**

ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ (ଜଟଣୀ) ରେଳଷ୍ଟେଶନ ଅଞ୍ଚଳ ପାଲଟିଛି ଯାତ୍ରୀ ଏବଂ ପଥଚାରୀଙ୍କ ପରିସ୍ରାଗାର। ଭାରତୀୟ ରେଳସେବାରେ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ଏକ ମଡେଲ ରେଳଷ୍ଟେଶନରେ ପରିଣତ ହୋଇଥିବା ବେଳେ ଉକ୍ତ ଷ୍ଟେଶନ ଓଡ଼ିଶାର ମୁଖ୍ୟ ରେଳ ଜଙ୍କ୍‌ଶନ ହୋଇଥିବାରୁ ପ୍ରତିଦିନ ଦେଶର ବିଭିନ୍ନ ପ୍ରାନ୍ତରୁ ଏବଂ ପ୍ରାନ୍ତକୁ ରେଳଗାଡ଼ି ଯାତାୟାତ କରିଥାଏ। ତେବେ ଯାତ୍ରୀଙ୍କ ସୁବିଧା ପାଇଁ ଷ୍ଟେଶନ ଏବଂ ଏହାର ଚତୁଃପାର୍ଶ୍ୱର ବିକାଶ ଏବଂ ସୌନ୍ଦର୍ଯ୍ୟକରଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ ଷ୍ଟେଶନ ନିକଟରେ ଯାତ୍ରୀ ଏବଂ ସେମାନଙ୍କ ସମ୍ପର୍କୀୟ, ପଥଚାରୀ, ରେଳ ଷ୍ଟେଶନରେ ରହିଥିବା ଟ୍ୟାକ୍ସି ଷ୍ଟାଣ୍ଡ, ଅଟୋ ଷ୍ଟାଣ୍ଡ ଏବଂ ବାଇକ୍ ଷ୍ଟାଣ୍ଡ ଆଦି ସ୍ଥାନରେ ପରିସ୍ରାଗାର ନ ଥିବାରୁ ଲୋକେ ଷ୍ଟେଶନ ଅଞ୍ଚଳର ରାସ୍ତାକଡ଼ରେ ପରିସ୍ରା କରିବା ସହ ମଳତ୍ୟାଗ କରୁଛନ୍ତି। ଫଳରେ ପରିବେଶ ପ୍ରଦୂଷିତ ହେବା ସହ ଲୋକେ ହଇରାଣ ହେଉଥିବା ନେଇ ସାମାଜିକ କର୍ମୀ କବି ପାଇକରାୟ, ତିରୁପତି ଶତପଥୀ, ରଘୁନାଥ ନାୟକ ପ୍ରମୁଖ କ୍ଷୋଭ ପ୍ରକାଶ କରିଛନ୍ତି। ରେଳ ପ୍ରଶାସନର ବରିଷ୍ଠ ଅଧିକାରୀ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେଇ ସମାଧାନ କରିବା ପାଇଁ ଦାବି କରିଛନ୍ତି।

# କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଦାବି

**ବୋଲଗଡ଼,୧୫।୧୧(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବୋଲଗଡ଼ ତହସିଲ ଅଧୀନ ଗୋପାଳପୁର ପଞ୍ଚାୟତ ଅଞ୍ଚଳରେ ବାର୍‌ହା, ମାଙ୍କଡ଼ ଓ ମୟୂରଙ୍କ ଉପଦ୍ରବରେ ଧାନଫସଲ ନଷ୍ଟ ହେବାରେ ଲାଗିଛି। ପାଚିଲା ଧାନର ସିଂସା(କେଣ୍ଡା)ଛିଣ୍ଡାଇ ଖାଇବା ସହ ଅମଳ ହେବାକୁ ଥିବା ଫସଲକୁ ଦଳିଚକଟି ନଷ୍ଟ କରୁଛନ୍ତି। ଫଳରେ ବର୍ଷକର ଫସଲ ନଷ୍ଟ ହେବା ଦେଖି ଚାଷୀଙ୍କୁ ଚିନ୍ତା ଘାରିଛି। ବୋଲଗଡ଼, ବେଗୁନିଆ ଅଞ୍ଚଳର ଜନସାଧାରଣଙ୍କୁ ବିଭିନ୍ନ ସେବା ଯୋଗାଇବା ଲକ୍ଷ୍ୟରେ ଗଠିତ ଜନ ଅଧିକାର ମଞ୍ଚର ଅଧକ୍ଷ ଅକ୍ଷୟ ରାଉତରାୟଙ୍କ ନେତୃତ୍ୱରେ କେତେଜଣ କ୍ଷତିଗ୍ରସ୍ତ ଚାଷୀ ସୋମବାର ବୋଲଗଡ଼ ବିଡିଓ, ତହସିଲଦାର, ଫରେଷ୍ଟର ଓ କୃଷି ବିଭାଗ ଅଧିକାରୀଙ୍କୁ ଭେଟି ଫସଲ କ୍ଷୟକ୍ଷତି ଆକଳନ କରି ସହାୟତା ପ୍ରଦାନ କରିବାକୁ ଦାବି କରିଛନ୍ତି। ଏଥିପ୍ରତି ବନ ବିଭାଗ ଦୃଷ୍ଟି ଦେବା ଜରୁରୀ ହୋଇପଡ଼ିଛି ବୋଲି ଚାଷୀ ପ୍ରଭାତ କୁମାର ରଥ, ସନାତନ ସାହୁ, ମହେଶ୍ୱର ସାହୁ ପ୍ରମୁଖ କହିଛନ୍ତି। ଅନ୍ୟପକ୍ଷରେ ଏ ସମ୍ପର୍କରେ ବନପାଳ ପ୍ରଦୀପ୍ତ ପଟ୍ଟନାୟକ କୁହନ୍ତି, ଜଙ୍ଗଲୀ ପଶୁପକ୍ଷୀଙ୍କ ଦୌରାତ୍ମ୍ୟରୁ ଫସଲ ହାନି ସହାୟତା ପାଇଁ ରାଜ୍ୟ ସରକାର ଏକ ମୋବାଇଲ ଆପ୍ 'ଅନୁକମ୍ପା' ମାଧ୍ୟମରେ ଆବେଦନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କ୍ଷତିଗ୍ରସ୍ତ ଚାଷୀ ଏଥିରେ ସବିଶେଷ ବିବରଣୀ ପ୍ରଦାନ କଲେ କ୍ଷୟକ୍ଷତି ଆକଳନ କରାଯାଇ ସହାୟତା ପ୍ରଦାନ କରାଯିବ।



# ୧୨ କୋଟି ଟଙ୍କା ଅଧିକାରୀଙ୍କଠାରୁ ଆଦାୟ ହେଉ



**ଖୋର୍ଦ୍ଧା ଅଫିସ,୧୫।୧୧**

## ଶ୍ରୀଜଗନ୍ନାଥଙ୍କ ଜମିରୁ ବେଆଇନ ପଥର ଉତ୍ତୋଳନ ମାମଲା

ଖୋର୍ଦ୍ଧାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମିରୁ ବେଆଇନ ଭାବେ ପଥର ଉତ୍ତୋଳନ ମାମଲାରେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ଶ୍ରୀମନ୍ଦିର ପ୍ରଶାସନକୁ ୧୨କୋଟି ଟଙ୍କା ଭରଣା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଟଙ୍କା ଖୋର୍ଦ୍ଧା ଜିଲା ପ୍ରଶାସନକୁ ପ୍ରଦାନ କରିବେ। ଜିଲା ପ୍ରଶାସନ ଖଣିର ପୁନରୁଦ୍ଧାର, ନବୀକରଣ କାର୍ଯ୍ୟ କରିବାକୁ ଏନ୍‌ଜିଟି ଆଦେଶ ଦେଇଛନ୍ତି। ତେବେ ମହାପ୍ରଭୁଙ୍କ ଅମୂଲ୍ୟ ଖଣିଜ ସମ୍ପଦକୁ ସୁରକ୍ଷା ଦେବାରେ ଅବହେଳା କରିଥିବା ସମ୍ପୃକ୍ତ ଅଧିକାରୀ, କର୍ମଚାରୀଙ୍କଠାରୁ ଏହି ଟଙ୍କା ଆଦାୟ କରିବା ଲାଗି ବିଭିନ୍ନ ମହଲରେ ଦାବି ହୋଇଛି। ଶ୍ରୀମନ୍ଦିର ପ୍ରଶାସନ ପ୍ରତିବର୍ଷ ପଥର ଖଣି ଲିଜ୍ ଦେଇ ଚୁପ୍ ବସି ପଡୁଥିବା ବେଳେ ଏହାର ସୁରକ୍ଷା ପ୍ରତି କୌଣସି ଗୁରୁତ୍ୱ ଦେଉନାହିଁ। ଜିଲା ପ୍ରଶାସନର ମଧ ଏଥିପ୍ରତି ଆନ୍ତରିକତା ଅଭାବ ରହିଛି। ଏନେଇ ବୁଦ୍ଧିଜୀବୀଙ୍କ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।

## ଏମାନେ ଯାହା କୁହନ୍ତି...

"ଖୋର୍ଦ୍ଧାରେ ଶ୍ରୀଜଗନ୍ନାଥଙ୍କ ବହୁ ମୂଲ୍ୟବାନ ପଥର ଖଣି ରହିଛି। ଦୀର୍ଘ ଦଶନ୍ଧି ଧରି ଏହାର ହରିଲୁଟ୍ ଚାଲିଛି। ପ୍ରଚ୍ଛଦ ପଛରେ ଅର୍ଥ ନେଇ ଏହି ହରିଲୁଟ୍‌କୁ ପ୍ରୋତ୍ସାହନ ଦିଆଯାଉଛି। ଦୀର୍ଘ ୪ବର୍ଷ ପରେ ଏହି ରାୟ ଆସିଛି। ଏନ୍‌ଜିଟି ପକ୍ଷରୁ ଦିଆଯାଇଥିବା ଆଦେଶ ସ୍ୱାଗତଯୋଗ୍ୟ। ତେବେ କେବଳ ଶ୍ରୀମନ୍ଦିର ପ୍ରଶାସନ ନୁହଁ, ଏହା ସହିତ ଜିଲା ପ୍ରଶାସନିକ ଅଧିକାରୀଙ୍କଠାରୁ ମଧ ଦାୟିତ୍ୱରେ ଅବହେଳା ନେଇ ଜରିମାନା ଆଦାୟ କରାଯିବା ଆବଶ୍ୟକ ରହିଛି।

**- ଅଜିତ ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ**

"ଶ୍ରୀମନ୍ଦିରର ଖଣିଜ ସମ୍ପଦ ସୁରକ୍ଷା ଦିଗରେ ଜିଲା ପ୍ରଶାସନ ପକ୍ଷରୁ ଅବହେଳା କରାଯାଉଛି। ଫଳରେ ଶ୍ରୀମନ୍ଦିର ଜାଗାରୁ ମାଙ୍କଡ଼ା ପଥର ଚୋରାଚାଲାଣ ଏବଂ ବେଆଇନ ଭାବେ ଖଣି ଉତ୍ତୋଳନ କରାଯାଉଛି। ଏହା ଦ୍ୱାରା ଶ୍ରୀମନ୍ଦିର ପ୍ରଶାସନ କୋଟି କୋଟି ଟଙ୍କା ରାଜସ୍ୱ ହରାଇବା ସହ ଆଗାମୀ ଦିନରେ ପାହାଡ ମାଟିରେ ମିଶିଯିବ। ଖଣିଜ ସମ୍ପଦ ସୁରକ୍ଷା ଦେବାରେ ଅବହେଳା କରିଥିବା ଶ୍ରୀମନ୍ଦିର ପ୍ରଶାସନ ଏବଂ ଜିଲା ପ୍ରଶାସନର ଅଧିକାରୀଙ୍କଠାରୁ ଟଙ୍କା ଭରଣା କରାଯାଉ।

**- ଶିଶିର ପରିଡା, ପିସିସି ସଭ୍ୟ**

"ମହାପ୍ରଭୁଙ୍କ ଖଣିଜ ସମ୍ପଦ, ଜାଗା ସୁରକ୍ଷା ପ୍ରତି ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ପ୍ରଶାସନ ପକ୍ଷରୁ ବିଭିନ୍ନ ସମୟରେ ଚଢ଼ାଉ ଜାରି ରହିଛି। ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

**-ମନୋଜ ପାତ୍ରୀ, ଅତିରିକ୍ତ ଜିଲାପାଳ**

"ଏ ସମ୍ପର୍କରେ ଜିଲା ପ୍ରଶାସନ ସହ ଆଲୋଚନା କରାଯାଉଛି। ଆଗାମୀ ଦିନରେ ଏଥିପ୍ରତି ଗୁରୁତ୍ୱ ଦିଆଯିବ। ଏନ୍‌ଜିଟି ନିର୍ଦ୍ଦେଶ ବିରୋଧରେ କୋର୍ଟର ଆଶ୍ରୟ ନେବୁ।

**-ଅଜୟ କୁମାର ଜେନା, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ**